# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁନ୍ ୭/୨୦୧୯ (୨୦ ପୃଷ୍ଠା) | Sambalpur, Friday, June 7 / 2019 | ★★

୧୫୬ ଭାଗ ୧୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-




## ଆଲର୍ଜି (Allergy) ନିରୂପଣ ପରୀକ୍ଷା ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ବରଗଡ଼, ରାଉରକେଲା, ସମ୍ବଲପୁର, ବୁର୍ଲା, ଦେଓଗଡ଼ଠାରେ 7, 8, 9 ଓ 10 ଜୁନ୍ ଦିନ ଅଧାରୁ ବି କମ୍ ଦରରେ କରାନ୍ତୁ

NABL ACCREDITED

MC-2666
Jerath Path Labs & Allergy Testing Centre, Jalandhar

## ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ | ଶୀଘ୍ର ଚିହ୍ନଟ ଦ୍ୱାରା ଚିକିତ୍ସା ସମ୍ଭବ

ଜେରଥ ପାଥ୍ ଲାବ୍ ଆଣ୍ଡ ଆଲର୍ଜି ଟେଷ୍ଟିଂ ସେଣ୍ଟରର କଲେକ୍ସନ୍ ସେଣ୍ଟର ବଲାଙ୍ଗୀର, ସୋନପୁର, ସୋହେଲା, ଝାରସୁଗୁଡ଼ା, ମୋଦିପଡ଼ା, ସମ୍ବଲପୁର, ବୁର୍ଲା, ଦେଓଗଡ଼, ବରଗଡ଼, ରାଉରକେଲାରେ 7, 8, 9 ଓ 10 ଜୁନ୍ ଦିନ ସକାଳ 9ରୁ ଅପରାହ୍ନ 5 ଘଟିକା ପର୍ଯ୍ୟନ୍ତ (complete Allergy Test - Food, Skin, Inhalant) ଆଲର୍ଜି ପରୀକ୍ଷା ଅଧାରୁ କମ୍ ରେଟ୍‌ରେ କରାଯିବ। ଆଲର୍ଜି ଏକ ଏପରି ରୋଗ, ଯାହାକୁ ଶୀଘ୍ର ଚିହ୍ନଟ କରାଗଲେ ତାହାର ଚିକିତ୍ସା ସମ୍ଭବ ହୋଇଥାଏ।

ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି, କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି । ସେ ସୂଚନା ଦେଇଛନ୍ତି ଯେ ଏହି ଟେଷ୍ଟ୍ ଏକ ବିଶେଷ ଧରଣର ମେଶିନ୍ ଦ୍ୱାରା ହୋଇଥାଏ, ଯାହାକି ତାଙ୍କ ଲ୍ୟାବ୍‌ରେ ସ୍ଥାପିତ ଅଟେ ।

**ଡା.ହରପ୍ରୀତ ଥିଣ୍ଡ (ଏମ୍.ଡି.)** – ଆଲର୍ଜି ରୋଗ ହିଁ ଏମିତି, ଯାହା ରୋଗ ଭଳି ଲାଗେନାହିଁ, କିନ୍ତୁ ଥରେ ଲାଗିଗଲେ ହଇରାଣ କରିଦେଇଥାଏ । ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରର ନିଜସ୍ୱ କ୍ଷମତା ରହିଥାଏ ଏବଂ ସେହି ଅନୁଯାୟୀ ସେ ବାହ୍ୟ ବସ୍ତୁଗୁଡ଼ିକ ପ୍ରତି ତାଳମେଳ ରକ୍ଷା କରିପାରିଥାଏ, କିନ୍ତୁ ଏପରି କେତେକ ତତ୍ତ୍ୱ ଅଛି ଯାହା ସହିତ ଶରୀର ତାଳମେଳ ରକ୍ଷା କରିପାରି ନ ଥାଏ । ଏପରି ତତ୍ତ୍ୱଗୁଡ଼ିକୁ ଆଲର୍ଜେଟ୍ କୁହନ୍ତି, ଯାହା ଆଲର୍ଜିର କାରଣରେ ପରିଣତ ହୋଇଥାଏ । ଯଦି ଆପଣଙ୍କୁ ସୁଗନ୍ଧ ପସନ୍ଦ ନୁହେଁ ତେବେ ଆପଣଙ୍କୁ ଫୁଲରୁ ମଧ୍ୟ ଆଲର୍ଜି ହୋଇପାରେ । ଧୂଳିମାଟି ପସନ୍ଦ ନାହିଁ ତ ଧୂଳିମାଟି ବି ଆପଣଙ୍କ ଆଲର୍ଜିର କାରଣ ହୋଇଯାଇପାରେ। ଏପରିକି ଆପଣଙ୍କ ପୋଷାଜନ୍ତୁ ମଧ୍ୟ ଆପଣଙ୍କୁ ଆଲର୍ଜିର କଷ୍ଟ ଦେଇପାରେ । କିନ୍ତୁ ଠିକ୍ ସମୟରେ ଏହା ଚିହ୍ନଟ ହୋଇଗଲେ ଆପଣ ଏଥିରୁ ଉପଶମ ପାଇପାରିବେ।



ଆଗରୁ ଆଲର୍ଜି ଚିହ୍ନଟ ପାଇଁ ବାହୁରେ ଛୁଞ୍ଚି ଦ୍ୱାରା ୨୪ ଚିହ୍ନ ଲଗାଯାଇ ଏହା ଜାଣିବାର ଚେଷ୍ଟା କରାଯାଉଥିଲା ଯେ ବ୍ୟକ୍ତିଙ୍କୁ କେଉଁ ଜିନିଷ କାରଣରୁ ଆଲର୍ଜି ହେଉଛି କିନ୍ତୁ ଏବେ କେବଳ ରକ୍ତ ପରୀକ୍ଷା ଦ୍ୱାରା ହିଁ ଆଲର୍ଜିର କାରଣ ଜଣାପଡ଼ିଯାଉଛି ।

**ଡା.ଅନୁପ କୁମାର ମହାଲିକ (ଏମ୍.ଡି.)** – ଆଲର୍ଜି ଚିହ୍ନଟ ଠିକ୍ ସମୟରେ ହୋଇଗଲେ ଏହାର ଚିକିତ୍ସା ସମ୍ଭବ। ସେ କୁହନ୍ତି ଯେ ଏବେ ତ ଏହାକୁ ଚିହ୍ନଟ କରିବା ବହୁତ ସରଳ ହୋଇଯାଇଛି । କେବଳ ଏକ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଯାଏ ଯେ ଆଲର୍ଜିରେ ପୀଡ଼ିତ ବ୍ୟକ୍ତିଙ୍କୁ କେଉଁ କାରଣରୁ ଆଲର୍ଜି ରହିଛି । ଏହା ଜଣାପଡ଼ିବା ପରେ ଚିକିତ୍ସା ବହୁତ ସହଜ ହୋଇଯାଇଥାଏ । ଏହି ଚିକିତ୍ସା ଅଧୀନରେ ପୀଡ଼ିତ ବ୍ୟକ୍ତିଙ୍କୁ କିଛି ସମୟ ପାଇଁ ଔଷଧ ଖାଇବାକୁ ପଡ଼ିଥାଏ, ଯାହାଦ୍ୱାରା ତାଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ସୁଦୃଢ଼ ହୁଏ ଏବଂ ରୋଗୀଙ୍କ ଆଲର୍ଜି ସମସ୍ୟା ମଧ୍ୟ ଠିକ୍ ହୋଇଯାଏ ।

**ଡା.ରାମଚନ୍ଦ୍ର ଅଗ୍ରୱାଲ (ଏମ୍.ଡି.)** – ଆଲର୍ଜି ରୋଗୀ ଆଦୌ ଖାମଖିଆଲ ମନୋଭାବ ପ୍ରଦର୍ଶନ କରିବା ଉଚିତ ନୁହେଁ । ଏହା ଅତିରିକ୍ତ ହେୟାର୍ ଡାଏରୁ ମଧ୍ୟ ଆଲର୍ଜି ହୋଇଥାଏ । ଋତୁକାଳୀନ ଆଲର୍ଜି ମଧ୍ୟ ଅନେକ ବ୍ୟକ୍ତିଙ୍କୁ କୌଣସି ନିର୍ଦ୍ଦିଷ୍ଟ ଋତୁରେ ହଇରାଣ କରିପାରେ । ସେ କହିଛନ୍ତି କି ଯଦି ଆପଣଙ୍କୁ କୌଣସି ଆଲର୍ଜି ରହିଛି ତେବେ ତାହାର କାରଣ ଜାଣିବାର ଚେଷ୍ଟା ନିଶ୍ଚୟ କରନ୍ତୁ ତଥା ଯଥାଶୀଘ୍ର ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ ଯାହାଦ୍ୱାରା ଚିକିତ୍ସା କରାଯାଇ ଏଥିରୁ ମୁକ୍ତିଲାଭ କରାଯାଇପାରିବ।

### ଆଲର୍ଜି କ'ଣ ଆସନ୍ତୁ ଜାଣିବା

ପ୍ରତ୍ୟେକ ମନୁଷ୍ୟଙ୍କ ମଧ୍ୟରେ ସେ ମହିଳା ହୁଅନ୍ତୁ କି ପୁରୁଷ, ପ୍ରକୃତିର ବାହ୍ୟ ତତ୍ତ୍ୱଗୁଡ଼ିକୁ ସହନ କରିବାର ବିଶେଷ କ୍ଷମତା ରହିଥାଏ । ତଥାପି ଅନେକ ଥର ଯେବେ ମନୁଷ୍ୟ ଶରୀର ଉପରେ ଦୁଷ୍ପ୍ରଭାବ ପକାଉଥିବା ଏପରି ତତ୍ତ୍ୱଗୁଡ଼ିକ ଶରୀର ମଧ୍ୟକୁ ପହଞ୍ଚିବା ପାଇଁ ଚେଷ୍ଟା କରନ୍ତି, ସେତେବେଳେ ଶରୀରର ଆଭ୍ୟନ୍ତରୀଣ ତତ୍ତ୍ୱ ଚଳଚଞ୍ଚଳ ହୋଇ ସେହି ପ୍ରତିକୂଳ ତତ୍ତ୍ୱଗୁଡ଼ିକର ଶରୀର ଉପରେ ପ୍ରଭାବ ପକାଇବାର ଚେଷ୍ଟାକୁ ପ୍ରତିରୋଧ କରିଥାନ୍ତି । ଏହି ପ୍ରକ୍ରିୟା ଆଲର୍ଜି ଉତ୍ପତ୍ତିର କାରଣ ହୋଇଥାଏ।

### ଆଲର୍ଜିର ଲକ୍ଷଣ

*ଶରୀରରେ କୁଣ୍ଡିଆ *ଚର୍ମ ନାଲି ପଡ଼ିବା *ନାଲି ଦାନା ଦେଖାଦେବା
*ଶରୀରର ଦାନା ଥିବା ଜାଗା ଫୁଲିଯିବା।
*ଆଲର୍ଜି ହେବା କାରଣରୁ 'ଏକ୍‌ଜିମା' ନାମକ ରୋଗ ମଧ୍ୟ ହୋଇଯାଇଥାଏ, ଯାହା କାରଣରୁ ଜୋର୍‌ରେ କୁଣ୍ଡେଇ ହେବା ତଥା ସେହି ଜାଗାରୁ ପାଣି ବାହାରିବା ସମସ୍ୟା ଦେଖାଦେଇଥାଏ।
*ଆଲର୍ଜି କାରଣରୁ କେତେକ ବ୍ୟକ୍ତିଙ୍କୁ ଆଜ୍‌ମା ନାମକ ରୋଗ ହୋଇଯାଏ । ଏହି ସ୍ଥିତିରେ ରୋଗୀଙ୍କୁ ଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦେଇଥାଏ, ଫୁସ୍‌ଫୁସ୍ ଫୁଲିଯାଏ ଓ ଜ୍ୱଳନ ହୋଇଥାଏ । *ଛିଙ୍କ ଆସିବା, ନାକ ବନ୍ଦ ହେବା, ଥଣ୍ଡା ଲାଗି ରହିବା ।
*ଗଳାରେ ପ୍ରବଳ ଜ୍ୱଳନ ଏବଂ ପୀଡ଼ା ହେବା *ପେଟ ଯନ୍ତ୍ରଣା ହେବା
*ଚେହେରା, ଓଠ ଓ ଆଖି ଫୁଲିବା। *ବାନ୍ତି ଲାଗିବା ଏବଂ ଡାଇରିଆ
*ଖାଇବା ସମୟରେ କଷ୍ଟ ହେବା





## ଏକ୍ସଟ୍ରା Discount ECHS/ ESI/ CGHS କାର୍ଡଧାରକ ଏବଂ ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କ ପାଇଁ

### ଆଲର୍ଜି ହେବାର କାରଣଗୁଡ଼ିକ କ'ଣ

ଆଲର୍ଜି ଆମର ଦୈନିକ ଜୀବନରେ ଭ୍ରମଣ କରିବା ସମୟରେ ଆମର ପାରିପାର୍ଶ୍ୱିକ ପରିବେଶ/ପର୍ଯ୍ୟାବରଣର ଅନେକ କାରଣରୁ ହୋଇପାରେ ଯେପରିକି ଉଦ୍ଭିଦ, ବୃକ୍ଷ, ଧୂଳି, ମାଟି, ପୋଷାଜନ୍ତୁ, ଔଷଧ ଏବଂ ଖାଇବା ପିଇବା ସାମଗ୍ରୀ ଇତ୍ୟାଦି।

1. ଗୋଟିଏ ପରିବାରର ବିଭିନ୍ନ ସଦସ୍ୟ, ମହିଳା, ପୁରୁଷ, ଶିଶୁ କିମ୍ବା ବୃଦ୍ଧଙ୍କୁ ବିଭିନ୍ନ ବସ୍ତୁ କାରଣରୁ ଆଲର୍ଜି ହୋଇପାରେ ।
2. କେତେକ ବ୍ୟକ୍ତି ଫୁଲ ସଂସ୍ପର୍ଶରେ ଆସିଲେ ଆଲର୍ଜିରେ ପୀଡ଼ିତ ହୋଇପାରନ୍ତି।
3. କ୍ଷୀର, ଦହି, ମାଂସ, ମାଛ ସେବନ କଲେ ମଧ୍ୟ ଆଲର୍ଜି ହୋଇପାରେ।
4. ସୌନ୍ଦର୍ଯ୍ୟ ପ୍ରସାଧନ ପ୍ରୟୋଗ ଦ୍ୱାରା ମଧ୍ୟ ଆଲର୍ଜି ହୋଇପାରେ।

ଅନେକ ପ୍ରକାରର ଆଲର୍ଜିର ଚିକିତ୍ସା ଔଷଧରୁ ହୋଇପାରେ । ରକ୍ତ ପରୀକ୍ଷା କରିବା ଦ୍ୱାରା ଆଲର୍ଜି କେଉଁ ଧରଣର ଅଟେ, ଏହା ଜଣାପଡ଼ିଯାଏ ଏବଂ ସେହି ଅନୁରୂପ ଔଷଧ ଦିଆଯାଇ ଆଲର୍ଜିର ଚିକିତ୍ସା ସମ୍ଭବ ହୁଏ।

### ରକ୍ତ ପରୀକ୍ଷାରୁ ହିଁ ଆଲର୍ଜିର କାରଣ ଜଣାପଡ଼ିଯାଏ

ଆଲର୍ଜି ଏପରି ଏକ ରୋଗ ଯାହାର କାରଣ ସାଧାରଣତଃ ବୁଝାପଡ଼େ ନାହିଁ କିନ୍ତୁ ଏପରି କେତେକ ଲକ୍ଷଣ ରହିଥାଏ ଯାହା ଏହା ସୂଚାଇଦିଏ କି ଆପଣ ଆଲର୍ଜିଗ୍ରସ୍ତ ଅଟନ୍ତି। କେବଳ ଗୋଟିଏ ରକ୍ତପରୀକ୍ଷା ଆପଣଙ୍କ ସମସ୍ୟାର ସମାଧାନ କରିପାରିବ।

### ଆସନ୍ତୁ ଜାଣିବା କିପରି ପାଇବେ ଆଲର୍ଜିରୁ ଉପଶମ

ଉଦାହରଣସ୍ୱରୂପ, କୌଣସି କର୍ମଜୀବୀ ବ୍ୟକ୍ତି ନିଜ ଘରେ ସମ୍ପୂର୍ଣ୍ଣ ଠିକ୍ ରହିଥାନ୍ତି କିନ୍ତୁ ପ୍ରତିଦିନ ସେ ଯେବେ ନିଜ କାର୍ଯ୍ୟାଳୟରେ ପହଞ୍ଚନ୍ତି ତା'ପରେ ହଠାତ୍ ତାଙ୍କୁ ଛିଙ୍କ ଆରମ୍ଭ ହୋଇଯାଇଥାଏ, ଏପରି ସ୍ଥିତିରେ ସମ୍ପୃକ୍ତ ବ୍ୟକ୍ତି ତ ହଇରାଣ ହୁଅନ୍ତି ହିଁ, କିନ୍ତୁ ଏହି କାରଣରୁ ତାଙ୍କ ସହକର୍ମୀମାନେ ପ୍ରଭାବିତ ହୋଇଥାନ୍ତି । ଏପରି ସ୍ଥିତି ସେହି ବ୍ୟକ୍ତିଙ୍କଠାରେ ହୀନମନ୍ୟତା ସୃଷ୍ଟି କରିଥାଏ । ନିଜର ଏହି ରୋଗକୁ ନେଇ ସେ ଅସହାୟ ଅନୁଭବ କରନ୍ତି, ତା' ସହିତ ସହକର୍ମୀମାନଙ୍କୁ ତାଙ୍କୁ ତାଚ୍ଛଲ୍ୟ କରିବାର ବାହାନା ମଧ୍ୟ ମିଳିଯାଇଥାଏ । ଏପରି ବ୍ୟକ୍ତିଙ୍କୁ ଉକ୍ତ ସ୍ଥିତିରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ନିଜର ରକ୍ତ ଯାଞ୍ଚ କରାଇନେବା ଉଚିତ ଯାହାଦ୍ୱାରା ତାଙ୍କ ଆଲର୍ଜିର କାରଣ ଜଣାପଡ଼ିଯିବ ଏବଂ ତାଙ୍କର ଚିକିତ୍ସା ସମ୍ଭବ ହୋଇପାରିବ।

ସେହିଭଳି ଏପରି କୌଣସି ବ୍ୟକ୍ତି ଯିଏ ନିଃଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି ଏବଂ ଅଳ୍ପଟିକେ ଚଲାବୁଲା କଲେ ଅଣନିଃଶ୍ୱାସୀ ହୋଇପଡ଼ନ୍ତି ତେବେ ତାଙ୍କୁ ଅନ୍ୟାନ୍ୟ ପରୀକ୍ଷା ସହିତ ନିଜର ଆଲର୍ଜି ମଧ୍ୟ ଟେଷ୍ଟ କରାଇନେବା ଆବଶ୍ୟକ, ଯାହାକି ନିପୁଣ ଡାକ୍ତରଙ୍କ ଦ୍ୱାରା କେବଳ ଗୋଟିଏ ରକ୍ତପରୀକ୍ଷା ପରେ ହିଁ ସହଜରେ ଜଣାପଡ଼ିଯାଇଥାଏ । କାରଣ ଜଣାପଡ଼ିଗଲେ କେତେକ ଔଷଧ ସହାୟତାରେ ସ୍ୱାସ୍ଥ୍ୟରେ ସୁଧାର ଅଣାଯାଇପାରିବ।



ସ୍ୱାସ୍ଥ୍ୟ ଯତ୍ନରେ ଅଗ୍ରଣୀ ପୁରସ୍କାର ଦ୍ୱାରା ଡା. ପ୍ରଶାନ୍ତ ଜେରଥଙ୍କୁ ସମ୍ମାନିତ କରିବା ଅବସରରେ
**ଶ୍ରୀ ଜେ.ପି. ନଡ୍ଡା**
(କେନ୍ଦ୍ରୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ)

**EUROBlotOne**



ବିଶ୍ୱପ୍ରସିଦ୍ଧ ଆଧୁନିକ ମେଶିନ୍ (EUROBlotOne) ଦ୍ୱାରା ପରୀକ୍ଷା କରାଯାଇଥାଏ

Jerath Path Labs & Allergy Testing Centre

**HEAD OFFICE : MUMBAI - Akruti Trade Center, A Wing, 5th Floor, MIDC, Andheri East.**
**CORPORATE OFFICE : JALANDHAR - 14, Link Road, Adj. State Bank of India, Jalandhar**

ପରୀକ୍ଷା କରାଇବା ପାଇଁ ଯୋଗାଯୋଗ କରନ୍ତୁ

## HELPLINE NO. : 75270-11322, 75270-11324, 75270-11326

| SAMBALPUR | SAMBALPUR | JHARSUGUDA | BALANGIR | BALANGIR | ROURKELA | BALANGIR |
|---|---|---|---|---|---|---|
| 98610-06911 | 70084-87942 | 94386-41115 | 98539-17241 | 78097-15417, 82497-46824 | 7008380167, 9439867449 | 9437135091, 7978389886 |
| Patho Lab, Bada Bazar Chowk Opp. Durga Mandir | DAPS Diagnostics, Pani Tanki Chowk Near H.Q Hospital Road | DAPS Diagnostic, M.B Road Opp. Andhara Bank | Sanatan Patho Clinic, Radha Rani Pada, Hospital Chowk | Hanuman Pathology, Radha Rani Pada, Near, Govt Hospital | Sai Poly Clinic, C/318, Pandab Complex Koel Nagar, Rourkela | Online Specialty's, Thikadar Pada Chhack |

| SONEPUR | SOHELA | BURLA | DEOGARH | ROURKELA | BARGHRH |
|---|---|---|---|---|---|
| 94386-06671 | 98611-97313, 63709-00205 | 99379-64978 | 94373-45922 | 98612-26613, 79782-60207 | 9437647100, 9437534608 |
| Padhan Patho Lab & Prem Med. Opp. HDFC Bank | J.k Pathology, Po. Sohela, Bargah | DTS Diagnostics, Dhipapara, Dindayal Nagar, PO. Burla | New Life Dignostic Centre, Hospital Road Deogarh | Tarini Poly Clinic S. T. I Chowk Opp. Rourkela Govt Hospital (R.G.H) J.B. Market | Satyabhama Diagnostic & Poly Clinic, Lengu Mishra Chowk |


INDIA'S HIGHEST SUCCESS RATE IN NEET-2019
Who said, "Making a hole in the sky is impossible". 43+ students scored above 500 out of 151 students
2 Yrs. Integrated +2 Sc. at YUVODAYA COLLEGE, BALANGIR
13 Months Class Room Programme at YUVODAYA ADVANCED CLASSES, JAYADEV VIHAR, BHUBANESWAR
PHYSICS 180/180
MARKS 682
AIR - 73
STATE RANK 1
ASHUTOSH PANDA
ROLL - 360409997
DOB:07/09/2000
Where Result is Religion
YUVODAYA
IIT-JEE/MEDICAL
Advanced Classes
JAYADEV VIHAR, BHUBANESWAR
ADMISSIONS IN FULL SWING
For 1 Yr Class Room Course
If students from CHSE background can become State Topper, just think how much CBSE students can achieve!
Most of the students of YUVODAYA crack Medical Entrance in just 1 Yr after passing their 12th Exam. as compared to at least 2 or 3 Yrs from other centres.
YUVODAYA has been enabling lot of average students in cracking NEET since last 5 Yrs at BHUBANESWAR.
Unmatched Faculty Members
Dynamic Academic Enviroment
Rigorous practice Sessions
On-demand doubt clearing
100+ Full Test & Discussion (TAD)
Own hostels with home type food.
619 BIKRAM R.N.-360402005
612 SIMRAN R.N.-360404269
611 SUBHASANKET R.N.-360403614
605 MANISH R.N.-360411503
600 SAMIR R.N.-360406615
So called big brands don't always create Topper, Uncompromised Academics surely does.
597 AKANKSHYA
588 SATYAJIT
576 ASISH
575 SOUMYA
574 SUBHASMITA
570 LINU
567 HRUSIKESH
567 SUBHASHREE
561 LAYATMIKA
560 CHANDRIKA
560 SAI
552 SOURAV
551 ROSY
546 SUMIT
543 BISWAJEET
542 SWAGAT
540 BAISHALI
537 ITISHREE
537 LISHA
531 ROSHAN
531 ABHISHEK
529 DHARANI
526 RASHMI
525 PRANGYA
524 BALUNKESWAR
520 DEEPAK
518 OMKARA
513 GULSON
512 RAKESH
509 UMESH
501 GULSON
501 MEGHA
489 AKASH (SC)
463 SACHIN (ST)
435 BIDYUT (SC)
411 BIKASH (ST)
345 SUJIT(ST)
311 RASHMITA(ST)
YUVODAYA HIGHER SECONDARY SCHOOL CBSE - CHSE
Since 2012
CONSISTENTLY PRODUCING STATE TOPPERS
LIVE YOUR IIT & MEDICAL DREAM ONLY AT YUVODAYA
RANK 7 STATE TOPPER
551 NO-1 WESTERN ODISHA
Manjit Dash
RANK 16 STATE TOPPER
99 Percentile in IIT-JEE
541 NO-4 WESTERN ODISHA
Prabhash Padhan
RANK 20 STATE TOPPER
537 NO-6 WESTERN ODISHA
Chintamani Sahu
CHSE - 2019
RESULTS AT A GLANCE
Proclaimed State Top 7th, 16th & 20th Ranks
Proclaimed Western Odisha Topper.
Highest No. of 90% holders from Western Odisha
17 Nos. of students scored 500 above.
Highest 80% holders from W. Odisha (49/282)
Highest Percentile scored in IIT-JEE(M)-2019
Highest Laptop winners (Probables) in W. Odisha
Nearly 200 First Divisions out of 282 Students
99.99% Results in CHSE - 2019 (281/282)
Highest No. of students Qualified in IIT-JEE (Main)
Performance both in Board & Entrances
Constitently top performances in PCMB.
Improvement of marks in +2 Sc.Vs 10th Board
534 SANKIT
531 TANMAYA
530 DIPTIMAYEE
521 SANGRAM
519 JYOTI
508 GANGADHAR
508 GURU
508 SHALINI
507 MANOJ
506 NIBEDITA
506 PRATIVA
504 ASHISH
500 LIPSA
500 ASUTOSH
498 OSHARANI
497 BIKASH
497 JAGAMOHAN
496 DEDENDRA
496 PRITI
495 GOURI
494 NIPUNA
494 PUNAM
494 SWADESH
493 MUKESH
492 PRITISH
491 ASHISH
490 AJIT
490 RUDRA
489 CHANDRA
487 BIKASH
486 ANWESHITA
485 PRABHANJAN
484 ABHIPSA
484 LEEZA
482 CHINMAYA
482 HITESH
482 MONALISHA
481 BISHNUPRIYA
481 PRACHI
481 SUCHAREETA
481 SWAGATIKA
480 ALAKA
480 SWAPNIKA
480 CHANDAN
480 HIMANSU
480 NIESH
For CBSE & CHSE Admission Contact: YUVODAYA COLLEGE , Sudpada, Balangir, Mob : 9777884488, 9437367867, 9438311172
For One Year IIT & MEDICAL Preparation Contact, YUVODAYA ADVANCED CLASSES, Jayadev Vihar, Bhubaneswar
YUVODAYA ADVANCED CLASSES Help Line: 9437330577, 7381064208, 9040064203,9040064200

# ଧରିତ୍ରୀ DHARITRI

ସମ୍ବଲପୁର, ଶୁକ୍ରବାର, ଜୁନ୍ ୭/୨୦୧୯ | Sambalpur, Friday, June 7 / 2019



# Excellent Performance by Aakashians in NEET-UG 2019

## Our Star Performer in TOP 10 AIR (All India Rank)

| AIR | Name | Course |
|---|---|---|
| 1 | Nalin Khandelwal | Course: Distance |
| 2 | Bhavik Bansal | Course: Classroom |
| 3 | Akshat Kaushik | Course: Classroom |
| 4 | Swastik Bhatia | Course: Classroom |
| 5 | Anant Jain | Course: Classroom |
| 6 | Sarthak Bhat | Course: Classroom |
| 7 | Madhuri R. Gangadasari | Course: Distance |
| 8 | Dhruv Kushwaha | Course: Classroom |
| 9 | Mihir Rai | Course: Classroom |

## 523 Aakashians of ODISHA Selected in NEET-2019 from Classroom Program in General Category

(Selections above 475 Marks)

| AIR | NEET Score | Name | NEET Roll. |
|---|---|---|---|
| 222 | 670 | ASHUTOSH DASH | 360416078 |
| 286 | 668 | BISWAJEET NAYAK | 360500122 |
| 290 | 667 | SOHAN DINDA | 360414711 |
| 409 | 664 | DIPTI RANJAN PANDA | 360402624 |
| 417 | 664 | K YASASWINI | 360405380 |

| Score | Name | NEET Roll. | AIR |
|---|---|---|---|
| 660 | Ananya Ray | 360415689 | AIR-500 |
| 660 | Bighnesh Pradhan | 360500677 | AIR-501 |
| 660 | Ashish Ku. Rout | 360504829 | AIR-514 |
| 660 | Papun Ku. Rout | 360416028 | AIR-521 |
| 656 | Pratyush Khuntia | 360501348 | AIR-645 |
| 654 | B Shrabani Suman | 360413895 | AIR-784 |
| 653 | Md Saeef Ahmed | 360405690 | AIR-804 |
| 652 | Nandini Agarwal | 360502828 | AIR-834 |
| 650 | Amlan Mohapatra | 360501934 | AIR-934 |
| 648 | Bastabika Pati | 360404957 | AIR-1052 |
| 648 | Raktima Rout | 360504459 | AIR-1063 |
| 647 | Devi Pr. Sahoo | 360411207 | AIR-1093 |
| 646 | Bibekananda Prusty | 360408192 | AIR-1209 |
| 645 | Mousumi Debata | 360504601 | AIR-1218 |
| 641 | Abhishek Sahoo | 360406792 | AIR-1530 |
| 640 | Ankit Pattanaik | 360416085 | AIR-1609 |
| 640 | Suryakant Satapathy | 360414343 | AIR-1612 |
| 636 | Rajat Ku. Sahu | 360402011 | AIR-1998 |
| 636 | S Sudhanshu | 360413117 | AIR-2013 |
| 635 | Deepanjali Kathar | 360501853 | AIR-2126 |
| 632 | Omkar Choudhury | 360400933 | AIR-2479 |
| 631 | Shaik Sadikul Amin | 360402041 | AIR-2533 |
| 631 | Jyoti P. Sarangi | 360402446 | AIR-2559 |
| 630 | Shekhar Sahoo | 360410268 | AIR-2646 |
| 629 | Anindya N. Patra | 360402856 | AIR-2830 |
| 629 | Himanshu S. Behera | 360411165 | AIR-2832 |
| 627 | Soubhagya R. Sahu | 360409940 | AIR-3058 |
| 625 | Samayita Ghosh | 360400021 | AIR-3255 |
| 625 | Anmol Patnaik | 460600458 | AIR-3399 |
| 623 | Siddhant Pradhan | 360409827 | AIR-3577 |
| 622 | Manoranjan Debata | 360400765 | AIR-3709 |
| 621 | Subham Ku. Sahoo | 360401991 | AIR-3822 |
| 620 | Ashutosh Samantaray | 360411681 | AIR-3995 |
| 620 | Ipsita Mohanta | 360416115 | AIR-4028 |
| 619 | Sourav Rout | 360502454 | AIR-4240 |
| 618 | Aditya Bhutia | 360413874 | AIR-4320 |
| 618 | Sinjini | 360413090 | AIR-4329 |
| 618 | Sital Ku. Prusty | 360407039 | AIR-4370 |
| 617 | Aditya Patra | 360408849 | AIR-4459 |
| 616 | Dibyajyoti Ghadai | 360502746 | AIR-4622 |
| 615 | Samikshya Das | 360410222 | AIR-4767 |
| 615 | Suvankar Rath | 360405301 | AIR-4785 |
| 615 | Swagat S. Sahoo | 360404856 | AIR-4822 |
| 614 | Chetana D. Rout | 360404984 | AIR-5038 |
| 613 | Dibyaranjan Samal | 360405677 | AIR-5168 |
| 612 | Sailaxmi Patro | 360400785 | AIR-5279 |
| 611 | Rakesh Khuntia | 360501441 | AIR-5454 |
| 611 | Rajesh Senapati | 360400999 | AIR-5480 |
| 611 | Aniruddha Nayak | 360406491 | AIR-5562 |
| 610 | Prasant Barik | 360409138 | AIR-5677 |
| 610 | Amit Bikram Behera | 360501679 | AIR-5793 |

...and many more

Congratulations !!!

# Though every care has been taken to publish the result correctly but the institute shall not be responsible for error if any.

Well Done !!!

**Result Summary**

70 Students Above 600 | 120 Students Above 575 | 217 Students Above 550 | 320 Students Above 525 | 418 Students Above 500

**ADMISSION OPEN**

**Regular Medical Course** — NEET/AIIMS 2020 (XII Passed Students)

**Power Step / Regular Course** — JEE (Main & Adv.) 2020 (XII Passed Students)

Class Commences From : 14th & 21st June, 2019

**First Step/Two Year Course** — JEE (Main & Adv.)/NEET & AIIMS 2021 (X Passed Students)

Classes From : 21st June, 2019

**ACST** ADMISSION CUM SCHOLARSHIP TEST — 9th & 16th June, 2019 (Sunday)

To Register, Login: www.aakash.ac.in/acst

10% Early Bird till 15th June, 2019

# Aakash

Medical | IIT-JEE | Foundations

(Divisions of Aakash Educational Services Ltd.)

## SCHOLARSHIP FOR THE SESSION 2019-2020

1. Upto 100% Scholarship to NTSE / Olympiad Achievers.
2. Upto 100% Scholarship for Martyr.
3. Upto 75% Scholarship to KVPY Qualifiers.
4. Upto 65% Scholarship through ACST.
5. Upto 40% Scholarship on % or grade basis of X / XII Board.
6. Upto 30% Scholarship on JEE (Main) Ranker/Qualifier.
7. Upto 20% Scholarship for Ex-Aakashian.
8. Upto 5% Scholarship for Siblings & Single Parents' Ward.
9. 50% Scholarship for > 450 Marks, 45% for > 400 Marks, 35% for > 350 Marks, 25% for > 300 Marks in NEET 2019

**BHUBANESWAR CENTRE (1)**
10, Bhouma Nagar, Sachivalaya Marg, Unit-IV, Bhubaneswar-751001, **Phone.** (0674) 3945454

**BHUBANESWAR CENTRE (2)**
125, District Centre, Chandrasekharpur, BBSR-751016 **Phone.** (0674) 2747010/11/12

**CUTTACK CENTRE**
Link Road, Madhupatna Cuttack - 753010 **Phone.** (0671) 3945454

**Regd. Off. :** Aakash Tower, 8, Pusa Road, New Delhi-05, Ph. (011) 47623456

Angul, Dhenkanal, Boudh, Kandhamal : 9337355233, Balasore, Bhadrak, Baripada, Keonjhar, Mayurbhanj : 9337355746/238, Berhampur, Ganjam, Gajapati : 9337355766, Bhubaneswar : 9337355235/236/747, Bolangir, Kalahandi, Nuapada : 9337355237, Cuttack : 9337355754, Jeypore, Koraput, Rayagada : 9337355232, Jajpur, Jagatsinghpur, Kendrapada : 9337355773, Rourkela, Sundergarh, Jharsuguda : 9337355752, Sambalpur, Sonepur, Bargarh : 9337355234



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଟିକୁଲ୍
ପରିବାରବର୍ଗ



ରୁଦ୍ରପ୍ରସାଦ
ପରିବାରବର୍ଗ



ହରପ୍ରସାଦ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୀବିତ ଲୋକଙ୍କୁ ମୃତ ଦର୍ଶାଇ ହରିଶ୍ଚନ୍ଦ୍ର ଟଙ୍କା ଲୁଟ୍

ରାଜନଗର, ୬।୬(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲାର ରାଜନଗର ଅଞ୍ଚଳରେ ଜଣେ ଜୀବିତ ଲୋକଙ୍କୁ ମୃତ ଦର୍ଶାଇ ହରିଶ୍ଚନ୍ଦ୍ର ଟଙ୍କା ଲୁଟି ନିଆଯାଇଛି। ସୂଚନା ଅଧିକାର ଆଇନରେ ଏହି ତଥ୍ୟ ସାମ୍ନାକୁ ଆସିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅପରପକ୍ଷରେ ବଞ୍ଚି ଥାଉ ଥାଉ ମୃତ ବୋଲି ଦର୍ଶାଯିବା ଖବର ଜାଣିବା ପରେ ସମ୍ପୃକ୍ତ ବ୍ୟକ୍ତି ଏକ ଭିଡିଓରେ ନିଜର କ୍ଷୋଭ ପ୍ରକାଶ କରିଛନ୍ତି । ଏହି ଭିଡିଓରେ ସେ ଜୀବିତ ଥିବା ବେଳେ ତାଙ୍କୁ କିପରି ସରପଞ୍ଚ ଓ ସରକାରୀ କର୍ମଚାରୀମାନେ ମାରି ଦେଇ ହରିଶ୍ଚନ୍ଦ୍ର ଯୋଜନା ବାବଦ ଅର୍ଥ ହଡପ କରିଛନ୍ତି ତାହା ନିଜେ ବଖାଣିଛନ୍ତି।

## ସୂଚନା ଅଧିକାର ଆଇନରେ ତଥ୍ୟ ଗୁମର ଖୋଲିଲା

ଏହି ଭିଡିଓ ଏବେ ଭାଇରାଲ ହୋଇଛି। ଏପଟେ ଉକ୍ତ ଘଟଣାକୁ ନେଇ ବିଭାଗୀୟ ଅଧିକାରୀମାନେ ପରସ୍ପର ଉପରେ ଦୋଷ ଲଦୁଥିବା ଖବର ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଶିଳପୋଖରୀ ଗାଁର ବଂଶୀଧର ସ୍ୱାଇଁ (୭୦) ଜୀବିତ ଅଛନ୍ତି। କିନ୍ତୁ ଈଶ୍ୱରପୁର ପଞ୍ଚାୟତର ହରିଶ୍ଚନ୍ଦ୍ର ଯୋଜନା ଭାଉଚର ଓ କ୍ୟାସବୁକରେ ବଂଶୀଧରଙ୍କ ୨୦୧୮ ମସିହା ସେପ୍ଟେମ୍ବର ୧୮ରେ ପରଲୋକ ଘଟିଥିବା ଉଲ୍ଲେଖ ରହିଛି। ଏପରି କି ପଞ୍ଚାୟତର ସରପଞ୍ଚ ପର୍ଶୁରାମ ବାରିକ ବଂଶୀଧରଙ୍କ ଘରେ ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରେ ମୃତଦେହ ସତ୍କାର ପାଇଁ ୨ହଜାର ଟଙ୍କା ସରକାରୀ ସହାୟତା ଯୋଗାଇ ଦେଇଥିବା ଦର୍ଶାଯାଇଛି । ରେକର୍ଡରେ ବଂଶୀଧରଙ୍କ ପୁଅ ଗଜେନ୍ଦ୍ର ସ୍ୱାଇଁ ସରପଞ୍ଚଙ୍କଠାରୁ ୨ ହଜାର ଟଙ୍କା ସରକାରୀ ରାଶି ଗ୍ରହଣ କରିଛନ୍ତି ଓ ଏହି ଭାଉଚରରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ରହିଛି। କିନ୍ତୁ ବଂଶୀଧରଙ୍କର ଗଜେନ୍ଦ୍ର ନାମରେ କେହି ପୁଅ ନାହାନ୍ତି । ତାଙ୍କର ଏକମାତ୍ର ପୁଅ ବାବୁରାମ କେରଳରେ କାମ କରନ୍ତି ।

ସୂଚନା ଅଧିକାର ଆଇନରେ ସେହି ଗାଁର ଜଣେ ବ୍ୟକ୍ତି ଏହି ତଥ୍ୟ ପାଇବା ପରେ ହରିଶ୍ଚନ୍ଦ୍ର ଯୋଜନାରେ ହେଉଥିବା ଦୁର୍ନୀତି ଏବେ ପଦାକୁ ଆସିଛି। ଜୀବିତ ଥିବା ବଂଶୀଧର ଏବେ ତାଙ୍କ ନାଁରେ ହୋଇଥିବା ହରିଶ୍ଚନ୍ଦ୍ର ଯୋଜନା ଭାଉଚରକୁ ଧରି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେ ଏକ ଭିଡିଓରେ ଏହି କେଲେଙ୍କାରୀରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମ୍ପୃକ୍ତି ଥିବା ଦର୍ଶାଇଛନ୍ତି। ଏ ସମ୍ପର୍କରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମଲ୍ଲିକଙ୍କୁ ପଚାରିବାରେ ଏହା ମୋ ସମୟର ଘଟଣା ନୁହେଁ ପୂର୍ବରୁ ଦାୟିତ୍ୱରେ ଥିବା ସାଧୁଚରଣ ସ୍ୱାଇଁଙ୍କ ସମୟରେ ହୋଇଛି ବୋଲି କହିଛନ୍ତି। ଏବେ ଘଡିଆମାଳ ପଞ୍ଚାୟତରେ କାର୍ଯ୍ୟ କରୁଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ସାଧୁଚରଣଙ୍କୁ ପଚାରିବାରେ କହିଛନ୍ତି ,ବିଡିଓ ସରପଞ୍ଚଙ୍କୁ ଟଙ୍କା ବାଣ୍ଟିବା ପାଇଁ ଦିଅ ବୋଲି କହନ୍ତି, ମୁଁ ଟଙ୍କା ଦେଇଛି। କାହା ନାଁରେ ଭାଉଚର ହୋଇଛି, ମୁଁ ଜାଣିନି ବୋଲି କହିଛନ୍ତି। ସରପଞ୍ଚ ପର୍ଶୁରାମଙ୍କୁ ପଚାରିବାରେ ମୁଁ ନୁହେଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଯୋଜନାରେ ଟଙ୍କା ବାଣ୍ଟିଥାନ୍ତି ବୋଲି କହିଛନ୍ତି। ତେବେ ଜଣେ ଜୀବିତ ଥିବା ବ୍ୟକ୍ତିଙ୍କୁ କାଗଜପତ୍ରରେ ମାରି ଦେବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।



ବଂଶୀଧର ସ୍ୱାଇଁ

■ଏସ୍‌ଏମ୍‌ଏମ୍‌ଇ ସମସ୍ୟା ସମାଧାନ ପାଇଁ ବସିଲା ବୈଠକ

# ୨୪ ଘଣ୍ଟାରେ କ୍ଷତିଗ୍ରସ୍ତ ସଂସ୍ଥା ପାଇବେ ବକେୟା ସବ୍‌ସିଡି

ଭୁବନେଶ୍ୱର,୬।୬ (ବ୍ୟୁରୋ)

**ଖବର ପ୍ରକାଶନ ପରେ ପ୍ରଶାସନର ଆଖି ଖୋଲିଲା**

- ■ଜିଲାର ବିଭିନ୍ନ ବ୍ଲକରେ ହେବ ଋଣ ମେଳା
- ■ବିଦ୍ୟୁତ୍ ଯୋଗାଣ, ବୀମା ଅଭିଯୋଗର ତ୍ୱରିତ ସମାଧାନ ଲାଗି ପଦକ୍ଷେପ
- ■ପୁନରୁଦ୍ଧାର ପ୍ୟାକେଜ ଆଣିବା ଲାଗି ପ୍ରଶାସନର ପ୍ରସ୍ତାବ

ବାତ୍ୟା 'ଫନୀ'କୁ ଗୋଟିଏ ମାସ ବିତିଥିଲେ ମଧ୍ୟ ପୁରୀ ଜିଲାରେ ଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ଗୁଡ଼ିକ ବନ୍ଦ ହୋଇ ରହିଛି। ପ୍ରଶାସନିକ ଅସହଯୋଗ ଓ ବିଭାଗୀୟ ଅଣଦେଖା ଯୋଗୁ ସେଗୁଡିକ ଏବେବି ଜଟିଳ ସ୍ଥିତିରେ ରହିଛି। ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ବୁଧବାର ଖବର ପ୍ରକାଶ ପାଇବା ପରେ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଏମ୍‌ଏସ୍‌ଏମ୍‌ଇ ବିଭାଗ ଏବଂ ଶିଳ୍ପ ବିଭାଗ ପକ୍ଷରୁ ଜିଲାର କ୍ଷୁଦ୍ର ଶିଳ୍ପ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ବସିଥିଲା। ଶିଳ୍ପ ନିର୍ଦ୍ଦେଶକ ପ୍ରଣବ ଜ୍ୟୋତି ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏମ୍‌ଏସ୍‌ଏମ୍‌ଇଗୁଡିକର ଅସୁବିଧା ଓ ସମାଧାନ ସଂକ୍ରାନ୍ତ ଆଲୋଚନା ହୋଇଥିଲା। ପରେ ଶିଳ୍ପ ନିର୍ଦ୍ଦେଶକ ଜିଲାପାଳଙ୍କ ସହ ଏମ୍‌ଏସ୍‌ଏମ୍‌ଇ ସ୍ଥିତି ନେଇ ଆଲୋଚନା କରିଥିଲେ। ଫନୀ ପ୍ରଭାବିତ ଜିଲାଗୁଡିକରେ ସବ୍‌ସିଡି ପାଉଥିବା ସଂସ୍ଥାଗୁଡିକୁ ୨୪ ଘଣ୍ଟା ମଧ୍ୟରେ ବକେୟା ପ୍ରଦାନ ଲାଗି ଶିଳ୍ପ ନିର୍ଦ୍ଦେଶକ ନାଥ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲାରେ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ତଥା ପ୍ରଭାବିତ ସଂସ୍ଥାଗୁଡିକ ଲାଗି ଏକ ଋଣ ମେଳା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଠାରେ କ୍ଷୁଦ୍ର ସଂସ୍ଥା, ଛୋଟ ଦୋକାନୀ ତଥା ବ୍ୟବସାୟ ସଂସ୍ଥାମାନେ ମଧ୍ୟ ଋଣ ନେବାର ସୁବିଧା ପାଇ ପାରିବେ ବୋଲି ନାଥ ବୈଠକରେ ସୂଚନା ଦେଇଛନ୍ତି।

ସେହିଭଳି ଯେଉଁ ବୀମା ସଂସ୍ଥାଗୁଡିକ କ୍ଲେମ ଧାରାରେ ଅସୁବିଧା ସୃଷ୍ଟି କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି। ଜିଲାପାଳଙ୍କ କାର୍ଯ୍ୟାଳୟକୁ ବୀମା ସଂକ୍ରାନ୍ତ ତଥ୍ୟ ଦେବାକୁ କ୍ଷତିଗ୍ରସ୍ତ ସଂସ୍ଥାଗୁଡିକୁ କୁହାଯାଇଛି। ଏହି ଧାରାକୁ ଦେଖିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଛି। ସେହିଭଳି ବୀମା କମ୍ପାନୀଗୁଡିକ ବୀମା ଧାରା ତ୍ୱରାନ୍ୱିତ କରିବାକୁ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି। ବିଦ୍ୟୁତ ଭିତ୍ତିଭୂମି ପୁନରୁଦ୍ଧାର ହୋଇଥିବା ସ୍ଥାନଗୁଡିକରେ ତ୍ୱରିତ ଭିତ୍ତିରେ କ୍ଷତିଗ୍ରସ୍ତ ସଂସ୍ଥାଗୁଡିକୁ ବିଦ୍ୟୁତ ଯୋଗାଣ ପାଇଁ ଶକ୍ତି ବିଭାଗକୁ କୁହାଯାଇଛି। ଏହାବାଦ ଏମ୍‌ଏସ୍‌ଏମ୍‌ଇଗୁଡିକ ଲାଗି ପୁନରୁଦ୍ଧାର ପ୍ୟାକେଜ ଆଣିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ବୈଠକରେ ଆଲୋଚନା ହୋଇଛି।

ଜିଲାରେ ଚଳିତ ମାସ ୧୦ରୁ ୨୬ ତାରିଖ ଯାଏ ବିଭିନ୍ନ ସ୍ଥାନରେ ଋଣ ମେଳା ଆୟୋଜନ କରାଯିବ। ଏହି ପଦକ୍ଷେପ ଅନ୍ତର୍ଗତ ୟୁକୋ ବ୍ୟାଙ୍କ୍ ପକ୍ଷରୁ ୧୦,୧୧ ଏବଂ ୧୨ ତାରିଖରେ ଯଥାକ୍ରମେ କାକଟପୁର, ଡେଲାଙ୍ଗ ଏବଂ ନିମାପଡାରେ ମେଳା ଅନୁଷ୍ଠିତ ହେବ। ୧୩,୧୭ ଓ ୧୮ ତାରିଖରେ ଏସ୍‌ବିଆଇ ପକ୍ଷରୁ ପୁରୀ ମ୍ୟୁନିସିପାଲିଟି, ପିପିଲି ଏବଂ ସତ୍ୟବାଦୀରେ ଉକ୍ତ ମେଳା ଆୟୋଜନ ହେବ। ସେହିଭଳି ୧୯ ଏବଂ ୨୦ ତାରିଖରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ବ୍ରହ୍ମଗିରି, କଣାସଠାରେ ପିଏନ୍‌ବି ପକ୍ଷରୁ ୨୧ ଓ ୨୪ରେ ପୁରୀ ସଦର, ଗୋପ ବ୍ଲକରେ, ୨୫ରେ ଅସ୍ତରଙ୍ଗରେ ଆହ୍ଲାବାଦ ବ୍ୟାଙ୍କ ଏବଂ ୨୬ ତାରିଖରେ କୃଷ୍ଣପ୍ରସାଦ ବ୍ଲକରେ ଓଜିବି ଆନୁକୂଲ୍ୟରେ ଋଣ ମେଳା ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବୈଠକରେ ଯୁଗ୍ମ ଶିଳ୍ପ ନିର୍ଦ୍ଦେଶକ ଏସ୍.କେ.ହୋତା, ଡିଆଇସି ପୁରୀ ଜିଏମ୍ ଟି.ବଦ୍ରି ନାରାୟଣ, ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଦିବାକର ହାତି, ଅମିତ ଚାନ୍ଦୁକା, ରବିନ୍ଦ୍ର କୁମାର ଚୌଧୁରୀ ଏବଂ ସୌମ୍ୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**କିଛି ତଥ୍ୟ**

ମେ'ରେ ଦୈନିକ ହାରାହାରି ୧୨୨ ମିଲିୟନ ୟୁନିଟ୍ ବିଦ୍ୟୁତ କାରବାର ହୋଇଛି।
-ଇଣ୍ଡିଆନ ଏନର୍ଜି ଏକ୍ସଚେଞ୍ଜ

**ଆଜିର ମନ୍ତବ୍ୟ**

ସଂସ୍କୃତକୁ ଭାରତର ସରକାରୀ ଭାଷାର ମାନ୍ୟତା ଦିଆଯାଉ।
-ନନ୍ଦ କୁମାର ସାଇ, ଏନ୍‌ସିଏସ୍‌ଟି ଅଧ୍ୟକ୍ଷ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି କେନ୍ଦ୍ରସ୍ଥ ସ୍ୱଗୃହୀ ଚନ୍ଦ୍ର ଶୁଭଫଳସ୍ୱରୂପ କର୍ମକ୍ଷେତ୍ରର ଜଟିଳତାକୁ ସରଳୀକରଣ କରିବାରେ ସାହାଯ୍ୟ କରିବେ । ସାମୟିକ ଭାବପ୍ରବଣତା କାରଣରୁ ଜମିଜମା, ଟଙ୍କା ନେଇଥିବା ଲୋକ ବିଷୟରେ କିମ୍ବା କାର୍ଯ୍ୟକ୍ଷେତ୍ରର ବିଫଳତାକୁ ଚିନ୍ତିତ ଅଫିସିଆଲି କାମ ଚାପରେ ନିଜକୁ ଆଡଜଷ୍ଟ କରିବାକୁ ବାଧ ହେବେ।

**ବୃଷ**

କେନ୍ଦ୍ରାଧିପ ରବିଙ୍କ ରାଶ୍ୟାବସ୍ଥାନ ଆପଣଙ୍କୁ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରାଇବ । କର୍ମକ୍ଷେତ୍ରରେ ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ଅନ୍ୟମାନେ ଭୁଲ୍ ବୁଝିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ ଏବଂ ଚେଷ୍ଟା କରୁଥିବା କାମରେ ସମ୍ମାନ ଲାଭ କରିବେ । ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ**

ରାହୁ ଓ ମଙ୍ଗଳ ରାଶିରେ ଦୈହିକ ଅସୁସ୍ଥତା କିମ୍ବା ମାନସିକ ଉତ୍ତେଜନା ସୃଷ୍ଟି କରିପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ ଆଜି କୌଣସି ଗୋଟିଏ ସ୍ଥାନରେ ସ୍ଥିର ଭାବରେ ମଧ୍ୟ ରହି ପାରିବେ ନାହିଁ । ଅଭାବନୀୟ ପରିସ୍ଥିତି କ୍ରମଶଃ ବଦଳିଯିବ ଓ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ । ଉଚ୍ଚବର୍ଗର ଲୋକ ଜଣେ ସାହାଯ୍ୟ କରିବେ।

**କର୍କଟ**

ରାଶ୍ୟାଧିପତିଙ୍କ ଶନିଙ୍କ ନକ୍ଷତ୍ରସ୍ଥିତି ସାମୟିକ ମାନସିକ ଶିଥିଳତା ପ୍ରଦାନ କରିପାରେ । ଦୂରଯାତ୍ରା, ମାଙ୍ଗଳିକ କାର୍ଯ୍ୟ କିମ୍ବା ଆନୁଷ୍ଠାନିକ କାମରେ ନିଜକୁ ସାମିଲ୍ କରିପାରନ୍ତି। ଜମିଜମା, ମାଲିମକଦ୍ଦମା, ନିର୍ମାଣ, ଏଜେନ୍ସିପ୍‌ରେ ପ୍ରତିଷ୍ଠାର୍ଜନ କରିବେ। ବିବାଦୀୟ ଘଟଣାରେ ପରିସ୍ଥିତି ସେମିତି କିଛି ଜଟିଳ ହେବନି।

**ସିଂହ**

ବୃହସ୍ପତି ଓ ରବିଙ୍କ ସମ୍ବନ୍ଧ କାରଣରୁ ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ନିରଙ୍କୁଶ ରହିବ। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କ ସହ ଯୁକ୍ତିତର୍କ କରି ପରିବେଶକୁ ଗମ୍ଭୀର କରି ଦେଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ରାହୁ ଓ ମଙ୍ଗଳଙ୍କ କୁପ୍ରଭାବରୁ ଭୁଲ୍ ନିଷ୍ପତ୍ତି ନେଇ ପାରନ୍ତି।

**କନ୍ୟା**

ଧନାଧିପ ଭାଗ୍ୟସ୍ଥାନରେ ବ୍ୟୟାଧିପ ଯୁକ୍ତ କାରଣରୁ ଖର୍ଚ୍ଚାନ୍ତ ହେଲେ ମଧ୍ୟ କାର୍ଯ୍ୟ ହାସଲ ହେବା କଷ୍ଟକର ହୋଇପାରେ । ବ୍ୟବସାୟରେ ଆଶା ଅନୁରୂପ ଫଳ ପାଇବେ ଓ ଜମା ରାଶି ବୃଦ୍ଧିପାଇବ। ଆଲୋଚନା ପରିସରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପାରନ୍ତି। ଭଲ ସମ୍ପର୍କ ନ ଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**ତୁଳା**

ମଙ୍ଗଳ ଦୃଷ୍ଟ ଶନି ପାରିବାରିକ କ୍ଷେତ୍ରକୁ କିଛି ମାତ୍ରାରେ ପ୍ରଭାବିତ କରିବେ। ଆଜିର ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଜିନିଷପତ୍ର ଅଦଳ ବଦଳ ହୋଇଯାଇପାରେ। ବନ୍ଧୁମାନଙ୍କ ସାହାଯ୍ୟରୁ ଦ୍ରବ୍ୟଲାଭ ହେତୁ ଖୁସୀ ହେବେ। ବୃହସ୍ପତିଙ୍କ ଶୁକ୍ରଙ୍କ ପ୍ରତି ଦୃଷ୍ଟି ରୋଗ,ଋଣ ଓ ଶତ୍ରୁତା ସମ୍ବନ୍ଧୀୟ ଟେନସନ୍ ସୃଷ୍ଟି କରିପାରେ।

**ବିଛା**

ରବି ଯୁକ୍ତ ଶୁକ୍ର ରାଶିକୁ ଅବଲୋକନ କରୁଥିବାରୁ କୌଣସି ମହିଳାଙ୍କ କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସାଫଲ୍ୟତା ହାସଲ କରିବେ । ଲେଖାପଢ଼ା, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । ଶିକ୍ଷା, ସନ୍ତାନ ଓ ସଭାସମିତିରେ ବନ୍ଧୁଙ୍କ ସହ ଆଲୋଚନା ଜ୍ୟେଷ୍ଠା ନକ୍ଷତ୍ର ପାଇଁ ଫଳପ୍ରଦ ହେବ।

**ଧନୁ**

ଆଜିର ଗ୍ରହସ୍ଥିତି ବିଶେଷ ଅନୁକୂଳ ନ ଥିବାରୁ ସତର୍କରେ ନ ଚଳିଲେ କେତେକ ସମ୍ଭାବ୍ୟ ଅସୁବିଧା ଭୋଗ କରିବାକୁ ପଡ଼ିପାରେ। କୌଣସି କଥାରେ ଅନ୍ୟ ମାନଙ୍କୁ ପୂର୍ଣ୍ଣ ବିଶ୍ୱାସ କରି କାମ କରିବା ଠିକ୍ ହେବ ନାହିଁ। ନିଜ ଲୋକମାନେ ଈର୍ଷା ପରାୟଣତା କାରଣରୁ ଦାଉ ସାଧିପାରନ୍ତି। ଅଧିକାଂଶ ସମୟ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ଉପୁଜି ପାରେ।

**ମକର**

ଚନ୍ଦ୍ରଙ୍କ ସମେତ ଏକାଧିକ ଗ୍ରହ ଶୁଭଫଳଦାୟକ କାରଣରୁ ଆପଣଙ୍କ ଉଦ୍ୟମ ନିଷ୍ଫଳ ହେବନାହିଁ। ପରିବାରର ସହଯୋଗ ଓ ସମର୍ଥନ ଆଜିର କାମରେ ଆପଣଙ୍କୁ ବହୁତ ସାହାଯ୍ୟ କରିବ। ବନ୍ଧୁମାନଙ୍କ ଗହଣରେ ନିଜ ନିଜର ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ ରହିପାରେ।

**କୁମ୍ଭ**

କେତୁ ଯୁକ୍ତ ଶନି କାରଣରୁ ସ୍ୱାସ୍ଥ୍ୟ ପୂର୍ଣ୍ଣତଃ ଭଲ ନ ଥିଲେ ମଧ୍ୟ ଦିନଚର୍ଯ୍ୟାରେ ତାହା ବିଶେଷ ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ । କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥା ଅସାଧାରଣ ପରିସ୍ଥିତି ସୃଷ୍ଟି କରିବ। ଛୋଟ ଛୋଟ କଥାକୁ କେନ୍ଦ୍ରକରି ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି।

**ମୀନ**

ବୃହସ୍ପତି ଓ ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବେ। ଆନୁଷ୍ଠାନିକ କିମ୍ବା ଶୁଭକାର୍ଯ୍ୟ ସମ୍ପାଦନ କରିବେ ଏବଂ ନିକଟ ସମ୍ପର୍କୀୟ ମାନଙ୍କ ସାହାଯ୍ୟ,ସହଯୋଗ ମଧ୍ୟ ଅବଶ୍ୟ ମିଳିବ। ଅସାବଧାନତା କିମ୍ବା ଅନ୍ୟମନସ୍କ କାରଣରୁ କୌଣସି ମୂଲ୍ୟବାନ୍ ଜିନିଷ ଠିକ୍ ସମୟରେ ନ ପାଇ ବ୍ୟତିବ୍ୟସ୍ତ ହୋଇ ପାରନ୍ତି।

ଆଜି ଶିବ ବିବାହୋତ୍ସବ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ଶୁକ୍ରବାର, ଜୁନ୍ ୭ ତାରିଖ, ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୦ମି. ମଧ୍ୟେ ଘ୪।୪୧ମି. ଗତେ, ଘ୬।୧୧ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୮ମି. ମଧ୍ୟେ, ଘ୧୧।୪୪ମି. ଗତେ ଘ୧।୨୨ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୦।୦୬ମି. ଗତେ ଘ୧୧।୪୫ମି. ମଧ୍ୟେ ରାହୁକାଳ।

## ନିଷେଧ ପଲିଥିନ ବନ୍ଦ ପାଇଁ ଆଜିଠୁ ଚଢ଼ାଉ

ଭୁବନେଶ୍ୱର, ୬।୬(ବ୍ୟୁରୋ)- ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ବଢ଼ି ଚାଲିଛି ପଲିଥିନ ଓ ପ୍ଲାଷ୍ଟିକ ଆବର୍ଜନା। ପରିବେଶ ଓ ଜୀବଜଗତ ପ୍ରତି ବିପଦ ସୃଷ୍ଟି କରୁଥିବା ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀକୁ ନିଷେଧ କରାଯାଇଛି। ଗତବର୍ଷ ଗାନ୍ଧୀ ଜୟନ୍ତୀରୁ ପଲିଥିନ ନିଷେଧ ହୋଇଥିଲେ ବି ବେଧଡ଼କ ଭାବେ ଏହାର ବ୍ୟବହାର କରାଯାଉଛି। କଟକଣା ଲାଗୁ ହେବାର କିଛିଦିନ ପର୍ଯ୍ୟନ୍ତ ଚଢ଼ାଉ ଜୋର୍‌ଦାର କରାଯାଇ ସମସ୍ତେ ଚୁପ୍ ହୋଇଗଲେ। ଏପରିକି ନିୟମ ଉଲ୍ଲଂଘନକାରୀଙ୍କ ଉପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ। ଏବେ ପୁଣି ବିଏମ୍‌ସି ହଠାତ୍ ତତ୍ପର ହୋଇ ଉଠିଛି। ପଲିଥିନ କଟକଣାକୁ ଏଣିକି ସ୍ଥାୟୀ ଭାବେ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହୋଇଛି ବିଏମ୍‌ସି। ଏଥିପାଇଁ ଦୁଇଟି ସ୍କ୍ୱାଡ୍ ଗଠନ କରାଯାଇଥିବାବେଳେ ଶୁକ୍ରବାରଠାରୁ ଚଢ଼ାଉ ପାଇଁ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ମିଳିଥିବା ସୂଚନାନୁସାରରେ, ଉକ୍ତ ସ୍କ୍ୱାଡ୍‌ରେ ବିଏମ୍‌ସି ସହ କମିଶନରେଟ ପୋଲିସ, ବନ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀମାନେ ସାମିଲ୍ ହୋଇଛନ୍ତି। ଦୁଇଜଣ ପୋଲିସ ସହଯୋଗରେ ପ୍ରତି ସ୍କ୍ୱାଡ୍ ଚଢ଼ାଉ କରିବ। ତେବେ ଚଢାଉ ସମୟରେ ନିଷେଧ ପଲିଥିନ/ ପ୍ଲାଷ୍ଟିକ ସାମଗ୍ରୀ ଜବତ ସହ ଜରିମାନା ଆଦାୟ ଓ କାରଣ ଦର୍ଶାଅ ନୋଟିସ ଜାରି ଆଦି କ୍ଷମତା ସ୍କ୍ୱାଡ୍ ଉପରେ ନ୍ୟସ୍ତ କରାଯାଇଛି। ଏଥିସହ ନିୟମକୁ କଡାକଡ଼ି ପାଳନ ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ପ୍ରସ୍ତୁତ କର୍ତ୍ତା, ବ୍ୟବହାରକାରୀ ଓ ସମସ୍ତଙ୍କୁ ଅବଗତ କରାଯିବ। ଗୁରୁବାର ସହରର ବିଭିନ୍ନ ସ୍ଥାନରେ ସ୍କ୍ୱାଡ୍ ପକ୍ଷରୁ ପଲିଥିନ ନିଷେଧ ସଂକ୍ରାନ୍ତରେ ପ୍ରଚାର କରାଯାଇଥିଲା।


# classifieds Everyday
0674-2580101, 2549302





**SALE**

Bhubaneswar Patrapada Market HDFC Bankରୁ 500 mtr. କଲୋନୀ ଭିତରେ BDA yellowzone ସ୍ଥିତିବାନ plot କିଣି ତୁରନ୍ତ ଘର କରନ୍ତୁ: 6370292040. D-66396

ଭୁବନେଶ୍ୱର AIIMS medical ନିକଟରେ Govt. roadକୁ ଲାଗି BDA approval yellow zone gharabari plot 1499/-. 9777553622. D-66394

**Triplex & Duplex at Ranga Bazar. Near BJEM English Medium School-II. Price start@45lakhs. Call: 9040046767, 9040007267.** D-12764

Gharabari Yellowzone plot near Khandagiri square Amri Hospita and Duplex/ Simplex at Atala near Hanspal square, Gharabari plot at Bhingarpur, Balianta: 9438419823, 9337086655. D-66481

1200 sqft. land, 900 sqft. construction 25,00,000/- simplex 6km. from Nakhara, Brahmanjharilo LIC approved. 9861281504. D-66701

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 9348817649, 8144706560. D-66702

ଭୁବନେଶ୍ୱର KEC, ଗୁଡିଆ-ପୋଖରୀଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-12852

Tamando ବଜାର ପଛପଟେ ଏବଂ SUM Hospital ନିକଟରେ ଘରବାରି plot ମିଳୁଅଛି। 9439864322. D-66703

ମୌଜା- ବିଜୟଚନ୍ଦ୍ରପୁର, ପାରାଦୀପ ରିଜର୍ଭ ସାଇଟ୍ ଜମି ୨୫ ଡିସିମିଲ୍, ପ୍ଲଟ-୪୭୧, ଖାତା ନଂ-୩୭, କଛ ନଂ-୩୧, ଦ.ନଂ-୩୧୨୯, ଦ.ନଂ-୩୧୨୮ ବିକ୍ରିହେବ। ଇଚ୍ଛୁକ ଗ୍ରହୀତାମାନେ ନିମ୍ନ ଫୋନ ନମ୍ବରରେ ଯୋଗାଯୋଗ କରନ୍ତୁ। ଫୋ: 9437318118. D-12868

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।





Bhubaneswar ଯେକୌଣସି ମାର୍କେଟ ଅଞ୍ଚଳରେ ମିଲ୍କ ପାର୍ଲର ଲାଗି 150-200 sqft ମଧ୍ୟରେ ଖାଲି ଦୋକାନ ଘର ଭଡ଼ାରେ ଆବଶ୍ୟକ। ଯୋଗାଯୋଗ: 9437581042, 9439839132. D-12799

5000 sqft. open space boundary wall electricity, water, truckable gate, two watcher houses near Puri bypass, Koradakanta. No: 8895274337. D-12850





Monalisa club full body massage with hiprofile smart lady air-condition rooms available hurry up ! 9708545108. D-12867





Wanted a partner to open Ayurvedic clinic with food programme yoga etc. at Vyasanagar Municipality in Jajpur District. Contact: 9937877979. D-12857

**AFFIDAVIT**

ମୁଁ ସନ୍ତୋଷ କୁମାର ସାହୁ.. ପିତା.. ଦୁର୍ଯ୍ୟୋଧନ ସାହୁ ଗ୍ରା/ପୋ. ଗୋଡିପାଟନା ସାହି ଗୋପାଳପୁର ଥାନା... ରଣପୁର.. ଜିଲ୍ଲା ନୟାଗଡ. ସତ୍ୟପାଠ କରି ମୋର ପୂର୍ବ ନାମ ସନ୍ତୋଷ କୁମାର ସାହୁ କୁ ବଦଳାଇ ଆଜିଠାରୁ ବେଣୁଧର ସାହୁ ନାମରେ ପରିଚିତ ହେବି।
ଧ-୧୨୮୬୨

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ତୃତୀୟ ଜନ୍ମଦିନ ଶୁଭେଚ୍ଛା**



ସଂସ୍କୃତି ରଥ (ଟିକୁଲ୍)
ବାଙ୍କୀ, କଟକ
ତୋର ତୃତୀୟ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଭଲରେ ରଖନ୍ତୁ ଓ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ଦଦେଇ, ଦେଠେଇ, ପିଇସୀ, ପିଇସା, ପାପା, ମାମା, ନାନୀ, ଭାଇ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୮୬୧

**ଜନ୍ମଦିନ ଶୁଭେଚ୍ଛା**



(ଆୟୁଷ)
କୌଶିକ୍ କୁମାର
ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର
ଆଜି ତୋର ଚତୁର୍ଥ ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି, ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ ଓ ନୀରୋଗ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ବାପା, ମାମା, ଦାଦା, ଦିଦି, ଅପା, ମାମୁ
ଧ-୧୨୭୮୨

**ଜନ୍ମଦିନର ଶୁଭେଚ୍ଛା**



କୁନି (କୁନ୍ନୁ)
ଆଜି ତୋର ଜନ୍ମଦିନରେ ମା' ମଙ୍ଗଳାଙ୍କ ଚରଣ ତଳେ ଆମ୍ଭମାନଙ୍କର ଏତିକି ଗୁହାରି ତୋତେ କୋଟି ପରମାୟୁ ଦିଅନ୍ତୁ, ନୀରୋଗ ରଖନ୍ତୁ, ତୋର ଚଲାପଥରେ ସର୍ବଦା ସାହା ହୁଅନ୍ତୁ, ସଦ୍‌ବୁଦ୍ଧି ଦିଅନ୍ତୁ, ଘଣ୍ଟ ଘୋଡ଼େଇ ପଣତ ତଳେ ରଖି ଥାଆନ୍ତୁ।
ଆଶୀର୍ବାଦ ସହ
ବାପା(ଧନ୍ତୁ) ମାଆ (ଅର୍ଚ୍ଚନା) ଓ ରୀତା ଦିଦି
Quarter no-21, 2RA, Road-3, Unit-9, Bhubaneswar
ଧ-୧୨୮୪୩

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଜୁନ୍ ୭/୨୦୧୯ | Sambalpur, Friday, June 7/2019 | ପୃଷ୍ଠା-୧





## ଆଇ ମିସ୍ ୟୁ ଡାଡ୍: ସଞ୍ଜୟ

ଅଭିନେତା ସଞ୍ଜୟ ଦତ୍ତ ସ୍ୱର୍ଗୀୟ ପିତା ସୁନୀଲ ଦତ୍ତଙ୍କ ଜନ୍ମଦିନରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ଦେଇ ତାଙ୍କୁ ପ୍ରତ୍ୟେକ ଦିନ ମିସ୍ କରୁଥିବା ଲେଖିଛନ୍ତି।

୦୮

୧୪



## ଆନିସିମୋଭା ସେମିଫାଇନାଲରେ

ସିମୋନା ହାଲେପ୍‌ଙ୍କୁ ପରାସ୍ତ କରି ଆମେରିକାର ସ୍ୱଳ୍ପ ବୟସ୍କା ଆମାଣ୍ଡା ଆନିସିମୋଭା ଫ୍ରେଞ୍ଚ୍ ଓପନ ଟେନିସ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

**ଆଜିର ସମ୍ପାଦକୀୟ**

### ରେପୋ ହ୍ରାସର ସୁଫଳ ମିଳୁନି








NECC NATIONAL EGG CO-ORDINATION COMMITTEE 06.06.2019 Venco CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 107 | 167 | 177 |
| CTC | 107 | 167 | 177 |
| DKL | 105 | 165 | 175 |
| BDK | 105 | 165 | 175 |
| BLS | 105 | 165 | 175 |
| ANG | 105 | 165 | 175 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers




କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ରୁଷିଆକୁ ୧୦-୦ ଗୋଲରେ ପରାସ୍ତ କରିବା ପରେ ଭାରତୀୟ ଦଳର ଖେଳାଳିମାନେ ଦର୍ଶକଙ୍କଠାରୁ ଅଭିନନ୍ଦନ ଗ୍ରହଣ କରୁଛନ୍ତି। (ରିପୋର୍ଟ ଖେଳ ପୃଷ୍ଠାରେ)

## ରେପୋ ରେଟ୍ ୦.୨୫% ହ୍ରାସ

**ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟି ଚାର୍ଜ ପ୍ରତ୍ୟାହୃତ**

ମୁମ୍ବାଇ,୬।୬

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗୁରୁବାର ଏହାର ଦ୍ୱିମାସିକ ମୁଦ୍ରା ନୀତି ଘୋଷଣା କରି ରେପୋ ରେଟ୍‌କୁ ୦.୨୫% ହ୍ରାସ କରିଛି। ଫଳରେ ରେପୋ ରେଟ୍ ☞ପୃଷ୍ଠା-୪

■ଆଜି ଶୀତଳଷଷ୍ଠୀ

## ଉତ୍ସବମୁଖର ସମ୍ବଲପୁର

ସମ୍ବଲପୁର,୬।୬(ବ୍ୟୁରୋ)

ଶୁକ୍ରବାର ଶୀତଳଷଷ୍ଠୀ। ଦେବଦମ୍ପତିଙ୍କ ବିବାହ ପାଇଁ ସମ୍ବଲପୁର ଉତ୍ସବମୁଖର ହୋଇଉଠିଛି । ବିଭିନ୍ନ ଶୈବପୀଠ ଓ ବିବାହ ମଣ୍ଡପଗୁଡିକ ରଙ୍ଗିନ ଆଲୋକମାଳାରେ ଝଲସୁଛି। ଜିଲା, ରାଜ୍ୟ ଓ ରାଜ୍ୟବାହାରୁ ବନ୍ଧୁବାନ୍ଧବମାନେ ଏହି ବିବାହ ଉତ୍ସବରେ ଯୋଗଦେବାକୁ ସମ୍ବଲପୁରରେ ପହଞ୍ଚିଛନ୍ତି। କନ୍ୟା ମାତାପିତାଙ୍କ ଅସ୍ଥାୟୀ ବାସଭବନରେ ଭିଡ ଜମିଛି। ବିବାହ ମଣ୍ଡପଗୁଡିକ ଫୁଲ, ଆମ୍ବଡାଳ ଓ ବେଲପତ୍ରରେ ସଜ୍ଜିତ କରିବାରେ ଲୋକେ ଲାଗିଛନ୍ତି । ନନ୍ଦପଡା ବମ୍ ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ☞ପୃଷ୍ଠା-୪

■ ନିମ୍ନମାନର ରାସ୍ତା କାମ ପାଇଁ ଶାସ୍ତି, ଭିଡିଓ ଭାଇରାଲ

## ଯନ୍ତ୍ରୀଙ୍କୁ ଉଠ୍‌ବସ୍ କଲେ ବିଧାୟକ

■ ଯନ୍ତ୍ରୀଙ୍କ ସ୍ତ୍ରୀ ଆଣିଲେ ଅପହରଣ ଅଭିଯୋଗ

■ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା

■ ବିଧାୟକଙ୍କ ଗିରଫ ଦାବି କଲା ଆଦିବାସୀ ସଂଘ



କନିଷ୍ଠ ଯନ୍ତ୍ରୀଙ୍କୁ ବିଧାୟକ ଉଠ୍‌ବସ୍ ହେବାକୁ କହୁଛନ୍ତି ।

ବଲାଙ୍ଗୀର ଅଫିସ, ୬।୬

ଗୁରୁବାର ବଲାଙ୍ଗୀର ଜିଲା ପାଟଣାଗଡ଼ର ନବନିର୍ବାଚିତ ବିଧାୟକ ସରୋଜ ମେହେର ଜଣେ ଯନ୍ତ୍ରୀଙ୍କୁ ଉଠ୍‌ବସ କରାଇବା ଭିଡିଓ ଭାଇରାଲ ହୋଇଛି । ଏହି ଘଟଣାକୁ ନେଇ ସେ ଚର୍ଚ୍ଚାକୁ ଆସିଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓ କ୍ଲିପ୍‌ରେ ବିଧାୟକ ମେହେର ନିମ୍ନମାନର ରାସ୍ତା କାମ ପାଇଁ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଦାୟୀ କରିବା ସହିତ ସାଧାରଣ ଲୋକଙ୍କ ସମ୍ମୁଖରେ ୧୦୦ଥର ଉଠ୍‌ବସ୍ ହେବା ପାଇଁ କହୁଥିବା ଦେଖିବାକୁ ମିଳିଛି । ଯନ୍ତ୍ରୀ ଜଣକ ନେହୁରା ହେଉଥିଲେ ମଧ୍ୟ ଉଠ୍‌ବସ୍ ନ ହେଲେ ତାଙ୍କୁ ମାଡ ମାରିବାକୁ ଖୋଦ୍ ବିଧାୟକ ମେହେର ଲୋକଙ୍କୁ ନିର୍ଦ୍ଦେଶ ଦେଉଥିବା ଭିଡିଓରେ ଦେଖାଯାଇଛି। ଅନ୍ୟପକ୍ଷେ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କୁ ☞ପୃଷ୍ଠା-୪

**ବିଜେଡି ରାଜନୀତି**

## ପରାଜିତଙ୍କୁ ପୁରସ୍କାର

ଭୁବନେଶ୍ୱର,୬।୬(ବ୍ୟୁରୋ)

ବିଜେଡି ଲଗାତର ୫ମଥର ପାଇଁ ରାଜ୍ୟରେ ସରକାର ଗଠନ କରିଛି। ହେଲେ ଲୋକ ସଭାରେ ୨୦୧୪ ନିର୍ବାଚନରେ ଜିତିଥିବା ୮ଟି ଆସନକୁ ହରାଇଛି। ମାତ୍ର ବିଧାନସଭାରେ ପୂର୍ବ ଫଳାଫଳକୁ ଆପାତତଃ ପୁନରାବୃତ୍ତି କରିଛି। ହେଲେ ଭାଜପାର ଭୋଟ ପ୍ରତିଶତ ପୂର୍ବାପେକ୍ଷା ବୃଦ୍ଧି ପାଇଛି, ଯାହା ବିଜେଡି ପାଇଁ ଚିନ୍ତାର କାରଣ ବୋଲି ସମୀକ୍ଷକମାନେ କହିଛନ୍ତି। ଲୋକ ସଭା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଧାନସଭା ସିଟ୍‌ଗୁଡିକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଭୋଟରଙ୍କ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଲୋକ ସଭା ହେଉ କି ବିଧାନସଭା, ଅନେକ ଆସନରେ ପ୍ରାର୍ଥୀ ଅପେକ୍ଷା ଦଳୀୟ ନେତୃତ୍ୱକୁ ଆଧାର କରି ଭୋଟ ଦେଉଥିବା କୁହାଯାଉଛି। ସଂସଦୀୟ କ୍ଷେତ୍ର ଗୁଡିକରେ ବିଜେଡି ମୋଟ ୪୨.୮ %(୧,୦୧,୭୨,୦୪୧) ଭୋଟ ପାଇଥିବା ବେଳେ ଭାଜପା ୩୮.୪ %(୯୧,୨୯,୭୭୩) ଭୋଟ ପାଇଛି। ୨ ଦଳ ମଧ୍ୟରେ ଭୋଟ ବ୍ୟବଧାନ ମାତ୍ର ୪.୪ %(୧୦,୦୪୨,୨୬୮)। ସେହିପରି ବିଧାନସଭାରେ ବିଜେଡି ୪୪.୭୧%(୧୦,୪୭୦,୯୪୧), ଭାଜପା ୩୨.୫୦%(୭୬,୦୯,୫୮୧) ଭୋଟ ପାଇଛି।

ବିଜେଡି ପ୍ରତି ଭୋଟରଙ୍କ ହାୱା ଥିବା ସତ୍ତ୍ୱେ ମଧ୍ୟ ଉଭୟ ଲୋକ ସଭା ଓ ବିଧାନସଭାଆସନରେ ବହୁ ହେଭିୱେଟ୍ ପରାଜିତ ହୋଇଛନ୍ତି। ଅନ୍ୟପଟେ ରାଜ୍ୟ ସଭା ସଦସ୍ୟ ଥିବା ୪ ଜଣ ନେତା ନିର୍ବାଚନ ଜିତିଛନ୍ତି। ସେମାନଙ୍କ କାର୍ଯ୍ୟକାଳ ☞ପୃଷ୍ଠା-୪





ROURKELA: Kesar Bhawan, Main Road, Ph: 0661-6667777

STORES ALSO AT: BHUBANESWAR: 621, Saheed Nagar, Janpath | BHUBANESWAR: 309, District Centre, Chandrasekharpur, BERHAMPUR: Venkatraju Arcade, Sano Bazar | CUTTACK: 558/834, Cantonment Road | Toll Free: 1800 3131 777 | Open on Sundays

# ରେପୋ ହ୍ରାସର ସୁଫଳ ମିଳୁନି

ଭାରତୀୟ ରିଜର୍ଭ ବ୍ୟାଙ୍କ ଗୁରୁବାର ରେପୋ ହାର ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି- ଆର୍ଥିକ ନୀତି କମିଟିର ଦ୍ୱିମାସିକ ସମୀକ୍ଷା ପରେ ଏହି ହ୍ରାସ କ୍ରମାଗତ ଭାବେ ତୃତୀୟ ଥର ପାଇଁ ଘଟିଛି। ଏହା ମଧ୍ୟ ନୀତି ସ୍ଥିତିକୁ 'ନ୍ୟୁଟ୍ରାଲ' (ନିରପେକ୍ଷ)ରୁ 'ଆକମଡେଟିଭ୍' (ଉଦାର)କୁ ପରିବର୍ତ୍ତନ କରିଛି, ଯାହା ଭବିଷ୍ୟତରେ ପୁନଶ୍ଚ ରେପୋ ହାର ହ୍ରାସକୁ ଇଙ୍ଗିତ କରୁଛି। ଏହି ହ୍ରାସକୁ ମିଶାଇ ୨୦୧୯ରେ ଏପର୍ଯ୍ୟନ୍ତ ମୋଟ ୭୫ ବେସିସ୍ ପଏଣ୍ଟ ହ୍ରାସ ଘଟି ସାରିଲାଣି। ଆଶା କରାଯାଉଛି ରିଜର୍ଭ ବ୍ୟାଙ୍କର ଏହି ପଦକ୍ଷେପ ପରେ ଘରୋଇ ଓ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟ ତାହାର ଲାଭ ସାଧାରଣ ଋଣଗ୍ରହୀତାମାନଙ୍କୁ ଦେବେ। ସରକାର ମଧ୍ୟ ଭବିଷ୍ୟତ ଅଭିବୃଦ୍ଧିକୁ ଲକ୍ଷ୍ୟ ରଖିଛନ୍ତି। ଏହା ପୂର୍ବରୁ ଦେଶର ଆର୍ଥିକ ପରିସ୍ଥିତିକୁ ନେଇ ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ଅଭିବୃଦ୍ଧି ହାର ବୃଦ୍ଧି କରିବା ଓ ନୂତନ ନିଯୁକ୍ତି ସୃଷ୍ଟି କରିବା ଲକ୍ଷ୍ୟରେ ଦୁଇଟି କ୍ୟାବିନେଟ୍ କମିଟି ଗଠନ କରିଥିଲେ। ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହେଉଥିବା ତିନିମାସରେ ଦେଶର ଅଭିବୃଦ୍ଧି ହାର ପାଞ୍ଚବର୍ଷର ସର୍ବନିମ୍ନ ସ୍ତର ୫.୮କୁ ହ୍ରାସ ପାଇବା ପରିପ୍ରେକ୍ଷୀରେ କେନ୍ଦ୍ରୀୟ ବ୍ୟାଙ୍କ ଏପରି ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଥିଲା। କୃଷି ଓ ନିର୍ମାଣ କ୍ଷେତ୍ରର ଦୁର୍ବଳ ପ୍ରଦର୍ଶନ ଯୋଗୁ ଦେଶର ଅର୍ଥନୀତି ଏପରି ଧିମା ହୋଇଯାଇଥିବା କୁହାଯାଉଛି।

ଏପରି କି ଚାଇନାଠାରୁ ଭାରତର ଅଭିବୃଦ୍ଧି କମିଯାଇଛି ଏବଂ ଚାଇନା ସେହି ଏକା ସମୟ ଭିତରେ ୬.୪ ପ୍ରତିଶତ ଅଭିବୃଦ୍ଧି ହାସଲ କରି ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତିରେ ପରିଣତ ହୋଇପାରିଛି। ଏହି ପରିପ୍ରେକ୍ଷୀରେ ରିଜର୍ଭ ବ୍ୟାଙ୍କ ମଧ୍ୟ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଦେଶର ଜିଡିପି ଲକ୍ଷ୍ୟ ୭.୨ରୁ କମାଇ ୭ ପ୍ରତିଶତ ରଖିଛି। ଆଉ ଏକ ଉଦ୍‌ବେଗର ବିଷୟ ହେଉଛି, ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ସଦ୍ୟ ପ୍ରକାଶିତ ନିଯୁକ୍ତି ତଥ୍ୟ (ଯାହା ଗତ ସାଧାରଣ ନିର୍ବାଚନ ପୂର୍ବରୁ ଲିକ୍ ହୋଇଥିଲା) ଅନୁସାରେ ୨୦୧୭-୧୮ରେ ଦେଶର ବେକାରି ହାର ୬.୧ ପ୍ରତିଶତ ଥିଲା ଯାହା ଗତ ୪୫ ବର୍ଷରେ ସର୍ବାଧିକ। ତେବେ ରିଜର୍ଭ ବ୍ୟାଙ୍କର ଉକ୍ତ ପଦକ୍ଷେପରୁ କିଛି ସୁଫଳ ମିଳିବ, ଯଦି ବ୍ୟାଙ୍କଗୁଡ଼ିକ ମଧ୍ୟ ଗ୍ରାହକମାନଙ୍କ ଋଣ ସୁଧହାର ହ୍ରାସ କରନ୍ତି। ମାତ୍ର ପୂର୍ବର ୫୦ ବେସିସ୍ ପଏଣ୍ଟ ରେପୋ ହାର ହ୍ରାସ ପରିପ୍ରେକ୍ଷୀରେ ବ୍ୟାଙ୍କଗୁଡ଼ିକ ଜମାକାରୀ ଓ ଋଣଗ୍ରହୀତାମାନଙ୍କ ସୁଧହାରରେ ସମାନୁପାତିକ ପରିବର୍ତ୍ତନ କରିନାହାନ୍ତି। ବରଂ କେତେକ ବ୍ୟାଙ୍କ ଜମାବୃଦ୍ଧି ଆଶାରେ ଜମାସୁଧ ହାର ବୃଦ୍ଧି କରିଛନ୍ତି। କିନ୍ତୁ ସରକାରୀ ଋଣ ବୃଦ୍ଧି ପାଇବା ସହ ସ୍ୱଳ୍ପ ସଞ୍ଚୟ ସୁଧହାର ଅଧିକ ରହିଥିବା ଯୋଗୁ ନିବେଶ ବୃଦ୍ଧି କରିବା ଲାଗି ବ୍ୟାଙ୍କଗୁଡ଼ିକ କଠିନତାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କଗୁଡ଼ିକ ମଧ୍ୟ ବହୁପରିମାଣର ଅଚଳ ପରିସମ୍ପତ୍ତି ଜନିତ ସମସ୍ୟାରେ ପୀଡ଼ିତ ହେବା ସହ ଏନ୍‌ବିଏଫ୍‌ସି (ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ)ଗୁଡ଼ିକର ଆର୍ଥିକ କ୍ଷମତା ହ୍ରାସ ପାଉଛି। ତେଣୁ ବଡ଼ ବଡ଼ ଖିଲାପିଙ୍କ ପାଇଁ ଯେଉଁ ପରିବେଶ ସୃଷ୍ଟି ହୋଇଛି, ସେହି ଦୃଷ୍ଟିରୁ ଗ୍ରାହକମାନଙ୍କୁ ଅଧିକ ଋଣ ନେବା ପାଇଁ ଉତ୍ସାହିତ କରିବା ଲାଗି ବ୍ୟାଙ୍କଗୁଡ଼ିକ ସୁଧହାର କମାଇବାର ସମ୍ଭାବନା ଦେଖାଯାଉ ନାହିଁ।

କିପରି ଚାହିଦା ବୃଦ୍ଧି କରାଯାଇପାରିବ ତାହା ହେଉଛି ସବୁଠାରୁ ବଡ଼ ସମସ୍ୟା। ସାରା ଦେଶରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଚାହିଦା ହ୍ରାସ ପାଇବାରେ ଲାଗିଛି। ତେଣୁ ବିଶେଷତଃ ମଧ୍ୟବିତ୍ତ ବର୍ଗରେ ଚାହିଦା ବଢ଼ାଇବା ପାଇଁ ସେମାନେ ବିତ୍ତୀୟ ନୀତିରେ ପରିବର୍ତ୍ତନ କରିପାରନ୍ତି। ପାଣିପାଗ ବିଭାଗ ଚଳିତବର୍ଷ ଦୁର୍ବଳ ମୌସୁମୀର ପୂର୍ବାନୁମାନ କରିଥିବା ବେଳେ କୃଷିକ୍ଷେତ୍ରକୁ ସାହାଯ୍ୟ କଲାଭଳି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ରିଜର୍ଭ ବ୍ୟାଙ୍କ ରେପୋହାର ହ୍ରାସ କରିଚାଲିଥିବା ବେଳେ ଆଗାମୀ ବଜେଟରେ ସରକାର ଟିକସ ହ୍ରାସ କରିବା ପାଇଁ ନିଷ୍ପତ୍ତି ନେବାର ସମ୍ଭାବନା ରହିଛି। ଉଭୟ ଆନୁଷ୍ଠାନିକ ଓ ବ୍ୟକ୍ତିଗତ ଚାହିଦା ବୃଦ୍ଧି ପାଇବା ଅତ୍ୟନ୍ତ ଆବଶ୍ୟକ। ଗତ ନଅମାସ ଭିତରେ ରିଜର୍ଭ ବ୍ୟାଙ୍କ ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ଭିତରେ ରଖିବା ପାଇଁ ଯେଉଁ ଲକ୍ଷ୍ୟ ରଖିଥିଲେ ତାହା ମଧ୍ୟ ପୂରଣ ହୋଇପାରୁନାହିଁ, ଯାହା ଦୁର୍ବଳ ଚାହିଦାର ଅନ୍ୟତମ କାରଣ। ପୁଣି ନିର୍ବାଚନ ପୂର୍ବରୁ ସରକାର ଯେଉଁସବୁ ଯୋଜନା ଘୋଷଣା କରିଛନ୍ତି, ତାକୁ ନିର୍ବାଚନ ପରେ ନୂଆ ସରକାର ଚାଲୁ କରିବା ଓ ପୁରୁଣା ଯୋଜନା ସବୁ ଚାଲୁ ରଖିବା ପାଇଁ ଅର୍ଥମନ୍ତ୍ରୀ କେଉଁଠୁ ଅର୍ଥ ବ୍ୟବସ୍ଥା କରିବେ, ତାହା ଏକ ବଡ଼ ସମସ୍ୟା। ଆମ ଅର୍ଥନୀତି ପାଇଁ କିଛି ବାହ୍ୟ ପ୍ରଭାବ ମଧ୍ୟ ବାଧକ ସାଜୁଛି। ଆମେରିକା-ଚାଇନା ମଧ୍ୟରେ ଚାଲିଥିବା ବାଣିଜ୍ୟଯୁଦ୍ଧ, ଆମେରିକା ସହ ଭାରତର ସମୀକରଣ ଏବଂ ଇରାନ ଓ ଭେନିଜୁଏଲାରୁ ତୈଳ ଆମଦାନି ବନ୍ଦ ହୋଇଯିବା ପରେ ଅନ୍ୟ ଆଡୁ ତୈଳ ଆଣିବା ପାଇଁ ଭାରତ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ। ତାହା ଆମର ଅର୍ଥନୀତି ଉପରେ ଅତ୍ୟନ୍ତ କୁପ୍ରଭାବ ପକାଇବ। ଏହିସବୁ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ସରକାର କିଛି ବାଟ ବାହାର କରିବା ଦରକାର, ଯାହାଫଳରେ ଦେଶର ଅଭିବୃଦ୍ଧି ହାରକୁ ପୂର୍ବସ୍ଥିତିକୁ ଫେରାଇ ଅଣାଯାଇପାରିବ ଏବଂ ଦେଶର ଆର୍ଥିକ ବିକାଶ ସମ୍ଭବ ହୋଇପାରିବ।

## ଆଜିର ଅର୍ଥନୀତି

# ଏ ଧରା ତିଷ୍ଠିଛି କେମିତି



ଶିବରାମ ଶତପଥୀ

ଯେବେବେଳେ ମନ ଗହନରେ ପ୍ରଶ୍ନଟିଏ ଉଙ୍କିମାରେ ଏତେ ଅନ୍ୟାୟ, ଅନୀତି ସତ୍ତ୍ୱେ ଏ ଧରା ତିଷ୍ଠିଛି କେମିତି? କଳିଯୁଗରେ କ'ଣ କ'ଣ ଘଟିବ ତାହା ବିଭିନ୍ନ ପୁରାଣରେ ବିଶେଷତଃ ଅଚ୍ୟୁତାନନ୍ଦଙ୍କ ମାଳିକା ଓ ଗୋସ୍ୱାମୀ ତୁଳସୀ ଦାସଙ୍କ ଶ୍ରୀରାମଚରିତ ମାନସର ଉତ୍ତରାକାଣ୍ଡରେ ବର୍ଣ୍ଣିତ କାକଭୁଷଣ୍ଡି ପ୍ରସଙ୍ଗରେ ବିଶଦ ଭାବେ ବର୍ଣ୍ଣିତ ଅଛି। ଅଗମ୍ୟା ଗମନ, ଗଣବଳାତ୍କାର, ହିଂସା, ଈର୍ଷା, ଦ୍ୱେଷ, ଜୀବହତ୍ୟା, ବିଶ୍ୱାସଘାତକତା, ଚଞ୍ଚକତା, ପରବିତ୍ତାପହରଣ, ଦେବସ୍ୱ ଗୋଚର ଜମି ଆତ୍ମସାତ୍ ଆଦି ଖବରକାଗଜର ପୃଷ୍ଠା କାଳିମାକ୍ତ କଲାବେଳକୁ ସେଗୁଡିକ ପଢ଼ିଲେ ଦେହ ଶିହରି ଉଠୁଛି।

ଶାସନାସୀନ ନେତାମାନେ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହସ୍ତଗତ କଲାପରେ ଲୋକଙ୍କ ଦୁଃଖଦୁର୍ଦ୍ଦଶା ପ୍ରତି ଦୃକ୍‌ପାତ କରୁନାହାନ୍ତି। ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ଅଥଚ ଲୋକେ ତା'ର ସୁଫଳ ପାଇପାରୁନାହାନ୍ତି। କେଉଁଠି ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନୁହେଁ ତ କେଉଁଠି ଇଲେକ୍ଟ୍ରିକ୍ ପାୱାର ଷ୍ଟେଶନ ଅଚଳ, କେଉଁଠି କେନାଲ ଖୋଳା ହୋଇଛି ଅଥଚ ଗ୍ରୀଷ୍ମଋତୁରେ ଜଳସେଚନ ପାଇଁ ସେଥିରେ ପାଣି ନାହିଁ, ଆଦିବାସୀ ଅଧ୍ୟୁଷିତ ଅଗମ୍ୟ ଅଞ୍ଚଳରେ କାଗଜକଲମରେ ରାସ୍ତା ନିର୍ମାଣ ଚାଲିଛି। ପିଲାଏ ନଦୀ ପାରିହେବା ପାଇଁ ଅଣ୍ଟାଯାଏ ଫ୍ରକ ଟେକି ଟେକି ସ୍କୁଲକୁ ଯାଉଛନ୍ତି ତ କାଦୁଅରେ କାହା ଗୋଡ଼ ଖସୁଛି। କେଉଁଠି କାଦୁଅ ଭିତରେ ଗାଡିର ଚକ ପୋତିହୋଇ ପଡିବାରୁ ଗାଡି ଭିତରେ ହିଁ ଗର୍ଭିଣୀର ପ୍ରସବ ହେଉଛି। ସରକାରଙ୍କ ତରଫରୁ ଗରିବଙ୍କ ପାଇଁ ନିଃଶୁଳ୍କ ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଇଛି, କିନ୍ତୁ କାର୍ଯ୍ୟତଃ ରୋଗୀକୁ ଖଟିଆରେ ବୁହାହୋଇ ଡାକ୍ତରଖାନା ନିଆଯାଉଛି। ସରକାରୀ ଡାକ୍ତରଖାନାରେ କର୍ମକର୍ତ୍ତାଙ୍କୁ ହାତଗୁଞ୍ଜା ନ ଦେବା ଯାଏ କେହି ରୋଗୀକୁ ଆଡ ଆଖିରେ ଚାହୁଁନାହାନ୍ତି। ରୋଗୀ ସେମିତି ବାରଣ୍ଡାରେ ଘଣ୍ଟା ଘଣ୍ଟା ପଡିରହୁଛି। କ'ଣ ନା ସବୁ କର୍ମଚାରୀ କାର୍ଯ୍ୟବ୍ୟସ୍ତ, ଆମକୁ ଯେତିକି ଡାକ୍ତର, ଯେତିକି ନର୍ସ, ଯେତିକି ଷ୍ଟାଫ୍ ମିଳିବା କଥା ସରକାର ସେତିକି ଯୋଗାଉନାହାନ୍ତି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି କିଣା ହୋଇଥିବା ଯନ୍ତ୍ରପାତି ଖତ ଖାଉଛି। ଏଗୁଡିକ ଅକାମୀ ହେଲେ ସିନା ରୋଗୀ ଘରୋଇ ଭାବେ ଏକ୍ସ-ରେ, ଇସିଜି, ଅଲଟ୍ରାସାଉଣ୍ଡ, ଏପରିକି ରକ୍ତ, ମଳ, ମୂତ୍ର ପରୀକ୍ଷା କରାଇବ ଓ ସରକାରୀ କର୍ମଚାରୀମାନେ ସେ ବାବଦରେ ଦୁଇ ପଇସା କମିଶନି ପାଇବେ। ସରକାର ଯୋଗାଇ ଦେଇଥିବା କେଜି କେଜି ଔଷଧ ମିଆଦି ତାରିଖ ପାରି ହୋଇଯାଇଥିବାରୁ ବାହାରେ ଫୋପଡା ହେଉଛି, ଏଣେ ରୋଗୀଙ୍କ ସକାଶେ ଔଷଧ କିଣିବାରେ ଲୋକେ ଗହଣା ତଥା ଜମି ବନ୍ଧା ପକାଇ ସର୍ବସ୍ୱାନ୍ତ ହେଉଛନ୍ତି। ସରକାରୀ ଡାକ୍ତରଖାନାରେ ମୋଟା ଦରମା ପାଇ ବିଶେଷଜ୍ଞ ଅଛନ୍ତି, ଅଥଚ ସେମାନେ ରୋଗୀକୁ ପଠାଇ ଦେଉଛନ୍ତି ଘରୋଇ ଚିକିତ୍ସାଳୟକୁ, ଶଲ୍ୟ ଚିକିତ୍ସା ପାଇଁ ନିଶ୍ଚେତକ ପ୍ରୟୋଗ ନିମିତ୍ତ ଡାକ୍ତର ନ ଥିବା, ଉନ୍ନତ ଯନ୍ତ୍ରପାତି ଓ ଆନୁଷଙ୍ଗିକ ବ୍ୟବସ୍ଥା ଆଳରେ।

ଜନସାଧାରଣଙ୍କ ପାଇଁ ଯାହା କିଛି ସରକାରୀ ସହାୟତା ଆସୁଛି, ତାକୁ ଅଧିକାରୀ ଓ ସରକାରୀ କର୍ମଚାରୀମାନେ ବାଟମାରଣା କରିବା, ଅପରାଧୀମାନଙ୍କୁ ରାଜନୀତିର ପଶାପାଲିରେ ଗୋଟିଚାଳନା କରୁଥିବା ଧୁରନ୍ଧର ବ୍ୟକ୍ତିମାନେ ଆଶ୍ରୟ ଓ ଅଭୟ ଦେବା ଆଦି ଅନୀତି କଥା ଲେଖିବସିଲେ ପୋଥିର ପୃଷ୍ଠା କମ୍ ପଡ଼ିବ।

ଅଧର୍ମର ଜୟଯାତ୍ରାରେ ଥଳକୂଳ ହରାଇ ଧରଣୀ ରସାତଳଗାମୀ ହେବା ନିଃସନ୍ଦେହ। ତେବେ ପୃଥିବୀକୁ ଧରିରଖିଛି କିଏ ? ନା ଦିଗ୍‌ନାଗ, ନା ଅନନ୍ତ ନାଗ। 'ଧାରଣାତ୍ ଧର୍ମ ଇତ୍ୟାହୁଃ।' 'ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍।' ନ୍ୟାୟରେ ଧର୍ମ ଅର୍ଥାତ୍ ପରୋପକାର ଓ କର୍ତ୍ତବ୍ୟପାଳନ ପୃଥିବୀକୁ ବଡ଼ ବଡ଼ ବିପଦରୁ ରକ୍ଷା କରିଛି, କରୁଛି ଓ କରିବ। ଧର୍ମ ବିଷୟରେ କେତୋଟି ରୋଚକ କଥାର ଅବତାରଣା ଏଠାରେ ଅପ୍ରାସଙ୍ଗିକ ହେବନାହିଁ।

ଆଇ.ପି.କେ.ଏଫ୍.ରେ (ଶ୍ରୀଲଙ୍କା) କାର୍ଯ୍ୟରତ ମେଜର ଶିବପ୍ରସାଦ ପ୍ରୋଭିଡେଣ୍ଟ ଫଣ୍ଡରୁ ଲକ୍ଷେ ଟଙ୍କା (୧୯୮୭ରେ ଲକ୍ଷେ ଟଙ୍କା ଖୁବ୍ ବେଶି ଥିଲା।) ବାହାର କରି ତାଙ୍କ ବାପାଙ୍କ ପାଖକୁ ପଠାଇଲେ। କ'ଣ ନା ଭଉଣୀ ବାହା ହେବ। କିଛି ଶୁଭଚିନ୍ତକ ପଚାରିଲେ, 'କିହୋ, ତୁମର ପରା ପାଞ୍ଚୋଟି ଝିଅ। ଏଠି ତ ଘଡିକେ ଘୋଡା ଛୁଟୁଛି। କେତେବେଳେ କୋଉ କଥା। କେଉଁ ମୁହୂର୍ତ୍ତରେ ଯଦି କିଛି ହୋଇଯାଏ (ଭଗବାନ ନ କରନ୍ତୁ) ତେବେ ତୁମ ସ୍ତ୍ରୀପିଲାଙ୍କୁ କେମିତି ବଡ଼ କରିବେ?' ମେଜର ଶିବପ୍ରସାଦ କହିଲେ, ସ୍ତ୍ରୀ ମୋ ଅନ୍ତେ ସରକାରଙ୍କଠାରୁ ଏତେ ଟଙ୍କା ପାଇବେ ଯେ ତାହା ତାଙ୍କ ପାଇଁ ଓ ପିଲାଙ୍କ ଲାଗି ସମ୍ମାନାସ୍ପଦ ଭାବେ ଜୀବନ ବିତାଇବା ନିମିତ୍ତ ଯଥେଷ୍ଟ ହେବ। ପୁଣି, ମୋ ପିଲାଙ୍କୁ ଯେ ଧରାଧାମକୁ ଆଣିଛନ୍ତି, ସେ ସେମାନଙ୍କ ଖବର ବୁଝିବେ।'

ଏବର କଥା, ଜଣେ ପ୍ରୌଢ ଦେଖିଲେ ମହାରାଷ୍ଟ୍ରର ସାତାରା ଜିଲାର ଉପାନ୍ତ ଅଞ୍ଚଳରେ କିଛି ଝିଅ ପଦବ୍ରଜରେ ପ୍ରାୟ ଦଶ କିଲୋମିଟର ଚାଲି ଚାଲି ବିଦ୍ୟାଳୟକୁ ପ୍ରତିଦିନ ଯାଆନ୍ତି। ଗମନାଗମନର କିଛି ସାଧନ ନାହିଁ। ଏ ମହାନୁଭବ ତାଙ୍କ ପ୍ରୋଭିଡେଣ୍ଟ ଫଣ୍ଡରୁ ଟଙ୍କା ବାହାର କରି ଗୋଟେ ବସ୍ କିଣିଲେ। ନିଜ ହାତରୁ ଦରମା ଦେଇ ଡ୍ରାଇଭର ଓ କ୍ଲିନର ରଖିଲେ। ଡିଜେଲ୍ ଆଦି ଖର୍ଚ୍ଚ ନିଜେ ବହନ କରି ଏ ଝିଅଙ୍କ ପାଇଁ ନିଃଶୁଳ୍କ ବସ୍‌ସେବା ଯୋଗାଇଦେଲେ। ସେ କହନ୍ତି ପିଲାଙ୍କ ଖୁସି ଓ କୃତଜ୍ଞତାପୂର୍ଣ୍ଣ ଆଖି ଦେଖି ସେ ପ୍ରତ୍ୟହ ଲକ୍ଷେ ଟଙ୍କା ପାଉଛନ୍ତି।

ରତ୍ନଗିରି ଜିଲାର ଜଣେ ବୃଦ୍ଧ ସଞ୍ଚିତ ଅର୍ଥ ବ୍ୟୟ କରି ପ୍ରତ୍ୟହ ପ୍ରାୟ ପାଞ୍ଚଶହ ବୁଭୁକ୍ଷୁ ଦୁଃସ୍ଥ ବ୍ୟକ୍ତିଙ୍କୁ ଶୁଦ୍ଧଘିଅରେ ରନ୍ଧା ହୋଇଥିବା ଅନ୍ନ ଓ ବ୍ୟଞ୍ଜନ ଯୋଗାଇ ଦେଉଛନ୍ତି। କେବଳ ଖାଦ୍ୟ ସାମଗ୍ରୀ ନୁହେଁ ଇନ୍ଧନ, ରାନ୍ଧୁଣିଆ, ସହାୟକ, ପରଷୁଣୀ ଆଦି ସମସ୍ତ ଖର୍ଚ୍ଚ ସେ ବହନ କରନ୍ତି। ସେ କହନ୍ତି 'ପେଟ ଚାଖଣ୍ଡକ ପାଇଁ ମୋର ବା ଖର୍ଚ୍ଚ କେତେ? ସଞ୍ଚୟ କରିଥିବା ଟଙ୍କା ମୋର କ'ଣ ହେବ? ଲୋକେ ଖାଇ ଖୁସି ହୁଅନ୍ତୁ। ସେମାନେ ଖୁସି ହେଲେ ମୁଁ ଖୁସି। ସେମାନେ ତୃପ୍ତ ହେବା ଦେଖିଲେ ମୋ ପେଟ ପୂରିଯାଏ। ଆମର ମାନବିକତା ଏପରି ମରିଯାଇଛି ଯେ, ବଡ଼କଲା ମା'ବାପାଙ୍କୁ ବାର୍ଦ୍ଧକ୍ୟରେ ପୋଷିବାକୁ ଆମେ ବୋଝ ବୋଲି ଭାବୁ। ବନ୍ୟା ପ୍ରପୀଡିତଙ୍କ ପାଇଁ ଆସିଥିବା ସାହାଯ୍ୟରୁ କିପରି ପୁଳେ ମାରିନେବା ସେ ପାଇଁ ବାଟ ଖୋଜୁ। ବିଦ୍ୟାଳୟର ବର୍ଦ୍ଧିଷ୍ଣୁ ଛାତ୍ରଙ୍କ ପାଇଁ ଆସିଥିବା ଖାଦ୍ୟରୁ କିପରି କିଛି ବାଟମାରଣା କରିବା ସେ ପାଇଁ ଚେଷ୍ଟିତ ହେଉ। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଆଦିରୁ କମିଶନି ନ ମିଳିବା ଯାଏ ଆମେ ହିତାଧିକାରୀଙ୍କୁ ଭୁଆଁ ବୁଲାଉଥାଉ। ବିପିଏଲ କାର୍ଡଧାରୀଙ୍କ ପାଇଁ ଯେଉଁ ଚାଉଳ, ଚିନି, ଡାଲି, କିରୋସିନ ଆସୁଛି, ସେଥିରୁ ଚୋରି ନ କଲେ ଆମ ପେଟ ପୂରେନାହିଁ। ଏସବୁ କାହା ପାଇଁ? ଏ ଅନ୍ୟାୟ ଉପାର୍ଜିତ ଧନ ଶେଷରେ କିଏ ଖାଇବ? ସମ୍ମୁଖରେ ବାର୍ଦ୍ଧକ୍ୟ ବ୍ୟାଘ୍ର ପରି ବାଟ ଜଗି ବସିଛି। ସେତେବେଳେ ସାଧାରଣ ଖାଦ୍ୟ ଜୀର୍ଣ୍ଣ କରିବାକୁ ଦେହରେ ବଳ ନ ଥିବ। ବହୁମୂତ୍ର ଓ ଉଚ୍ଚ ରକ୍ତଚାପର ଭାଲୁ ଏମିତି ଚଣ୍ଟି ଧରିଥିବ ଯେ ଚିନି ଓ ଘିଅ ତିଆରି କିଛି ସ୍ୱାଦିଷ୍ଟ ଖାଦ୍ୟ ଖାଇହେବ ନାହିଁ। ତେବେ କାହିଁକି ଏ ଲୋଭ, ଏ ଦୁରାଶା?

ଏହାର ନିରାକରଣ କ'ଣ ସମ୍ଭବ ନୁହେଁ? ଯଦି ପ୍ରତ୍ୟେକ ବ୍ୟକ୍ତିର ଅନ୍ତଃକରଣ ମାନବତାର ମନ୍ତ୍ରରୂପୀ ମଶାଲରେ ପ୍ରଦୀପିତ ହେବ, ତେବେ ପାର୍ଥିବ ମୋହର ଅନ୍ଧକାର ଅଚିରେ ଦୂର ହେବ। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ହିଂସା, ଈର୍ଷା, ପରଶ୍ରୀକାତରତା, ସ୍ୱାର୍ଥପରତାର ଶଳଭ ସେ ଅଗ୍ନିରେ ଝାସ ଦେଇ ବିଳୟ ଲଭିବେ। ପ୍ରତ୍ୟେକେ ପରୋପକାର, କୃତଜ୍ଞତା, ନିଃସ୍ୱାର୍ଥପର ଦେଶପ୍ରେମ ଓ ଚରିତ୍ରବତ୍ତାର ସ୍ୱର୍ଗୀୟ ଆଲୋକରେ ଉଦ୍ଭାସିତ ହେବେ।

୧୮ ଇ, ପଦ୍ମପାଣି ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର,
ମୋ-୭୯୭୮୭୮୬୮୧୬

# ମାତୃପିତୃ ଗୁଣେ ସନ୍ତାନ

ରମେଶ ଚନ୍ଦ୍ର ସାମଲ

ଯେକୌଣସି କାମ କଲେ ଏହାର ଫଳ ଭଲ କିମ୍ବା ମନ୍ଦ ହୋଇଥାଏ। ଭଲ କାମର ଫଳ ଭଲ-ଏହା ଦ୍ୱାରା ସମସ୍ତଙ୍କ ମଙ୍ଗଳ ହୁଏ। ଏହାକୁ ପୁଣ୍ୟ କାର୍ଯ୍ୟ ବୋଲି କୁହାଯାଏ। ମନ୍ଦ, ଦୁଷ୍ଟ କର୍ମର ଫଳକୁ ପାପ କୁହାଯାଏ। ଏହାଦ୍ୱାରା ବହୁ ଲୋକ କ୍ଷତିଗ୍ରସ୍ତ ହୁଅନ୍ତି। ପୁଣ୍ୟ କାମ ପରହିତକର। ପାପ କାର୍ଯ୍ୟ ପରପୀଡ଼କ। ପୁଣ୍ୟ କାର୍ଯ୍ୟ ପାଇଁ ଜଣଙ୍କୁ ସ୍ନେହ ଆଦର ସମ୍ମାନ ମିଳୁଥିବା ସ୍ଥଳେ ପାପୀକୁ ଲୋକେ ଘୃଣା କରନ୍ତି। ତା'ଠାରୁ ଦୂରରେ ରହିବାକୁ ଚେଷ୍ଟା କରନ୍ତି। ଭବିଷ୍ୟତରେ କିଏ କ'ଣ ହେବ ଏହା ତା'ର ପିଲାଦିନରୁ ଜଣାପଡ଼େ। କଥାରେ ଅଛି ତୁଳସୀ ଦୁଇପତ୍ରରୁ ବାସେ, ବିଛୁଆତି ଦୁଇପତ୍ରରୁ କୁଣ୍ଡାଇ ହୁଏ। ଧର୍ମଶାସ୍ତ୍ରଗୁଡ଼ିକରେ ବର୍ଣ୍ଣିତ ଅଛି ଭଗବାନଙ୍କ ନାମ ନେଇ ଶଯ୍ୟା ତ୍ୟାଗ କରିବାକୁ -'କରାଗ୍ରେ ବସତେ ଲକ୍ଷ୍ମୀଃ କରମଧ୍ୟେ ସରସ୍ୱତୀ, କରମୂଳେ ତୁ ଗୋବିନ୍ଦଃ ପ୍ରଭାତେ କରଦର୍ଶନମ୍।' କର ବା ହାତର ପାପୁଲିକୁ ଦେଖି ଏହି ପ୍ରାର୍ଥନା କରାଯାଏ। କାରଣ ହାତ ଦ୍ୱାରା ସବୁ କାମ କରାଯାଏ, ଯାହାର ଫଳ ଭଲ କିମ୍ବା ମନ୍ଦ ହୁଏ। ଏଣୁ ସକାଳୁ ଭଗବାନଙ୍କ ନାମ ନେଇ ହାତ ଦେଖି କୁହାଯାଏ ଦିନରେ ମୁଁ ଯେଉଁ କାମ କରିବି ଭଲ କାମ କରିବି। ସମୂହ ମଙ୍ଗଳକର କାମ କରିବି, ଦିନଟି ମଙ୍ଗଳ ଓ ଶୁଭଙ୍କର ହେଉ।

ଦିନର ସକାଳ, ଜୀବନର ବାଲ୍ୟକାଳ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପିଲାଟିର ବାଲ୍ୟକାଳରୁ ତା' ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ତାକୁ ଠିକ୍ ବାଟରେ ଚଳାଇପାରିଲେ ଭବିଷ୍ୟତରେ ସେ ଭଲ ହୋଇ ସମାଜରେ ବହୁ ପ୍ରତିଷ୍ଠା ଲାଭ କରିବାର ନଜିର ବହୁ କ୍ଷେତ୍ରରେ ଦେଖିବାକୁ ମିଳେ। ପିଲାଟି ଭଲ ହେଲେ ଘରେ, ବାହାରେ, ସ୍କୁଲ କଲେଜରେ ସମସ୍ତେ ତା'ର ବାହା ବାହା କରନ୍ତି। ସମସ୍ତେ ଭଲ ପାଆନ୍ତି। ଦୁଷ୍ଟ ପିଲାକୁ କେହି ଆଦର କରନ୍ତିନି। ଉଭୟ ଭଲ ଓ ମନ୍ଦ କାମ କରି ସମାଜରେ ଲୋକେ ନିଜର ପରିଚୟ ସୃଷ୍ଟି କରନ୍ତି ସତ, ହେଲେ ଭଲ କାମ ପାଇଁ ଜଣେ ଗୁଣୀ ଜ୍ଞାନୀ ମାନସମ୍ମାନ ଓ ସଜ୍ଜନ ଆଖ୍ୟା ପାଉଥିବା ବେଳେ ମନ୍ଦ କାମ ପାଇଁ ଲୋକଟି ଦୁଷ୍ଟ, ଖଳ, ଦୁର୍ଜନ, ଅପରାଧୀ ବିବେଚିତ ହୋଇ ଘୃଣିତ, ନିନ୍ଦିତ ଓ ଦଣ୍ଡିତ ହୁଏ। ପିଲା ଭଲ ହେବା କିମ୍ବା ମନ୍ଦ ହେବା ମା'ବାପାଙ୍କ ଉପରେ ବହୁ ଭାବରେ ନିର୍ଭର କରେ। ମା'ବାପା ପିଲାର ଆଦ୍ୟ ଗୁରୁ। ସେମାନଙ୍କର ଚାଲିଚଳନ, ଆଚାରବିଚାର, ଶିକ୍ଷାଦୀକ୍ଷା ପିଲା ଉପରେ ବହୁ ପ୍ରଭାବ ପକାଏ। ଯାହାର ମା'ବାପା ଯେମିତି ପିଲାଟି ମଧ୍ୟ ଅଧିକାଂଶ କ୍ଷେତ୍ରରେ ସେମିତି ହୋଇଥାଏ। ମଞ୍ଜି ନେଇ ଗଛ।

ଆଜିକାଲି ବହୁ ପିଲା ବିଶୃଙ୍ଖଳ। ଏହାର ମୁଖ୍ୟ କାରଣ ଅନେକ ମା'ବାପା ନିଜେ ଶୃଙ୍ଖଳିତ ନୁହନ୍ତି। ମା'ବାପା ଶୃଙ୍ଖଳିତ ହୋଇ ମଧ୍ୟ କେତେ କ୍ଷେତ୍ରରେ ଦେଖାଯାଏ ପିଲାମାନେ ଦୁଷ୍ଟ ଓ ଅପରାଧପ୍ରବଣ। ଏହାର ବିଭିନ୍ନ କାରଣ ମଧ୍ୟରୁ ପ୍ରଥମ ଓ ସର୍ବଶ୍ରେଷ୍ଠ କାରଣ ହେଉଛି ଅର୍ଥ ଉପାର୍ଜନ ପାଇଁ ଆଜିର ବହୁ ମା'ବାପା ଉଭୟ ଚାକିରି କରୁଛନ୍ତି। ପିଲାର ଦାୟିତ୍ୱ ସେମାନେ ନିଜେ ନେଇ ନ ପାରି ଅନ୍ୟ ଉପରେ ଛାଡି ଦେଉଛନ୍ତି। ଏହି ଦାୟିତ୍ୱ ନେଉଥିବା ବହୁ ଲୋକଙ୍କର ସ୍ୱଭାବ ଠିକ୍ ନ ଥାଏ। ସେମାନଙ୍କ ସଂସ୍ପର୍ଶ ଓ ବାହାର ବହୁ ଦୁଷ୍ଟ ସାଙ୍ଗସାଥୀଙ୍କ ସମ୍ପର୍କରେ ଆସି ପିଲାମାନେ ଦୁଷ୍ଟ ଓ ଅପରାଧପ୍ରବଣ ହୋଇ ଉଠୁଛନ୍ତି। ପିଲାମାନଙ୍କର ଛୋଟ ଛୋଟ ଅପରାଧ ଉପରେ ଗୁରୁତ୍ୱ ନ ଦେବାରୁ ପିଲାଏ ବଡ଼ ହୋଇ ବଡ଼ ବଡ଼ ଅପରାଧ କରିବସୁଛନ୍ତି। ଘରେ ବାହାରେ ଦଣ୍ଡିତ ହେବା ସହିତ କୋର୍ଟକଚେରିରେ ଦଣ୍ଡିତ ହୋଇ ଜେଲ ଭୋଗୁଛନ୍ତି। ଜଘନ୍ୟ ଅପରାଧ କରି ମୃତ୍ୟୁଦଣ୍ଡ ମଧ୍ୟ କେତେକ କ୍ଷେତ୍ରରେ ଭୋଗୁଛନ୍ତି। ଏସବୁ ପିଲାମାନଙ୍କର ସୁପରିଚାଳନାର ଅଭାବ ଓ ଅତ୍ୟଧିକ ସ୍ନେହ ପରବଶ ହୋଇ ସେମାନଙ୍କ ଦୋଷଦୁର୍ବଳତା ପ୍ରତି ଆଖି ବୁଜିଦେବା ଯୋଗୁ ଏପରି ଘଟୁଛି। ପିଲାମାନଙ୍କୁ ସ୍ନେହଶ୍ରଦ୍ଧା କରିବା ସହିତ ଦୋଷ ପାଇଁ ଦଣ୍ଡ ଦେବା ମଧ୍ୟ ଉଚିତ। ଏଥିପାଇଁ ଚାଣକ୍ୟ କହିଛନ୍ତି- 'ଲାଳୟେତ୍ ପଞ୍ଚବର୍ଷାଣି ଦଶବର୍ଷାଣି ତାଡୟେତ୍, ପ୍ରାପ୍ତେ ତୁ ଷୋଡ଼ଶେ ବର୍ଷେ ପୁତ୍ରମ୍ ମିତ୍ରବଦାଚରେତ୍।' ଏହାର ଗୁରୁତ୍ୱ କେହି ଉପଲବ୍ଧି କରୁନାହାନ୍ତି।

ଦୁଷ୍ଟାମି ପାଇଁ ସେ ପିଲା ହେଉ କିମ୍ବା ବଡ଼ଲୋକ ସମସ୍ତେ ଏମାନଙ୍କୁ ଘୃଣା କରନ୍ତି। ଏମାନଙ୍କ ସହିତ କେହି କିଛି ସମ୍ପର୍କ ରଖିବାକୁ ପସନ୍ଦ କରନ୍ତିନି। ପିଲାଟି ହୋଇଥିଲେ ସ୍କୁଲରେ ସାଙ୍ଗସାଥୀଙ୍କ ମେଳରେ ମାଡ଼ଗାଳି ଓ ଭର୍ତ୍ସନାର ଶିକାର ହୁଏ। କେହି ତା'ସାଙ୍ଗରେ ସାଙ୍ଗ ନ ହେବା ଯୋଗୁ ସେ ଏକଘରିଆ ପ୍ରାୟ ହୋଇଯାଏ। ବଡ଼ ଲୋକଟିର ଦୁଷ୍ଟାମି ପାଇଁ ସେ ସଭାସମିତି ସବୁଠି ନିନ୍ଦିତ ହୁଏ। ଗର୍ହିତ ଅପରାଧ କରି ଦଣ୍ଡିତ ହୁଏ। ପିଲାଦିନୁ ଯଦି ଏଥିପ୍ରତି ଦୃଷ୍ଟି ଦିଆଯାଇଥାନ୍ତା ଏଭଳି ପରିସ୍ଥିତିକୁ ଏଡେଇ ଦିଆଯାଇ ପାରିଥାନ୍ତା। ପିଲାଦିନ ଜୀବନର ଏକ ଘଡିସନ୍ଧି ମୁହୂର୍ତ୍ତ। ଏହି ସମୟରେ ପିଲାଟିର ଚରିତ୍ର ଗଠନ ହୁଏ। କଥାରେ ଅଛି 'ଯାହା ନୋହିଛି ବାଳକାଳେ ତାହା କି ହେବ ପାଚିଲା ବାଳେ'। କାଦୁଅ ମେଞ୍ଚାଟିରେ ଯେକୌଣସି ମୂର୍ତ୍ତି ଗଢ଼ାଯାଇପାରେ। ମୂର୍ତ୍ତି ଗଢ଼ା ହୋଇ ଶୁଖି ସାରିଲା ପରେ ଏହାର କିଛି ପରିବର୍ତ୍ତନ କରିବାକୁ ଚେଷ୍ଟା କଲେ ସମ୍ଭବ ହୋଇପାରେନା। ଏଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ପିଲାଙ୍କର ଉତ୍ତମ ଦେଖାଶୁଣା କରିବା ସହିତ ସେ ଯେପରି ସାଙ୍ଗସାଥୀ ମେଳରେ ମିଶି ପଥଭ୍ରଷ୍ଟ ନ ହୁଏ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ଦରକାର।

ଆଜିର ପିଲାଏ ବସ୍ତୁବାଦୀ ହୋଇ ଉଠୁଛନ୍ତି। ମା'ବାପା ଓ ଅନ୍ୟ ଗୁରୁଜନମାନେ ପିଲାମାନଙ୍କର ସୁପରିଚାଳନା ଓ ସେମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହିତ ସେମାନଙ୍କ ମନରେ ଧର୍ମଶାସ୍ତ୍ରଗୁଡ଼ିକରେ ବର୍ଣ୍ଣିତ ପାପ ଓ ପୁଣ୍ୟ ଓ ଏହାର ଫଳାଫଳ ବିଷୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ। ଏହା ପିଲା ଉପରେ ନିଶ୍ଚିତ ଭଲ ପ୍ରଭାବ ପକାଇବ। ସେ ଜାଣିବ ଏ ଜନ୍ମରେ କେବଳ ପାପପୁଣ୍ୟର ଫଳାଫଳ ମିଳେନା, ସୁଦୂରପ୍ରସାରୀ ପୁଣ୍ୟ କାମ କରି ମଣିଷ ଜନ୍ମ ଜନ୍ମାନ୍ତରେ ସୁଖଶାନ୍ତି, ମାନସମ୍ମାନ, ଐଶ୍ୱର୍ଯ୍ୟ ଆଦି ବହୁ କିଛି ପାଏ। ସମାଜରେ ବହୁ ପ୍ରତିଷ୍ଠା ଲାଭକରି ନିଜର ନାଁ ବିକଶିତ କରିବା ସହିତ ଦେଶଜାତି ପାଇଁ ବହୁ ଗୌରବ ଆଣେ। ଅନ୍ୟପକ୍ଷରେ ପାପ କରି ଇହ ଜନ୍ମରେ ବହୁ ଦଣ୍ଡ ଦୁର୍ନାମ ପାଇବା ସହିତ ମଲା ପରେ ଯମଦଣ୍ଡ ଭୋଗ କରେ। ପର ଜନ୍ମରେ ନୀଚ ଘରେ ଜନ୍ମଲାଭ କରି ବହୁ ଦୁଃଖକଷ୍ଟ ପାଏ। ସେ ପୂର୍ବଜନ୍ମର କାମ ପାଇଁ ଟେକାର ଜବାବ ପଥରରେ ପାଏ। ଦୁଷ୍କର୍ମର ମାତ୍ରା ଅତ୍ୟଧିକ ଥିଲେ ମଣିଷ ଜନ୍ମ ନ ପାଇ କୀଟପତଙ୍ଗ ଜନ୍ମ ନେଇ ବହୁ ଦୁଃଖକଷ୍ଟ ପାଏ। ନାଳନର୍ଦ୍ଦମାରେ ତା'ର ଜୀବନ କଟେ। ଏସବୁ ବିଷୟରେ ପିଲାକୁ ସଚେତନ କରାଇପାରିଲେ ସେ ନିଶ୍ଚୟ କୌଣସି ଦୁଷ୍ଟ ଓ ପାପ କାମ ପାଇଁ ଭୟଭୀତ ହେବ, ସେ ଏପରି କାମ କରିବାରୁ ନିବୃତ୍ତ ହେବ।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା,
ମୋ-୯୪୩୯୮୭୯୦୨୨

## ଏଇ ଭାରତରେ

ଭାରତବର୍ଷରେ ଏପରି ସ୍ଥାନ ଅଛି ଯେଉଁଠି ପ୍ରତି ଘରେ ଜଣେ ମହିଳାଙ୍କର ରହିଛନ୍ତି ଏକାଧିକ ସ୍ୱାମୀ। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ମହାଭାରତରେ ଦ୍ରୌପଦୀଙ୍କ କଥା ସମସ୍ତେ ଅଳ୍ପବହୁତେ ଜାଣିଛନ୍ତି, ଯାହାଙ୍କର ୫ ଜଣ ସ୍ୱାମୀ ଥିଲେ। ହେଲେ ରାଜସ୍ଥାନ ଓ ମଧ୍ୟପ୍ରଦେଶ ସୀମାରେ ଥିବା ଏକ ଗାଁ ମୁରୈନାରେ ପ୍ରତି ମହିଳାଙ୍କର ଏକାଧିକ ସ୍ୱାମୀ ରହିଥିବା କଥା ଅନେକଙ୍କୁ ଜଣା ନ ଥିବ। ବିବାହିତ ମହିଳା ଜଣେ ଜଣେ ସ୍ୱାମୀଙ୍କ ନିକଟରେ ନିର୍ଦ୍ଦିଷ୍ଟ କିଛି ସମୟ ପର୍ଯ୍ୟନ୍ତ ରହିଥାଆନ୍ତି। ତେବେ ଏହି ପରମ୍ପରା ବେଶି ପୁରୁଣା ନୁହେଁ ବୋଲି କୁହାଯାଏ। କିଛି ବର୍ଷ ପୂର୍ବେ ଗାଁ ଲୋକେ ଏହି ପ୍ରଥା ପ୍ରଚଳନ କରିଛନ୍ତି। ଏହି ଗାଁରେ ଝିଅଙ୍କ ସଂଖ୍ୟା ଖୁବ୍ କମ୍। ତେଣୁ ପଞ୍ଚାୟତର ନିଷ୍ପତ୍ତିକ୍ରମେ ଯେଉଁ ଘରେ ଏକରୁ ଅଧିକ ପୁଅ ରହିଛନ୍ତି ସେମାନେ ଗୋଟିଏ ଝିଅକୁ ବିବାହ କରିବେ ଓ ସେହି ଝିଅ ଉପରେ ସମସ୍ତଙ୍କର ସମାନ ଅଧିକାର ରହିବ। ଜଣେ ଜଣେ ଯୁବତୀ ଏଠି ସର୍ବାଧିକ ୮ ଜଣ ସ୍ୱାମୀ ଗ୍ରହଣ କରିଥିବା ଦୃଷ୍ଟାନ୍ତ ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଗାଁର ଝିଅ ଅଥବା ପୁଅ ଅନ୍ୟ ଗାଁରେ ବିବାହ କରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି।

## ଚିରନ୍ତନୀ

ଦୁନିଆ ଭିତରେ ତୁମେଟି ଚାଲିବା ଜାଣ
ସେ ଯେଉଁ ଆଘାତେ ଥରି ଉଠେ ତବ ପ୍ରାଣ,
ବାଜେ ନାହିଁ ସେ ତ ପଶୁ ପକ୍ଷୀ ତରୁପରେ
ବାଜି ଉଠେ ଯାହା ମଣିଷ କୁଡିଆ ଘରେ।
(ତୁମେଟି ଚାଲିବା ଜାଣ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୭ ଜୁନ୍ ୧୯୯୪

- ଆଫଗାନିସ୍ତାନର ବିଦ୍ରୋହୀ ନେତା ଜେନେରାଲ ଅବଦୁଲ ରସିଦ ଦସ୍ତୁମର ବିମାନ ପକ୍ଷରୁ କାବୁଲ ସମେତ ହେରାନ ସହର ଉପରେ ପ୍ରବଳ ବୋମାମାଡ ହେବା ଫଳରେ ୫୦ ଜଣ ମୁଜାହିଦିନ ସୈନ୍ୟ ନିହତ।
- ଚାଇନା ଏୟାର ଲାଇନ୍ସର ଏକ ଯାତ୍ରୀବାହୀ ବିମାନ ନିଆନ ସହର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୬୦ ଯାତ୍ରୀ ପ୍ରାଣ ହରାଇଛନ୍ତି।
- ସିକିମର ୨୦ ଦିନ ପୁରୁଣା ସଞ୍ଚାମାନ ଲିମ୍ବୁଙ୍କ ମନ୍ତ୍ରିମଣ୍ଡଳ ରାଜ୍ୟ ବିଧାନସଭାରେ ଆଗତ ଆସ୍ଥା ଭୋଟରେ ବିଜୟୀ ହୋଇଛି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | | | 3 | 6 | | | | | 5 | C | E | | |
| E | | | | B | 0 | | 6 | 2 | | A | | C | | 7 |
| 6 | | 1 | | C | | B | | | | | 2 | 8 | | |
| | | | | | 7 | | | | | | | | | |
| 5 | 0 | | | | | 3 | C | | 6 | | B | 9 | | |
| | | A | 0 | | | | 9 | 8 | 7 | | | | 2 | |
| | | | 4 | | 5 | | | 7 | | | 1 | | | |
| | 5 | | 2 | | | 0 | | | | 8 | | | A | C |
| D | | 4 | | A | 9 | | | | B | C | | | E | |
| 1 | | B | | | | A | 3 | | | | | | | |
| | B | | | | | | | | 8 | | | | | |
| | D | 9 | | 6 | | 2 | 4 | E | 3 | | | | | 8 |
| | 3 | E | 1 | 9 | | 5 | | B | | | | 7 | | |
| | | 2 | | | 8 | | | | | | | 1 | | |
| C | | 6 | | | | | 8 | 3 | 9 | | 0 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 2 | 8 | 4 | 9 | 3 | 0 | B | C | 7 | 1 | E | D | 6 | 5 |
| 3 | 1 | B | 2 | 5 | D | 9 | A | 7 | 4 | 0 | 6 | C | 8 | E |
| E | 7 | 6 | 1 | 0 | C | 5 | 4 | 8 | 9 | B | D | 3 | 2 | A |
| C | 5 | 4 | 7 | B | 8 | E | D | 6 | 2 | A | 3 | 1 | 9 | 0 |
| 0 | 9 | D | E | 6 | A | 3 | 1 | 2 | 8 | 5 | C | 4 | B | 7 |
| 8 | 4 | E | 9 | 7 | 2 | 6 | 3 | A | 5 | D | B | 0 | 1 | C |
| B | 3 | C | 0 | 8 | 5 | D | 9 | 4 | E | 2 | 1 | 7 | A | 6 |
| 2 | D | 5 | A | E | 6 | B | C | 1 | 0 | 8 | 7 | 9 | 4 | 3 |
| 7 | 0 | A | 3 | 4 | 1 | 2 | 8 | E | C | 6 | 9 | B | 5 | D |
| 9 | 6 | 1 | D | C | B | 7 | 0 | 5 | 3 | 4 | A | 8 | E | 2 |
| 5 | 8 | 7 | C | 2 | 4 | A | 6 | B | D | 9 | 0 | E | 3 | 1 |
| 6 | B | 0 | 8 | A | E | C | 7 | 9 | 1 | 3 | 5 | 2 | D | 4 |
| 4 | E | 3 | 6 | D | 9 | 1 | 5 | 0 | B | 7 | 2 | A | C | 8 |
| 1 | C | 9 | 5 | 3 | 7 | 8 | 2 | D | A | E | 4 | 6 | 0 | B |
| D | A | 2 | B | 1 | 0 | 4 | E | 3 | 6 | C | 8 | 5 | 7 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜ୍ୟ ଓ ଦେଶବାସୀଙ୍କୁ ପ୍ରତାରଣା

ମହାଶୟ,

ବିଭିନ୍ନ ଦପ୍ତରରେ ପିଅନ, କିରାଣି ଏବଂ ଅଫିସରମାନେ ଉପର ହାକିମ ବା ମନ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବା ଲାଗି ଅନେକ ଅନୈତିକ କାର୍ଯ୍ୟ କରୁଛନ୍ତି। ଅନୈତିକ ଉପାୟରେ ଅର୍ଥ ଉପାର୍ଜନ କରି ମନ୍ତ୍ରୀ-ଅଫିସରଙ୍କୁ ଉପଢୌକନ ଦେଉଛନ୍ତି। ତା' ନ ହେଲେ ଚାକିରିକାଳ ସରିଯିବା ପରେ ପୁନର୍ନିଯୁକ୍ତି କେମିତି ମିଳୁଛି। ଚାକିରି କରିବାକୁ ବା ପଦୋନ୍ନତି ପାଇବାକୁ ଆଉ କ'ଣ ଯୋଗ୍ୟ ଲୋକ ମିଳୁନାହାନ୍ତି? ଏହାଦ୍ୱାରା ସରକାର ବେକାର ଯୁବକଙ୍କ ପ୍ରତି କେତେ ଅନ୍ୟାୟ କରୁଛନ୍ତି, ତାହା ବେଶ୍ ଅନୁମେୟ। ନିର୍ବାଚନ ପୂର୍ବରୁ ସରକାର ଗରିବ, ଖଟିଖିଆ ଏବଂ ଚାଷୀମାନଙ୍କ ପାଇଁ ଅନେକ ରୋଚକ ଯୋଜନା ପ୍ରସ୍ତୁତ କରି ଲୋକଙ୍କୁ ଅର୍ଥ ବାଣ୍ଟନ୍ତି। ରାଜ୍ୟ ସରକାର କାଳିଆ ଯୋଜନା କରି ପ୍ରତ୍ୟେକ ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଦେବାକୁ ଘୋଷଣା କଲେ। କେନ୍ଦ୍ର ସରକାର କିଷାନ ସମ୍ମାନ ନିଧି ଯୋଜନାରେ ବାର୍ଷିକ ୬ ହଜାର ଟଙ୍କା ଦେବାକୁ ଘୋଷଣା କଲେ। ଏ ଅର୍ଥ ସରକାରଙ୍କର ପୈତୃକ ସମ୍ପତ୍ତି ନୁହେଁ। ଟିକସଦାତାଙ୍କର ଅର୍ଥ। ଏହି ଅର୍ଥରେ ଜଳସେଚନ, ନଦୀବନ୍ଧ ଯୋଜନା, ବିହନ ବଣ୍ଟନ, ବଜାର ବା ଶୀତଳଭଣ୍ଡାରର ବ୍ୟବସ୍ଥା କରାଯାଇପାରନ୍ତା। ତାହା ନ କରି ଭୋଟ ହାତେଇବା ପାଇଁ ପ୍ରତିଯୋଗିତାମୂଳକ ଭାବେ ରାଜକୋଷକୁ ଖାଲି କରାଯିବା ମାନେ ରାଜ୍ୟ ଓ ଦେଶବାସୀଙ୍କୁ ପ୍ରତାରଣା କରାଯିବା।

ଅକ୍ଷୟ ମହାନ୍ତି, ତେନ୍ତୁଳିଆପଦା, ଜଗତ୍‌ସିଂହପୁର

### ରେଳ ସଂରକ୍ଷଣ ଆବେଦନପତ୍ର

ପୂର୍ବତଟ ରେଳପଥ ଦ୍ୱାରା ବଣ୍ଟାଯାଉଥିବା ସଂରକ୍ଷଣ/ବାତିଲ ଫର୍ମ ଠିକ୍ ରୂପେ ପଢ଼ିହେଉନାହିଁ। କାରଣ ଏହି ଆବେଦନପତ୍ର ଅତି ଛୋଟ, ନିମ୍ନମାନର କାଗଜରେ ଇଂଲିଶ ଏବଂ ଓଡ଼ିଆରେ ଏଭଳି ମୁଦ୍ରଣ ହୋଇଛି ଯେ, ଏହା ଦେଖିବା ଏବଂ ଜାଗା ଅଭାବ ଯୋଗୁ ଠିକ୍ ରୂପେ ପୂରଣ କରିବା ସମ୍ଭବ ହେଉନାହିଁ। ପୂର୍ବତଟ ରେଳପଥ ମୁଖ୍ୟ ଏହାର ପ୍ରତିକାର କରିବା ନିମନ୍ତେ ଅନୁରୋଧ।

କେ. ରବି, ଇ-୨୩୭, ଜିଜିପି କଲୋନୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ



## ଆଜି କ'ଣ କେଉଁଠି

**ସମ୍ବଲପୁର**
- ସୋମନାଥ ବାବାଙ୍କ ବରାତି, ବାଲିବନ୍ଧା, ରାତି ସାଢ଼େ ୮ଟା।
- ବାଲୁଙ୍କେଶ୍ୱର ବାବାଙ୍କ ବରାତି, ନନ୍ଦପଡା, ରାତି ୯ଟା।
- ଲୋକନାଥ ବାବାଙ୍କ ବରାତି, ଝାଡୁଆପଡା, ରାତି ସାଢ଼େ ୧୧ଟା।
- ଜାଗେଶ୍ୱର ବାବାଙ୍କ ବରାତି, ମୁଦିପଡା, ସାଢ଼େ ୧୧ଟା।
- ଶୀତଳେଶ୍ୱର ବାବାଙ୍କ ବରାତି, ରିଂ ରୋଡ ସ୍ଥିତ ମନ୍ଦିର ସମ୍ମୁଖ, ରାତି ୭ଟା।
- ଗୁପ୍ତେଶ୍ୱର ବାବାଙ୍କ ବରାତି, ଠାକୁର ପଡା, ରାତି ୯ଟା।
- ବୁଢ଼ାରଜା ମହାଦେବଙ୍କ ବରାତି, ବୁଢ଼ାରଜା, ରାତି ୮ଟା।

**ବୌଦ୍ଧ**
- ଶୀତଳ ଷଷ୍ଠୀ ଉତ୍ସବ, ମାତେଙ୍ଗେଶ୍ୱର ମନ୍ଦିର ଓ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା

**ପୁରୁଣାକଟକ**
- ଶିବ ବିବାହ ଉତ୍ସବ, ତିଳେଶ୍ୱର ଜଗନ୍ନାଥ ମନ୍ଦିର, ବୁରୁବୁଡା, ପୂର୍ବାହ୍ନ ୧୨.୩୦ରୁ ୨.୩୦ମଧ୍ୟେ।

**ବରପାଲି**
- ପାର୍ବତୀ ମଣ୍ଡପରେ ବିବାହ ଓ ହସ୍ତବନ୍ଧନ, ବରପାଲି କୁଷ୍ଠାପଡା, ଦିନ ସାଢେ ୧୨ଟା

**ବଲାଙ୍ଗୀର**
- ଜିଲାସ୍ତରୀୟ ଆମ୍ବ ମହୋତ୍ସବ ଉଦ୍‌ଘାଟନୀ, କୋଶଳ କଳାମଣ୍ଡଳ, ପୂର୍ବାହ୍ନ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




©Dharitri

# ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା, କମୁଛି ତାତି

## ଉପକୂଳ ସମେତ ୮ ଜିଲାକୁ ସତର୍କ ସୂଚନା

ଭୁବନେଶ୍ୱର, ୬।୬(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଛି। ଏଥିଯୋଗୁ ତାପମାତ୍ରାରେ ମଧ୍ୟ ହ୍ରାସ ଘଟିଛି। ତାତି ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଝାରସୁଗୁଡା, ସମ୍ବଲପୁର, ହୀରାକୁଦ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଉପରେ ରହିଥିବା ବେଳେ ରାଜ୍ୟର ଅନ୍ୟ ଭାଗରେ ୪୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗମନରେ ବିଳମ୍ବ ଦେଖାଦେଇଛି। ଚଳିତ ବର୍ଷ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ମଧ୍ୟ କମିଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ୧୩୫ ମିଲିମିଟର ବର୍ଷା ହେବା କଥା । ଏ ପର୍ଯ୍ୟନ୍ତ ମାତ୍ର ୧୦୧ ମିଲିମିଟର ପ୍ରାକ୍ ମୌସୁମୀ ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ମେଘୁଆ ରହିବା ସହିତ କେତେକ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉପକୂଳବର୍ତ୍ତୀ ଜିଲା ସମେତ ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି ଏବଂ ସୁନ୍ଦରଗଡ ଆଦି ଜିଲାର କେତେକ ସ୍ଥାନରେ ବଜ୍ରପାତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ପୁରୀରେ ୪୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୨୦, ବାରିପଦା ୫.୬, ଅନୁଗୋଳ ୩, ବାଲେଶ୍ୱର ୫.୪, ଚାନ୍ଦବାଲି ୩.୨, ପାରାଦୀପ ୯.୭ ଏବଂ ଭୁବନେଶ୍ୱରରେ ୮.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ୯୩୩୬ କୋଟି ଟଙ୍କା କ୍ଷତି ଆକଳନ

ଭୁବନେଶ୍ୱର,୬।୬(ବ୍ୟୁରୋ)

**'ଫନୀ'ର ଚୂଡ଼ାନ୍ତ ରିପୋର୍ଟ**
- ୬୬୪୩ କୋଟି ସାଧାରଣ ସମ୍ପତ୍ତି ବରବାଦ
- ଏନ୍‌ଡିଆରଏଫରୁ ରାଜ୍ୟ ସରକାର ମାଗିବେ ୫୨୨୭.୬୮ କୋଟି
- ୧୪ ଜିଲାର ୧.୬ କୋଟି ଲୋକ ପ୍ରଭାବିତ
- ୨୦ ହଜାର ଗ୍ରାମର ୫.୫୬ ଲକ୍ଷ ଘର ସମ୍ପୂର୍ଣ୍ଣ ନଷ୍ଟ
- ୬୪ ଜଣଙ୍କ ଜୀବନ ହାନି

ବାତ୍ୟା ଫନୀକୁ ମାସେ ପୂରିବା ପରେ ରାଜ୍ୟ ସରକାର କ୍ଷୟକ୍ଷତି ନେଇ ଗୁରୁବାର ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ବାତ୍ୟା ଯୋଗୁ ରାଜ୍ୟର ୧୪ଟି ଜିଲାର ୨୦,୩୬୭ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ୧ କୋଟି ୬ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୧.୮୮ ଲକ୍ଷ ହେକ୍ଟର ଚାଷ ଜମି ଉଜୁଡି ଯାଇଛି। ବାତ୍ୟା ମାଡରେ ୫,୫୬,୭୬୧ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୬୪ ଜଣ ଲୋକଙ୍କର ଜୀବନ ଯାଇଛି । ୧୨ ଜଣ ଗଭୀର ଭାବେ ଆହତ ହୋଇଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୬୫୯ ବଡ ପ୍ରାଣୀ, ୩୬୩୧ କ୍ଷୁଦ୍ର ପ୍ରାଣୀ ଏବଂ ୫୩,୨୬,୯୦୫ କୁକୁଡା, ବତକ ଆଦି ପକ୍ଷୀଙ୍କର ମୃତ୍ୟୁ ହୋଇଛି।

ଏହି ବାତ୍ୟାରେ ୬୬୪୩.୬୩ କୋଟି ଟଙ୍କାର ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହୋଇଛି। ରିଲିଫ ଓ ପୁନରୁଦ୍ଧାର ପାଇଁ ୨୬୯୨.୬୩ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ଏ ଦୁଇଟିକୁ ମିଶାଇଲେ ୯୩୩୬ କୋଟି ଟଙ୍କାର କ୍ଷତି ହୋଇ ଥିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ)/ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆରଏଫ୍) ନିୟମ ଅନୁଯାୟୀ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୫୨୨୭.୬୮ କୋଟି ଟଙ୍କାର ସହାୟତା ନିଆଯାଇ ପାରିବ । ଏଥିପାଇଁ ଏନ୍‌ଡିଆରଏଫରୁ ରାଜ୍ୟରେ ଚାଲିଥିବା ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୫୨୨୭.୬୮ କୋଟି ଟଙ୍କା ସହାୟତା କେନ୍ଦ୍ର ସରକାରଙ୍କୁ ମାଗିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୧୩୫୭.୧୪ କୋଟି ଟଙ୍କା ବ୍ୟୟ କରିଥିବା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି। ଖୁବଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ଗତ ମେ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ରାଜ୍ୟ ସରକାର ମେ ୧୨ରୁ ୧୫ ତାରିଖ ମଧ୍ୟରେ ବାତ୍ୟା ଅଞ୍ଚଳ ପରିଦର୍ଶନ କରିବାକୁ ଆସିଥିବା କେନ୍ଦ୍ରୀୟ ଟିମ୍‌କୁ ଏକ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ବାତ୍ୟା ଫନୀ ଯୋଗୁ ୧୪ଟି ଜିଲାର ୧୮,୩୮୮ ଗ୍ରାମର ୧.୫ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ୫ ଲକ୍ଷ ଘର ନଷ୍ଟ ହୋଇଥିବା ଦର୍ଶାଇଥିଲେ। ସେହିପରି ୬୪ ଜଣ ଲୋକଙ୍କର ଜୀବନ ଯାଇଥିବା ବେଳେ ୧୨000 କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଟିମ୍‌କୁ ଜଣାଇଥିଲେ।

# ଶୃଙ୍ଖଳିତ ରଥଟଣା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୬।୬

ଆସନ୍ତା ୧୭ତାରିଖରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଏବଂ ଜୁଲାଇ ୪ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏ ନେଇ ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧକ୍ଷତାରେ ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନ ଶୃଙ୍ଖଳା, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ ଆଦି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ରଥଯାତ୍ରାରେ ୧୫୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ୩ ୟୁନିଟ୍ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍, ୨କମ୍ପାନୀ ଲେଖାଏ ରାପିଡ୍ ଆକ୍ସନ ଫୋର୍ସ, ସୁଇଫ୍ଟ ଆକ୍ସନ ଫୋର୍ସ ମୁତୟନ ରହିବେ। ସେହିଭଳି ତଟ ସୁରକ୍ଷା ଓ ରେଳପଥ ସୁରକ୍ଷା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଚଳିତ ରଥଯାତ୍ରାରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତାହାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ରଥଟଣା ଓ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

# ଗୁଳିମାଡ଼ରେ ବ୍ୟବସାୟୀ ଗୁରୁତର

ଚିକିଟି,୬।୬(ଡି.ଏନ.ଏ.)

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ବୀରସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଜଣେ ବ୍ୟବସାୟୀଙ୍କୁ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଗୁଳିମାଡ଼ ହୋଇଛି। ସେ ହେଲେ ସୁବାସ ଚନ୍ଦ୍ର ପଣ୍ଡା। ତାଙ୍କ ମୁହଁରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

ପ୍ରକାଶ ଯେ, ସୁବାସ ବ୍ରାହ୍ମଣମାନଙ୍କଠାରୁ ଚାଉଳ ଓ ଲୁଗା କିଣି ବ୍ୟବସାୟ କରନ୍ତି। ତାଙ୍କର କାହା ସହିତ ଶତ୍ରୁତା ନ ଥିଲା। ଗୁରୁବାର ସନ୍ଧ୍ୟାରେ ସେ ଗାଁ ଛକକୁ ଆସି ଠିଆ ହୋଇଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ଏକ ବାଇକରେ ଆସି ହଠାତ ତାଙ୍କ ଉପରକୁ ଗୁଳିମାଡ଼ କରି ପଳାଇଥିଲେ। ଗୁଳି ସୁବାସଙ୍କ ମୁହଁରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଖବରପାଇ କେ.ନୂଆଗାଁ ଥାନା ଅଧିକାରୀ ମାଧବାନନ୍ଦ ନାୟକ, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗୁଳିମାଡର ପ୍ରକୃତ କାରଣ ଜଣାପଡିନି। ଏହା ପଛରେ ବ୍ୟବସାୟିକ ଶତ୍ରୁତା ଥିବା ଅନୁମାନ କରାଯାଇଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଏସ୍‌ଡିପିଓ କହିଛନ୍ତି ।

## ଲୋକ ସଭା ଉପବାଚସ୍ପତି ପଦ

# ବିଜେଡି ନାଁ ଚର୍ଚ୍ଚାକୁ ଶିବସେନାର ବିରୋଧ

ଭୁବନେଶ୍ୱର,୬।୬(ବ୍ୟୁରୋ)

ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ବିପୁଳ ସଫଳତା ମିଳିବା ପରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶପଥପାଠ ପରେ ଭାଜପା ସମେତ ସହଯୋଗୀ ଦଳଗୁଡିକର ନେତାଙ୍କୁ ବିଭିନ୍ନ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ସପ୍ତଦଶ ଲୋକ ସଭାର ଗୃହ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା ପାଇଁ ଆଗକୁ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ବଛାଯିବ। ଏହି ଦୁଇ ମର୍ଯ୍ୟାଦାଜନକ ପଦରେ କେଉଁ ଦଳର ନେତା ଉପସ୍ଥାପିତ ହେବେ, ତାକୁ ନେଇ ଆରମ୍ଭ ହୋଇଯାଇଛି ଅଙ୍କକଷା। ଏହି ପରିପ୍ରେକ୍ଷୀରେ ନିମ୍ନ ସଦନରେ ବିଜେଡି ସଦସ୍ୟ ଭର୍ତ୍ତୃହରି ମହତାବଙ୍କ ନାମ ଉପବାଚସ୍ପତିପଦ ପାଇଁ ଚର୍ଚ୍ଚା ଜୋର ଧରିଥିବା ବେଳେ ଆପତ୍ତି ଉଠାଇଛି ଏନ୍‌ଡିଏ ସହଯୋଗୀ ଶିବସେନା।

ସଂଖ୍ୟାବଳକୁ ଦେଖିଲେ ବାଚସ୍ପତି ପଦ ସରକାରୀ ଦଳ ପାଖରେ ରହିବା ନିଶ୍ଚିତ। ବର୍ତ୍ତମାନ ଏପରି ସ୍ଥିତି ରହିଛି ଯେ, ଭାଜପା ଚାହିଁଲେ ଉପବାଚସ୍ପତି ପଦ ରଖିପାରିବ। ହେଲେ ଉପବାଚସ୍ପତି ପଦ ବିରୋଧୀ ଦଳକୁ ଦିଆଯିବାର ନଜିର ରହିଛି। ତେଣୁ କିଛି ଦିନ ହେବ ଉପବାଚସ୍ପତି ପଦ ନେଇ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନାଁ ଚର୍ଚ୍ଚାକୁ ଆସିଛି। ହେଲେ ବିଜେଡି ପକ୍ଷରୁ ଭର୍ତ୍ତୃହରିଙ୍କ ନାଁ ନେଇ କୌଣସି ନିଷ୍ପତ୍ତି ନିଆଯିବା ଦୂରର କଥା, କୌଣସି ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରାଯାଇନାହିଁ। ଏ ସମ୍ପର୍କିତ ସମସ୍ତ ନିଷ୍ପତ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେବେ ବୋଲି କହି ଅନ୍ୟ ନେତା ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି। ହେଲେ ଘଟଣାକ୍ରମରେ ଏନ୍‌ଡିଏ ଅଂଶୀଦାର ଶିବସେନା ବିଜେଡି ନାଁ ଉପବାଚସ୍ପତି ଚର୍ଚ୍ଚାକୁ ସହଜରେ ନେଇନାହିଁ। ଦଳ ପକ୍ଷରୁ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଶିବସେନାର ବରିଷ୍ଠ ନେତା ତଥା ଦଳର ପ୍ରମୁଖ ମୁଖପାତ୍ର ସଞ୍ଜୟ ରାଉତ କହିଛନ୍ତି ଯେ, ଏନ୍‌ଡିଏରେ ସାମିଲ ଥିବା ଶିବସେନାର ୧୮ ଏମ୍‌ପି ଜିତିଛନ୍ତି। କ୍ଷମତାସୀନ ମେଣ୍ଟର ଦ୍ୱିତୀୟ ବୃହତ୍ତମ ଦଳ ହୋଇଥିବାରୁ ଉପବାଚସ୍ପତି ପଦ ସ୍ୱାଭାବିକ ଭାବେ ଶିବସେନାକୁ ଯିବା ଉଚିତ। ନଚେତ ଏନ୍‌ଡିଏର ଅନ୍ୟ କୌଣସି ସହଯୋଗୀଙ୍କୁ ଏହି ପଦ ମିଳିବା ଉଚିତ। ସାଧାରଣ ନିର୍ବାଚନରେ ବିଜେଡି ଏନ୍‌ଡିଏ ବିପକ୍ଷରେ ଲଢିଥିବାରୁ ଉପବାଚସ୍ପତି ପଦ ଯିବାର କୌଣସି କାରଣ ନ ଥିବା ସଞ୍ଜୟ କହିଛନ୍ତି। ଶିବସେନା ପକ୍ଷରୁ ଏପରି ମନ୍ତବ୍ୟ ଆସିବା ପରେ ରାଜ୍ୟ ରାଜନୀତିରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ହେଲେ ଶାସକ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଏନେଇ ଭାଜପା ପକ୍ଷରୁ ମାପିଚୁପି ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଜାତୀୟସ୍ତରରେ ଦଳର ଶୀର୍ଷ ନେତୃତ୍ୱ ଏନେଇ ନିଷ୍ପତ୍ତି ନେବେ। କୌଣସି ଚର୍ଚ୍ଚାକୁ ଆଧାର କରି ମତାମତ ଦେବା ଉଚିତ ନୁହେଁ।

## ଓର୍‌ମାସ୍ ଆମ୍ବ ମେଳା

# ୫ ଦିନରେ ୩୬ ମେଟ୍ରିକ୍ ଟନ୍ ଆମ୍ବ ବିକ୍ରି

ଭୁବନେଶ୍ୱର,୬।୬(ବ୍ୟୁରୋ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓର୍‌ମାସ୍ ତରଫରୁ ଭୁବନେଶ୍ୱରରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ଆମ୍ବ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୫ ଦିନ ଧରି ଚାଲିଥିବା ଏହି ମେଳାରେ ଚଳିତବର୍ଷ ୩୬ ମେଟ୍ରିକ୍ ଟନ୍‌ର ଆମ୍ବ ବିକ୍ରି ହୋଇଥିବା ବେଳେ ୧୯ ଲକ୍ଷରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଯାପନୀ ସଭାରେ ଓର୍‌ମାସ୍‌ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ୱୟଂପ୍ରଭା ମହାନ୍ତି ମେଳାରେ ଯୋଗଦେଇଥିବା ଆମ୍ବ ଉତ୍ପାଦକ ଗୋଷ୍ଠୀ ତଥା ଆମ୍ବ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ମହେଶ୍ୱର ପାଣିଗ୍ରାହୀ ଚାଷୀଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ସପୁରୀ, ପିଜୁଳି ଆଦି ଫଳକୁ ନେଇ ଏଭଳି ମେଳା ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ଜୁନ୍ ୧ରେ ଏହି ମେଳାକୁ ଉଦ୍‌ଘାଟନ କରିବା ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଆମ୍ବ ଷ୍ଟଲ୍ ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ଫଳ ଚାଷୀ ତଥା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ଉପଯୁକ୍ତ ବଜାର ସୁବିଧା ଯୋଗାଇଦେବା ପାଇଁ ଓର୍‌ମାସ୍ ତରଫରୁ ସବୁ ଜିଲା ମୁଖ୍ୟାଳୟରେ ଅତ୍ୟାଧୁନିକ ବିକ୍ରୟ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଚାଷୀ ଓ ଉତ୍ପାଦକ ଗୋଷ୍ଠୀମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ସେ କହିଥିଲେ। ୟୁନିଟ୍ ୮ ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ୍‌ରେ ଆୟୋଜିତ ମେଳା ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଓଡ଼ିଶାର ୯ଟି ଜିଲାରୁ ଆମ୍ବଚାଷୀ ଓ ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିଲେ।

## ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର, ୬।୬(ବ୍ୟୁରୋ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଜଣେ ଅଷ୍ଟଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ନେଇ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରାକାଶ ପାଇଥିବା ବେଳେ ଗୁରୁବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ତୁରନ୍ତ ରାଜ୍ୟ ଶାସନ ସଚିବଙ୍କୁ ପକ୍ଷ କରିବା ସହ ଜାତୀୟ ମାନବିକ ଅଧିକାର ନିୟମ ଅନୁଯାୟୀ ପୀଡିତାଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବା ଓ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ନିର୍ଦ୍ଦେଶ ଦେବାକୁ ହିମାଂଶ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ଏହାକୁ ଏନ୍‌ଏଚ୍‌ଆର୍‌ସି ଗୁରୁତ୍ୱର ସହ ଗ୍ରହଣ କରିବା ସହ ଏଭଳି ଘଟଣା ଓଡ଼ିଶାରେ ବାରମ୍ବାର ଘଟୁଥିବାରୁ ରାଜ୍ୟ ପୋଲିସ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୮ମାସ ତଳେ ନାବାଳିକା ସ୍କୁଲକୁ ଯାଉଥିବା ସମୟରେ ଅଭିଯୁକ୍ତ ଜଣକ ନାବାଳିକା ଛାତ୍ରୀଙ୍କୁ ଏକୁଟିଆ ପାଇ ଜୋରଜବରଦସ୍ତ ନିକଟ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ଏଥିସହ କାହା ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ମଧ ଦେଇଥିଲେ। ଭୟରେ ନାବାଳିକା ଜଣଙ୍କ କାହାକୁ କିଛି କହି ନ ଥିଲେ। କିଛିଦିନ ପରେ ନାବାଳିକାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ମେଡିକାଲକୁ ନେଇଯାଇଥିଲେ। ପରୀକ୍ଷାନିରୀକ୍ଷା ପରେ ସେ ଗର୍ଭବତୀ ଥିବା ଡାକ୍ତର କହିଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଘରକୁ ଆଣି ପଚରାଉଚରା କରି ସବୁକଥା ଜାଣିବା ପରେ ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ-୫୪/୧୯ରେ ମାମଲା ରୁଜୁ କରି ଡଡମାହା ଗ୍ରାମର ଜିରିମୟ ପ୍ରଧାନକୁ ଗିରଫ କରିଥିଲା।


**RAVENSHAW UNIVERSITY**
**(NAAC Accreditation: 'A' Grade)**
**CUTTACK- 753003, ODISHA**

**P.G. / M.Phil. / Ph.D. ADMISSION ANNOUNCEMENT 2019-20**

Online Applications are invited for admission into different **P.G./ M.Phil./Ph.D.** Programmes for the session 2019-20. Candidates are advised to visit our website 'www.ravenshawuniversity.ac.in' and click on the link 'ADMISSION-2019' for the admission procedure. **The last date of online submission of application is 22 June 2019**.

Online application forms for different **UG Courses** for the session 2019-20 will be available in the same link after the publication of results of examinations of all streams – Arts, Science and Commerce of CHSE, Odisha.

**Admission Entrance Examinations to different PG / M.Phil. / Ph.D. Programmes will be held from 03.07.2019 to 13.07.2019.**

**For details, please visit 'www.ravenshawuniversity.ac.in'.**

*No.1943/Dt.06.06.2019* Registrar



**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 315 of 2018**

**IDBI Bank Limited, Joda Branch,**
At/P.O.: Joda, Dist.: Keonjhar ..Applicant
AND
**M/s. Steel & Structure and others** ...Defendants

To
1. **M/s. Steel & Structure,** At: Dushasan Sahoo Complex, Flat No.: 103, At/P.O.: Joda, Near Laxmi Padia, Dist.; Keonjhar-758034, Represented through its **Proprietress Mrs. Pranamita Sahoo.**
2. **Mrs. Pranamita Sahoo,** W/o- Ashok Kumar Sahoo, At: Baneikala (Ajad Basti), P.S./ GP/Town: Joda, Dist.: Keonjhar, PIN-758034.
3. **Sri Ashok Kumar Sahoo,** S/o- Prafulla Kumar Sahoo, At: Baneikala (Ajad Basti), P.S./GP/Town: Joda, Dist.: Keonjhar, PIN-758034.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 315/2018** in the Court of Debts Recovery Tribunal at Cuttack for a recovery of **Rs.11,03,963.00** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **08th day of July 2019 at 10.30A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **30th day of May 2019.**

**Sd/- Registrar**
**Debts Recovery Tribunal**



**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

Advt. No. 1355 **In-House Recruitment** Date: 06.06.2019

Applications are invited only from the contractual employees of National Health Mission working in the same post under OSH&FW Society in other districts against the vacant posts as mentioned below:

| S.N. | Name of the Post | No. of Vacancy |
|---|---|---|
| 1 | M.O. (SNCU) | 2 |
| 2 | Accountant | 1 |
| 3 | M.O., Ayush | 2 |
| 4 | Social Worker, (RBSK & NTCP) | 1 |
| 5 | Pediatrician-DEIC | 1 |
| 6 | MO MBBS-DEIC | 1 |
| 7 | Dental Technician-DEIC | 1 |
| 8 | DEO-SNCU | 1 |
| 9 | RBSK-MHT-AYUSH M.O. | 5 Homoeopathic (Male)-02, Homoeopathic (Female)-03 |
| 10 | RBSK-MHT-Pharmacist | 3 |
| 11 | RBSK-MHT-Staff Nurse | 4 |
| 12 | Psychiatric Social Worker-NMHP | 1 |
| 13 | Psychiatric Nurse-NMHP | 1 |
| 14 | Ophthalmic Assistant | 1 |
| 15 | DEO-IDSP | 1 |
| 16 | DEO-NVBDCP | 1 |
| 17 | PPM Coordinator (RNTCP) | 1 |
| 18 | STS-RNTCP | 1 |
| 19 | STLS-RNTCP | 1 |

Interested candidates may log on to www.dhenkanal.nic.in for details (terms and conditions & application form etc.). Eligible candidates for the above post, who are interested, may apply in the prescribed form to the office of the Chief District Medical & Public Health Officer-cum-District Mission Director, Dhenkanal by 20.06.2019, 5PM. Applications received after the due date will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district website. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any postal delay.

*Sd./- Chief District Medical & PH Officer, Dhenkanal*



**ଋଣ ଅସୁଲି ପ୍ରାଧିକରଣ**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା
**ସମ୍ପତ୍ତି ନିଲାମ ବିଜ୍ଞପ୍ତି**
ଆର୍.ପି. ନଂ. ୬୨/୨୦୧୪/କଟକ
(୨୦୧୩ର ଓଏ ନଂ. ୯୩ ରୁ ଉଦ୍ଧୃତ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏସ୍‌ଏମ୍‌ଇ ଶାଖା, ବଡବିଲ, କେନ୍ଦୁଝର .......ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
ଶ୍ରୀ କିଶୋର କାଲରା ଏବଂ ଅନ୍ୟମାନେ .......ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି"** ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ/ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା୧୧.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ରାଶି |
|---|---|---|---|---|
| ୧. ଜିଲ୍ଲା: କେନ୍ଦୁଝର, ଏସଆର/ତହସିଲ/ଥାନା: ବଡବିଲ, ଥାନା ନଂ.: ୧୯, ଗ୍ରାମ/ମୌଜା: ବାଲାଗୋଡ଼ା, ଖାତା ନଂ.: ୯୦/୧୭, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୯୦/୨୪, ପ୍ଲଟ୍ ନଂ.: ୬୯୪/୧୨୯୬, କ୍ଷେତ୍ର: ଏକର୦.୮୦ଡିସିମିଲିରୁ ଏକର୦.୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ରହ୍ଲାଦ ଚନ୍ଦ୍ର ଦାସ, ଦକ୍ଷିଣ: ବାଜ ମହାକୁଡ, ପୂର୍ବ: ଗୌରାଙ୍ଗ ମହାକୁଡ, ପଶ୍ଚିମ: ଚନ୍ଦ୍ରମଣି ମହନ୍ତ | ଟ.୩,୬୦,୦୦୦/- (ତିନି ଲକ୍ଷ ଷାଠିଏ ହଜାର ଟଙ୍କା ମାତ୍ର) | ଟ.୧୮,୦୦୦/- (ଅଠର ହଜାର ଟଙ୍କା ମାତ୍ର) | ୧୧.୦୭.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧)୧୫.୦୭.୨୦୧୯ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫(ପାଞ୍ଚ) ମିନିଟ୍ ବର୍ଦ୍ଧିତ ସମୟ ସହିତ ୨)ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |
| ୨. ଜିଲ୍ଲା: କେନ୍ଦୁଝର, ଏସ୍‌ଆରଓ/ତହସିଲ/ଥାନା: ବଡବିଲ, ଗ୍ରାମ/ମୌଜା: ବେଲକୁଣ୍ଡି ୟୁନିଟ୍ ନଂ. ୪, ଖାତା ନଂ.: ୪୫, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୭୭/୪୩, ପ୍ଲଟ୍ ନଂ.: ୮୯୩, ଅନୁରୂପ ମ୍ୟୁଟେଟେଡ଼ ପ୍ଲଟ୍ ନଂ.: ୮୯୩/୧୩୦୭, କ୍ଷେତ୍ର: ଏକର୦.୮୪୩ ଡିସିମିଲିରୁ ଏକର ୦.୧୮୫ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିବୁ ବାନାର୍ଜୀ, ଦକ୍ଷିଣ: ଶିବୁ ବାନାର୍ଜୀ, ପଶ୍ଚିମ: ଗ୍ରାମ୍ୟ ରାସ୍ତା | ଟ.୫,୫୫,୦୦୦/- (ପାଞ୍ଚ ଲକ୍ଷ ପଞ୍ଚାବନ ହଜାର ଟଙ୍କା ମାତ୍ର) | ଟ.୨୭,୭୫୦/- (ସତେଇଶ ହଜାର ସାତ ଶହ ପଚାଶ ଟଙ୍କା ମାତ୍ର) | | |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ **drt.auctiontiger.net** ଏବଂ **https://tenders.gov.in** କିମ୍ବା **ତା୧୧.୦୭.୨୦୧୯ରିଖ ଅପରାହ୍ନ ୫.୦୦** ଘଟିକା ପର୍ଯ୍ୟନ୍ତ **ମୁଖ୍ୟ ପ୍ରବନ୍ଧକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୧୦୧୦, ଯୋଗାଯୋଗ ବ୍ୟକ୍ତି: ଶ୍ରୀ ପ୍ରଦୀପ୍ତ କୁମାର ଜେନା, ମୋବାଇଲ ନଂ. ୯୪୩୭୪୯୯୦୭୪** ଙ୍କ ଠାରେ ଯେକୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **"THE RECOVERY OFFICER, Debts Recovery Tribunal, Cuttack"**ଙ୍କ ନାମରେ ଓ **କଟକଠାରେ** ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttackଙ୍କ ସପକ୍ଷରେ **RP No.: 62/2014/CTC**" ଆକାଉଣ୍ଟ ନଂ.: **୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059** ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା୧୧.୦୭.୨୦୧୯ରିଖ** ପର୍ଯ୍ୟନ୍ତ **ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: **ro1drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା୧୧.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍: **(କ) ସଠିକ୍ ଭାବେ ପୂରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୂରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।**

**ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଅପଲୋଡ କରିବାକୁ ଅନୁରୋଧ।**

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା୧୭.୦୫.୨୦୧୯ରିଖରେ ଆଦିଷ୍ଟ। ସ୍ୱା/-(ଆର୍.ପି. ପଟ୍ଟନାୟକ)
ଋଣ ଅସୁଲି ଅଧିକାରୀ

## ସଂକ୍ଷେପରେ

### ପାଣି ପାଇଁ ଧାରଣା ବେଳେ ମାରପିଟ୍

**ବସ୍ତା, ୬।୬(ସ୍ୱ.ପ୍ର):** ବସ୍ତା ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ଚାଷୀପଡା ଗ୍ରାମରେ ପାଣି ପାଇଁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ଘଟି ୨ ଆହତ ହୋଇଛନ୍ତି। ସେମାନେ ବସ୍ତା ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ଏନେଇ ଆହତଙ୍କ ପକ୍ଷରୁ ବସ୍ତା ଥାନାରେ ଲିଖିତ ଅଭିଯୋଗ ହୋଇଛି । ଏହି ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘ ଦିନ ଧରି ଅଚଳ ଥିବା ଯୋଗୁ ଗ୍ରାମବାସୀ ପାନୀୟ ଜଳ ପାଇବାରୁ ବଞ୍ଚିତ ହେବା ସହ ଏ ସଂକ୍ରାନ୍ତରେ ସରପଞ୍ଚଙ୍କୁ ଜଣାଇ ଆସୁଥିଲେ। ମାତ୍ର ସମସ୍ୟାର ସମାଧାନ ନ ହେବାରୁ ଗୁରୁବାର ଗ୍ରାମବାସୀ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ । ବସ୍ତା ଏବିଡିଓ, ଭିଏଲଡବ୍ଲ୍ୟୁ, ପୋଲିସ ତଥା ସରପଞ୍ଚ ସେଠାରେ ପହଞ୍ଚି ଲୋକଙ୍କ ସହିତ ଆଲୋଚନା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ମାତ୍ର ସ୍ଥାନୀୟ ଶାଳବଣି ଗ୍ରାମର ରଘୁନାଥ ସାହୁ ଏବଂ ପଣସାପଡା ଗ୍ରାମର ପ୍ରଦୀପ ରାଉତ, ଦୀପକ ରାଉତ ଓ ସୁଜିତ କୁମାର କାମିଲା ଏକାଠି ହୋଇ ବିଭିନ୍ନ ମାରଣାସ୍ତ୍ର ଧରି ଧାରଣାରେ ଯୋଗଦେଇଥିବା ପରମାନନ୍ଦ କାମିଳାଙ୍କ ଘରେ ପଶି ତାଙ୍କୁ ମାଡ ମାରିଥିଲେ । ପରମାନନ୍ଦଙ୍କ ସ୍ତ୍ରୀ ଓ ତାଙ୍କ ମା' ଆକ୍ରମଣକାରୀଙ୍କଠାରୁ ପରମାନନ୍ଦଙ୍କୁ ଛଡାଇବାକୁ ଆସି ସେମାନେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଫଳରେ ପରମାନନ୍ଦ ଓ ତାଙ୍କ ମା' ବାସନ୍ତୀ ଆହତ ହୋଇଥିଲେ । ଏ ନେଇ ପରମାନନ୍ଦ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଜାରି ରଖିଛି । ଖବର ଲେଖାହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନାହିଁ।

### ୯ରେ କେନ୍ଦ୍ରମନ୍ତ୍ରୀ ପ୍ରତାପଙ୍କ ନୀଳଗିରି ଗସ୍ତ

**ସଜନାଗଡ଼, ୬।୬(ଡି.ଏନ.ଏ.):** ଆସନ୍ତା ୯ ତାରିଖରେ ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ର କ୍ଷୁଦ୍ର ଓ ମଧ୍ୟମଶିଳ୍ପ, ପ୍ରାଣୀ ସମ୍ପଦ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଥମ ଥର ନୀଳଗିରି ଗସ୍ତରେ ଆସିବେ। ୮ ତାରିଖରେ ସେ ଦିଲ୍ଲୀରୁ ଫେରି ପୁରୀ ଯାଇ ଶ୍ରୀଜଗନ୍ନାଥ ଦର୍ଶନ କରିବେ। ସେଦିନ ଭୁବନେଶ୍ୱରରେ ରାତ୍ରିଯାପନ କରିବେ। ୯ ତାରିଖ ପୂର୍ବାହ୍ଣରେ ବାଲେଶ୍ୱରସ୍ଥିତ କାର୍ଯ୍ୟାଳୟରେ ପହଞ୍ଚ ଅପରାହ୍ଣରେ ନୀଳଗିରି ଜଗନ୍ନାଥ ମନ୍ଦିର ଏବଂ ସଜନାଗଡ଼ ଭୁଧାରଚଣ୍ଡୀ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି।। ନୀଳଗିରି ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ ସମର୍ଥକ, ପ୍ରଶଂସକ, କର୍ମକର୍ତ୍ତା, ଜନସାଧାରଣ ଏବଂ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

### ୭ ଦିନ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ବାଲିଆପାଳ, ୬।୬(ଡି.ଏନ.ଏ.):** ବାଲିଆପାଳ ଅଞ୍ଚଳର ଜଣେ ଖବରଦାତା ପ୍ରତାପ ଚନ୍ଦ୍ର ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ସୌମ୍ୟଦୀପ ଚକ୍ରବର୍ତ୍ତୀଙ୍କୁ ଗୁରୁବାର ବାଲିଆପାଳ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏହି ମାମଲାରେ ପୂର୍ବରୁ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶୁକ୍ରବାର ବାଲିଆପାଳ ଥାନା ଆଗରେ ଜିଲାର ସମସ୍ତ ଖବରଦାତା ଧାରଣାରେ ବସିବେ ବୋଲି ଜଣାଇଛନ୍ତି।

ଗତ ୩୦ ତାରିଖରେ ଖବରଦାତା ପ୍ରତାପ ପାତ୍ର ରାତିରେ ନିଜ ଘର ଡାଲୁଆ-୨କୁ ଫେରୁଥିଲେ। ବାଲିଆପାଳ କର୍ମଦା ରାସ୍ତାର ଗଡାପୋଲଠାରେ ୫ ଜଣ ଦୁର୍ବୃତ୍ତ ତାଙ୍କ ଗାଡି ଅଟକାଇ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଜଳେଶ୍ୱର ଅନ୍ତର୍ଗତ ଗଡସାହି ବାଲିଆପାଳ ନିକଟ ବାଲିକବାଡ ବାଲିଖାଦାନର ଜଣେ ଲିଜ୍‌ଧାରୀଙ୍କ ଇଙ୍ଗିତରେ ଦୁର୍ବୃତ୍ତମାନେ ପ୍ରତାପଙ୍କୁ ଆକ୍ରମଣ କରିଥିବା ଏତଲାରେ ଦର୍ଶାଯାଇଛି। ଏବେ ପ୍ରତାପ ବାଲେଶ୍ୱର ସଦର ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପରାଜିତଙ୍କୁ...

ବାକି ଥିବାରୁ ସେମାନଙ୍କ ସ୍ଥାନରେ ଉଚ୍ଚ ସଦନକୁ ଯିବା ପାଇଁ ବିଜେଡିର ପରାଜିତ ପ୍ରାର୍ଥୀମାନେ ସବୁ ମହଲରେ ଲବି ଆରମ୍ଭ କରିଦେଲେଣି। ସେମାନେ ହେଉଛନ୍ତି–ପୁରୀ ବିଧାନସଭାରୁ ହାରିଥିବା ମହେଶ୍ୱର ମହାନ୍ତି, ବ୍ରହ୍ମଗିରିରୁ ସଞ୍ଜୟ ଦାସବର୍ମା, ସମ୍ବଲପୁରରୁ ରାସେଶ୍ୱରୀ ପାଣିଗ୍ରାହୀ, କଟକ–ବାରବାଟୀରୁ ଦେବାଶିଷ ସାମନ୍ତରାୟ ପ୍ରମୁଖ। ସେହିପରି ଲୋକ ସଭା ଆସନରେ ପରାଜିତ ପ୍ରାର୍ଥୀମାନଙ୍କ ମଧ୍ୟରୁ ବାଲେଶ୍ୱରରୁ ରବୀନ୍ଦ୍ର ଜେନା, ବଲାଙ୍ଗୀରରୁ କଳିକେଶ ନାରାୟଣ ସିଂଦେଓ, ସମ୍ବଲପୁରରୁ ନଳିନୀକାନ୍ତ ପ୍ରଧାନ, ଭୁବନେଶ୍ୱରରୁ ଅରୂପ ପଟ୍ଟନାୟକ ଏବଂ କଳାହାଣ୍ଡିରୁ ପୁଷ୍ପେନ୍ଦ୍ର ସିଂଦେଓ ପ୍ରମୁଖ। ସେହିପରି ବରଗଡ଼ରୁ ହାରିଥିବା ପ୍ରସନ୍ନ ଆଚାର୍ଯ୍ୟ ଏବଂ ବାରିପଦା ବିଧାନସଭାରୁ ହାରିଥିବା ସରୋଜିନୀ ହେମ୍ବ୍ରମ୍ ଏବେ ବି ରାଜ୍ୟ ସଭାର ସଦସ୍ୟ ଅଛନ୍ତି। ତେଣୁ ତାଙ୍କୁ ଥଇଥାନ କରିବାର ଆବଶ୍ୟକତା ନାହିଁ। ବିଧାନସଭାରେ ବିଜେଡି ପ୍ରତି ଜନସମର୍ଥନ ଥିବା ସତ୍ତ୍ୱେ ଉପରୋକ୍ତ ପ୍ରାର୍ଥୀମାନଙ୍କ ପରାଜୟ, ସେମାନଙ୍କ ପ୍ରତି ଥିବା ଜନଅସନ୍ତୋଷର ଫଳ ବୋଲି ସମୀକ୍ଷକମାନେ କହିଛନ୍ତି। ଭୋଟରଙ୍କ ଦ୍ୱାରା ପ୍ରତ୍ୟାଖ୍ୟାତ ହେବା ପରେ ଏହି ନେତାମାନେ ରାଜ୍ୟ ସଭା ଯିବା ପାଇଁ ମନ ବଳାଇଛନ୍ତି। କେତେକଙ୍କୁ ଦଳୀୟ ମହଲରେ ଥଇଥାନ କରିବା ନେଇ ମଧ୍ୟ ଆଲୋଚନା ହେଉଛି। ହେଲେ ନିର୍ବାଚନ ପୂର୍ବରୁ ଟିକେଟ ପାଇ ନ ଥିବା ଏକାଧିକ ନେତାଙ୍କୁ ରାଜ୍ୟ ସଭା ପ୍ରତିଶ୍ରୁତି ଦିଆଯାଇଥିଲା। ସେମାନଙ୍କ ମଧ୍ୟରେ ଅଛନ୍ତି–ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଏବଂ ବ୍ରହ୍ମପୁରର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ। ଏମାନଙ୍କୁ ବାଦ୍ ଦେଇ ବିଜେଡି ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକଙ୍କ ନାଁ ମଧ୍ୟ ଶୁଣାଯାଉଛି।

ସେପଟେ ଖାଲି ହେଉଥିବା ୪ଟି ଆସନରେ କାହାକୁ ପଠାଯିବ, ସେନେଇ ବିଜେଡି ଶୀର୍ଷନେତୃତ୍ୱ ହରଡ଼ଘଣାରେ ପଡିଛନ୍ତି। ପୁରୀ ଜିଲାରେ ମହେଶ୍ୱର, ସଞ୍ଜୟଙ୍କ ପରାଜୟ ପରେ ବିଜେଡି ଏକପ୍ରକାର ମୁରବିଶୂନ୍ୟ। ଏହାକୁ ଭରଣା କରିବା ପାଇଁ ନିକଟରେ ପିନାକୀ ମିଶ୍ରଙ୍କୁ ଲୋକ ସଭାରେ ସଂସଦୀୟ ଦଳର ନେତା ପଦ ପ୍ରଦାନ କରାଗଲା। ଏପରି କି ତାଙ୍କ ସଂସଦୀୟ କ୍ଷେତ୍ରର ନୟାଗଡ଼ ଆସନରୁ ନିର୍ବାଚିତ ହୋଇଥିବା ଅରୁଣ ସାହୁଙ୍କୁ ରାଜ୍ୟ କ୍ୟାବିନେଟ୍‌ରେ ସ୍ଥାନ ମିଳିଲା। ଷୋଡଶ ଲୋକ ସଭାର ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବଙ୍କୁ ଅପସାରଣ କରାଯାଇ ପିନାକୀଙ୍କୁ ସୁଯୋଗ ଦିଆଗଲା। ତେଣୁ ଅବିଭକ୍ତ ପୁରୀ ଜିଲାରେ ପିନାକୀ ଦଳୀୟ ରାଜନୀତିରେ ପ୍ରଭାବଶାଳୀ ବୋଲି ଏକ ଧାରଣା ସୃଷ୍ଟି ହୋଇଛି। ହେଲେ ତୃଣମୂଳରେ ବିଜେଡି ସଙ୍ଗଠନ ତାଙ୍କ ହାତରେ ନାହିଁ। ତେଣୁ ତାଙ୍କୁ ଚେକ୍ ଦେବା ପାଇଁ ପୁରୀ ଜିଲାରୁ ଜଣଙ୍କୁ ରାଜ୍ୟ ସଭା ପଠାଯିବା ପାଇଁ ଚିନ୍ତା କରାଯାଉଛି। ଚଳିତ ସପ୍ତାହର ରାଜନୈତିକ ପାଣିପାଗକୁ ଅନୁଧ୍ୟାନ କଲେ ମହେଶ୍ୱରଙ୍କ ନାଁ ଚର୍ଚ୍ଚାରେ ରହିଛି। ସେହିପରି ବାଲେଶ୍ୱରର ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା ମଧ୍ୟ ରାଜ୍ୟ ସଭା ଦୌଡ଼ରେ ସାମିଲ ହୋଇଛନ୍ତି। ବିଜେଡି କ୍ଷମତା କେନ୍ଦ୍ରର ନିକଟତମ ଭାବେ ରବୀନ୍ଦ୍ର ପରିଚିତ। ଗଣମାଧ୍ୟମ ଏବଂ ଆର୍ଥିକ ଦୃଷ୍ଟିରୁ ଦଳ ତାଙ୍କୁ ମଧ୍ୟ ରାଜ୍ୟ ସଭା ପଠାଇବା ପାଇଁ ଚିନ୍ତା କରୁଛି। ରବୀନ୍ଦ୍ରଙ୍କୁ ବାଲେଶ୍ୱର ଜିଲାରେ ସର୍ବାଧିକ ପ୍ରାଧାନ୍ୟ ଦିଆଯାଇଥିଲା। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ମଧ୍ୟ ଜାଣିଶୁଣି ଅବହେଳା କରାଯାଇଥିଲା, ଯାହା ତାଙ୍କୁ ବିଜେଡି ଛାଡି ଭାଜପା ଯିବାକୁ ବାଧ୍ୟ କରିଥିଲା। ବାଲେଶ୍ୱର ଜିଲାର ପ୍ରାୟ ସମସ୍ତ ବିଧାୟକ ପ୍ରାର୍ଥୀ ତାଙ୍କ ଉପରେ ଅସନ୍ତୁଷ୍ଟ ରହିଥିଲେ। ନିର୍ବାଚନରେ ମଧ୍ୟ ରବୀନ୍ଦ୍ରଙ୍କ ବିରୋଧରେ ଜନମତ ପ୍ରତିଫଳିତ ହୋଇଥିଲା। ହେଲେ ବିଜେଡି ଶୀର୍ଷ ନେତୃତ୍ୱର ନିକଟତର ହୋଇଥିବାରୁ ତାଙ୍କୁ ଉଚ୍ଚ ସଦନକୁ ପଠାଯିବା ପାଇଁ ମସୁଧା ଚାଲିଥିବା ସମୀକ୍ଷକମାନେ କହିଛନ୍ତି। ଆଗକୁ ପୌର ନିର୍ବାଚନ ଥିବାରୁ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଏବଂ କର୍ପୋରେଟ ଜଗତ ସମ୍ପତି ଥିବା ପ୍ରାର୍ଥୀଙ୍କୁ ଦିଲ୍ଲୀ ପଠାଇବାକୁ ବିଜେଡି ଚିନ୍ତା କରୁଛି। ହେଲେ ସୀମିତ ଆସନ ସହ ପରାଜିତ ବଡ଼ ମୁଣ୍ଡିଆଳଙ୍କ ଗହଳି ସବୁ ଅଙ୍କ ବିଗାଡ଼ି ଦେଇଛି। ତେଣୁ ୪ଟି ଆସନରୁ ବିଜେଡି ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ କଥା ଦେଇଥିବା ନେତାଙ୍କୁ ପଠାଉଛି ନା ଆର୍ଥିକ ସ୍ୱଚ୍ଛଳ ଥିବା ନେତାଙ୍କୁ ପ୍ରାଧାନ୍ୟ ଦେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

### ରେପୋ ରେଟ୍...

ହ୍ରାସ ପାଇ ୬ରୁ ୫.୭୫% ହୋଇଛି। ଏହା ୯ ବର୍ଷରେ ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଫଳରେ ସମସ୍ତ ପ୍ରକାର ବ୍ୟାଙ୍କ ଋଣ ଉପରେ ଇଏମ୍‌ଆଇ ଶସ୍ତା ହେବାକୁ ଯାଉଛି। ଏଥିପୂର୍ବରୁ ଜୁଲାଇ ୨୦୧୦ରେ ରେପୋ ରେଟ୍ ୫.୫୦% ଥିଲା। ମୁଦ୍ରା ନୀତି ସମୀକ୍ଷା କମିଟି (ଏମ୍‌ପିସି) ର ୬ ଜଣ ଯାକ ସଦସ୍ୟ ରେପୋ ରେଟ୍ ୦.୨୫% ହ୍ରାସ କରିବାକୁ ସହମତ ହୋଇଥିଲେ। ନୂଆ ମୁଦ୍ରା ନୀତି ଅନୁଯାୟୀ ରିଭର୍ସ ରେପୋ ରେଟ୍ ହ୍ରାସ ପାଇ ୫.୫% ରହିଥିବା ବେଳେ ବ୍ୟାଙ୍କ ରେଟ୍ ୬ % ରହିବ। ତେବେ ସିଆର୍‌ଆର୍ ଅପରିବର୍ତ୍ତିତ ରହିଛି। ସେହିପରି ରିଜର୍ଭ ବ୍ୟାଙ୍କ ଅନ୍‌ଲାଇନରେ ଟ୍ରାଞ୍ଜାକଶନ୍ କରୁଥିବା ଗ୍ରାହକଙ୍କୁ ଆଶ୍ୱସ୍ତ କରି ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ଉପରେ ଲାଗୁଥିବା ଶୁଳ୍କ ବା ଚାର୍ଜକୁ ପ୍ରତ୍ୟାହାର କରିନେଇଛି। ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର କହିଛନ୍ତି।

### ଉତ୍ସବମୁଖର...

ଲୋକନାଥ ବାବା ଓ ମୁଦିପଡ଼ା ଜାଗେଶ୍ୱର ବାବା, ବାଲିବନ୍ଧା ସୋମନାଥ ବାବା, ବୁଢାରଜା ମହାଦେବ, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡେଶ୍ୱର ବାବା, ମାନେଶ୍ୱର ମାନଧାତା ବାବା, ସିନ୍ଦୂରପଙ୍କର ତାରକେଶ୍ୱର ବାବା, ଫାଟକ ମହାକାଳେଶ୍ୱର, ସାକ୍ଷୀପଡ଼ା, ଗୋବିନ୍ଦଟୋଲା, ଚାରଭାଟି, ସାଲିହା ବଗିଚା ପ୍ରଭୃତି ଶୈବପୀଠରେ ବର ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ଚାଲିଛି। ପାରମ୍ପରିକ ରୀତିନୀତି ଅନୁସାରେ ଏହି ବିବାହ ଉତ୍ସବକୁ ଶେଷ କରିବା ପାଇଁ ଶ୍ରଦ୍ଧାଳୁମାନେ ଲାଗିଛନ୍ତି । ଭକ୍ତି ଓ ଶ୍ରଦ୍ଧାରେ ସମସ୍ତେ ଏହି ବିବାହ ଉତ୍ସବ ପାଇଁ ଏକାକାର ହୋଇପଡିଛନ୍ତି । ମଙ୍ଗଳବାଦ୍ୟ,ଶଙ୍ଖ ଧ୍ୱନୀରେ ବିବାହ ମଣ୍ଡପ କମ୍ପୁଛି। ମହାଦେବଙ୍କ ବରଯାତ୍ରୀରେ ସାମିଲ ହେବା ପାଇଁ ସମସ୍ତେ ଅପେକ୍ଷା କରିଛନ୍ତି ।

### ଯନ୍ତ୍ରୀଙ୍କୁ ଉଠ୍‌ବସ...

ବିଧାୟକ ଓ ତାଙ୍କ ସମର୍ଥକମାନେ ଅପହରଣ କରି ନେଇଥିବା ତାଙ୍କ ସ୍ତ୍ରୀ ପ୍ରବୀଣା ରାଜହଂସ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଜିଲା ଆଦିବାସୀ କଲ୍ୟାଣ ସଂଘ, କଂଗ୍ରେସ ବିଧାୟକ ନରସିଂହ ମିଶ୍ର ନିନ୍ଦା କରିଥିବାବେଳେ ପାଟଣାଗଡର ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ ବିଜେଡିକୁ ତୀବ୍ର ସମାଲୋଚନା କରିଛନ୍ତି। ଜିଲାପାଳ ଅରିନ୍ଦମ ଡାକୁଆ ପାଟଣାଗଡ ଉପଜିଲାପାଳଙ୍କୁ ଉକ୍ତ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଆଦିବାସୀ ସଂଘ ବିଧାୟକଙ୍କ ଗିରଫ ଦାବି କରିଛି । ମିଳିଥିବା ସୂଚନା ଅନୁଯାୟୀ, ବେଲପଡା ବ୍ଲକ ଗମ୍ଭାରୀ ଗାଁ ରାସ୍ତା ନିମ୍ନମାନର ହୋଇଥିବା ଅଭିଯୋଗ କରି ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ବୁଧବାର ବିଧାୟକ ମେହେର ଉଠ୍‌ବସ୍ କରୁଥିବା ଭିଡିଓ ଭାଇରାଲ ହୋଇଥିଲା। ମେହେର ଗମ୍ଭାରୀ ଗାଁ ରାସ୍ତା ପରିଦର୍ଶନରେ ଯାଇଥିବାବେଳେ କନିଷ୍ଠ ଯନ୍ତ୍ରୀ ଶବରଙ୍କୁ ୫ ମିନିଟ୍‌ରେ ଶହେ ଥର ଉଠ୍‌ବସ୍ ହେବାକୁ କହିଥିଲେ। ବିଧାୟକଙ୍କ କହିବା ମୁତାବକ ଯନ୍ତ୍ରୀ ଶବର ଲୋକଙ୍କ ସମ୍ମୁଖରେ ଉଠ୍‌ବସ ହୋଇଥିଲେ । ତେବେ ଶହେ ଥର ଉଠ୍‌ବସ ହେବାକୁ କହିବାରୁ ଯନ୍ତ୍ରୀ ଶବର ନେହୁରା ହୋଇ ବିଧାୟକଙ୍କ ଗୋଡ ଧରି ଜୁହାର କରୁଥିବା ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳିଥିଲା । ବିଚ୍ ରାସ୍ତାରେ ବିଧାୟକ ମେହେର ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଏପରି ଉଠବସ୍ କରି ଦଣ୍ଡବିଧାନ କରିବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ନିମ୍ନମାନର ରାସ୍ତା କାମକୁ ନେଇ ଉଚିତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିବା ଛାଡି ବିଧାୟକ ଆଇନକୁ ହାତକୁ ନେବା ଠିକ୍ ନୁହେଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହି ଭିଡିଓ ଭାଇରାଲ ଘଟଣାକୁ ନେଇ ବିଧାୟକ ନରସିଂହ ମିଶ୍ରଙ୍କ ମତାମତ ନିଆଯିବା ପରେ ଏହା ଯଦି ସତ୍ୟ ତେବେ ନିନ୍ଦନୀୟ ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ବିଧାୟକ ମେହେର ଗଣମାଧ୍ୟମକୁ କହିଛନ୍ତି ଘଟଣାସ୍ଥଳରେ ଲୋକ ଉତ୍ତେଜିତ ହୋଇଥିଲେ । ସେମାନଙ୍କ ରୋଷକୁ ପ୍ରଶମିତ କରିବା ପାଇଁ ମୁଁ ଏପରି ପଦକ୍ଷେପ ନେଇଥିଲି । ସେଥିପାଇଁ ମୁଁ ମଧ୍ୟ ଦୁଃଖିତ ।


## ମନେ ପଡ଼ନ୍ତି

**ଶ୍ରଦ୍ଧା ସୁମନ**



**ସ୍ୱର୍ଗତା ନିବେଦିତା ରଥ**
ପ୍ରାକ୍ତନ ଗୁରୁ, ଶ୍ରୀସତ୍ୟସାଇ ବାଲବିକାଶ କେନ୍ଦ୍ର, ବରମୁଣ୍ଡା
ସି–୩୫, ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ, ଭୁବନେଶ୍ୱର
ତିରୋଧାନ: ଶିବ ବିବାହୋତ୍ସବ
ତା. ୧୩।୬।୨୦୧୩ ରିଖ
ଆଜି ତୁମର ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପୁଣ୍ୟତିଥିରେ ସମସ୍ତ ଶ୍ରଦ୍ଧା ଓ କୃତଜ୍ଞତାର ସହିତ ତୁମର ଭଲଗୁଣ ଗୁଡ଼ିକୁ ସ୍ମରଣ କରୁଅଛୁ ଓ ନିଜ ଜୀବନରେ ଆଚରଣ କରିବା ପାଇଁ ଉଦ୍ୟମ କରିବା ସହିତ ସଫଳ ହେବା ପାଇଁ ଈଶ୍ୱରକୃପା ଭିକ୍ଷା କରୁଛୁ।
**ବାଳ ବିକାଶ ଛାତ୍ରଛାତ୍ରୀ, ବନ୍ଧୁ ଓ ପରିବାରବୃନ୍ଦ**
ଧ–୧୨୮୩୮

**୧୮ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବଂଶୀଧର ନାୟକ**
**(ପ୍ରଧାନ ଶିକ୍ଷକ)**
୧୩୪୭, ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ତିରୋଧାନ: ୨୭।୦୫।୨୦୦୧
(ଶିବବିବାହ)
ଆଜି ୧୮ତମ ବାର୍ଷିକୀ ଶ୍ରାଦ୍ଧଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ: ପରିବାରବର୍ଗ**
ଧ–୬୩୯୫୦

**ଦଶାହ ଉପଲକ୍ଷେ**
**(ତା. ୭।୬।୨୦୧୯ରିଖ)**



**ସ୍ୱର୍ଗତ ବିଷ୍ଣୁନାରାୟଣ ଲାଲ**
ଆବିର୍ଭାବ: ୧୧।୦୯।୧୯୪୮
ତିରୋଧାନ: ୨୯।୦୫।୨୦୧୯
ବହୁ ଘାତ ପ୍ରତିଘାତ ଭିତରେ ଗତି କରି ଆପଣ ଏ ଜୀବନ ଜିଇଲେ। ଶେଷରେ ବହୁ ଯନ୍ତ୍ରଣା ସହି ଆମକୁ ଛାଡ଼ି ଚାଲିଗଲେ। ଜୀବନତମାମ ମନେରହିବ ଆପଣଙ୍କ କର୍ତ୍ତବ୍ୟପରାୟଣତା ଓ ଅନାବିଳ ସ୍ନେହ। ଆପଣଙ୍କ ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ଆପଣ ଯେଉଁଠି ବି ଥାଆନ୍ତୁ, ଭଲରେ ଥାଆନ୍ତୁ।
**ଆପଣଙ୍କ ହତଭାଗ୍ୟ ପୁତ୍ର ବିଶ୍ୱରଞ୍ଜନ ଲାଲ (ବାପି) ଓ ପରିବାରବର୍ଗ**
ଶ୍ରୀରାମ ନଗର (ପୋଷ୍ଟାଲ୍ କଲୋନୀ), ଖୋର୍ଦ୍ଧା
ଧ–୧୨୮୫୮

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ଁ ସଚ୍ଚିଦାନନ୍ଦ ପଟ୍ଟନାୟକ**
Flat D-303, Apollo Ashiyana
Rasulgarh, Bhubaneswar
ଆବିର୍ଭାବ : ୦୧.୦୭.୧୯୩୯
ତିରୋଧାନ : ୦୨.୦୬.୨୦୧୪
ଆପଣଙ୍କର ଶ୍ରଦ୍ଧା ଓ ଆଶୀର୍ବାଦ ଆମ ହୃଦୟରେ ଚିରଦିନ ସ୍ମୃତି ହୋଇ ରହିବ । ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
**ଶୋକସନ୍ତପ୍ତ : ବନ୍ଧୁ ଓ ପରିବାରବର୍ଗ**
ଧ–୬୬୪୮୩



## CLASSIFIED DISPLAY

MORE SPACE • SAME PRICE

TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

LOAN
ମହିଳା ମିତ୍ର ସମୂହ ଋଣ
2500 - 5 ଲକ୍ଷ ପର୍ଯ୍ୟନ୍ତ
ପାଆନ୍ତୁ ସହଜ
ସାପ୍ତାହିକ/ମାସିକ କିସ୍ତିରେ
ରୋଶ୍‌ନୀ - 9119072218
ଶାଳିନୀ - 9084922848
ମୁସ୍କାନ - 9119093228
ଦିବ୍ୟା - 9084869022
ରିତୁ - 8868967322
M/S SARATHI ENTERPRISES
Ashok Nagar, East Delhi, Delhi - 110096

TO LET

OFFICE SPACE FOR RENT
REDUCE OFFICE RENTAL BY 50% RELOCATE TO GROWING LOCATION ON 200 FEET WIDE BHIMTANGI MAIN ROAD. JUST 2KMs FROM BHUBANESWAR AIRPORT. 3 FLOORS 6000 SQFT NEW BUILDING FOR RENT. EDUCATION INSTITUTES / OFFICES / BANKS / CORPORATE GUEST HOUSES PREFERRED. PROVISION FOR LIFT AND POWER BACKUP.
CONTACT: 9958003695
Email: mishrab1962@gmail.com

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

ବ୍ୟବସାୟ
(ସରକାରୀ ଅନୁମୋଦିତ)
ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ଦ୍ୱାରା
ନିଜର ଖାଲି ଜମି ଛାତ, ପ୍ଲଟ୍, କ୍ଷେତରେ ୪ଜି ଡିଜିଟାଲ ଟାୱାର ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା
୨ ଜଣଙ୍କ ପାଇଁ ୨୫୦୦୦/-ର ସୁବିଧା
ବାଇକ୍ + ବୀମା + ମୋବାଇଲ
(ଇଣ୍ଟରନେଟ୍ ଫ୍ରି) + ହାଇସ୍ପିଡ୍ ନେଟ୍
ଇଣ୍ଡସ୍ ଟାୱାର
ହେଲ୍‌ପଲାଇନ୍ ନମ୍ବର
18001205460
H. No. # 412, Subhash Nagar, Jind, Haryana

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ ଇଣ୍ଡସ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 60,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି + ବାଇକ୍ ଫ୍ରୀ ମିଳିବ ।
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ, ସର୍ତ୍ତେ କରାନ୍ତୁ ଏବ ହାତା ହାତୀ ଚେକ୍ ପାଆନ୍ତୁ
Plot No - 15/012, Devaraja Mohalla, Bangalore, Karnataka 570001
9499321886

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

FINANCE
MAHENDRA FINANCE COMPANY
ଘରେବସି ପାଆନ୍ତୁ ସମସ୍ତ Bank ଦ୍ୱାରା ମାର୍କସିଟ, ବ୍ୟକ୍ତିଗତ, ବ୍ୟବସାୟ, କୃଷି-ସମ୍ପତି, ପଶୁପାଳନ, ମୁଦ୍ରା, ହୋମଲୋନ ଆଦି ପାଆନ୍ତୁ ମାତ୍ର 18 ଘଣ୍ଟାରେ ବିନା କୌଣସୀ ଗ୍ୟାରେଣ୍ଟର ରେ।
ବାର୍ଷିକ 2% ସୁଧ 50% ଛାଡ
Email. Id – document.mfc@gmail.com
Madhya Marg, SEC 9, Main Road, Panchkhula, Chandigarh
07404715486
09485827609

ଋଣ ଧମାକା - ଋଣ ଧମାକା
KUMAR FINANCE Regd. Co.
ମାର୍କଶିଟ୍ - ପ୍ରପର୍ଟି
ପର୍ସନାଲ - ବିଜ୍‌ନେସ୍
ଆଧାରକାର୍ଡ - ମୁଦ୍ରା ଋଣ
12 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି
ଠକମାନଙ୍କ ପ୍ରତି ସାବଧାନ
7084824686
7347856284
H. No. 2, Ram Nagar, Narnol, Haryana

All INDIA FINANCIAL SERVICES
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09499108259
PETUMALI, JHARMUNDA, PETUPALI, BARGARH, ODISHA - 968034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ASTROLOGY

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ
ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ୍ୟ ଧୀରେ ଧୀରେ ଭଲ ହୋଇଯାଏ।
–ଆରିଷ୍ଟଟଲ୍

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଦେବଗଡ଼, ୬।୬(ଡ଼ି.ଏନ.ଏ.) : ଦେବଗଡ଼ ଜିଲା ରିଆମାଳ ବ୍ଲକ କରଲଗା ଗ୍ରାମରେ ବିଷଧର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କରଲଗା ଗ୍ରାମର ଫୁଣ୍ଡି ବେହେରା (୫୦)। ବୁଧବାର ରାତିରେ ଘରେ ଶୋଇଥିବା ଅବସ୍ଥାରେ ବିଳମ୍ବିତ ରାତିରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତେବେ ସାପ କାମୁଡିଥିବା ବେଳେ ସେ ଜାଣି ନ ପାରି ରାତିରେ ଶୋଇପଡିଥିଲେ। ପରିବାର ଲୋକେ ଜାଣିଲା ପରେ ଶୁକ୍ରବାର ଭୋର ଗୁରୁତର ଅବସ୍ଥାରେ ଦେବଗଡ ନିକଟସ୍ଥ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ଚିକିତ୍ସାଧିନ ଅବସ୍ଥାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଭୂଷଣରେ ବିଶ୍ୱ ପରିବେଶ ଦିବସ

ସମ୍ବଲପୁର,୬।୬(ବ୍ୟୁରୋ):ବିଶ୍ୱ ପରିବେଶ ଦିବସ ଲପଙ୍ଗା ଠେଲକୋଲି ସ୍ଥିତ ଭୂଷଣ କମ୍ପାନୀ ଆଣ୍ଡ ଷ୍ଟିଲ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ କୁଇଜ, ସ୍ଲୋଗାନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଦିଲୀପ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।



# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି







ଏକ କ୍ୟାବିନ୍ ଓଲଟି ରାସ୍ତା ଉପରେ ପଡ଼ିଛି (ବାମ)। ଘର ଭାଙ୍ଗିରୁଜି ଯାଇଛି।

ଲଖନପୁର,୬।୬(ଡି.ଏନ୍.ଏ.)

ଗୁରୁବାର ଅପରାହ୍ଣ ୪ଟାରେ କାଳବୈଶାଖୀ ପ୍ରଭାବରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କଣ୍ଢେଇକେଲା, ପିଥିଣ୍ଡା, ଚାରପାଲି, କନକତୋରା, ରେମତା ଆଦି ପଞ୍ଚାୟତର ବହୁ ଗ୍ରାମ ପ୍ରଭାବିତ ହୋଇଛି। ବହୁ ବଡ଼ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି। ଡାଳ ଭାଙ୍ଗି ଘର ଓ ବିଦ୍ୟୁତ ଖୁଣ୍ଟ ଉପରେ ପଡ଼ିଛି। ବହୁ କଚ୍ଚା ଓ ଆଜବେଷ୍ଟସ୍ ଘରର ଛପର ଉଡ଼ିଯାଇଛି। ଦୋକାନ ଘର, କ୍ୟାବିନ୍‌ଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଯାଇଛି। ଝଡ଼ତୋଫାନ କୂଆପଥର ବର୍ଷା ମଧ୍ୟ ହୋଇଥିଲା। ୨ଶହରୁ ଅଢ଼େଇଶହ ଗ୍ରାମ ଓଜନର କୁଆପଥର ପଡ଼ି ବହୁ ଆଜ୍‌ବେଷ୍ଟସ ତଥା ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଛି। ବ୍ୟାପକ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିବା ସହ ତାର ଛିଣ୍ଡିଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ବହୁ ଅଞ୍ଚଳ ଅନ୍ଧାର ରହିଛି। କଣ୍ଢେଇକେଲା ଗ୍ରାମର ବିଜୟ ବାରିକ, ଅନିରୁଦ୍ଧ ସେଠ, ସୁଶିଲ ଉର୍ମା, ହାର୍ଦ୍ଧନ ବାରିକ, ପିଥିଣ୍ଡା ପଞ୍ଚାୟତର କଣା ଚମାର, ରଘୁ ମଲ୍ଲିକ, ମଧୁ ପ୍ରଧାନ, ନିର୍ମଳ ଗୁରୁ, ଦାନୀ ଚାନ୍ଦ, କାହ୍ନୁ ଧୁରୁଆ, ମେଘୁ ଦେହେରିଆ, ଦଶ୍ରୁ ଦେହେରିଆ, ଶ୍ୟାମ ମଲ୍ଲିକ ପ୍ରମୁଖ ୩୦ରୁ ଅଧିକ ବ୍ୟକ୍ତି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ପିଥିଣ୍ଡା ସରପଞ୍ଚ ଲକ୍ଷ୍ମଣ ଦେହେରୀ, କନକତୋରା ସରପଞ୍ଚ ଡଲି କଳିଆରୀ, କଣ୍ଢେଇକେଲା ସରପଞ୍ଚ ଯାଜ୍ଞସେନୀ ଖଡ଼ିଆ ପ୍ରମୁଖ କ୍ଷୟକ୍ଷତି ସମ୍ପର୍କରେ ରାଜସ୍ୱ ବିଭାଗ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। କ୍ଷୟକ୍ଷତି ଆକଳନ କରି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସେମାନେ ଦାବି କରିଛନ୍ତି।



ଦୁର୍ଘଟଣାରେ ଆହତ ସୁବାସ ଭୋଇ।

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବ୍ରଜରାଜନଗର,୬।୬(ଡି.ଏନ୍.ଏ.)

ରାମପୁର ଫାଣ୍ଡି କାର୍ତ୍ତିକପଡ଼ା ବ୍ରିଜ ଉପରେ ଗୁରୁବାର ମଧ୍ୟାହ୍ନରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେ ହେଲେ ଅଇଁଳାପାଲି ଗ୍ରାମର ଅନିରୁଦ୍ଧ ଭୋଇ (୬୫)। ଅନିରୁଦ୍ଧ ଓ ତାଙ୍କ ପୁଅ ସୁବାସ (୩୫) ନିଜ ଓଜି୩୯–ବି୬୫୦୭ନଂ ବାଇକ୍‌ରେ ଆସୁଥିବା ବେଳେ ବନ୍ଧବାହାଲ ଅଞ୍ଚଳର ଓଡି୧୬–ଡି୫୦୦୫ନଂ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଅନିରୁଦ୍ଧ ପୋଲ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ସୁବାସଙ୍କ ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ମନ୍ଦିର ପ୍ରତିଷ୍ଠା ଉତ୍ସବ

ବ୍ରଜରାଜନଗର,୬।୬(ଡି.ଏନ୍.ଏ.)

ସ୍ଥାନୀୟ ଲୋଇସିଂ ପଞ୍ଚାୟତ ବଘିଆବେର୍ଣ୍ଣାଠାରେ ନିର୍ମିତ ମାଉସୀମା' ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବେ ଡଲି ପଟେଲ ଓ ହେମନ୍ତ ପଟେଲ ଦାୟିତ୍ୱ ତୁଲାଇଥିଲେ। ବଘିଆବେର୍ଣ୍ଣାର ସଂଗ୍ରାମୀ ଯୁବକ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।

# କ୍ରିକେଟ ପ୍ରଶିକ୍ଷଣ ଶିବିର ଆରମ୍ଭ

ଦେବଗଡ଼, ୬।୬(ଡ଼ି.ଏନ.ଏ.)

ଦେବଗଡ ଜିଲା କ୍ରିକେଟ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ବୁଧବାରଠାରୁ ୭ ଦିନିଆ କ୍ରିକେଟ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଏହି ଶିବିର ପ୍ରଥମ ଦିବସରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୫୦ଜଣରୁ ଉର୍ଦ୍ଧ୍ୱ ଖେଳାଳି ନିଜର ନାମ ପଞ୍ଜିକୃତ କରି ଶିବିରରେ ଅଂଶଗ୍ରହଣ କରିଥିବା ଜଣାପଡିଛି। ଆଗାମୀ ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ ପ୍ରଶିକ୍ଷକ ଭାବେ ପୂର୍ବତନ ରଣଜୀ ଖେଳାଳି ଜଗନ୍ନାଥ ଦାଶ ଯୋଗଦେଇ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ବେଳେ କ୍ରିକେଟର ମନୋଜ କୁମାର ଦଳେଇ ଏଥିରେ ସହଯୋଗ କରୁଛନ୍ତି। ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଶଙ୍କର ପ୍ରସାଦ ଅଧିକାରୀ ଯୋଗଦେଇ ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରିକେଟ ସଂଘର ଉପସଭାପତି ନବୀନ କୁମାର ପାଣି, ସମ୍ପାଦକ ଇଂ.ସୁଜିତ କୁମାର ପ୍ରଧାନ, ସହ ସମ୍ପାଦକ ସନ୍ତୋଷ କୁମାର ଦେବତା, କୋଷାଧ୍ୟକ୍ଷ ଅଶୋକ କୁମାର ନନ୍ଦଙ୍କ ସମେତ ଖେଳାଳି, ଅଭିଭାବକ ଓ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ।



ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ପ୍ରଶିକ୍ଷଣ ଶିବିରରେ ଖେଳାଳି ଅତିଥି ଓ ସଦସ୍ୟ।

# ଚା'ଦୋକାନୀଙ୍କ ପୁଅ ନିଟ୍‌ରେ ସଫଳ

ସମ୍ବଲପୁର,୬।୬(ବ୍ୟୁରୋ)

ଦୃଢ଼ ଇଚ୍ଛାଶକ୍ତି ମଣିଷକୁ ଆଗେଇ ନେବାରେ ସହାୟକ ହୋଇଥାଏ। ଆର୍ଥିକ ଅନଟନରେ ଚଳୁଥିବା ଜଣେ ଛାତ୍ର ନିଟ୍‌ରେ ସଫଳତା ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ସମ୍ବଲପୁର ବଡବଜାର ବିକାଶ ସେଠ ନାମକ ଏହି ଛାତ୍ର ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ବିକାଶଙ୍କ ବାପା ଦିଲୀପ ରିଂରୋଡରେ ଏକ ଠେଲାରେ ଚା ଦୋକାନ କରିଛନ୍ତି। ବାପା ଚା ବିକି ପରିବାର ଚଳାଉଥିବା ବେଳେ ପୁଅ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ନିଟ୍)ରେ ୪୫୧ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହେବା ଗୌରବର କଥା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ମେ ୨୦ ତାରିଖରେ ବିକାଶ ଏହି ପ୍ରବେଶିକା ପରୀକ୍ଷା ଦେଇଥିଲେ। ବୁଧବାର ଏହାର ରେଜଲ୍ଟ ପ୍ରକାଶ ପାଇଥିଲା। ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଥିବାରୁ ତାଙ୍କ ପାଖକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ଆସୁଛି। ସେ ସ୍ଥାନୀୟ ଆଇବିଏସ୍ କୋଚିଂ ସେଣ୍ଟରରେ ପଢୁଥିଲେ। ସେଥିପାଇଁ ତାଙ୍କୁ ଦିନକୁ ୫ ଘଣ୍ଟା ପରିଶ୍ରମ କରିବାକୁ ପଡୁଥିଲା। ଡାକ୍ତର ହୋଇ ଲୋକଙ୍କ ସେବା କରିବି ବୋଲି ବିକାଶ କହିଛନ୍ତି। ଏହି ସଫଳତା ପାଇଁ ମା' ବାପାଙ୍କ ଆଶୀର୍ବାଦ ସହ ଆଇବିଏସ୍ କୋଚିଂ ସେଣ୍ଟରର ଅଧ୍ୟକ୍ଷ ଗୁପ୍ତେଶ୍ୱର ମେହେରଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମଚାରୀଙ୍କୁ ସେ ଶ୍ରେୟ ଦେଇଛନ୍ତି। ବାପା ଦିଲୀପ ମଧ୍ୟ ପୁଅର ସଫଳତା ପାଇଁ ବେଶ୍ ଖୁସି ଅଛନ୍ତି।



ମା'ବାପାଙ୍କ ସହିତ ବିକାଶ।

**ଡାକ୍ତର ହୋଇ ସେବା କରିବି**

# ଶ୍ୱଶୁରଘର ଜମି ଭାଗ ପାଇଁ ସଢୁଙ୍କ ମଧ୍ୟରେ ଗଣ୍ଡଗୋଳ

ରିଆମାଳ, ୬।୬ (ଡି.ଏନ.ଏ.)

ରିଆମାଳ ଥାନା ପାଣ୍ଡୁରିଶିଳା ଗ୍ରାମରେ ମଙ୍ଗଳବାର ଶ୍ୱଶୁର ଘର ଜମି ଭାଗକୁ ନେଇ ତିନି ସଢୁଙ୍କ ମଧ୍ୟରେ ଗଣ୍ଡଗୋଳ ହେବାରୁ ରିଆମାଳ ଥାନାରେ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ତିନି ସଢୁ ବରପାଲିର ପ୍ରଦୀପ କୁମାର ପ୍ରଧାନ, ନିର୍କିମୋଳର ଅଶୋକ କୁମାର ପ୍ରଧାନ, ପାଣ୍ଡୁରିଶିଳାର ସୁଶାନ୍ତ ସାହୁ ଶ୍ୱଶୁର ଘର ପୁଅ ନ ଥିବାରୁ ତାଙ୍କ ଜମି ଭାଗ ପାଇଁ ଆଲୋଚନା କରିବା ଆରମ୍ଭ କରିବା ପରେ ଝଗଡ଼ା ହୋଇଥିଲା। ଶ୍ୱଶୁର ଘରେ ଅଶୋକ ଓ ସୁଶାନ୍ତ ମିଶି ପ୍ରଦୀପଙ୍କୁ ଆକ୍ରମଣ କରିବା ସହିତ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିଲେ ବୋଲି ପ୍ରଦୀପ ଥାନାରେ ଅଭିଯୋଗ କରିଥିବାବେଳେ ପାଣ୍ଡୁରିସିଳା ପାଣିଟାଙ୍କି ପାଖରେ ପ୍ରଦୀପ ଟାଙ୍ଗିଆ ଧରି ଅଶୋକ ଓ ସୁଶାନ୍ତଙ୍କୁ ଆକ୍ରମଣ କରିଥିଲେ। ଫଳରେ ଅଶୋକଙ୍କ ପିଠିରେ ଟାଙ୍ଗିଆ ବାଜି ଆହତ ହେବା ପରେ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେବା ସହିତ ଅଶୋକ ଓ ସୁଶାନ୍ତ ରିଆମାଳ ଥାନାରେ ପ୍ରଦୀପ ନାମରେ ଅଭିଯୋଗ କରିଥିଲେ। ରିଆମାଳ ଥାନା ପକ୍ଷରୁ ତଦନ୍ତ କରି ମାମଲା ରୁଜୁ ହୋଇଛି।

# ଆଶାକର୍ମୀଙ୍କୁ ମାଗଣା ଚଷମା ବିତରଣ

ଦେବଗଡ଼, ୬।୬(ଡି.ଏନ.ଏ)

ଦେବଗଡ଼ ଜିଲା ମୁଖ୍ୟ ଡ଼ାକ୍ତରଖାନା ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଆଶାକର୍ମୀମାନଙ୍କୁ ମାଗଣା ଚଷମା ବିତରଣ କରାଯାଇଛି। ଏହି ଅବସରରେ ଅନ୍ଧତ୍ୱ ଦୂରୀକରଣ ଅଧିକାରୀ ଡ଼.ପରମେଶ୍ୱର ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଜଗଦୀଶ ଚନ୍ଦ୍ର ବାରିକ, ବରିଷ୍ଠ ଭେଷଜ ବିଷଶଜ୍ଞ ଡ଼.ମନୋଜ କୁମାର ଉପାଧ୍ୟାୟ, ଜିଲା ଅନ୍ଧତ୍ୱ ଦୂରୀକରଣ ଅଧିକାରୀ ଡ଼.ପରମେଶ୍ୱର ଜେନା, ଚକ୍ଷୁ ବିଷେଶଜ୍ଞ ଡ଼.ଅରୁଣ ପ୍ରସାଦ ଲୋଇନା ପ୍ରମୁଖ ଉପସ୍ଥିତ ରହିଥିଲେ। ମୋଟ ୧୮୬ ଗୋଟି ଚଷମା ମାଗଣା ଦିଆଯାଇଥିଲା। ସେହିପରି ଆଶାକର୍ମୀଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତ୍ୟେକ ବ୍ଲକ୍‌ରୁ ଆଦର୍ଶ ଅଶା କର୍ମୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଜିଲାରେ ସଫଳତା ସହ ଅନ୍ଧତ୍ୱ ଦୂରୀକରଣ କରିବା ଏବଂ ଆଶାକର୍ମୀଙ୍କର ଭୁମିକା ଉପରେ ଆଲୋଚନା କରାଯାଇଥିଲା। ସେହିପରି ୨୦୧୮–୧୯ ମସିହା ପାଇଁ ମୋଟ ୨୮୩ ଜଣ ଆଶାକର୍ମୀଙ୍କୁ ତାଲିମ ପ୍ରଦାନ କରାଯାଇ କିଟ୍ ପ୍ରଦାନ କରାଯାଇଥିଲା। ଯାହାଦ୍ୱାରା ସେମାନେ ଗ୍ରାମାଞ୍ଚଳରେ ଲୋକଙ୍କର ଚକ୍ଷୁ ପରୀକ୍ଷା କରି ନିଟସ୍ଥ ଚକ୍ଷୁ କେନ୍ଦ୍ରକୁ ପଠାଇବେ। ଫଳରେ ସାଇଟ୍‌ସେଭର ସାରଦା ପ୍ରଶନ୍ନ ଷଡ଼ଙ୍ଗୀଙ୍କ ସହାୟତାରେ ମୋଟ ୩୭୪ ଜଣଙ୍କର କଳିଙ୍ଗ ଚକ୍ଷୁ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରାଯାଇଛି। ସେହିପରି ଜିଲା ସଦର ମହକୁମାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶୀଘ୍ର ଆରମ୍ଭ କରାଯିବା ପାଇଁ ବିଷେଶ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟର ରାଜେସ ନାୟକ ସମେତ ବିତ ପରିଚାଳକ ପରମେଶ୍ୱର ନାୟକ, ଆଶା ସହାୟକ ଅଧିକାରୀ ମନମୋହନ ସାହୁ, ଆଶିଷ୍ଟାଣ୍ଡ ସୁବାସ ଚନ୍ଦ୍ର ସାହୁ, ଅନିତା ସାହୁ, ମହେନ୍ଦ୍ର କୁମାର ମିଶ୍ର, ସୁକାନ୍ତ କୁମାର ବ୍ରହ୍ମା, ସୋନାଲିକା ବିଶ୍ୱାଳ, ବିମଳେନ୍ଦୁ ପାଣିଗ୍ରାହୀ, ବୈଶାଳୀନୀ ସାହୁ, ଲୋପାମୁଦ୍ରା ପ୍ରଧାନ, ଅଶୋକ କୁମାର ବିଶ୍ୱାଳ, ଜିତେନ୍ଦ୍ର କୁମାର ପ୍ରଧାନ, ପ୍ରଶାନ୍ତ କୁମାର ପ୍ରଧାନ, ରତିକାନ୍ତ ପୃଷ୍ଟି, ସୌଦାମିନୀ ଦତ୍ତ, ଶମରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।



ଆଦର୍ଶ ଆଶାକର୍ମୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଉଛି।

### ନବନିର୍ବାଚିତ ବରଗଡ଼ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

# 'ବ୍ରଜରାଜନଗର ମାଟିର ଋଣ ନିଶ୍ଚୟ ଶୁଝିବି'

ବ୍ରଜରାଜନଗର,୬।୬(ଡି.ଏନ୍.ଏ.)

ବ୍ରଜରାଜନଗର ଅଞ୍ଚଳରେ ସମସ୍ୟାର ବିରାଟ ପାହାଡ଼ ରହିଛି। ଏହି ସମସ୍ୟାର ସମାଧାନ କରିବାକୁ ହେଲ ଆପଣଙ୍କ ଆଶୀର୍ବାଦ ଓ ସହଯୋଗ ଆବଶ୍ୟକ। ଏ ଅଞ୍ଚଳର ଲୋକେ ଦୀର୍ଘ ୭୦ ବର୍ଷ ଧରି ବାରମ୍ବାର ବିସ୍ଥାପିତ ହୋଇ ଆସୁଛନ୍ତି। ଏ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଜିଲାରେ ଆଜିପର୍ଯ୍ୟନ୍ତ ସରକାରୀ କଲେଜଟିଏ ନାହିଁ। ଡିଏମ୍‌ଏଫ୍ ବିନିଯୋଗ କରି ୫ବର୍ଷ ଭିତରେ ଝାରସୁଗୁଡ଼ାକୁ ରାଜ୍ୟର ଏକନମ୍ବର ଜିଲାରେ ପରିଣତ କରିବି। ଏ ସମ୍ପର୍କରେ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଓ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ସହିତ ଆଲୋଚନା କରିଛି। ଝାରସୁଗୁଡ଼ା ବିମାନବନ୍ଦରକୁ ଭୁବନେଶ୍ୱରଠାରୁ ଅଧିକ ଉନ୍ନତ ମାନର କରାଯିବ। ଓରିଏଣ୍ଟ ପେପେର ମିଲ ଦୀର୍ଘ ୨୦ ବର୍ଷ ଧରି ବନ୍ଦ ରହିଛି। ଏହାକୁ ଚାଲୁ କରିବା ଦିଗରେ ଆଗାମୀ ଦିନରେ ମିଲ୍ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନ କଲେ ଲିଜ୍ ଜମି ଛାଡ଼ିବାକୁ ଚାପ ପ୍ରୟୋଗ କରାଯିବ। ଦରକାର ହେଲେ ଆନ୍ଦୋଳନ କରାଯିବ। ବ୍ରଜରାଜନଗର ମାଟିରୁ ମୁଁ ଯେଉଁ ସ୍ନେହଶ୍ରଦ୍ଧା ପାଇଛି ସେହି ଋଣ ମୁଁ ନିଶ୍ଚୟ ପରିଶୋଧ କରିବି ବୋଲି ବ୍ରଜରାଜନଗର ନାଗରିକ କମିଟି ପକ୍ଷରୁ ଆୟୋଜିତ ଧନ୍ୟବାଦ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ପ୍ରଥମେ ପୂଜାରୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଗାନ୍ଧୀ ଛକଠାରୁ ଅଣାଯାଇ ସହର ପରିକ୍ରମା କରାଯାଇଥିଲା। କଲ୍ୟାଣ ମଣ୍ଡପଠାରେ ଧନ୍ୟବାଦ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୁଲୁ ସେନାପତି, ରଘୁନନ୍ଦନ ପଣ୍ଡା, ମଙ୍ଗଳ ସାହୁ, ଅନୀଲ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ମଣ୍ଡଳ ସେନାପତି ଓ ବବୁଲୁ ଦାଶ ମଞ୍ଚ ପରିଚାଳନା କରିଥିଲେ।



ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କନକତୋରା ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର

ଲଖନପୁର,୬।୬(ଡି.ଏନ୍.ଏ.)

ଲଖନପୁର ବ୍ଲକ କନକତୋରା ଟି.ଓ. ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨୦୧୮–୧୯ ବର୍ଷ ପାଇଁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ବୁଧବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ସମାରୋହରେ ବିଦ୍ୟାଳୟକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ବିନୋଦ ବିଶ୍ୱାଳ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଶ୍ୱାଳ ନିଜ ଉଦ୍ୟମରେ ସ୍କୁଲ ପରିସରରେ ଏକ ସୁନ୍ଦର ଫୁଲବଗିଚା ସୃଷ୍ଟି କରିଛନ୍ତି। ପୁରସ୍କାର ସ୍ୱରୂପ ସ୍କୁଲକୁ ମାନପତ୍ର ସହ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ୨୦୧୫ରେ ବିଶ୍ୱାଳଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଥିଲା।

# କନିଷ୍ଠଯନ୍ତ୍ରୀଙ୍କୁ ଗାଳିଗୁଲଜ: ଯୁବକ ଗିରଫ

କୋଲାବିରା,୬।୬(ଡି.ଏନ୍.ଏ.)

**ପାଲଟା ଅଭିଯୋଗ, ଯନ୍ତ୍ରୀ ଫେରାର**

କୋଲାବିରା ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ପଦ୍ମଚରଣ ପଧାନଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ କୋଲାବିରା ଥାନା ପୋଲିସ କୋଲାବିରା ଗ୍ରାମର ରୁଦ୍ରପ୍ରତାପ ସିଂଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ରୁଦ୍ରପ୍ରତାପ ଓ ପଦ୍ମଚରଣଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଜଳଖିଆ ଦୋକାନରେ ଝଗଡ଼ା ହୋଇଥିଲା। ଏ ସମ୍ପର୍କରେ ବିଡିଓ ବିଜୟ କୁମାର ସଏ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ରୁଦ୍ରପ୍ରତାପ ମଧ୍ୟ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିବାକୁ ଥାନାକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଅଟକ ରଖିଥିଲା। ବୁଧବାର ପୋଲିସ ରୁଦ୍ରପ୍ରତାପଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ଦଫା ୩୪୧, ୨୯୪, ୩୨୩, ୩୫୩ ଏବଂ ୫୦୬ରେ ଏକ ମାମଲା ରଜୁ କରାଯାଇଛି। ସେହିପରି ରୁଦ୍ରପ୍ରତାପଙ୍କ ଅଭିଯୋଗ କ୍ରମେ ପୋଲିସ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଦଫା ୩୪୧, ୩୨୩, ୪୯୪ ଓ ୫୦୬ରେ ଅନ୍ୟ ଏକ ମାମଲା ରଜୁ କରିଛି। ତେବେ କନିଷ୍ଠ ଯନ୍ତ୍ରୀ ଫେରାର ହୋଇଯାଇଥିବା ପୋଲିସ କହିଛି। ଏହା ପୂର୍ବରୁ ମଧ୍ୟ କନିଷ୍ଠଯନ୍ତ୍ରୀ ପଧାନଙ୍କର ଅନେକ ଲୋକଙ୍କ ସହିତ ଗଣ୍ଡଗୋଳ ହୋଇଥିବା ନଜିର ରହିଛି। ସମାସିଂହା ଗ୍ରାମର କେତେଜଣ ଯୁବକ ପଧାନଙ୍କ ସହ ମାରପିଟ କରି ବ୍ଲକ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ଏହାର କିଛିଦିନ ପରେ ତରେଇକେଲା ଗ୍ରାମର ଜଣେ ଯୁବକ ପଧାନଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ମାତ୍ର ସେ ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିଲା। ତେବେ ଏ ସମ୍ପର୍କରେ ବିଡିଓ ସାଏଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିଙ୍କ କହିବାନୁସାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦୁହେଁ ଦୁହିଁଙ୍କ କଲର ଧରିଥିଲେ। ଅନ୍ୟମାନେ ହସ୍ତକ୍ଷେପ କରିବାରୁ ଝଗଡ଼ା ପ୍ରଶମିତ ହୋଇଥିଲା। ତେଣୁ କେବଳ ରୁଦ୍ରଙ୍କୁ କାହିଁକି ଗିରଫ କରାଗଲା ବୋଲି ତାଙ୍କ ପରିବାର ଲୋକେ ଜିଦ୍ ଧରି ବସିଛନ୍ତି। ସରକାରୀ କର୍ମଚାରୀ ହୋଇଥିବାରୁ କନିଷ୍ଠଯନ୍ତ୍ରୀଙ୍କ ପ୍ରତି କୋହଳ ମନଭାବ ପୋଷଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ପଧାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପରିବାର ଲୋକେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



ଜ୍ଞାନର ଅଭାବ ହେଲେ ପ୍ରକୃତ ସ୍ୱାଧୀନତା ମିଳେନାହିଁ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ଚିପିଲିମା, ୬।୬ (ଡି.ଏନ.ଏ.)- ସମ୍ବଲପୁର-ବରଗଡ଼ ୫୩ ନମ୍ବର ଜାତୀୟ ରାଜପଥର ବୁର୍ଲା ଥାନା ଅଧୀନ ଅନ୍ନପୂର୍ଣ୍ଣା ରାଇସମିଲ ନିକଟରେ ଏକ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇ ଭିମ୍ସାରରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ବରଗଡ଼ ଥୁଆପାଲି ପତରାପାଲି ଗ୍ରାମର ସୁରେନ୍ଦ୍ର ଭୋସାଗର (୪୫)। ଆହତ ଜଣକ ହେଲେ ରାକେଶ ଭୋସାଗର (୨୧) । ଏ ନେଇ ବୁର୍ଲା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୁରେନ୍ଦ୍ରଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର ହୋଇଥିବା ଗୋଶାଳା ପୋଲିସ ଅଧିକାରୀ ଅଜିତ ଧଳସାମନ୍ତ କହିଛନ୍ତି। ସୁରେନ୍ଦ୍ର ଓ ରାକେଶ ମେଡିକାଲ କାମରେ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଗାଡି ବାଇକ୍‌କୁ ଧକ୍କା ଦେଇ ଫେରାର ହୋଇଥିଲା। ସ୍ଥାନୀୟ ଲୋକ ପୋଲିସ ସହାୟତାରେ ତାଙ୍କୁ ଉଦ୍ଧାର କରି ବୁର୍ଲା ଭିମ୍ସାରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସୁରେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବାଇକ୍ ଜବତ କରିଛି।

### ମୋବାଇଲ ଚୋରି ଅଭିଯୋଗରେ ୩ ଗିରଫ

କୁଚିଣ୍ଡା, ୬।୬ (ଡି.ଏନ. ଏ.)- କୁଚିଣ୍ଡା ପୋଲିସ ମୋବାଇଲ ଫୋନ ଚୋରି ଅଭିଯୋଗରେ ୩ଜଣ ଯୁବକଙ୍କୁ ଗିରଫ କରିଛି। ଗତ ୩ ତାରିଖ ବରଗଡ଼ ଜିଲା ଖଲିଆପାଲି ଗ୍ରାମର ବିକାଶ ସାହୁ ବିଇଡି ପରୀକ୍ଷା ଦେବାକୁ କୁଚିଣ୍ଡା କଲେଜକୁ ଅସିଥିଲେ । ସେ କଲେଜ ସାମନାରେ ଛିଡା ହୋଇଥିବା ବେଳେ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟାରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ତାଙ୍କର ମୋବାଇଲ ଫୋନ ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ବିକାଶ କୁଚିଣ୍ଡା ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ କୁଚିଣ୍ଡାରେ ରହୁଥିବା ବିଭୁଦତ୍ତ ନାୟକ ଓରଫ ବଣ୍ଟି(୨୫) ଏବଂ ସାହିଲ ପାଣିଗ୍ରାହୀ (୨୧)ଙ୍କୁ ଗିରଫ କରିଥିଲା। ପୋଲିସ ତାଙ୍କଠାରୁ ଚୋରି ମୋବାଇଲ ଫୋନ ଉଦ୍ଧାର କରିଛି। ସେହିପରି ୩ ତାରିଖ ରାତିରେ କୁଚିଣ୍ଡା ଷ୍ଟେଟ ବ୍ୟାଙ୍କ ପାଖ ସମ୍ପର୍କୀୟ ଘରକୁ ବୁଲିବାକୁ ଆସିଥିବା ଜମନକିରାର କୁନାଲ ସାହୁଙ୍କୁ ଦୁଇ ଜଣ ଯୁବକ ଗାଳିଗୁଲଜ କରି ତାଙ୍କର ମୋବାଇଲ ଫୋନ ଲୁଟି ନେଇ ଫେରାର ହୋଇଯାଇଥିଲେ । ଏନେଇ କୁନାଲ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପକ୍ଷେ ବଣ୍ଟିଙ୍କୁ ପୋଲିସ ପଚରାଉଚୁରା କରି ଘଟଣାରେ ସମ୍ପୃକ୍ତ ଦୁଃଖବନ୍ଧୁ ସୁନାଙ୍କୁ ଗିରଫ ସହ ଚୋରି ମୋବାଇଲ ଫୋନ ଉଦ୍ଧାର କରିଛି। ପୋଲିସ ଏକ ବାଇକ୍ (ନଂ.ଓଡି୨୮-୯୨୫୨) ଜବତ କରିଛି।





ଗୁରୁବାର ଭକ୍ତମାନେ ସାକ୍ଷୀଗୋପିନାଥଙ୍କୁ ବନ୍ଦାଣ କରୁଛନ୍ତି । ଭକ୍ତଙ୍କ କାନ୍ଧରେ ସାକ୍ଷୀଗୋପୀନାଥ ନଗର ପରିକ୍ରମାରେ ବାହାରିଛନ୍ତି ।

■ ବାଲୁଙ୍କେଶ୍ୱର ପୀଠରେ ପହଞ୍ଚିଲେ ସାକ୍ଷୀଗୋପୀନାଥ ଠାକୁର

# ଆଜି ମଧ୍ୟରାତ୍ରିରେ ମହାଦେବଙ୍କ ବରାତି

ସମ୍ବଲପୁର,୬।୬ (ବ୍ୟୁରୋ)

ମା' ପାର୍ବତୀ ଏବଂ ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ବିବାହରେ ସାକ୍ଷୀ ହେବାକୁ ଗୁରୁବାର ଗୋଧୂଳି ଲଗ୍ନରେ ସାକ୍ଷୀଗୋପୀନାଥ ଠାକୁର ମନ୍ଦିରରୁ ବାହାରି ନଗର ପରିକ୍ରମା କରିଛନ୍ତି। ଏନେଇ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ମୁଖରିତ ହୋଇଥିଲା ବାଲୁଙ୍କେଶ୍ୱର ପୀଠ। ଭକ୍ତମାନେ ଠାକୁରଙ୍କୁ ବନ୍ଦାଣ କରି ମନ୍ଦିର ଭିତରକୁ ନେଇଥିଲେ । ଶୁକ୍ରବାର ମଧ ରାତ୍ରିରେ ବାଲୁଙ୍କେଶ୍ୱରଙ୍କ ବରାତିରେ ସାକ୍ଷୀଗୋପୀନାଥ ସାମିଲ ହେବା କାର୍ଯ୍ୟକ୍ରମ ରହିଛି। ପଣ୍ଡିତ ଶଶାଙ୍କ ଶେଖର ମିଶ୍ର ଠାକୁରଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଭକ୍ତଙ୍କ କାନ୍ଧରେ ସାକ୍ଷୀଗୋପୀନାଥ ଦୁଲଦୁଲି ବଜା ତାଳରେ ସ୍ୱତନ୍ତ୍ର ବିମାନରେ ଆରୁଢ ହୋଇ ବାଲୁଙ୍କେଶ୍ୱର ମନ୍ଦିର ଅଭିମୁଖେ ବାହାରିଥିଲେ। ଯାତ୍ରା ପଥରେ ମହିଳା, ପୁରୁଷ ଭକ୍ତ ନିଜ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ସାକ୍ଷୀପଡ଼ା, ଅଶୋକା ଟକିଜ ଛକ, ବୀର ସୁରେନ୍ଦ୍ରସାଏ ମାର୍ଗ, ଲକ୍ଷ୍ମୀ ଟକିଜ, ଗୋଲବଜାର ଛକ, ସାନସଡ଼କ, ମହାନ୍ତିପଡ଼ା ଛକ ପରିକ୍ରମା କରି ରାତି ସାଢ଼େ ୮ଟାରେ ନନ୍ଦପଡ଼ାରେ ପହଞ୍ଚିଥିଲେ । ଶନିବାର ମାହେନ୍ଦ୍ର ମୁହୂର୍ତ୍ତରେ ରୀତିନୀତି ଓ ପରମ୍ପରା ଅନୁସାରେ ମା' ପାର୍ବତୀ ଓ ବାଲୁଙ୍କେଶ୍ୱରଙ୍କ ବିବାହ ହେବ। ଦେବ ବିବାହରେ ଠାକୁର ସାକ୍ଷୀ ହେବା ସହ ଦେବଦମ୍ପତିଙ୍କ ମୁଖ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କରିବେ । ପରମ୍ପରାନୁସାରେ ୭ଦିନ ପର୍ଯ୍ୟନ୍ତ ଠାକୁର ନନ୍ଦପଡାଠାରେ ରହିବେ। ପରେ ଶୋଭାଯାତ୍ରାରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବାର ନୀତି ରହିଛି।

ରେଙ୍ଗାଲି ଗୁଳିକାଣ୍ଡ ଘଟଣା

# ୪ ଗିରଫ, କାର୍ ଜବତ

ରେଙ୍ଗାଲି,୬।୬ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅଧୀନ ରେଙ୍ଗାଲି ମହାବୀର ଛକ ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତଥିବା ୪ଜଣଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରେଙ୍ଗାଲି ପୁରୁଣା ବସ୍ତିର ରିଙ୍କୁ ଓରଫ ସଂଗ୍ରାମ କେଶରୀ ଚୌହାନ(୩୫), ରେଙ୍ଗାଲି ମାଉଳିନଗରର ଜୟକିଶୋର ସା(୪୦), ରେଙ୍ଗାଲି ସମଲେଇପଡ଼ାର ମୁରଲୀ ବେହେରା(୪୦), ନିଶାନଭଙ୍ଗା ଗ୍ରାମର ପପୁ ଓରଫ ଅମିତ କୁମାର ବିଶ୍ୱାଳ(୩୩)। ସୂଚନାଯୋଗ୍ୟ, ମେ ୨୪ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ରେଙ୍ଗାଲି ମହାବୀର ଛକରେ ଗୁଳି ମାଡ଼ ହୋଇଥିଲା। ଏଥିରେ ଅମର ବାରିକ ନାମକ ଜଣେ ଯୁବକଙ୍କୁ ଗୁରୁତର ଆହାତ ହୋଇଥିଲେ। ଏନେଇ ଥାନାରେ ଏକ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗକୁ ଭିତ୍ତି କରି ପୂର୍ବରୁ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ବେଳେ ପୁଣି ୪ଜଣଙ୍କୁ ଗିରିଫ କରିଛି। ଅନ୍ୟପକ୍ଷେ ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।



ଗିରଫ ୪ ଯୁବକ, ଜବତ କାର୍।

# ନିଟ୍ ପରୀକ୍ଷାରେ ବିରାଟର ସଫଳତା

ସମ୍ବଲପୁର,୬।୬ (ବ୍ୟୁରୋ)

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍) ୨୦୧୯ରେ ସମ୍ବଲପୁର ବିରାଟ ଇନ୍‌ଷ୍ଟିଚ୍ୟୁଟ ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ୬୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୪ଜଣ କୃତିତ୍ୱ ହାସଲ କରିଛନ୍ତି। ଗୁରୁବାର ଇନ୍‌ଷ୍ଟିଚ୍ୟୁଟ ଅଧ୍ୟକ୍ଷ ରାହୁଲ ରାଜ କୃତୀମାନଙ୍କୁ ପୁରସ୍କୃତ କରି ଶୁଭେଚ୍ଛା ଜଣାଇଛନ୍ତି । ମନୋରଞ୍ଜନ ଦୀକ୍ଷିତ(୫୭୨), ଆଶାପର୍ଣ୍ଣା ପ୍ରଧାନ (୫୩୪), ଜ୍ୟୋତି ମେହେର(୫୨୯), ଶୁଭସ୍ମିତା ମହାପାତ୍ର (୫୨୨)ଙ୍କ ସମେତ ଶ୍ରଦ୍ଧାଞ୍ଜଳି ସେଟ, ଆଂକାକ୍ଷା ନନ୍ଦ, ଶୈଳେଶ ମିଶ୍ର, ସିମରନ ଜୟପୁରିଆ, ହିମାଂଶୁ ସୁନା, ଟିନୁପ୍ରିୟା ଭୋଇ ଓ ପ୍ରୀତିଶ୍ରୀ ସାହୁ ସଫଳତା ହାସଲ କରିଛନ୍ତି। ଏପରି କି ଇନ୍‌ଷ୍ଟିଚ୍ୟୁଟର ଅନେକ ଛାତ୍ରୀଛାତ୍ର ୫୦୦ ମାର୍କରୁ ଉର୍ଦ୍ଧ୍ୱ ରଖିଛନ୍ତି ।



ନିଟ-୨୦୧୯ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବିରାଟ ଅଧ୍ୟକ୍ଷ ରାହୁଲ ରାଜ ପୁରସ୍କୃତ କରୁଛନ୍ତି।

## ସାକ୍ଷୀପଡ଼ା ଓଁକାରେଶ୍ୱର ବାବାଙ୍କ ହନୁମାନ ନିଉତା ସମ୍ପନ୍ନ

ରେଙ୍ଗାଲି, ୬।୬ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ଗଣେଶନଗରଠାରେ ସମ୍ବଲପୁର ସାକ୍ଷୀପଡ଼ାର ଓଁକାରେଶ୍ୱର ବାବାଙ୍କ ହନୁମାନ ନିଉତା ଏବଂ ଦେବ ନିମନ୍ତ୍ରଣ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ଗଣେଶନଗର ନିବାସୀ ଯଜ୍ଞେଶ ସାହୁ ଏବଂ ତାଙ୍କର ସ୍ତ୍ରୀ ଅରୁନ୍ଧତୀ ସାହୁ ମାତା ପାର୍ବତୀଙ୍କ ପିତାମାତା ହୋଇଛନ୍ତି । ଗୁରୁବାର ମା' ପାର୍ବତୀଙ୍କ ପିତାମାତା ଗଣେଶନଗରସ୍ଥିତ ହନୁମାନ ମନ୍ଦିରକୁ ଯାଇ ହନୁମାନ ନିଉତା ଦେଇଥିଲେ । ପରେ ରେଙ୍ଗାଲିସ୍ଥିତ ଆଖପାଖ ଅଞ୍ଚଳରେ ଥିବା ମନ୍ଦିରକୁ ଯାଇ ଦେବ ନିମନ୍ତ୍ରଣ କରିଥିଲେ। ସେହିପରି ବୁଧବାର ଓଁକାରେଶ୍ୱର ବାବାଙ୍କ ପତରପେଁଡି ଉତ୍ସବ ଅନୁଷ୍ଠିତ ହୋଇଥିଲା । ରେଙ୍ଗାଲିରେ ପ୍ରଥମଥର ପାଇଁ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥିବାରୁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଶୁକ୍ରବାର ମା' ପାର୍ବତୀ ଏବଂ ଭଗବାନ ଶିବଙ୍କ ବିବାହ କାର୍ଯ୍ୟ ଅନୁଷ୍ଠିତ ହେବ।

# ବିବାହିତା ମହିଳା ପ୍ରେମିକ ସହ ଫେରାର

ବାମରା, ୬।୬ (ସ୍ୱ.ପ୍ର.)

ବିବାହ ଭଳି ଏକ ପବିତ୍ର ବନ୍ଧନକୁ କିଭଳି ନିମିଷକେ ମାତ୍ରେ ଭାଙ୍ଗି ଦିଆଯାଏ, ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଗୋବିନ୍ଦପୁର ଥାନା ଅଞ୍ଚଳରେ। ମିଳିଥିବା ସୂଚନା ମୁତାବକ ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପରିବାର ଲୋକଙ୍କ ଆର୍ଥିକ ସ୍ୱଚ୍ଛଳତା ନ ଥିବାରୁ ସୁଦୁର ଟାଟାନଗରର ଜଣେ ବ୍ୟକ୍ତିଙ୍କ ସହ ବୈଦିକ ରୀତିରେ ବିବାହ କରାଯାଇଥିଲା। ଉଭୟଙ୍କ ପାରିବାରିକ ସମ୍ପର୍କ ଭଲଭାବେ ଚାଲିଥିଲା। ହେଲେ ବିବାହର ୨ବର୍ଷ ପରେ ଏକ ଅଭାବନୀୟ ପରିସ୍ଥିତି ଦେଖାଯାଇଥିଲା। ମହିଳା ଜଣଙ୍କ ବାପ ଘରକୁ ଆସିଥିଲେ। ହଠାତ୍ ଦିନେ ସେ କେଉଁଆଡେ ସେ ଚାଲିଯାଇଥିଲେ। ଖୋଜାଖୋଜି ପରେ ମହିଳା ଜଣଙ୍କ ପୁରୁଣା ପ୍ରେମିକଙ୍କ ସହ ଫେରାର ହୋଇଯାଇଥିବା ଜଣାପଡିଥିଲା। ଏହା ଜାଣି ମହିଳାଙ୍କ ଶାଶୁ, ଶ୍ୱଶୁର ବୁଧବାରା ଗୋବିନ୍ଦପୁର ଥାନାରେ ପହଞ୍ଚିଥିଲେ। ପରେ ମହିଳାଙ୍କ ପରିବାର ଲୋକଙ୍କ ସହ ଗ୍ରାମବାସୀ ମଧ ଥାନାକୁ ଆସିଥିଲେ। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଥାନା ଅଧିକାରୀ ପ୍ରତାପ କୁମାର ରଣା ଉଭୟ ପକ୍ଷଙ୍କୁ ପଚରାଉଚୁରା କରିଥିଲେ । ହେଲେ ମହିଳାଙ୍କ ଶାଶୁଘର ଲୋକେ ବୋହୂକୁ ଫେରାଇ ନେବୁ କହି ଜିଦ ଧରି ବସିଥିଲେ। ସେତିକିବେଳେ ମହିଳା ଜଣଙ୍କ ପ୍ରେମିକଙ୍କୁ ଧରି ଥାନାରେ ହାଜର ହୋଇଥିଲେ। ଗ୍ରାମବାସୀଙ୍କ ଉପସ୍ଥିତିରେ ମହିଳା ଜଣଙ୍କ ପ୍ରେମିକଙ୍କ ସହ ସାରା ଜୀବନ ବିତାଇବେ କହି ରୋକ୍‌ଠୋକ୍ ଶୁଣାଇ ଦେଇଥିଲେ। ଏନେଇ ଉଭୟ ପ୍ରେମିକା ପ୍ରେମିକ ଥାନାରେ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ରାତ୍ରି ପ୍ରାୟ ୧୨ଟାରେ ପ୍ରେମିକ ନିଜ ହେପାଜତରେ ପ୍ରେମିକାଙ୍କୁ ନେଇ ଥାନାରୁ ବାହାରି ଯାଇଥିଲେ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ମା' ବୀଣାପାଣି କ୍ରିକେଟ୍ ଟୁର୍ନାମେଣ୍ଟ

# ଟ୍ରଫିଫାଇଟର ଚାମ୍ପିୟନ

ଜମନକିରା, ୬।୬ (ଡି.ଏନ୍.ଏ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ ରାଧାକୃଷ୍ଣପଡ଼ା ମାଉସୀ ମା' ମନ୍ଦିର ପଡ଼ିଆରେ ମା' ବୀଣାପାଣି କ୍ଲବ ଆନୁକୂଲ୍ୟରେ ଏକ ଦ୍ୱିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଟ୍ରଫିଫାଇଟର ଏବଂ ରାଇଜିଂଷ୍ଟାର ମଧ୍ୟରେ ହୋଇଥିଲା। ଏଥିରେ ଟ୍ରଫିଫାଇଟର ଦଳ ଚାମ୍ପିୟନ ବିବେଚିତ ହୋଇଥିବା ବେଳେ ରାଇଜିଂଷ୍ଟାର ଦଳ ଉପବିଜେତା ଘୋଷିତ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜମନକିରା ଥାନା ଅଧିକାରୀ ବାଳକୃଷ୍ଣ କଅଁର, ସମାଜ ସେବୀ ଆଦି ପ୍ରସାଦ ମହାକୁଳ, କୁଚିଣ୍ଡା ବିଜେଡ଼ି ସଭାପତି ଅମୂଲ୍ୟ ମିଶ୍ର, ଜମନକିରା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ନାଏକ ଯୋଗ ଦେଇ ବିଜେତା ଦଳକୁ ନଗଦ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଅତିଥିଙ୍କ ଦ୍ୱାରା ଉପ ବିଜେତା ଦଳକୁ ନଗଦ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ରାଧାକୃଷ୍ଣପଡ଼ା ମା' ବୀଣାପାଣି କ୍ଲବର ରାଜେଶ ଜୟପୁରିଆ, ସାଗର ଗୁପ୍ତା, ରାଜକୁମାର ରଣା, ଅବଦୁଲ ହାମଜା, ସିବା ବାଘ, ବାବଲୀ ପଡ଼େଇ, ଲିକନ ନାୟକ, ବିନୋଦ ବରୀୟା, ଗୋପାଳ ଦେବନାଥ, ସୌରଭ ଦେବନାଥ, ଅବଦୁଲ ହୁମାୟୁନ, ରାଜା ସାହୁ, ବୁଲୁ ବାଘ, ଶ୍ରୀକାନ୍ତ ବାଘ, ସତୀଶ ଅଗ୍ରୱାଲ, ଅଜୁ, ସଙ୍ଗମ ଗୁପ୍ତା, ମିନୁ ଦେବନାଥ ପ୍ରମୁଖ ସହଯୋଗ କରିଥିଲେ।




ଅତିଥିମାନେ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ବାବା ମୁକ୍ତେଶ୍ୱରଙ୍କ ପତରପେଁଡି

ଜମନକିରା, ୬।୬ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାରେ ବାବା ମୁକ୍ତେଶ୍ୱରଙ୍କ ବୁଧବାର ବିଳମ୍ବିତ ରାତିରେ ପତରପେଁଡି ଓ ନିର୍ବନ୍ଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଶ୍ଚିମାମୁଖୀ ବାବା ମୁକ୍ତେଶ୍ୱର ମନ୍ଦିରରୁ ଶ୍ରଦ୍ଧାଳୁମାନେ ବାହାରି ଗାଁ ପରିକ୍ରମା କରିବା ପରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ବର ମାତାପିତା ସମ୍ବଲପୁରର ପି.କେ. ରାମକୁମାର ଓ ତାଙ୍କର ସ୍ତ୍ରୀ ପି.ଆର. ସୁମତୀ ଏବଂ ମା' ପାର୍ବତୀଙ୍କ ପିତାମାତା ଅନୁଗୋଳ ଜିଲା ରେଙ୍ଗାଲି ଡେମ୍ ସାଇଟ୍‌ରେ ରହୁଥିବା ବସନ୍ତ କୁମାର ସାହୁ ଏବଂ ତାଙ୍କର ସ୍ତ୍ରୀ ଗୋପୀକା ସାହୁ ନିର୍ବନ୍ଧ କାର୍ଯ୍ୟ ତୁଲାଇଥିଲେ।

ମନ୍ଦିର ସ୍ଥାୟୀ ପୂଜକ ପଞ୍ଚାନନ ମହାପାତ୍ର, ଅଲେଖ ମହାପାତ୍ର, ପ୍ରସନ୍ନ ମହାପାତ୍ର, ବାଲାମଣୀ ମହାପାତ୍ର ପ୍ରମୁଖ ପୂଜା କାର୍ଯ୍ୟ କରିଥିବା ବେଳେ ଅନ୍ୟ ପୂଜକମାନେ ସହଯୋଗ କରିଥିଲେ। ଶୁକ୍ରବାର ମା' ପାର୍ବତୀଙ୍କୁ ଜମନକିରା ଜଗନ୍ନାଥ ମନ୍ଦିରକୁ ଅଣାଯିବା ସହ ପୂର୍ବାହ୍ନ ସାଢ଼େ ୧୦ଟାରେ ହଳଦୀ କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟାରେ ମୁକ୍ତେଶ୍ୱର ମନ୍ଦିରରୁ ବାବାଙ୍କ ବରଯାତ୍ରୀ ବାହାରିବ। ରାତ୍ର ସାଢ଼େ ୮ଟାରେ ପ୍ରସାଦ ସେବନ ପରେ ସ୍ଥାନୀୟ ପୁରୁଣାଥାନା କୃଷକ ଖଳା ମଣ୍ଡପରେ ବାବା ମୁକ୍ତେଶ୍ୱର ଏବଂ ମା' ପାର୍ବତୀଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହେବ। ଶନିବାର ଦେବ ଦମ୍ପତିଙ୍କ ଦର୍ଶନ ଓ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଥିବା ବେଳେ ରବିବାର ମୁକ୍ତେଶ୍ୱର ମନ୍ଦିର ପରିସରରେ ଝୁଲଣ ଉତ୍ସବ ସହ ପ୍ରଭୁଙ୍କ ସ୍ୱମନ୍ଦିର ପ୍ରବେଶ କାର୍ଯ୍ୟକ୍ରମ ରହିଛି।

## ଜମନକିରା ବ୍ଲକ



ବାବା ମୁକ୍ତେଶ୍ୱରଙ୍କ ପତରପେଁଡି ଓ ନିର୍ବନ୍ଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମହିଳାମାନେ ।



ତାଙ୍କ ନିକଟରେ ନିଜକୁ ସମର୍ପି ଦିଅ; ତାଙ୍କରି କରୁଣାରେ ତୁମ୍ଭ ଆତ୍ମା ପ୍ରସ୍ଫୁଟିତ ହେବ। ସେ ପରମେଶ୍ୱର ଏବଂ ତୁମ୍ଭର ସ୍ୱାମୀ, ତାଙ୍କ ପ୍ରତି ତୁମର ଶ୍ରଦ୍ଧା ଦ୍ୱାରା ହିଁ ତାଙ୍କର ଦର୍ଶନ ପାଇବ। ଏହି ଭାବକୁ ଧ୍ୟାନ କଲେ ପରମ ଶାନ୍ତି ପାଇବ।
- ରାମାନୁଜ



## ଦେବଦେବୀଙ୍କୁ ନିଉତା ଦେଲେ ହନୁମାନ

# ଲୋକବାଦ୍ୟରେ ଦୁଲୁକିଲା ସହର







ଗୁରୁବାର ରାତିରେ ଝାଡୁଆପଡା ବୀରହନୁମାନ ସୁସଜ୍ଜିତ ରଥରେ ଆରୂଢ଼ ହୋଇ ନଗର ପରିକ୍ରମାରେ ଯାଉଛନ୍ତି (ବାମ)। ସମ୍ବଲପୁରରେ ଗଡଡ ବାଡି ନୃତ୍ୟ (ମଝି)। ସମ୍ବଲପୁରରେ ଶ୍ରୀକୃଷ୍ଣ ନିଉତା ।



ଶୀତଳେଶ୍ୱର ବାବାଙ୍କ ପୀଠରେ ମହାଆଳତି କରାଯାଉଛି ।



ମୁଦିପଡା ଯାତ୍ରା କମିଟିର ହନୁମାନ ନିଉତା ।



ବଡବଜାର ଯାତ୍ରା କମିଟିର ହନୁମାନ ନିଉତା ।

**ସମ୍ବଲପୁର, ୬।୬ (ବ୍ୟୁରୋ)**

ଜଗତଜନନୀ ମା' ପାର୍ବତୀ ଓ ଦେବଦେବ ମହାଦେବଙ୍କ ଲୌକିକ ବିବାହ ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଶୁକ୍ରବାର ରାତ୍ରିରେ ଭକ୍ତଙ୍କ କାନ୍ଧରେ ଦେବ ଦେବ ମହାଦେବ ବରାତିରେ ବାହାରିବେ । ଶନିବାର ମାହେନ୍ଦ୍ର ମୁହୂର୍ତ୍ତରେ ଦେବଦମ୍ପତିଙ୍କ ବିବାହ ହେବାକୁ ଲଗ୍ନ ଧାର୍ଯ୍ୟ ହୋଇଛି । ଶୈବପୀଠ ଓ ଯାତ୍ରାପଥ ରଙ୍ଗବେରଙ୍ଗର ଆଲୋକମାଳାରେ ସଜାଯାଇଛି । ମହାଦେବଙ୍କ ବରାତିରେ ନୃତ୍ୟ କରିବାକୁ ରାଜ୍ୟ ଓ ରାଜ୍ୟବାହାରୁ କଳାକାରମାନେ ପହଞ୍ଚିଛନ୍ତି । ଅପରପେକ୍ଷ ଦେବଦମ୍ପତିଙ୍କ ଲୌକିକ ବିବାହରେ ସାମିଲ ହେବାକୁ ଦେବଦେବୀଙ୍କୁ ଗୁରୁବାର ରାତିରେ ପରମ୍ପରାନୁସାରେ ବୀର ହନୁମାନ ନିଉତା (ଗୁଆଗୁଁଡା) ଦେଇଛନ୍ତି । ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବଡବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ବୁଢାରଜା ମହାଦେବ, ଦୁର୍ଗାପାଲି ଗୁଡେଶ୍ୱର ବାବା ଓ ଐତିହାସିକ ବାଲିବନ୍ଧା ସୋମନାଥ ବାବା ଏବଂ ମା' ପାର୍ବତୀଙ୍କ ବିବାହ ଉତ୍ସବରେ ଯୋଗ ଦେବାକୁ ହନୁମାନ ଦେବୀଦେବଙ୍କୁ ନିମନ୍ତ୍ରଣ କରିଛନ୍ତି । ଏହି କ୍ରମରେ ଝାଡୁଆପଡ଼ା ଆରଣ୍ୟକ ଯାତ୍ରା କମିଟି ପଣ୍ଡିତ ମହେନ୍ଦ୍ର ପୂଜାରୀ ମହାଆଳତୀ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ମନ୍ଦିର ପୂଜକ ରାମନାଥ ମହାପାତ୍ର ରୌପ୍ୟ ଖଚିତ ପରାତରେ ଗୁଆଁଗୁଡା ସାମଗ୍ରୀ ଧରି ମନ୍ଦିରରୁ ବାହାରି ଥିଲେ । ବରପିତା ସନ୍ତୋଷ ସୂପକାରଙ୍କ ସହ ଯାତ୍ରା କମିଟି କର୍ମକର୍ତ୍ତା ଓ ଭକ୍ତମାନେ ହନୁମାନ ନିଉତା ଶୋଭାଯାତ୍ରାରେ ସାମିଲଥିଲେ। ଦେବଦେବୀଙ୍କ ପୀଠରେ ପହଞ୍ଚି ପଇତା, ହଳଦୀ, ନୂଆବସ୍ତ୍ର, ମିଷ୍ଟାନ୍ନ ଓ ଗୁଆ ଅର୍ପଣ କରାଯାଇଥିଲା । ସେହିପରି ମୁଦିପଡା ବରପିତା ମଧୁସୂଦନ ନେଗି, ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଓ ଗୋବିନ୍ଦ ପଣ୍ଡା ଅଞ୍ଚଳର ଦେବଦେବୀ ଲକ୍ଷ୍ମୀ, ଗଣେଶ, ଦୁର୍ଗା, ବୈଷ୍ଣଦେବୀ, ରାମଲକ୍ଷ୍ମଣ ସୀତା, ଶନି, ରାଧାକୃଷ୍ଣ, ଭୈରବୀ, ହନୁମାନ ଓ ଜଗନ୍ନାଥ ମନ୍ଦିରରେ ନିଉତା ଦେଇଥିଲେ। ମନ୍ଦିର ପୂଜକ ସଞ୍ଜୟ ବଡମାଲି ହନୁମାନଙ୍କ ପୂଜାର୍ଚ୍ଚନା କରିଥିଲେ। ବଡବଜାର ଯାତ୍ରା କମିଟି କର୍ମକର୍ତ୍ତା ଓ ସଭ୍ୟମାନେ ଗୁଆଗୁଣ୍ଡା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବୀର ହନୁମାନ



ସୋମନାଥ ପୀଠ ଆଲୋକମାଳାରେ ଝଟକୁଛି ।



ଜାଗେଶ୍ୱର ବାବାଙ୍କ ମନ୍ଦିରରେ ଆଲୋକମାଳା ।

ସୁସଜ୍ଜିତ ରଥରେ ଆରୁଢ଼ ହୋଇ ଶୀତଳେଶ୍ୱର ବାବାଙ୍କ ପୀଠରୁ ବାହାରି ଅଞ୍ଚଳ ପରିକ୍ରମା କରିଥିଲେ। ରାମଜୀଗୁଡି ଛକ ସ୍ଥିତ କୁଠା ଜଗନ୍ନାଥ, ରାମ ମନ୍ଦିର, ପାଟଣେଶ୍ୱରୀ, ସମଲେଶ୍ୱରୀ, ବଡବଜାର ନୃସିଂହ ମହାପ୍ରଭୁ, ଧୁବାପଡା ଘିକୁଣ୍ଡି ମନ୍ଦିର, କୁଷ୍ଠାପଡ଼ା ରାଧାକୃଷ୍ଣ ମନ୍ଦିର, ମାଲିପଡ଼ା ଜଗନ୍ନାଥ ମନ୍ଦିରରେ ନିମନ୍ତ୍ରଣ ଦେଇଥିଲେ । ଠାକୁରପଡ଼ା ଯାତ୍ରା କମିଟି ସଭାପତି ଶିବ ପ୍ରଧାନଙ୍କ ପରିଚାଳନାରେ ନିଉତା କାର୍ଯ୍ୟକ୍ରମ ହୋଇଥିଲା । ହନୁମାନ ଭକ୍ତଙ୍କ ଗହଣରେ ଯାଇ ଠାକୁରପଡ଼ା, ଦଶମତି କଲୋନୀ, ଗୋପାଳମାଲ, କୁଲୁତାଦାନୀପାଲି, ବେହେରାମୁଣ୍ଡ, ପାଞ୍ଚଗଛିଆ ଅଞ୍ଚଳର ଦେବଦେବୀଙ୍କୁ ନିଉତା ଦେଇଥିଲେ । ସହରର ସର୍ବପୁରାତନ ବାଲିବନ୍ଧା ସୋମନାଥ ବାବାଙ୍କ ପୀଠରୁ ଟ୍ରଷ୍ଟ ସଭାପତି ନିହାର ରଞ୍ଜନ ବହିଦାରଙ୍କ ପରିଚାଳନାରେ ଶ୍ରୀକୃଷ୍ଣ ନିଉତା ହୋଇଥିଲା । ଏଥିରେ ଯାତ୍ରା କମିଟି ସଭାପତି ପ୍ରଶାନ୍ତ ପ୍ରଧାନଙ୍କ ସମେତ ଟ୍ରଷ୍ଟ ସଭ୍ୟ ଓ ଅଞ୍ଚଳର ଭକ୍ତମାନେ ସାମିଲ ଥିଲେ । ଶଙ୍ଖ, ଘଣ୍ଟ, ଦୁଲଦୁଲି, ଢ଼ାକି ବଜା, ଗଡଡ ବାଡି ଓ କିନ୍ନରଙ୍କ ନୃତ୍ୟ ଛୋଟାରେ ଶୋଭାଯାତ୍ରା ହୋଇଥିଲା।



ଗୁରୁବାର ସମ୍ବଲପୁରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କର୍ମକର୍ତ୍ତାମାନେ ଖବରଦାତା ସମ୍ମିଳନୀରେ ରାଷ୍ଟ୍ରୀୟ ଶିକ୍ଷାନୀତି ତୁରନ୍ତ ଲାଗୁ କରିବା ବିଷୟରେ ସୂଚନା ଦେଉଛନ୍ତି ।

## ପିକ୍ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍ ଚାଳକ ମୃତ

**ବାମରା, ୬।୬ (ସ୍ୱ.ପ୍ର.)**

ବାମରା– ଗରିଆମାଲ ମୁଖ୍ୟରାସ୍ତା ତାଲଡିହି ଛକଠାରେ ଏକ ପିକଅପ୍ ଭ୍ୟାନ ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋବିନ୍ଦପୁର ପଞ୍ଚାୟତ ହରିପଡାର ମାନୁଏଲ ଯୋଯୋ (୨୯)। ଏନେଇ ଗୋବିନ୍ଦପୁର ଥାନା ପୋଲିସ ଏକ ମାମଲା ରୁଜୁ କରି ପିକଅପ୍ ଭ୍ୟାନକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ଅଧିକ ତଦନ୍ତ ଚଲାଇଛି। ମିଳିଥିବା ସୂଚନା ମୁତାବକ, ବୁଧବାର ବିଳମ୍ବିତ ରାତିରେ ବାମରାରୁ ଗରିଆମାଲ ଆସୁଥିବା ଏକ ନମ୍ବରବିହୀନ ପିକଅପ୍ ଭ୍ୟାନ ଭାରସାମ୍ୟ ହରାଇ ବାଇକ(ନଂ.ଓଡି୧୫ଏଲ–୭୪୩୨)କୁ ଧକ୍କା ଦେଇଥିଲା । ଫଳରେ ବାଇକ୍ ଚାଳକ ମାନୁଏଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବର ପାଇ ଗୋବିନ୍ଦପୁର ପୋଲିସ ଏସ୍ଆଇ ଥୋମାସ କେର୍କେଟା, ଏଏସ୍ଆଇ ଯୋଗେଶ୍ୱର କିଷାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋବିନ୍ଦପୁର ଡାକ୍ତରଖାନାକୁ ପଠାଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ଚାରପାଲିରେ ଅଷ୍ଟପ୍ରହର ନାମଯଜ୍ଞ

**ଚିପିଲିମା,୬।୬(ଡି.ଏନ.ଏ.)**

ସମ୍ବଲପୁର ଜିଲା କର୍ଡୋଲା ପଞ୍ଚାୟତ ଚାରପାଲି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁଧାଂଶୁ ଶେଖର ପାଣିଗ୍ରାହୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ପ୍ରକାଶ ପଣ୍ଡା ସହଯୋଗ କରିଥିଲେ। ଯଜ୍ଞ କର୍ତ୍ତା ଭାବେ ମୁରଲୀଧର ଛୁରିଆ ଏବଂ ତାଙ୍କ ସ୍ତ୍ରୀ ଦାୟିତ୍ୱ ସମ୍ପାଦନ କରିଥିଲେ। ଏଥିରେ ଗ୍ରାମବାସୀ ସହଯୋଗ କରିଥିଲେ ।

## ନିଟ୍ ପରୀକ୍ଷାରେ ଆଇବିଏସ୍ ଛାତ୍ରୀଛାତ୍ର କୃତିତ୍ୱ

# ସତ୍ୟଜିତ ଜିଲା ଟପ୍ପର

**ସମ୍ବଲପୁର,୬।୬(ବ୍ୟୁରୋ)**

ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା(ନିଟ୍) ୨୦୧୯ରେ ସମ୍ବଲପୁର ଫାଟକସ୍ଥିତ ଆଇବିଏସ୍ ଇନଷ୍ଟିଚ୍ୟୁଟର ଛାତ୍ରୀଛାତ୍ରମାନେ କୃତିତ୍ୱ ହାସଲ କରିଛନ୍ତି । ଶିକ୍ଷାନୁଷ୍ଠାନର ଛାତ୍ର ସତ୍ୟଜିତ ତିୱାରୀ ୬୧୯ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି । ସେହିପରି ବିକାଶ ସେଟ(୪୫୧ଏସସି), ରିମାରାଣୀ ସାହୁ (୫୧୩), ଜନ୍ମେଜୟ ମେହେର(୫୨୨), ଦିଶାନ୍ତ ନାଥ(୫୦୮), ବିବେକାନନ୍ଦ ପଧାନ(୫୧୧)ଙ୍କ ସମେତ ନମ୍ରତା ବାଗ, ଟିକେଶ୍ୱର ସତନାମୀ, ସୋନାଲିକା କୁମୁରା, ସୁନ୍ଦର ସୌରେନ, ଅଳିଭା ବାରିକ, ସୌରଭ ବର୍ଗେ ସଫଳତା ହାସଲ କରି ଇନଷ୍ଟିଚ୍ୟୁଟକୁ ଗୌରବାନ୍ୱିତ କରିଛନ୍ତି। ଗୁରୁବାର ଏନେଇ ଇନ୍ଷ୍ଟିଚ୍ୟୁଟ ଅଧ୍ୟକ୍ଷ ଗୁପ୍ତେଶ୍ୱର ମେହେର ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବା ସହ ଶୁଭେଚ୍ଛା ଜ୍ଞାପନ

## ଗଛରୁ ଝୁଲାନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର

**ସମ୍ବଲପୁର,୬।୬ (ବ୍ୟୁରୋ)**

ସମ୍ବଲପୁର କ୍ଷେତରାଜପୁର ଥାନା ମନ୍ଦଲିଆ ଝପୁଡିପଡାର ରୋସନ ଗଗରାଇଙ୍କ ମୃତଦେହ ଏକ ଗଛରୁ ପୋଲିସ ଉଦ୍ଧାର କରିଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଲାଇଛି। ସୁଚନାଯୋଗ୍ୟ, ଗୁଡେଶ୍ୱର ବାବା ମନ୍ଦିର ନିକଟସ୍ଥ ଏକ ଗଛରେ ମୃତଦେହ ଓହଳି ପଡିଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇଥିଲା । ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବିଶ୍ୱ ପରିବେଶ ଦିବସରେ ଚାରା ରୋପଣ

**ସମ୍ବଲପୁର, ୬।୬ (ବ୍ୟୁରୋ)**

ବିଶ୍ୱ ପରିବେଶ ଦିବସ ଝାରସୁଗୁଡ଼ାସ୍ଥିତ ବେଦାନ୍ତ କମ୍ପାନୀ ପରିସରରେ ପାଳିତ ହୋଇଯାଇଛି । ଏଥିରେ କମ୍ପାନୀର ୫୦୦ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସହକର୍ମୀ ସାମିଲ ହୋଇ ୧ହଜାରରୁ ଊର୍ଦ୍ଧ୍ୱଚାରା ରୋପଣ କରିଥିଲେ । ପ୍ଲାଣ୍ଟ– ୨ ମୁଖ୍ୟ ଗୋବିନ୍ଦ ପଲ, ସ୍ୱାସ୍ଥ୍ୟ ସୁରକ୍ଷା ଓ ପରିବେଶ ବିଭାଗ ମୁଖ୍ୟ ଚୋ ଚାଂ ଯୋଗଦେଇ ଥିଲେ । ବେଦାନ୍ତ ସିଇଓ ଅଭିଜିତ ପତି କହିଥିଲେ ଯେ, ବୈଷୟିକଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ ସବୁଜ ଓ ଉନ୍ନତି ଭବିଷ୍ୟତ ଗଢ଼ିବା କମ୍ପାନୀର ମୂଲ୍ୟଲକ୍ଷ୍ୟ। ଏନେଇ କମ୍ପାନୀର କର୍ମଚାରୀମାନେ ନିରନ୍ତର ପ୍ରୟାସ ଜାରି ରଖିଥିବା କହିଥିଲେ । ଏହି ଅବସରରେ ଆୟୋଜିତ କୁଇଜ, ଚିତ୍ରାଙ୍କନ, ସ୍ଲୋଗାନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।




ବିଶ୍ୱ ପରିବେଶ ଦିବସ ଉତ୍ସବରେ ଝାରସୁଗୁଡ଼ା ବେଦାନ୍ତ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଛନ୍ତି ।

## ସଂକ୍ଷେପରେ

### ରାଜ୍ୟପାଳଙ୍କ ଅଚାନକ ବାଣୀବିହାର ଗସ୍ତ

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର,୬।୬(ବ୍ୟୁରୋ):** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗୁରୁବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। କଟକରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଫେରିବାବେଳେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଲାଲ୍ ଅଚାନକ ବାଣୀବିହାର କ୍ୟାମ୍ପସରେ ପ୍ରବେଶ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତିଙ୍କ କାର୍ଯ୍ୟାଳୟରେ ପହଞ୍ଚି କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ଫନୀରେ ବାଣୀବିହାରର କ୍ଷୟକ୍ଷତି ଓ ପୁନରୁଦ୍ଧାର ସ୍ଥିତି ସଂପର୍କରେ ରାଜ୍ୟପାଳ କୁଳପତିଙ୍କଠାରୁ ପଚାରି ବୁଝିଥିଲେ। ଏଥିସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ ରାଜ୍ୟପାଳ। ଏହି ଅବସରରେ କୁଳାଧିପତି ପ୍ରଫେସର ଲାଲ୍ ବାଣୀବିହାରରେ ଭୂତଳ ବିଦ୍ୟୁତ୍ କେବଲିଂ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବାଣୀବିହାରର ଜବରଦଖଲ ଉଚ୍ଛେଦ ସ୍ଥିତି ସମ୍ପର୍କରେ ବୁଝିବା ସହ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧାପକମାନେ ଛାତ୍ରୀଛାତ୍ରଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କରେ ରହିବା ସହ ବାଣୀବିହାରରେ ଅନୁକୂଳ ଶୈକ୍ଷିକ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। ସେହିଭଳି ଛାତ୍ରୀଛାତ୍ରଙ୍କ ସମସ୍ୟାର ସମାଧାନକୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନର ସଫଳ ରୂପାୟନ ନିମନ୍ତେ ଏକ ସ୍ପେଶାଲ ପର୍ପସ୍ ଭେଇକିଲ ଗଠିତ ହୋଇଥିବା କୁଳପତି ଏହି ଅବସରରେ ସୂଚନା ଦେଇଥିଲେ। ଚଣ୍ଡିଖୋଲସ୍ଥିତ ବାଣୀବିହାରର ନୂତନ କ୍ୟାମ୍ପସ୍‌ରେ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ 'ସେଣ୍ଟର ଫର ରୁରାଲ ଷ୍ଟଡ଼ିଜ୍' ଖୋଲାଯିବା ପାଇଁ ଯୋଜନା ରହିଥିବା କୁଳପତି ଜଣାଇଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟକୁ ଦେଶର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ଓ ଶୈକ୍ଷିକ ମାନବୃଦ୍ଧି ନିମନ୍ତେ ସବୁ ପ୍ରକାର ଉଦ୍ୟମ କରିବାକୁ କୁଳାଧିପତି ପ୍ରଫେସର ଲାଲ କୁଳପତିଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳଙ୍କ ସ୍ୱତନ୍ତ୍ର ସଚିବ ଚିତ୍ତରଂଜନ ମହାନ୍ତି ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ।

### ଭୋଗ ଖାଇ ଶତାଧିକ ଅସୁସ୍ଥ

**ମାଲକାନଗିରି,୬।୬ (ସ୍ୱ.ପ୍ର.):** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ମାରିୱାଡା ପଞ୍ଚାୟତର ଏମଭି-୨୫ ଗ୍ରାମରେ ଭୋଗଖାଇ ଶତାଧିକ ଲୋକ ଅସୁସ୍ଥ ହୋଇପଡିଛନ୍ତି। ବୁଧବାର ରାତିରେ ଏମଭି-୨୫ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ପୂଜା ହୋଇଥିଲା। ଗ୍ରାମବାସୀ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପ୍ରସାଦ ଖାଇଥିଲେ। ପ୍ରସାଦ ଖାଇବା ପରେ ଗ୍ରାମବାସୀ ଅସୁସ୍ଥ ହୋଇପଡି ବାନ୍ତି କରିଥିଲେ। ଅସୁସ୍ଥଙ୍କୁ ଗୁରୁବାର ସକାଳେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାଗଳ କୁକୁର କାମୁଡି ଥିବା ଏକ ଗାଈର କ୍ଷୀରରେ ପ୍ରସ୍ତୁତ ହୋଇଥିବା ଏହି ଭୋଗ ଖାଇ ଏପରି ହୋଇଥିବା ଜଣାପଡିଛି।

# 'ଅପରେଶନ୍ ବ୍ଲୁ ଷ୍ଟାର'କୁ ୩୫ବର୍ଷ

ଅମୃତସର,୬।୬(ପି.ଟି.)

୧୯୮୪ ଜୁନ୍ ୬ରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା 'ଅପରେଶନ୍ ବ୍ଲୁ ଷ୍ଟାର'ର ୩୫ବର୍ଷ ପୂର୍ତ୍ତି ପାଳିତ ହୋଇଛି। ଶିଖ୍ ଗୋଷ୍ଠୀ ପକ୍ଷରୁ ବିକ୍ଷୋଭ ଓ ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ସ୍ୱର୍ଣ୍ଣମନ୍ଦିରକୁ କିଛି ଘଣ୍ଟା ପାଇଁ ବନ୍ଦ କରିଦିଆଯାଇଥିଲା। ମନ୍ଦିର ପରିସରରେ ଶିଖ୍ କଠୋରପନ୍ଥୀମାନେ ଖଲିସ୍ତାନ ସପକ୍ଷବାଦୀ ସ୍ଲୋଗାନମାନ ଦେଇଥିଲେ।

କଠୋରପନ୍ଥୀ ଶିଖ୍ ଗୋଷ୍ଠୀ ଦଲ୍ ଖାଲ୍‌ସା ଦ୍ୱାରା ଅମୃତସରରେ ବନ୍ଦ ପାଳନ କରାଯାଇଥିଲା। ଶିଖ୍ ସମ୍ପ୍ରଦାୟର ଅନ୍ୟତମ ଗୋଷ୍ଠୀ ଅକଲ ତଖତ୍ ମଧ୍ୟ ସେନା ଆକ୍ରମଣରେ ମୃତ ଲୋକଙ୍କ ଉଦ୍ଦେଶ୍ୟରେ ସମୂହ ପ୍ରାର୍ଥନା ଆୟୋଜନ କରିଥିଲା। କେତେକ ବ୍ୟକ୍ତି ହସ୍ତରେ ଖଡ୍‌ଗ ଏବଂ ମୃତ୍ୟୁବରଣ କରିଥିବା 'ଦମଦାମି ତକ୍‌ସଲ' ମୁଖ୍ୟ ଜାରନେଲ ସିଂ ଭିନ୍ଦ୍ରାନୱାଲେଙ୍କ ଫଟୋ ଥିବା ବ୍ୟାନର ଧରି ଶୋଭାଯାତ୍ରା କରିଥିଲେ। ପୂର୍ବତନ ଏମ୍‌ପି ତଥା ଶିରୋମଣି ଅକାଳି ଦଳ (ଅମୃତସର) ସଭାପତି ସିମରନ୍‌ଜିତ ସିଂ ମନ୍ ଏବଂ କେତେକ ଯୁବକ ଖଲିସ୍ତାନ ସପକ୍ଷବାଦୀ ସ୍ଲୋଗାନ ଦେଇଥିଲେ। କଠୋରପନ୍ଥୀ ଗୋଷ୍ଠୀର ଦମଦାମି ତକସଲ୍ ମୁଖ୍ୟ ହରନାମ୍ ସିଂ ଧୁମା, ଜାଠେଦାର ଜ୍ଞାନୀ ହରପ୍ରୀତ ସିଂ ଏବଂ ଶିରୋମଣି ଗୁରୁଦ୍ୱାର ପ୍ରବନ୍ଧକ କମିଟି (ଏସ୍‌ଜିପିସି)ର ତୁଙ୍ଗ ନେତାମାନେ



ଅମୃତସର: ବିଭିନ୍ନ କଠୋରପନ୍ଥୀ ଶିଖ୍ ସଂଗଠନର ସଦସ୍ୟମାନେ ଖଲିସ୍ତାନ ସପକ୍ଷବାଦୀ ସ୍ଲୋଗାନ ଦେଇ ଖଡ୍‌ଗ ପ୍ରଦର୍ଶନ କରୁଛନ୍ତି।

ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରିଥିଲେ। ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ଜ୍ଞାନୀ ହରପ୍ରିତ ସିଂ କହିଲେ, ବିଶ୍ୱର ବିଭିନ୍ନ ଦେଶରେ ବାସ କରୁଥିବା ଶିଖ୍ ସମ୍ପ୍ରଦାୟ 'ଅପରେଶନ ବ୍ଲୁଷ୍ଟାର'ର ଅପୂରଣୀୟ କ୍ଷତିକୁ ଭୁଲିପାରିବେ ନାହିଁ।

ଅପରେଶନ୍ ବ୍ଲୁଷ୍ଟାର ସମୟରେ ସ୍ୱର୍ଣ୍ଣ ମନ୍ଦିର ମଧ୍ୟରେ ଥିବା ଶିଖ୍ ରେଫରେନ୍ସ ଲାଇବ୍ରେରିରୁ ବହୁ ଐତିହାସିକ ଓ ପ୍ରାଚୀନ ଗ୍ରନ୍ଥ କେନ୍ଦ୍ର ସରକାର ନେଇଯାଇଥିଲେ। ସେ ସବୁକୁ ଫେରାଇଦେବା ପାଇଁ ଜାଠେଦାର ଓ ଅକାଳିଦଳ ପକ୍ଷରୁ ଅନୁରୋଧ କରାଯାଇଛି। କୌଣସି ଆଇନ ଶୃଙ୍ଖଳା ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ବ୍ୟାପକ ପୋଲିସ ସାଦା ପୋଷାକରେ ମୁତୟନ ଥିଲେ। ସ୍ୱର୍ଣ୍ଣ ମନ୍ଦିର ପରିସରରେ କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ଲାଗି ୩,୦୦୦ରୁ ଊର୍ଦ୍ଧ୍ୱ ନିରାପତ୍ତାରକ୍ଷୀ ମୁତୟନ ଥିଲେ।

**ଘଟଣାର ପୃଷ୍ଠଭୂମି**

୧୯୮୪ ଜୁନ୍ ୩ରୁ ୬ ମଧ୍ୟରେ ସ୍ୱର୍ଣ୍ଣ ମନ୍ଦିରରେ ଅସ୍ତ୍ରଶସ୍ତ୍ର ମହଜୁଦ ରଖି ଲୁଚିରହିଥିବା ଶିଖ୍ ଉଗ୍ରପନ୍ଥୀ ଗୋଷ୍ଠୀକୁ ଦମନ କରିବା ପାଇଁ ଭାରତୀୟ ସେନା ପକ୍ଷରୁ ଯେଉଁ ସାମରିକ ଅଭିଯାନ କରାଯାଇଥିଲା ତାହାକୁ ଅପରେଶନ୍ ବ୍ଲୁଷ୍ଟାର କୁହାଯାଏ। ଶିଖ୍ ଉଗ୍ରପନ୍ଥୀ ଗୋଷ୍ଠୀର ନେତା ଜାରନେଲ ସିଂ ଭିନ୍ଦ୍ରାନୱାଲେ ଏବଂ ତାଙ୍କ ଅନୁଗତମାନଙ୍କୁ



ଇନ୍ଦିରା ଗାନ୍ଧୀ

ମନ୍ଦିର ମଧ୍ୟରୁ ହଟାଇଦେବା ପାଇଁ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ନିର୍ଦ୍ଦେଶରେ ଏହି ସେନା ଆକ୍ରମଣ କରାଯାଇଥିଲା। ୩ ଦିନିଆ ଅପରେଶନ୍‌ରେ ୪୧୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ସେନାର ୪ ଅଧିକାରୀଙ୍କ ସମେତ ୮୩ ଯବାନ୍ ଶହୀଦ ହୋଇଥିଲେ ଏବଂ ୧୧୮୦ ଲୋକ ଆହତ ହୋଇଥିଲେ। ତତ୍‌କାଳୀନ ସେନା ଅଧକ୍ଷ ଅରୁଣକୁମାର ଶ୍ରୀଧର ବୈଦ୍ୟ ଅପରେଶନ୍ ଶାନ୍ତିପୂର୍ଣ୍ଣ ଭାବେ ହେବ ବୋଲି ସୂଚନା ଦେଇଥିଲେ। ତେବେ ଏହି ଘଟଣାର ପ୍ରକୃତ ସ୍ୱରୂପ ସମ୍ପର୍କରେ ଅବଗତ ହୋଇ ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମର୍ମାହତ ହୋଇଥିଲେ। ଅଳ୍ପ ଲୋକ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି ତାଙ୍କୁ କୁହାଯାଇଥିଲା। ଏଥିରେ ସେନା ପକ୍ଷରୁ ଟ୍ୟାଙ୍କର ଉପଯୋଗ ମଧ୍ୟ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ପଣସ ଅଢ଼େଇଦିନ**
**ଏହା ଘେନି କରି ମଣିଷ ଚିହ୍ନ।**

ଦୁଃଖ, ଅଭାବ ତଥା ଅସୁବିଧା ସମୟରେ ପ୍ରକୃତ ହିତାକାଂକ୍ଷୀଙ୍କୁ ଚିହ୍ନିବା ସହଜ ହୋଇଯାଏ। ମଣିଷ ମଣିଷ ମଧ୍ୟରେ ସୁସମ୍ପର୍କ ରଖିବାକୁ ହେଲେ ପରସ୍ପରର ଚାରିତ୍ରିକ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ହୋଇଥାଏ। ନଶ୍ୱର ସମ୍ପଦରେ ଉନ୍ମତ୍ତ ହୋଇ ବନ୍ଧୁବାନ୍ଧବଙ୍କୁ ଭୁଲି ନ ଯିବା ଲାଗି ଏଭଳି ଉପଦେଶ ପ୍ରଦାନ କରାଯାଇଛି।

**ଆଖି ଯେବେ କୋରଡ଼େ ପଶେ**
**ଆଉ କିଏ ତା' ପାଖରେ ବସେ ?**

ବୟସ ଅତିକ୍ରାନ୍ତ ହୋଇଗଲେ ବୃଦ୍ଧ ବ୍ୟକ୍ତି ଅସହାୟ ହୋଇପଡ଼ନ୍ତି। ନିଜ ଶକ୍ତି ସାମର୍ଥ୍ୟ ଉପରୁ ଆସ୍ଥା ବା ଭରସା ହରାଇବସିବା ସହ ସବୁ କ୍ଷେତ୍ରରେ ଅଲୋଡ଼ା ହୋଇଯାନ୍ତି। ମଣିଷ ଯେତେବେଳେ ଶେଷାବସ୍ଥାରେ ଉପନୀତ ହୁଏ, ସେତେବେଳେ ଆଉ କେହି ତା' ପାଖ ମାଡ଼ିବାକୁ ଚାହୁଁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ପିତାଙ୍କୁ ମନେପକାଇଲେ ସଞ୍ଜୟ

**ମୁମ୍ବାଇ:** ଅଭିନେତା ସଞ୍ଜୟ ଦତ୍ତ ସ୍ୱର୍ଗୀୟ ପିତା ସୁନୀଲ ଦତ୍ତଙ୍କ ଜନ୍ମଦିନରେ ଏକ ହୃଦୟସ୍ପର୍ଶୀ ବାର୍ତ୍ତା ଦେଇ ତାଙ୍କୁ ପ୍ରତ୍ୟେକ ଦିନ ମିସ୍ କରୁଥିବା ଲେଖିଛନ୍ତି। ଗୁରୁବାର ଅଭିନେତା ସୁନୀଲଙ୍କ ୯୦ତମ ଜନ୍ମବାର୍ଷିକୀ ପାଳିତ ହୋଇଥିବାବେଳେ ସଞ୍ଜୟ ପିତାଙ୍କୁ ସ୍ମରଣ କରି ଟୁଇଟର ଆକାଉଣ୍ଟରେ ଏକ ମେସେଜ୍ ପୋଷ୍ଟ କରିଛନ୍ତି। ସୁନିଲ ଦତ୍ତ ଏବଂ ଭଉଣୀଙ୍କ ସହିତ ଏକ କଳାଧଳା ଫଟୋଗ୍ରାଫ୍ ସଞ୍ଜୟ ଶେୟାର କରିଛନ୍ତି। ସେଥିରେ ସେ ଲେଖିଛନ୍ତି, 'ହାପି ବାର୍ଥଡେ ଡାଡ୍, ଆଇ ମିସ୍ ୟୁ'।

ସୁନୀଲ ଦତ୍ତ ବଲିଉଡ୍‌ର ଜଣେ ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ ଏବଂ ପରବର୍ତ୍ତୀ ଜୀବନରେ ଜଣେ ରାଜନେତା



ହୋଇପାରିଥିଲେ। ସେ 'ସାଧନା', 'ଏକ ଫୁଲ ଚାର କାଣ୍ଟେ', 'ଗୁମ୍‌ରା', 'ମେରା ସାୟା', 'ମଦର ଇଣ୍ଡିଆ' ଏବଂ 'ମୁନା ଭାଇ ଏମ୍‌ବିବିଏସ୍' ଭଳି କେତେକ ସ୍ମରଣୀୟ ଫିଲ୍ମରେ କାର୍ଯ୍ୟ କରିଛନ୍ତି। ୧୯୬୮ରେ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ। ୨୦୦୫ ମେ ୨୫ରେ ମୁମ୍ବାଇସ୍ଥିତ ବାସଭବନରେ ସୁନୀଲ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ।

## ମନ୍ତ୍ରୀ ବଦଳିଗଲେ ବଦଳିଲାନି ବିଏସ୍ଇ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ସରକାରୀ କାର୍ଯ୍ୟ । ମାନ୍ଦା ହେଲେ ଚଳିବ। ଇଚ୍ଛା ହେଲେ କିଛି କରିବା ନ ହେଲେ କେହି କହିବାକୁ ନାହାନ୍ତି। ଯେତେବେଳେ ଯାହା କଲେ ସବୁ କିଛିକୁ କ୍ଷମା। ନୂଆ ସରକାର ଆସିଲା। ବଦଳିଗଲା ମନ୍ତ୍ରିମଣ୍ଡଳ। ପୁରୁଣା ମନ୍ତ୍ରୀଙ୍କ ବଦଳରେ ନୂଆମନ୍ତ୍ରୀ ୧୦ ଦିନ ହେବ ଦାୟିତ୍ୱ ନେଇସାରିଲେଣି। ବିଭାଗ ବଣ୍ଟନ ଶେଷ ହୋଇ ମନ୍ତ୍ରୀମାନେ କାର୍ଯ୍ୟରେ ଯୋଗ ଦେଲେଣି। ହେଲେ ସରକାରୀ ସଂସ୍ଥା ନିଜ ବିଭାଗର ମନ୍ତ୍ରୀମାନଙ୍କୁ ଚିହ୍ନିପାରୁ ନାହିଁ। ଏଭଳି ଘଟଣା ବିଭିନ୍ନ ସରକାରୀ ବିଭାଗରେ ଦେଖିବାକୁ ମିଳୁଛି। ମାଧ୍ୟମିକ ଶିକ୍ଷା ପରିଷଦ(ବିଏସ୍‌ଇ)କୁ ଉଦାହରଣ ଭାବେ ନିଆଯାଇପାରେ। ନୂଆ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଏସ୍‌ଇ ବୁଲି ଆସିଲେଣି। ତଥାପି ସେଠାକାର ବାବୁମାନେ ଜାଣିପାରୁ ନାହାନ୍ତି। ବିଏସ୍‌ଇ ୱେବ୍‌ସାଇଟରେ ଗୁରୁବାର ମଧ୍ୟରାତି ସୁଦ୍ଧା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଫଟୋ ରହିଛି। ସରକାରୀ କର୍ମଚାରୀମାନଙ୍କର ଖାମଖିଆଲ ମନୋଭାବକୁ ସାଧାରଣରେ ନାପସନ୍ଦ କରାଯାଇଛି।

### ଅଟୋମୋବାଇଲ ଡିଲରଙ୍କ ନାଁରେ ବ୍ୟାଙ୍କରୁ ୧ କୋଟି ହଡ଼ପ ମାମଲା

## ଫେରାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୬।୬(ବ୍ୟୁରୋ)

ଅଟୋମୋବାଇଲ ଡିଲରଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଜାଲ୍ ଆକାଉଣ୍ଟ ଖୋଲି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରିବା ମାମଲାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ(ଅର୍ଥନୈତିକ ଅପରାଧ ଶାଖା) ଗୁରୁବାର ଗିରଫ କରିଛି। ସେ ହେଲେ ଲିଙ୍ଗରାଜ ଥାନା ଅନ୍ତର୍ଗତ ଖରାଖିଆ ବୈଦ୍ୟନାଥ ଲେନ୍‌ରେ ରହୁଥିବା କଟକ ଗୋବିନ୍ଦପୁର ଅଞ୍ଚଳର ମୈତ୍ରେୟ ମିଶ୍ର। ସେ ଓ କେତେଜଣ ସହଯୋଗୀ ପଳାଶପଲ୍ଲୀସ୍ଥିତ ସେଣ୍ଟ୍ରାଲ ବ୍ୟାଙ୍କ୍ ଅଫ ଇଣ୍ଡିଆରୁ ୧ କୋଟି ୯ଲକ୍ଷ ୬୨ ହଜାର ଟଙ୍କାର ଲୋନ୍ ଆଣି ଆଉ ଶୁଝି ନ ଥିଲେ। ମ୍ୟାନେଜର ଅଜୟ କୁମାର ଖୁଣ୍ଟିଆଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ୧୦/୧୮ରେ ଏକ ମାମଲା ରୁଜୁ ହୋଇଥିଲା।

### ବୋର୍ଡ କାର୍ଯ୍ୟାଳୟରେ ଗଣଶିକ୍ଷା ମନ୍ତ୍ରୀ

## ସରକାରୀ ସ୍କୁଲରେ ଇଂଲିଶ କହିବା ଶିଖିବେ ପିଲା

କଟକ ଅଫିସ, ୬।୬

ରାଜ୍ୟର ସରକାରୀ ସ୍କୁଲଗୁଡ଼ିକରେ ଛାତ୍ରୀଛାତ୍ରମାନଙ୍କୁ ଇଂଲିଶରେ କହିବା (ସ୍ପୋକନ ଇଂଲିଶ) ଶିକ୍ଷା ଦିଆଯିବ। ଗତ ମାଟ୍ରିକ ପରୀକ୍ଷାରେ ୮୨ଟି ସ୍କୁଲର ଫଳାଫଳ ଶୂନ ରହିଥିଲା। ଉପରୋକ୍ତ ସ୍କୁଲଗୁଡ଼ିକୁ ଏଭଳି ଖରାପ ଫଳାଫଳ ସମ୍ପର୍କରେ ନୋଟିସ ଦିଆଯିବ। ଗୁରୁବାର ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଅଫିସ ପରିଦର୍ଶନ କରି ଏହି କଥା କହିଛନ୍ତି। ଜିରୋ ରେଜଲ୍ଟ କରିଥିବା ସ୍କୁଲଗୁଡ଼ିକୁ ଆବଶ୍ୟକ ସ୍ଥଳେ ମନ୍ତ୍ରୀ ଗସ୍ତ କରି ସେଠାକାର ଭିତ୍ତିଭୂମି ଓ ଶୈକ୍ଷିକ ବ୍ୟବସ୍ଥାର ଅନୁଧ୍ୟାନ କରିବେ। ଏପରି କି ସେଠାକାର ଲୋକଙ୍କ ମତାମତ ମଧ୍ୟ ସଂଗ୍ରହ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଦାଶ ବୋର୍ଡ ଅଫିସରେ ପହଞ୍ଚି ବୋର୍ଡ ସଭାପତି ଡ. ଜହାଁଆରା ବେଗମ୍‌ଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟରେ କ'ଣ କଲେ ଶିକ୍ଷା ବ୍ୟବସ୍ଥାର ଉନ୍ନତି ହୋଇପାରିବ, ରାଜ୍ୟବାସୀ



ବୋର୍ଡ ଅଫିସ୍‌ରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୋର୍ଡ ସଭାପତିଙ୍କ ସହ ଆଲୋଚନା କରୁଛନ୍ତି।

କିପରି ଘରୋଇ ସ୍କୁଲ ମୋହ ତୁଟାଇ ସରକାରୀ ସ୍କୁଲ ମୁହାଁ ହେବେ ସେ ନେଇ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ପାଠପଢାରେ ସୁଧାର ଆଣିବା ଉପରେ ମଧ୍ୟ ମନ୍ତ୍ରୀ ବୋର୍ଡ ସଭାପତିଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ମୁଖ୍ୟତଃ ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷା ବ୍ୟବସ୍ଥା ଫେଲ୍ ମାରୁଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କ ଭବିଷ୍ୟତ ପାଇଁ ଘରୋଇ ସ୍କୁଲ ଉପରେ ନିର୍ଭର କରୁଛନ୍ତି, ଯେଉଁଥିପାଇଁ ଦିନକୁ ଦିନ ସରକାରୀ ସ୍କୁଲରେ ପିଲା ସଂଖ୍ୟା କମି କମି ଯାଉଛି। ପ୍ରତ୍ୟେକଥର ପରୀକ୍ଷା ସମୟରେ ଶିକ୍ଷକଙ୍କ ଧାରଣାଠୁ ଆରମ୍ଭ କରି ଖାତା ଦେଖାରେ ଅବହେଳା ଆଦି ରିପୋର୍ଟ ଶିକ୍ଷା ବ୍ୟବସ୍ଥାକୁ ପଙ୍ଗୁ କରିଦେଇଛି, ଯାହାକୁ ନେଇ ଦେଶରେ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ପଛୁଆ ରାଜ୍ୟ ଭାବେ ପରିଚିତ ହୋଇଛି। ଶିକ୍ଷା ବ୍ୟବସ୍ଥାର ଏଭଳି ପରିସ୍ଥିତିରେ ସୁଧାର ଆଣିବା ପାଇଁ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ସରକାରୀ ସ୍କୁଲରେ ଇଂଲିଶ ଶିକ୍ଷା ଦେବା ଫଳରେ ଆଗାମୀ ଦିନରେ ସରକାରୀ

**୮୨ ବିଦ୍ୟାଳୟକୁ ନୋଟିସ ଦିଆଯିବ**

ସ୍କୁଲ ଘରୋଇ ସ୍କୁଲ ସହ ସମାନୁପାତିକ ହୋଇ ଶିକ୍ଷା କ୍ଷେତ୍ରରେ ସୁନାମ ଆଣିପାରିବ। ଏହାଛଡ଼ା ନିଜେ ମନ୍ତ୍ରୀ ଅଚାନକ ଭାବେ ରାଜ୍ୟର ସରକାରୀ ସ୍କୁଲ ପରିଦର୍ଶନ କରିବାକୁ ଯିବେ ବୋଲି କହିଛନ୍ତି। ଏ ନେଇ ବୋର୍ଡ ସଭାପତି ବେଗମ୍ କହିଛନ୍ତି, ରାଜ୍ୟରେ କ'ଣ କଲେ ଶିକ୍ଷା କ୍ଷେତ୍ରରେ ଉନ୍ନତି ହୋଇପାରିବ, ଆଗାମୀ ଦିନରେ ବଢୁଥିବା ଖରାପ ରେଜଲ୍ଟ ପ୍ରଦର୍ଶନକୁ ରୋକାଯାଇ ପାରିବ ସେ ଦିଗରେ ମନ୍ତ୍ରୀ ଆଲୋଚନା କରିଛନ୍ତି। ସେହିପରି ଆଗାମୀ ଦିନରେ ଶିକ୍ଷାବିତ୍, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ବୈଠକ କରାଯିବା ପାଇଁ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ଫଳରେ ଶିକ୍ଷାର ଉନ୍ନତି ନିମନ୍ତେ କେଉଁଠି ସମସ୍ୟା ରହିଛି, ତାହା ସ୍ପଷ୍ଟ ଭାବେ ଜଣାପଡ଼ିବ। ଯାହାଦ୍ୱାରା ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଅଣାଯାଇପାରିବ।

### ପର୍ଯ୍ୟଟନ ବିକାଶ ପାଇଁ ରୋଡ୍‌ମ୍ୟାପ୍

## ୭ ନୂଆ ପ୍ରକଳ୍ପ ଲାଗି ଜମି ମଞ୍ଜୁର

ଭୁବନେଶ୍ୱର,୬।୬(ବ୍ୟୁରୋ)

ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ସହ ନିରନ୍ତର ରୋଜଗାର ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ସରକାର ୭ଟି ନୂଆ ପ୍ରକଳ୍ପ ପାଇଁ ଜମି ମଞ୍ଜୁର କରିଛନ୍ତି। ଗୁରୁବାର ରାଜ୍ୟ ସଚିବାଳୟଠାରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜମି ଆବଣ୍ଟନ କମିଟି ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। ଉପରୋକ୍ତ ପ୍ରକଳ୍ପଗୁଡିକ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସମୁଦାୟ ୪୨.୫ ଏକର ଜମି ମଞ୍ଜୁର ହୋଇଛି। ପ୍ରକଳ୍ପଗୁଡିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବାକୁ ମୁଖ୍ୟ ଶାସନ ସଚିବ ପାଢ଼ୀ ନିର୍ଦ୍ଦେଶ ଦେବା ସହ ଜମି ହସ୍ତାନ୍ତର ହେବା ଦିନଠାରୁ ୩ ବର୍ଷ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ସଂପୃକ୍ତ ସଂସ୍ଥାମାନଙ୍କୁ କହିଛନ୍ତି। ପ୍ରକଳ୍ପର ଆରମ୍ଭ, ବିଭିନ୍ନ ପର୍ଯ୍ୟାୟ କାର୍ଯ୍ୟ ଏବଂ ପୂର୍ଣ୍ଣାଙ୍ଗ ପାଇଁ ବିସ୍ତୃତ ସମୟସାରଣୀ ପ୍ରସ୍ତୁତ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ପର୍ଯ୍ୟଟନ ସଚିବ ବିଶାଲ କୁମାର ଦେବ ସଂସ୍ଥାଗୁଡ଼ିକ ତରଫରୁ ମିଳିଥିବା ପ୍ରକଳ୍ପଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ୭ଟି ପ୍ରକଳ୍ପରେ ପ୍ରାୟ ୩୫୪.୩୪ କୋଟି ଟଙ୍କା ବିନିଯୋଗ ହେବ। ଏହି ପ୍ରକଳ୍ପଗୁଡିକ ସିଧାସଳଖ ନିଯୁକ୍ତି ଯୋଗାଇବା ସହ ସଂପୃକ୍ତ ଅଞ୍ଚଳବାସୀଙ୍କ ପାଇଁ ନିରନ୍ତର ରୋଜଗାରର ସୁବିଧା ସୃଷ୍ଟି କରିବ। ଏଥିପାଇଁ ପ୍ରାୟ ୭୯.୫ ଏକର ଜମି ଆବଶ୍ୟକ ଥିବାବେଳେ ଏଥିମଧ୍ୟରୁ ସରକାର ୪୨.୫ ଏକର ଜମି ଯୋଗାଇ ଦେବେ। ଅବଶିଷ୍ଟ ଜମି ସଂପୃକ୍ତ ସଂସ୍ଥାଗୁଡ଼ିକ ଘରୋଇ ଭାବେ ଯୋଗାଡ କରିଛନ୍ତି। ପୁରୀ ଜିଲାର ସାତପଡାଠାରେ 'ଗଲ୍‌ଫ୍ ରିସୋର୍ଟ', ଗଞ୍ଜାମ ଜିଲାର ଗୋପାଳପୁର ଓ ଉଦୟପୁରଠାରେ 'ରିସୋର୍ଟ', ତାମ୍ପରାଠାରେ 'ରିସୋର୍ଟ', ସମ୍ବଲପୁର ଜିଲାର ବସନ୍ତପୁରଠାରେ ୱାଟର ପାର୍କ ବା ଜଳକ୍ରୀଡା ପାର୍କ ଏବଂ ରାଉରକେଲାଠାରେ 'ଥିମ୍ ପାର୍କ ଓ ରିସୋର୍ଟ' ପ୍ରତିଷ୍ଠା ନିମନ୍ତେ ଜମି ଯୋଗାଇବା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଉନ୍ନୟନ କମିଶନର ଅସିତ କୁମାର ତ୍ରିପାଠୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ବୈଷୟିକ ଶିକ୍ଷା ଓ କୌଶଳ ବିକାଶ ବିଭାଗ ଶାସନ ସଚିବ ତଥା ଇଡ୍‌କୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଏସ୍.ଏନ୍.ଗିରିଶ, ପର୍ଯ୍ୟଟନ ନିର୍ଦ୍ଦେଶକ ବିଭୁତି ପଟ୍ଟନାୟକଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକରେ ଅଂଶଗ୍ରହଣ କରିଥିଲେ।

## ଗୁପ୍ତଧନ ପାଇଁ ତନ୍ତ୍ର ପୂଜା

ବେଲପାହାଡ଼,୬।୬(ଡି.ଏନ୍.ଏ.)

- ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ି ମାଡ଼ ଖାଇଲେ
- ଥାନାରେ ମହିଳା ସମେତ ୬ ଅଟକ
- ଅନ୍ୟ ଜଣେ ସହଯୋଗୀଙ୍କୁ ଖୋଜୁଛି ପୋଲିସ

ଗୁପ୍ତଧନ ପାଇବା ଲାଳସା ରଖି ତନ୍ତ୍ର ପୂଜା କରୁଥିଲେ। ମାତ୍ର ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ି ନିସ୍ତୁକ ମାଡ଼ ଖାଇଲେ। ଏବେ ପୋଲିସ ଜଣେ ମହିଳା ଓ ପୂଜକଙ୍କ ସମେତ ୬ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଫେରାର ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଖୋଜୁଛି। ଏଭଳି ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅନ୍ତର୍ଗତ ଲିମଟିକିରା ଗାଁରେ।

ବୁଧବାର ରାତିରେ କେତେଜଣ ଅଜଣା ବ୍ୟକ୍ତି ଗାଁ ମୁଣ୍ଡରେ ଥିବା ଏକ ପରିତ୍ୟକ୍ତ ଘରେ ପୂଜାର୍ଚ୍ଚନା କରୁଥିଲେ। ଏହି ଘରେ ପୂର୍ବରୁ ସିମେଣ୍ଟର ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ରହିଥିଲା। ଘର ସମ୍ମୁଖରେ ଗୋଟିଏ ବୋଲେରୋ ଗାଡ଼ି ଓ ଗୋଟିଏ ବାଇକ୍ ଥୁଆ ହୋଇଥିଲା। ଘର ଭିତରେ କେତେଜଣ ଲୋକ ତନ୍ତ୍ର ପୂଜା କରୁଛନ୍ତି ଏବଂ ଗୋଟିଏ ଶିଶୁକୁ ବଳି ଦେବା ପାଇଁ ଆଣିଛନ୍ତି ବୋଲି ଗାଁରେ ପ୍ରଚାର ହୋଇଯାଇଥିଲା। ଏହାପରେ ଲିମଟିକିରା ଓ ଗୁମାଡେରା ଜାହାଜପଡ଼ାର ଲୋକମାନେ ଉକ୍ତ ଘରକୁ ଚାରିଆଡୁ ଘେରିଯାଇଥିଲେ। ଲୋକଙ୍କ ହୋହଲ୍ଲା ଶୁଣି ଘର ଭିତରେ ପୂଜାର୍ଚ୍ଚନା କରୁଥିବା ସମ୍ପୃକ୍ତ ବ୍ୟକ୍ତିମାନେ ଫେରାର୍ ହେବା ପାଇଁ ଉଦ୍ୟମ କରିଥିଲେ। ଜଣେ ବ୍ୟକ୍ତି ବୋଲେରୋ ନେଇ ଫେରାର ହେବାରେ ସକ୍ଷମ ହୋଇଥିଲେ ମଧ୍ୟ ପୂଜକ, ଜଣେ ମହିଳା ଓ ଅନ୍ୟ ୪ ଜଣ ଧରାପଡ଼ିଯାଇଥିଲେ। ଲୋକେ ସେମାନଙ୍କୁ ନିସ୍ତୁକ ମାଡ଼ ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ଘଟଣା ପରେ ଶତାଧିକ ମହିଳା ଓ ପୁରୁଷ ବେଲପାହାଡ଼ ଥାନାରେ ପହଞ୍ଚି ଧରାପଡ଼ିଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ପୋଲିସ ଏହି ୬ ଜଣଙ୍କୁ ପଚରାଉଚୁରା କରିବା ପରେ ସେମାନେ କାହାକୁ ବଳି ଦେବା ପାଇଁ ନୁହେଁ ବରଂ ଗୁପ୍ତଧନ ପାଇବା ଆଶାରେ ପୂଜା କରୁଥିଲେ ବୋଲି କହିଛନ୍ତି। ଅଟକ ୬ଜଣଙ୍କ ମଧ୍ୟରେ ଗୁମାଡେରାର ଏକ ଦମ୍ପତି ରହିଛନ୍ତି। ପୂଜକ ଜଣକ ସମ୍ବଲପୁର ସିନ୍ଦୂରପଙ୍କ ନିକଟ ବାଦିପାଲି ଗାଁର ବୋଲି ପ୍ରକାଶ କରିଛନ୍ତି। ଅବଶିଷ୍ଟ ୩ ଜଣ ଝାରସୁଗୁଡ଼ା ବଞ୍ଜାରି, ରାଜପୁର କଣ୍ଟାପାଲି ଓ ଘିଚାମୁରା ଗାଁରୁ ଆସିଥିବା କହିଛନ୍ତି। ପୂଜକ ଜଣକ ପୋଲିଓ ରୋଗରେ ଆକ୍ରାନ୍ତ। ତାଙ୍କୁ ବ୍ରଜରାଜନଗରର ଜଣେ ବ୍ୟକ୍ତି ବୋଲେରୋରେ ବସାଇ ବେଲପାହାଡ଼ ଆଣିଥିଲେ ଏବଂ ଗାଁ ଲୋକେ ଘେରିବା ପରେ ସେ ଗାଡ଼ି ଧରି ଫେରାର୍ ହୋଇଯାଇଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ପୂଜକଙ୍କ ଉଚ୍ଚତା କମ୍ ଓ ସେ ମଥାରେ ସିନ୍ଦୂର ଲଗାଇଥିବାରୁ ଗାଁ ଲୋକେ ରାତିରେ ତାଙ୍କୁ ଜଣେ ଶିଶୁ ଭାବି ବଳି ଗୁଜବ ସୃଷ୍ଟି ହୋଇଥିଲା ବୋଲି ପୋଲିସ ସନ୍ଦେହ କରୁଛି। ତନ୍ତ୍ରପୂଜା ଚାଲିଥିବା ଘର ନିକଟରେ ଗୋଟିଏ କୋଦାଳ,ଗଇନ୍ତି ଓ ଶାବଳ ମିଳିଥିବାରୁ ଅଟକ ବ୍ୟକ୍ତିମାନେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଗୁପ୍ତଧନ ଖୋଜିବା ପାଇଁ ଉଦ୍ୟମ ଚଳାଇଥିଲେ ବୋଲି ଅନୁମାନ କରାଯାଉଛି। ତେବେ ଗୁରୁବାର ସନ୍ଧ୍ୟା ୬ଟା ସୁଦ୍ଧା ପୋଲିସ ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ କରିନାହିଁ।

## ରାଜ୍ୟ ମନ୍ତ୍ରୀମାନେ କେବଳ ଦସ୍ତଖତ କରିବେ: ତାରା

ଭୁବନେଶ୍ୱର, ୬।୬(ବ୍ୟୁରୋ)

ରାଜ୍ୟରେ ବିଜେଡି ୫ମ ଥର ଲାଗି ସରକାର ଗଠନ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ନେତାମାନେ ଶପଥ ନେଇଛନ୍ତି। ହେଲେ ପୂର୍ବଥର ଅପେକ୍ଷା ଏଥର ମନ୍ତ୍ରିମଣ୍ଡଳରେ ବ୍ୟାପକ ବ୍ୟତିକ୍ରମ ଥିବା କଂଗ୍ରେସର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ଏପରି କି ମନ୍ତ୍ରୀମାନେ ଆଗାମୀ ୫ବର୍ଷରେ କେବଳ ଦସ୍ତଖତ କରିବେ ବୋଲି କହି ସେ ତାଚ୍ଛଲ୍ୟ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ରାଜ୍ୟ ସରକାରଙ୍କ ନୂଆ ମନ୍ତ୍ରିମଣ୍ଡଳ ଅସାମ୍ବିଧାନିକ କହି ଯେଉଁ ଅଭିଯୋଗ ଆଣିଥିଲେ ସମାନ କଥାକୁ ତାରା ଦୋହରାଇଛନ୍ତି। ତାରା କହିଛନ୍ତି ଯେ ଅନୁସୂଚିତ ଜାତି, ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବିଭାଗର ଦାୟିତ୍ୱ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦିଆଯିବା କଥା। ହେଲେ ଏହି ବିଭାଗର ଦାୟିତ୍ୱ ଜଣେ ରାଷ୍ଟ୍ରମନ୍ତ୍ରୀଙ୍କୁ ଦିଆଯାଇଛି। ଏହା ଆଦିବାସୀଙ୍କ ପ୍ରତି ଅପମାନ ଓ ଉପହାସ ଭଳି ହୋଇଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ନେତାଙ୍କ ମଧ୍ୟରୁ କିଏ ଦକ୍ଷ ତାହା କହିହେବ ନାହିଁ। ଏମାନେ କେବଳ ଦସ୍ତଖତ କରନ୍ତି। ୨ରୁ ୩ଜଣଙ୍କୁ ଛାଡିଦେଲେ ଅନ୍ୟ ମନ୍ତ୍ରୀମାନେ କେବଳ ଦସ୍ତଖତ କରିବେ। ଉପରେ ସବୁ ନିଷ୍ପତ୍ତି ହେବା ପରେ ସଚିବମାନେ କେବଳ ମନ୍ତ୍ରୀମାନଙ୍କ ପାଖକୁ ଫାଇଲ୍ ଦସ୍ତଖତ କରିବାକୁ ଆଣିବେ। ଏମାନେ ରବର ଷ୍ଟାମ୍ପ ମଧ୍ୟ ନୁହନ୍ତି। ରବର ଷ୍ଟାମ୍ପରେ କଳା ଲାଗୁଛି, ହେଲେ ଏମାନଙ୍କଠାରେ କଳା ମଧ୍ୟ ଲାଗିବାର ନାହିଁ। ସଚିବମାନେ ଯାହା ନିର୍ଦ୍ଦେଶ ଦେବେ ମନ୍ତ୍ରୀମାନେ ସେମିତି କରିବେ। ଏ ସରକାରରେ ମନ୍ତ୍ରୀ ଓ ବିଧାୟକଙ୍କର କୌଣସି ନିଜସ୍ୱ କର୍ତ୍ତବ୍ୟ ନାହିଁ ବୋଲି ତାରା କହିଛନ୍ତି। ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଆ କହିପାରୁନାହାନ୍ତି ବୋଲି ଜନସାଧାରଣ ଭୋଟ ଦେଉଛନ୍ତି। ଏଥିପାଇଁ ରାଜ୍ୟବାସୀ ଏବଂ ଗଞ୍ଜାମବାସୀଙ୍କୁ ଧନ୍ୟବାଦ। ଏହି ୫ବର୍ଷ ମୁଖ୍ୟମନ୍ତ୍ରୀ ଭଲରେ ଓଡିଆ କୁହନ୍ତୁ।



"ବିଗତ ୫ ବର୍ଷରେ ବିଶ୍ୱରେ ଭାରତର ମର୍ଯ୍ୟାଦା ବଢ଼ିଛି ବୋଲି ଅଧିକାଂଶ ଭାରତୀୟ ମନେକରନ୍ତି। ଏଥିଯୋଗୁ ଏନ୍‌ଡିଏ ସରକାର ପୁଣିଥରେ କ୍ଷମତାକୁ ଫେରିପାରିଛି।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟୁଛନ୍ତି ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥ ଓ ତାଙ୍କ ପୁଅ ତଥା ଛିନ୍ଦୱାଡ଼ାର କଂଗ୍ରେସ ଏମ୍‌ପି ନକୁଲନାଥ (ଡାହାଣ)।



ବେଙ୍ଗାଲୁରୁର କର୍ନାଟକ ବିଧାନ ସୌଧ ନିକଟରେ ମେଟ୍ରୋପଲିଟାନ୍ ଟ୍ରାନ୍ସପୋର୍ଟ କର୍ପୋରେଶନ ପକ୍ଷରୁ ମହିଳାଙ୍କ ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ପିଙ୍କ୍ ସାରଥି ଗାଡ଼ି ପାଖରେ ଛିଡ଼ା ହୋଇଛନ୍ତି ପୋଲିସ କର୍ମୀ।



କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କରୁଛନ୍ତି ଚାଇନା ସେଣ୍ଟ୍ରାଲ କମିଟି ସିପିସି ପଲିଟିକାଲ ବ୍ୟୁରୋ ସଦସ୍ୟ ଲି ଜି।

# ତେଲେଙ୍ଗାନା କଂଗ୍ରେସରେ ବିଦ୍ରୋହ

**ହାଇଦ୍ରାବାଦ,୬।୬, (ଆଇଏଏନ୍‌ଏସ୍)**

- ଟିଆର୍‌ଏସ୍‌ରେ ମିଶିଲେ ୧୨ କଂଗ୍ରେସ ବିଧାୟକ
- ୬କୁ ଖସିଲା ବିରୋଧୀ ସଦସ୍ୟଙ୍କ ସଂଖ୍ୟା
- ଶାସକ ଦଳରେ ବିଲୟ ପାଇଁ ସିଏଲ୍‌ପିର ଦାବି



- ଲାଗୁ ହେବନି ଦଳବଦଳ ଆଇନ

ସାଧାରଣ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ଗୁରୁବାର ତେଲେଙ୍ଗାନାରେ ଦଳକୁ ବଡ଼ ଝଟକା ଲାଗିଛି। ରାଜ୍ୟରେ କଂଗ୍ରେସ ନେତୃତ୍ୱ ପ୍ରତି ଅସନ୍ତୁଷ୍ଟ ୧୨ ବିଧାୟକ ଦଳ ଛାଡ଼ି ଶାସକ ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆରଏସ୍)ରେ ଯୋଗଦେଇଛନ୍ତି। ଏହାସହ ସେମାନେ ଟିଆର୍‌ଏସ୍‌ରେ କଂଗ୍ରେସ ବିଧାୟକ ଦଳ(ସିଏଲ୍‌ପି)ର ବିଲୟ ପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରିଛନ୍ତି। ଆଗକୁ ଦଳଡ଼ିଆଁଙ୍କ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏଆଇସିସି ଏହାକୁ ନିନ୍ଦା କରିବା ସହ 'ଗଣତନ୍ତ୍ରର ହତ୍ୟା' ବୋଲି ଅଭିହିତ କରିଛି।

ଗତ ଡିସେମ୍ବରରେ ୧୧୯ ସଦସ୍ୟ ବିଶିଷ୍ଟ ତେଲେଙ୍ଗାନା ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରେଡ୍ଡୀ (କେସିଆର୍)ଙ୍କ ଟିଆର୍‌ଏସ୍‌କୁ ୮୮ ଆସନରେ ସଫଳତା ମିଳିଥିଲା। ଫଳରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ କେସିଆର୍ ପୁଣିଥରେ କ୍ଷମତାକୁ ଫେରିଛନ୍ତି। କଂଗ୍ରେସ ୧୯ ଆସନରେ ବିଜୟୀ ହୋଇଥିଲା। ଗତ ମାର୍ଚ୍ଚରେ ୧୧ ବିଧାୟକ କଂଗ୍ରେସ ଛାଡ଼ିଥିଲେ। ପିସିସି ସଭାପତି ଏନ୍. ଉତ୍ତମ କୁମାର ରେଡ୍ଡୀ ଲୋକ ସଭା ନିର୍ବାଚନରେ ନାଲଗୋଣ୍ଡା ଆସନରୁ ବିଜୟୀ ହେବା ପରେ ବୁଧବାର ହୁଜୁରନଗର ବିଧାନସଭାରୁ ଇସ୍ତଫା ଦେଇଥିଲେ। ଏହିକ୍ରମରେ ଗୁରୁବାର ତନ୍ଦୁର ବିଧାୟକ ରୋହିତ ରେଡ୍ଡୀ ଯୋଡ଼ିହୋଇଛନ୍ତି। ସେ କଂଗ୍ରେସ ଛାଡ଼ି ତାଙ୍କର ପୂର୍ବ ଦଳ ଟିଆର୍‌ଏସ୍‌କୁ ଫେରିଛନ୍ତି। ଏଥିସହ କଂଗ୍ରେସର ୧୮ ବିଧାୟକଙ୍କ ମଧ୍ୟରୁ ଗୃହରେ ସଦସ୍ୟଙ୍କ ସଂଖ୍ୟା ୬କୁ ଖସିଆସିଛି ଏବଂ ଦଳବଦଳକାରୀଙ୍କ ସଂଖ୍ୟା ଦୁଇ-ତୃତୀୟାଂଶରେ ପହଞ୍ଚିଛି। ନିୟମ ଅନୁସାରେ କୌଣସି ଦଳର ଦୁଇ-ତୃତୀୟାଂଶ ବିଧାୟକ ଅନ୍ୟ ଦଳରେ ସାମିଲ ହେଲେ ସେମାନଙ୍କ ପାଇଁ ଦଳବଦଳ ଆଇନ ଲାଗୁ ହୋଇ ନ ଥାଏ। ତେଣୁ କଂଗ୍ରେସ ଛାଡ଼ିଥିବା ବିଧାୟକମାନେ ଏକ ସ୍ୱତନ୍ତ୍ର ବୈଠକ ପରେ ବାଚସ୍ପତି ପୋଚରାମ ଶ୍ରୀନିବାସ ରେଡ୍ଡୀଙ୍କୁ ସାକ୍ଷାତ କରି ଟିଆର୍‌ଏସ୍ ସହିତ ବିଧାୟକ ଦଳର ବିଲୟ କରାଯାଉ ବୋଲି ଏକ ଦାବିପତ୍ର ଜଣାଇଛନ୍ତି।

ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ଆବାସ ପ୍ରଗତି ଭବନକୁ ଯାଇ କେସିଆର୍‌ଙ୍କୁ ଭେଟିଛନ୍ତି। ଏହାପୂର୍ବରୁ ରୋହିତ ରେଡ୍ଡୀ ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ତଥା କେସିଆର୍‌ଙ୍କ ପୁଅ କେ.ଟି ରାମାରାଓଙ୍କୁ ଭେଟି ଶାସକ ଦଳ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ। ରାଜ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ବିକାଶ କାର୍ଯ୍ୟକ୍ରମକୁ ଦେଖି ୧୨ ବିଧାୟକ ଏଭଳି ନିଷ୍ପତ୍ତି ନେଇଥିବା ବରିଷ୍ଠ କଂଗ୍ରେସ ନେତା ଗନ୍ଦ୍ରା ଭେଙ୍କଟ ରାମାନ୍ନା ରେଡ୍ଡୀ କହିଛନ୍ତି। ବାଚସ୍ପତି ସେମାନଙ୍କ ଅନୁରୋଧକୁ ଗ୍ରହଣ କଲେ ବିଧାନସଭାରେ କଂଗ୍ରେସ ବିରୋଧୀ ଦଳ ମାନ୍ୟତା ହରାଇବା ସହ ଏହାର ସଦସ୍ୟଙ୍କ ସଂଖ୍ୟା ୬କୁ ଖସିଯିବ। ବିଧାନସଭାରେ ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସିଙ୍କ ନେତୃତ୍ୱାଧୀନ ଏଆଇଏମ୍‌ଆଇଏମ୍‌ର ୭ ଓ ଭାଜପାର ଜଣେ ବିଧାୟକ ଅଛନ୍ତି। ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ୨ ବିଧାୟକଙ୍କ ମଧ୍ୟରୁ ଜଣେ ଟିଆର୍‌ଏସ୍‌ରେ ମିଶିବା ନେଇ ଘୋଷଣା କରିଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାକ୍ରମ ପରେ କେତେଜଣ କଂଗ୍ରେସ ନେତା ଦଳବଦଳ ପ୍ରତିବାଦରେ ବିଧାନସଭା ପରିସରସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ମୁହଁରେ କଳାପଟି ବାନ୍ଧି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିରୋଧୀ ଦଳ ନେତା ଏମ୍. ଭଟ୍ଟି ବିକ୍ରମ ବାଚସ୍ପତିଙ୍କୁ ଭେଟି କୌଣସି ନିଷ୍ପତ୍ତି ନେବା ପୂର୍ବରୁ କଂଗ୍ରେସକୁ ନୋଟିସ କରିବାକୁ ସେ ଅନୁରୋଧ କରିଛନ୍ତି। ଏଭଳି ପଦକ୍ଷେପକୁ ସମ୍ପୂର୍ଣ୍ଣ ବେଆଇନ ବୋଲି ନିନ୍ଦା କରିଛନ୍ତି। ଟିଆର୍‌ଏସ୍ ଅଧ୍ୟକ୍ଷ କେସିଆର୍ ତେଲେଙ୍ଗାନା ଭୋଟରଙ୍କ ଜନାଦେଶକୁ ପ୍ରତାରିତ କରିଛନ୍ତି। ତାଙ୍କର ଏଭଳି ଲଜ୍ଜାଜନକ କାର୍ଯ୍ୟକୁ ଲୋକେ କ୍ଷମା କରିବେ ନାହିଁ ବୋଲି ବିକ୍ରମ କହିଛନ୍ତି।

## 'ଗଣତନ୍ତ୍ରର ହତ୍ୟା'

**ନୂଆଦିଲ୍ଲୀ,୬।୬(ଆଇଏଏନ୍‌ଏସ୍)**

୧୨ ବିଧାୟକ ଟିଆର୍‌ଏସ୍‌ରେ ସାମିଲ ହେବା ପରେ ଶାସକ ଦଳରେ ସିଏଲ୍‌ପିର ବିଲୟ ନେଇ ଦାବି କରିବା ଗଣତନ୍ତ୍ରର ହତ୍ୟା ବୋଲି କଂଗ୍ରେସ ଅଭିହିତ କରିଛି। କଂଗ୍ରେସ ମୁଖପାତ୍ର ପବନ ଖେରା କହିଛନ୍ତି, ଟିଆର୍‌ଏସ୍‌କୁ ପ୍ରତ୍ୟାଖ୍ୟାନ କରିଥିବା ଭୋଟର ଏହି ୧୨ ବିଧାୟକଙ୍କୁ ନିର୍ବାଚିତ କରିଥିଲେ। ଏବେ ସ୍ପଷ୍ଟ ଦିବାଲୋକରେ



ପବନ ଖେରା

ଯେପରି ଜନାଦେଶର ତଣ୍ଟିକାଟି ଗଣତନ୍ତ୍ରକୁ ହତ୍ୟା କରାଯାଉଛି ଭାରତୀୟମାନେ ପୂର୍ବରୁ କେବେ ଏଭଳି ଦେଖି ନ ଥିଲେ। ଦେଶ ଏହାକୁ କେବେ କ୍ଷମା କରିବ ନାହିଁ।

# ବିବାଦରେ ମେଘାଳୟ ରାଜ୍ୟପାଳ



ଅନ୍ୟ ରାଜ୍ୟରେ ବଙ୍ଗାଳୀ ଝିଅ ନୃତ୍ୟ ଓ ପୁଅ ଝାଡୁ କରୁଛନ୍ତି।
-ତଥାଗତ ରାୟ

**ନୂଆଦିଲ୍ଲୀ,୬।୬(ପି.ଟି.)**

ବଙ୍ଗାଳୀମାନଙ୍କ ବିରୋଧରେ ଟୁଇଟ୍ କରି ବିବାଦ ଘେରକୁ ଆସିଛନ୍ତି ମେଘାଳୟ ରାଜ୍ୟପାଳ ତଥାଗତ ରାୟ। ସେ ଟୁଇଟର୍‌ରେ ଲେଖିଥିଲେ, ବଙ୍ଗାଳୀମାନେ ସେମାନଙ୍କ ମହାନତା ଦୀର୍ଘଦିନରୁ ହରାଇସାରିଛନ୍ତି। ଏବେ ପଶ୍ଚିମବଙ୍ଗର ଯୁବକମାନେ ଅନ୍ୟ ରାଜ୍ୟରେ ଘର ଝାଡୁ କରୁଛନ୍ତି ଓ ଯୁବତୀମାନେ ମୁମ୍ବାଇର ବାର୍‌ଗୁଡିକରେ ନୃତ୍ୟ ପରିବେଷଣ କରୁଛନ୍ତି। ବିଦ୍ୟାଳୟରେ ହିନ୍ଦୀକୁ ବାଧ୍ୟତାମୂଳକ କରିବା ଲାଗି କେନ୍ଦ୍ର ସରକାର ଆଣିଥିବା ଚିଠା ପ୍ରସ୍ତାବକୁ ପଶ୍ଚିମବଙ୍ଗ ବିରୋଧ କରିବା ପରେ ଉକ୍ତ ରାଜ୍ୟର ପୂର୍ବତନ ଭାଜପା ନେତା ଉପରୋକ୍ତ ମତାମତ ଦେଇଛନ୍ତି। ରାଜନୈତିକ କାରଣରୁ ସେମାନେ ହିନ୍ଦୀ ବିରୋଧରେ କେବଳ ଫମ୍ପା ଆୱାଜ କରୁଛନ୍ତି। ଆସାମ, ଓଡିଶା ଓ ମହାରାଷ୍ଟ୍ର ଅଣହିନ୍ଦୀଭାଷୀ ହୋଇଥିଲେ ମଧ୍ୟ ସେଠାରେ ହିନ୍ଦୀକୁ ବିରୋଧ କରାଯାଉ ନାହିଁ ବୋଲି ତଥାଗତ ବଙ୍ଗଳାରେ ଟୁଇଟ୍ କରିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ କେତେଜଣ ସମର୍ଥନ କରିଥିବା ବେଳେ ସୋସିଆଲ ମିଡିଆରେ ଏହାକୁ ସମାଲୋଚନା କରାଯାଇଛି। ହିନ୍ଦୀ ଜାଣି ନ ଥିବା କାରଣରୁ ନୁହେଁ ବରଂ ସୁଯୋଗ ଅଭାବରୁ ଅନ୍ୟ ରାଜ୍ୟର ଯୁବତୀଯୁବକ ମଧ୍ୟ ଅନୁରୂପ କାମ କରୁଥିବା ସେମାନେ କହିଛନ୍ତି। ସୂଚନାଯୋଗ୍ୟ ଗତ ଫେବୃୟାରୀରେ ପୁଲୱାମା ଆକ୍ରମଣ ପରେ କଶ୍ମୀରୀ ସାମଗ୍ରୀ ବର୍ଜନ ପାଇଁ ଆହ୍ୱାନ ଦେଇ ତଥାଗତ ବିବାଦକୁ ଆସିଥିଲେ।

# ନୀତି ଆୟୋଗ ପୁନର୍ଗଠିତ

**ନୂଆଦିଲ୍ଲୀ,୬।୬**

## ରାଜୀବ କୁମାର ଉପାଧ୍ୟକ୍ଷ ପଦ ବଜାୟ ରଖିଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ନୀତି ଆୟୋଗର ପୁନର୍ଗଠନ କରିଛନ୍ତି। ଏଥିରେ ସେ ପୂର୍ବଭଳି ରାଜୀବ କୁମାରଙ୍କ ଉପାଧ୍ୟକ୍ଷ ପଦ ବଜାୟ ରଖିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କୁ ଏଥିରେ ଏକ୍ସ ଅଫିସିଓ ସଦସ୍ୟ ରଖାଯାଇଛି।

ଶାହଙ୍କ ବ୍ୟତୀତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍, କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମର୍‌ଙ୍କୁ ମଧ୍ୟ ଏକ୍ସ ଅଫିସିଓ ସଦସ୍ୟଭାବେ ଏଥିରେ ନିଆଯାଇଛି। ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ, ବାଣିଜ୍ୟ, ଶିଳ୍ପମନ୍ତ୍ରୀ ଓ ରେଳମନ୍ତ୍ରୀ ପୀୟୁଷ ଗୋୟଲ, ସାମାଜିକ ନ୍ୟାୟ ମନ୍ତ୍ରୀ ଥାୱରଚାନ୍ଦ ଗେହଲଟ ଓ ପରିସଂଖ୍ୟାନ ମନ୍ତ୍ରୀ ରାଓ ଇନ୍ଦ୍ରଜିତ୍ ସିଂଙ୍କୁ ଏଥିରେ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟଭାବେ ସ୍ଥାନ ମିଳିଛି। ସମ୍ପ୍ରତି ପ୍ୟାନେଲରେ ଥିବା ସଦସ୍ୟ ଭି.କେ. ସାରସ୍ୱତ, ରମେଶ ଚାନ୍ଦ ଓ ଭି.କେ. ପଲ ସଦସ୍ୟ ପଦ ବଜାୟ ରଖିଛନ୍ତି।

# ୮ କ୍ୟାବିନେଟ କମିଟିରେ ଶାହ

**ନୂଆଦିଲ୍ଲୀ,୬।୬(ଆଇଏଏନ୍‌ଏସ୍)**



## ମନ୍ତ୍ରିମଣ୍ଡଳରେ ବଢ଼ୁଛି ଭାଜପା ଅଧ୍ୟକ୍ଷଙ୍କ ପ୍ରଭାବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ୟାବିନେଟ କମିଟିଗୁଡ଼ିକର ପୁନର୍ଗଠନ କରିଥିଲାବେଳେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି। ଗଠିତ ୮ଟି ଯାକ କ୍ୟାବିନେଟ କମିଟିରେ ଶାହଙ୍କୁ ନିଆଯାଇଥିବାବେଳେ ଅନ୍ୟତମ ବରିଷ୍ଠ ଭାଜପା ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମାତ୍ର ୨ଟିରେ ସଦସ୍ୟ ଅଛନ୍ତି। ମୋଦିଙ୍କ ପ୍ରଥମ ପାଳି ସରକାରରେ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ୬ଟି କମିଟି ମଧ୍ୟରୁ ଆର୍ଥିକ ବ୍ୟାପାର, ରାଜନୈତିକ ବ୍ୟାପାର ଏବଂ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିରେ ସଦସ୍ୟ ଥିଲେ। ରାଜନାଥଙ୍କୁ ଆର୍ଥିକ ବ୍ୟାପାର ଏବଂ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିରେ ସଦସ୍ୟ ରଖାଯାଇଥିବାବେଳେ ରାଜନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟିରେ ନିଆଯାଇନାହିଁ। ଏହି କମିଟି ସମସ୍ତ ରାଜନୈତିକ ନୀତି ନିଷ୍ପତ୍ତି ନେଇଥାଏ।

ସିଭିସି, ସିବିଆଇ ନିର୍ଦ୍ଦେଶକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦେଉଥିବା କ୍ୟାବିନେଟ କମିଟିରେ କେବଳ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହ ଅଛନ୍ତି। ୮ଟି କମିଟି ମଧ୍ୟରୁ ୨ଟି ସମ୍ପୂର୍ଣ୍ଣ ନୂଆ। ପ୍ରଧାନମନ୍ତ୍ରୀ ୬ଟି କମିଟିର ମୁଖ୍ୟ ହୋଇଥିବାବେଳେ ଶାହଙ୍କୁ ଦୁଇଟି କମିଟିର ମୁଖ୍ୟ କରାଯାଇଛି। ନିଯୁକ୍ତି କମିଟି, ଆର୍ଥିକ ବ୍ୟାପାର କମିଟି, ରାଜନୈତିକ ବ୍ୟାପାର କମିଟି, ସୁରକ୍ଷା କମିଟି, ନିଯୁକ୍ତି ଓ ଅଭିବୃଦ୍ଧି କମିଟି ଏବଂ ନିଯୁକ୍ତି ଓ ଦକ୍ଷତା ବିକାଶ କମିଟିର ଅଧ୍ୟକ୍ଷ ଅଛନ୍ତି ପ୍ରଧାନମନ୍ତ୍ରୀ। ଶାହଙ୍କୁ ସଂସଦୀୟ ବ୍ୟାପାର କମିଟି ଏବଂ ଥଇଥାନ କମିଟିର ଅଧ୍ୟକ୍ଷ କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ୭ଟି କମିଟିର ସଦସ୍ୟ ଥିବାବେଳେ ସଡକ ପରିବହନ ଓ ରାଜପଥ ବିଭାଗ ମନ୍ତ୍ରୀ ନୀତିନ ଗଡକରୀ ତିନୋଟି କମିଟିର ସଦସ୍ୟ ରହିଛନ୍ତି। ଭାଜପା ସହଯୋଗୀ ଦଳର ନେତା ରାମବିଳାସ ପାଶ୍ୱାନ, ହରସିମ୍ରତ କୌର ବାଦଲ ଏବଂ ଅରବନ୍ଦ ସାୱନ୍ତଙ୍କୁ କେତେକ କମିଟିରେ ନିଆଯାଇଛି। ମନ୍ତ୍ରିମଣ୍ଡଳରେ ଶାହ ଦ୍ୱିତୀୟ ସର୍ବାଧିକ କ୍ଷମତାଶାଳୀ ହୋଇଛନ୍ତି। ଗତ ୪ ତାରିଖରେ ଅଶୋଧିତ ତୈଳ ପ୍ରସଙ୍ଗରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଶାହ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅର୍ଥମନ୍ତ୍ରୀ ସୀତାରାମନ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ବାଣିଜ୍ୟ ଓ ରେଳମନ୍ତ୍ରୀ ପୀୟୁଷ ଗୋୟଲ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଜେଲ

**ବ୍ୟାଙ୍କକ୍,୬।୬(ଆଇଏଏନ୍‌ଏସ୍)**

ବେଆଇନ ଲଟେରି ଲଞ୍ଚ କରିବା ମାମଲାରେ ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଥକ୍‌ସିନ୍ ଶିନାୱାତ୍ରାଙ୍କୁ ୨ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ସୁପ୍ରିମକୋର୍ଟ ଶିନାୱାତ୍ରାଙ୍କୁ ଦୋଷୀସାବ୍ୟସ୍ତ କରି ଏଭଳି ଦଣ୍ଡବିଧାନ କରିଛନ୍ତି। ଏହି ଲଟେରି ବ୍ୟବସ୍ଥା ଯୋଗୁ ସରକାରୀ ରାଜକୋଷରୁ ୨୦୦୩-୨୦୦୬ ମଧ୍ୟରେ ୫୩.୮ ନିୟୁତ ଡଲାର କ୍ଷତି ହୋଇଥିଲା। ୨୦୦୬ରେ ଶିନାୱାତ୍ରା ପ୍ରଧାନମନ୍ତ୍ରୀ ପଦରୁ ସେନା ଦ୍ୱାରା ବିତାଡ଼ିତ ହେବା ପରେ ୨୦୦୮ ପର୍ଯ୍ୟନ୍ତ ନିର୍ବାସିତ ଜୀବନ ବିତାଉଥିଲେ।



ଥକ୍‌ସିନ୍ ଶିନାୱାତ୍ରା

# ପାଇଖାନାରେ ଗାନ୍ଧିଜୀଙ୍କ ଫଟୋ

**ବୁଲନ୍ଦସହର,୬।୬**

ସ୍ୱଚ୍ଛ ଭାରତ ଅଭିଯାନରେ ଉତ୍ତରପ୍ରଦେଶର ଏକ ଗ୍ରାମରେ ନିର୍ମିତ ପାଇଖାନା କାନ୍ଥରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଲଗାଯିବାକୁ ନେଇ ବିବାଦ ଦେଖାଦେଇଛି। ଏହି ଘଟଣାରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ଅଫିସରଙ୍କୁ ନିଲମ୍ବନ କରାଯାଇଥିବାବେଳେ ଗାଁ ମୁଖିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଇଛୱାରୀ ଗ୍ରାମରେ ନିର୍ମିତ ପାଇଖାନା କାନ୍ଥରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଥିବା ଟାଇଲ୍ ଲଗାଯାଇଥିଲା। ଏହାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ପରେ ଗ୍ରାମବାସୀ ପ୍ରତିବାଦ ଜଣାଇଥିଲେ। ଗାଁ ମୁଖିଆଙ୍କ ନିର୍ଦ୍ଦେଶରେ ଏହି ଟାଇଲ ବ୍ୟବହାର କରାଯାଇଥିବା ଜଣାପଡିଛି।

## [ଇତିହାସର ଆଇନାରେ] ଜୁନ୍ ୭ର ପ୍ରମୁଖ ଘଟଣା

୨୦୦୦ ଜୁନ୍ ୭ରେ ଜାତିସଂଘ ଦ୍ୱାରା ଇସ୍ରାଏଲ୍ ଏବଂ ଲେବାନନ୍ ମଧ୍ୟରେ ଏକ ବ୍ଲୁ ଲାଇନ୍ ନିର୍ଦ୍ଧାରଣ କରାଯାଇଥିଲା। ବ୍ଲୁ ଲାଇନ୍ ହେଉଛି ଲେବାନନ୍ ଏବଂ ଇସ୍ରାଏଲ୍ ମଧ୍ୟରେ ଗୋଟିଏ ସୀମାରେଖା। ଲେବାନନ୍‌ଠାରୁ ଇସ୍ରାଏଲ୍ ସମ୍ପୂର୍ଣ୍ଣ ପୃଥକ୍ ହୋଇଥିବା ଏହା ସୂଚନା ଦିଏ।

୨୦୧୩ ଜୁନ୍ ୭ରେ ଚାଇନାର ଅନ୍ୟତମ ନଗରୀ ଜିଆମେନ୍‌ରେ ଗୋଟିଏ ବସ୍‌ରେ ନିଆଁ ଲାଗିଯିବା ଫଳରେ ୪୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩୪ଜଣ ଆହତ ହୋଇଥିଲେ। ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନାର ଫୁଜିଆନ୍ ପ୍ରଦେଶର ଦକ୍ଷିଣ-ପୂର୍ବ ଭାଗରେ ଜିଆମେନ୍ ଅବସ୍ଥିତ।

■ ୧୩ରେ ଏସ୍‌ସିଓ ସମ୍ମିଳନୀ

# ହେବନି ମୋଦି-ଇମ୍ରାନ ବୈଠକ

**ନୂଆଦିଲ୍ଲୀ,୬।୬(ପି.ଟି.)**

ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ର ଶିଖର ସମ୍ମିଳନୀ ଆସନ୍ତା ୧୩ ଓ ୧୪ ତାରିଖରେ କିର୍ଗିଜସ୍ତାନ ରାଜଧାନୀ ବିଶ୍‌କେକ୍‌ଠାରେ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ ଖାନ୍ ମଧ୍ୟ ଯୋଗଦେବେ। ତେବେ ଏହି ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ହେବା ଯୋଜନା ନାହିଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତାଙ୍କ ଜାଣିବାରେ ଏସ୍‌ସିଓ ଅବସରରେ ଭାରତ ଓ ପାକ୍ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ କୌଣସି ବୈଠକ ହେବାର ଯୋଜନା ନାହିଁ ବୋଲି ବହିର୍ବ୍ୟାପାର





ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍ୟପକ୍ଷରେ ଏସ୍‌ସିଓ ସମ୍ମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି।

# ୧୫ ଦଳକୁ ମିଳିଛି 'ନୋଟା'ଠୁ କମ୍ ଭୋଟ

**ନୂଆଦିଲ୍ଲୀ,୬।୬**

ସପ୍ତଦଶ ଲୋକ ସଭାକୁ ୩୬ ରାଜନୈତିକ ଦଳର ପ୍ରତିନିଧି ନିର୍ବାଚିତ ହୋଇ ଆସିଥିବାବେଳେ ୧୫ଟି ଦଳ 'ନୋଟା'(ନନ୍ ଅଫ୍ ଦ ଆବଭ୍) ଠାରୁ କମ୍ ସଂଖ୍ୟକ ଭୋଟ ପାଇଥିବା ଜଣାପଡ଼ିଛି। ଏହି ଦଳଗୁଡ଼ିକ ମଧ୍ୟରୁ ଅନେକ ନାମକୁ ମାତ୍ର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ପ୍ରକାଶ। ୨୦୧୪ରେ 'ନୋଟା' ପ୍ରଚଳନ କରାଯାଇଥିବାବେଳେ ଏହା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀଙ୍କ ଅଣସ୍ୱୀକୃତିକୁ ଦର୍ଶାଇଥାଏ। ଚଳିତ ସାଧାରଣ ନିର୍ବାଚନରେ ମୋଟ ୧.୦୬ ପ୍ରତିଶତ ଭୋଟ 'ନୋଟା' ସପକ୍ଷରେ ଯାଇଛି। ୨୦୧୪ ନିର୍ବାଚନରେ ଏହା ୧.୦୮ ପ୍ରତିଶତ ଥିଲା।





କେନ୍ଦ୍ରମନ୍ତ୍ରୀ ରାମବିଳାଶ ପାଶ୍ୱାନ୍‌ଙ୍କ ଲୋକ ଜନଶକ୍ତି ପାର୍ଟି(ଏଲ୍‌ଜେପି) ବିହାରର ୬ଟି ଲୋକ ସଭା ଆସନରେ ବିଜୟୀ ହୋଇଥିବାବେଳେ ଦଳକୁ ମିଳିଛି ମାତ୍ର ୦.୫୨ ପ୍ରତିଶତ ଭୋଟ। ସେହିଭଳି କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ(ସିପିଆଇଏମ୍), ଜମ୍ମୁ-କଶ୍ମୀରର ନ୍ୟାଶନାଲ୍ କନ୍‌ଫରେନ୍ସ(ଏନ୍‌ସି) ଓ ଇଣ୍ଡିଆନ୍ ୟୁନିୟନ ମୁସ୍‌ଲିମ୍ ଲିଗ୍(ଆଇୟୁଏମ୍‌ଏଲ୍) ପ୍ରତ୍ୟେକ ଦଳକୁ ଗୋଟିଏ ଲେଖାଏ ଆସନ ମିଳିଛି। ଏହି ଦଳଗୁଡ଼ିକର ଭୋଟ ହାର ଯଥାକ୍ରମେ ୦.୦୧ ପ୍ରତିଶତ, ୦.୦୫ ପ୍ରତିଶତ ଓ ୦.୨୬ ପ୍ରତିଶତ ରହିଛି, ଯାହାକି 'ନୋଟା'ଠାରୁ ଯଥେଷ୍ଟ କମ୍। ଶିରୋମଣି ଅକାଳୀ ଦଳ(ଏସ୍‌ଏଡି), ଅଲ୍ ଇଣ୍ଡିଆ ମଜ୍‌ଲିସ୍ ଇ- ଇତେହାଦୁଲ୍ ମୁସ୍‌ଲିମିନ୍(ଏଆଇଏମ୍‌ଆଇଏମ୍), କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ(ସିପିଆଇ) ଓ ଆପ୍‌ନା ଦଳ ପ୍ରତ୍ୟେକ ଦୁଇଟି ଲେଖାଏ ଆସନ ଜିତିଥିବାବେଳେ ଏହି ଦଳଗୁଡ଼ିକୁ ମୋଟ ଭୋଟର ୧ ପ୍ରତିଶତରୁ କମ୍ ଭୋଟ ମିଳିଛି। ସର୍ବାଧିକ ୭ଟି ରାଜନୈତିକ ଦଳ ଗୋଟିଏ ଲେଖାଏ ଆସନ ଜିତିଥିବାବେଳେ ପ୍ରତ୍ୟେକ ଦଳ ୧ ପ୍ରତିଶତରୁ ଅଧିକ ଭୋଟ ପାଇବାକୁ ସମର୍ଥ ହୋଇ ନ ଥିବା ଜଣାପଡ଼ିଛି।

ଅଲ୍ ଝାଡ଼ଖଣ୍ଡ ଷ୍ଟୁଡେଣ୍ଟ୍ସ ୟୁନିୟନକୁ ୦.୧୧ ପ୍ରତିଶତ, ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟିକୁ ୦.୧୨ ପ୍ରତିଶତ ମିଳିଥିବାବେଳେ ୫ ରାଜନୈତିକ ଦଳକୁ ଏହାଠାରୁ କମ୍ ଭୋଟ ମିଳିଥିବା ପ୍ରକାଶ। କେରଳ କଂଗ୍ରେସ(ମଣି)କୁ ମୋଟ ଭୋଟର ୦.୦୦୭ ପ୍ରତିଶତ, ମିଜୋ ନ୍ୟାଶନାଲ ଫ୍ରଣ୍ଟକୁ ୦.୦୦୪ ଭୋଟ ଓ ନାଗା ପିପୁଲ୍ସ ଫ୍ରଣ୍ଟକୁ ୦.୦୬ ପ୍ରତିଶତ ଭୋଟ ମିଳିଛି। ଗୋଟିଏ ଆସନ ପାଇଥିବା ନ୍ୟାଶନାଲ୍ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟିକୁ ସମୁଦାୟ ଭୋଟରୁ ୦.୦୮ ପ୍ରତିଶତ ଓ ସିକ୍କିମ କ୍ରାନ୍ତିକାରୀ ମୋର୍ଚ୍ଚାକୁ ୦.୦୩ ପ୍ରତିଶତ ଭୋଟ ମିଳିପାରିଛି।

# ଅଷ୍ଟ୍ରେଲିଆର ଦ୍ୱିତୀୟ ବିଜୟ

**ନଟିଂହାମ୍, ୬।୬ (ପି.ଟି.)**

ଷ୍ଟିଭ୍ ସ୍ମିଥ୍ ଓ ନାଥାନ କୁଲ୍‌ଟର ନାଇଲଙ୍କ ପ୍ରଭାବୀ ବ୍ୟାଟିଂ ଯୋଗୁ ଗୁରୁବାର ଅନୁଷ୍ଠିତ ଆଇସିସି ବିଶ୍ୱକପ୍ ମ୍ୟାଚରେ ଅଷ୍ଟ୍ରେଲିଆ ୧୫ ରନରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ୨୮୯ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୱେଷ୍ଟଇଣ୍ଡିଜ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ବିନିମୟରେ ୨୭୩ରନ କରିପାରିଥିଲା। ଦଳ ପକ୍ଷରୁ ଉଇକେଟକିପର ସାଇ ହୋପ୍ ସର୍ବାଧିକ ୬୮ ରନ କରିଥିବା ବେଳେ ଅଧିନାୟକ ଜାସନ ହୋଲ୍‌ଡର ୫୧ ଏବଂ ନିକୋଲାସ ପୁରାନ ୪୦ ରନ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ସବୁଠାରୁ ସଫଳ ବୋଲର ମିଚେଲ ଷ୍ଟାର୍କ ୪୬ ରନ ବିନିମୟରେ ୫ଟି ଉଇକେଟ ଅକ୍ତିଆର କରିଥିଲେ। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ଅଷ୍ଟ୍ରେଲିଆ ଏହାର ପ୍ରଥମ ମ୍ୟାଚରେ ଆଫଗାନିସ୍ତାନକୁ ୭ ଉଇକେଟରେ ହରାଇ ଦେଇଥିଲା।

ସ୍ମିଥ୍ ଓ କୁଲ୍‌ଟର ନାଇଲ ଅଷ୍ଟ୍ରେଲିଆକୁ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆକୁ ଆରମ୍ଭରେ ୱେଷ୍ଟଇଣ୍ଡିଜ ଫାଷ୍ଟ ବୋଲରଙ୍କ ଶର୍ଟ ପିଚ୍ ଡେଲିଭରି ସାମ୍ନା କରିବା କଷ୍ଟସାଧ୍ୟ ହୋଇଥିଲା। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଆଫଗାନିସ୍ତାନକୁ ସହଜରେ ପରାସ୍ତ କରିଥିବା ଅଷ୍ଟ୍ରେଲିଆ ଏହାର ପ୍ରଥମ ୮ ଓଭର ବ୍ୟାଟିଂରେ ମାତ୍ର ୩୮ ରନରେ ୪ ଉଇକେଟ ହରାଇ ସଂକଟରେ ପଡ଼ିଥିଲା। ଆରୋନ୍ ଫିଞ୍ଚ୍ (୬), ଡେଭିଡ୍ ୱାର୍ନର (୩), ଉସ୍‌ମାନ ଖ୍ୱାଜା (୧୩) ଏବଂ ଗ୍ଲେନ ମାକ୍ସୱେଲ (୦)ଙ୍କୁ ଶୀଘ୍ର କ୍ରିଜ୍ ଛାଡ଼ିବାକୁ ପଡ଼ିଥିଲା। କିନ୍ତୁ ସ୍ମିଥ୍‌ଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଲଢୁଆ ପ୍ରତ୍ୟାବର୍ତ୍ତନ କରିଥିଲା। ସେ ୧୦୩ ବଲରେ ୭୩ ରନ ସଂଗ୍ରହ କରିଥିବାବେଳେ କୁଲ୍‌ଟର ନାଇଲ ୬୦ ବଲରୁ ୯୨ ରନର ଏକ ଅବିଶ୍ୱସନୀୟ ଇନିଂସ ଖେଳିଥିଲେ। କୁଲ୍‌ଟର ନାଇଲ ୮ ଚୌକା ଓ ୪ ଛକା ଲଗାଇଥିଲେ। ବିଶ୍ୱକପ୍‌ରେ ୮ନମ୍ବର ବ୍ୟାଟ୍ସମ୍ୟାନ ହିସାବରେ ସର୍ବାଧିକ ରନ ସଂଗ୍ରହ କରିବାରେ ସେ ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। କୁଲ୍‌ଟର ନାଇଲଙ୍କର ଏହା ୨୯ତମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଥିବାବେଳେ ପ୍ରଥମ ଅର୍ଦ୍ଧଶତକ ଥିଲା। ପୂର୍ବରୁ ତାଙ୍କର ସର୍ବାଧିକ ସ୍କୋର ୩୪ ରନ ଥିଲା। ୧୭ତମ ଓଭର ବେଳକୁ ଅଷ୍ଟ୍ରେଲିଆ ସ୍କୋର ୭୯/୫ ରହିଥିଲା। ସ୍ମିଥ୍ ଓ କୁଲଟର ନାଇଲଙ୍କ ପ୍ରଭାବୀ ବ୍ୟାଟିଂ ଯୋଗୁ ଦଳର ସ୍କୋର ୪୦ଓଭରରେ ୨୦୬/୬ରେ ପହଞ୍ଚିଯାଇଥିଲା। ଅନ୍ତିମ ୯ ଓଭରରେ ଅଷ୍ଟ୍ରେଲିଆ ୮୧ ରନ ଯୋଗ କରିଥିଲା। ଦଳ ୪୯ ଓଭରରେ ୨୮୮ରନ କରି ଅଲଆଉଟ ହୋଇଯାଇଥିଲା।

### ଆଜିର ମ୍ୟାଚ୍

**ପାକିସ୍ତାନ**
ବନାମ
**ଶ୍ରୀଲଙ୍କା**

ସ୍ଥାନ: ବ୍ରିଷ୍ଟଲ
ସମୟ: ଅପରାହ୍ନ ୩ଟା।
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



କ୍ୟାରିୟରର ଶ୍ରେଷ୍ଠ ଇନିଂସ ଅବସରରେ ନାଥନ କୁଲଟର ନାଇଲ।

# ନ୍ୟୁଜିଲାଣ୍ଡକୁ ଜିତାଇଲେ ଟେଲର



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ରସ୍ ଟେଲର।

**ଲଣ୍ଡନ, ୬।୬ (ପି.ଟି)**

ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲରଙ୍କ ଅର୍ଦ୍ଧଶତକୀୟ ଇନିଂସ ଯୋଗୁ ନ୍ୟୁଜିଲାଣ୍ଡ ୨ ଉଇକେଟରେ ବାଂଲାଦେଶକୁ ପରାସ୍ତ କରିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୨୪୪ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ସାକିବ ଅଲ ହାସନ ସର୍ବାଧିକ ୬୪, ମହମ୍ମଦ ସେଫୁଦ୍ଦିନ ୨୯, ମହମ୍ମଦ ମିଥୁନ ୨୬ ଓ ସୌମ୍ୟ ସରକାର ୨୫ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ଲାଗି ବୋଲିଂରେ ମ୍ୟାଟ୍ ହେନ୍‌ରୀ ୪ ଓ ଟ୍ରେଣ୍ଟ ବୋଲ୍ଟ ୨ ଉଇକେଟ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକି ଫର୍ଗୁସନ, କଲିନ ଡେ'ଗ୍ରାଣ୍ଡହୋମ ଓ ମିଚେଲ ସାଣ୍ଟନର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଏକଦା ୨ ଉଇକେଟ ହରାଇ ୧୬୦ ରନ୍ କରିଥିବା ବ୍ଲାକ କ୍ୟାପ୍ସ ଦଳ ୨୧୮ ରନ୍‌ରେ ୭ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ସାଣ୍ଟନରଙ୍କ ୧୭ ରନ୍‌ର ଛୋଟିଆ ଇନିଂସ ଯୋଗୁ ନ୍ୟୁଜିଲାଣ୍ଡ ୪୭.୧ ଓଭରରେ ୮ ଉଇକେଟ ହରାଇ ୨୪୮ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପାଇଁ ଟେଲର ୮୨ ଓ ଅଧିନାୟକ କେନ ୱିଲିୟମସନ ୪୦ ରନ୍ କରିଥିଲେ। ଏହା ନ୍ୟୁଜିଲାଣ୍ଡ ଦଳର ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ବାଂଲାଦେଶ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରଥମ ପରାଜୟ ବରଣ କରିଛି। କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିବା ସାକିବଙ୍କ ଅଲରାଉଣ୍ଡିଂ ପ୍ରଦର୍ଶନ ବେକାର ସାବ୍ୟସ୍ତ ହୋଇଛି।

# ଧୋନୀଙ୍କ ଗ୍ଲୋଭ୍ସରେ ସ୍ୱତନ୍ତ୍ର ଚିହ୍ନ



ମହେନ୍ଦ୍ର ସିଂ ଧୋନୀଙ୍କ ଗ୍ଲୋଭ୍ସରେ ଭାରତୀୟ ପାରା ସ୍ପେଶାଲ ଫୋର୍ସର ପ୍ରତୀକ

**ସାଉଥାମ୍ପଟନ, ୬।୬**

ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୁଧବାର ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ଭାରତୀୟ ଉଇକେଟକିପର ବ୍ୟାଟ୍ସମ୍ୟାନ ମହେନ୍ଦ୍ର ସିଂ ଧୋନୀଙ୍କ ଏକ ସ୍ୱତନ୍ତ୍ର ଗ୍ଲୋଭ୍ସ ବ୍ୟବହାର କରୁଥିବାର ଦେଖିବାକୁ ମିଳିଛି। ତାଙ୍କ ଉଇକେଟ କିପିଂ ଗ୍ଲୋଭ୍ସରେ ବଳିଦାନର ଚିହ୍ନ ରହିଥିଲା, ଯାହାକି ଭାରତୀୟ ପାରା ସ୍ପେଶାଲ ଫୋର୍ସର ପ୍ରତୀକ। ଆଫ୍ରିକୀୟ ବ୍ୟାଟ୍ସମ୍ୟାନ ଆଣ୍ଡିଲେ ଫେଲୁକ୍ୱାୟୋଙ୍କୁ ଷ୍ଟମ୍ପିଂ କରିବାବେଳେ ଧୋନୀଙ୍କ ଗ୍ଲୋଭ୍ସରେ ଲାଗିଥିବା ଚିହ୍ନ ସ୍ପଷ୍ଟ ଭାବେ ଦେଖାଯାଇଥିଲା। ଏଥିନେଇ ଟୁଇଟ୍‌ରେ ପ୍ରଶଂସକମାନେ ଧୋନୀଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି। ୨୦୧୧ରେ ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ଲ୍ୟୁଟନାଣ୍ଟ କର୍ନେଲର ମର୍ଯ୍ୟାଦା ସମ୍ପନ୍ନ ପଦବୀ ଦିଆଯାଇଥିଲା। ସେ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ପାରା ରେଜିମେଣ୍ଟରେ ଟ୍ରେନିଂ ନେଇଥିଲେ। ଆଗ୍ରାରେ ଟ୍ରେନିଂ କୋର୍ସବେଳେ ଧୋନୀ ୫ ଥର ପାରାଚ୍ୟୁଟ ଜମ୍ପ କରିଥିଲେ ବୋଲି ବିଶ୍ୱାସ କରାଯାଏ। ଭାରତୀୟ ଆର୍ମି ପ୍ରତି ଥିବା ତାଙ୍କ ଭଲ ପାଇବାକୁ ଧୋନୀ ବହୁବାର ଲୋକଙ୍କ ନଜରକୁ ଆଣିଛନ୍ତି। ଚଳିତ ବର୍ଷ ଧୋନୀ ଓ ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ ଆର୍ମି କ୍ୟାପ ପିନ୍ଧି ଅଷ୍ଟ୍ରେଲିଆ ବିପକ୍ଷରେ ରାଞ୍ଚିଠାରେ ଖେଳିଥିଲେ।

# ବୁମ୍‌ରା, ରାବଡ଼ା ବିଶ୍ୱର ଶ୍ରେଷ୍ଠ ବୋଲର

**ସାଉଥାମ୍ପଟନ, ୬।୬ (ପି.ଟି.)**

ଯଶପ୍ରୀତ ବୁମ୍‌ରା ଓ କାଗିସୋ ରାବାଡ଼ା ହେଉଛନ୍ତି ବର୍ତ୍ତମାନ ବିଶ୍ୱର ଦୁଇ ଶ୍ରେଷ୍ଠ ଫାଷ୍ଟ ବୋଲର। କାରଣ ଯେକୌଣସି ପରିସ୍ଥିତିରେ କୁଶଳୀ ବୋଲିଂ କରିବାର ସାମର୍ଥ୍ୟ ସେମାନଙ୍କ ନିକଟରେ ରହିଛି। ଚଳିତ ଆଇସିସି ବିଶ୍ୱକପରେ ବୁଧବାର ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚରେ ଉଭୟେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। କିନ୍ତୁ ଭାରତୀୟ ବୋଲର ଅଧିକ ସଫଳ ରହିଥିଲେ। ବୁମ୍‌ରା ତାଙ୍କ ୧୦ ଓଭର ବୋଲିଂରେ ମାତ୍ର ୩୫ରନ ବିନିମୟରେ ୨ଟି ଉଇକେଟ ଅକ୍ତିଆର କରିଥିଲେ। ତନ୍ମଧ୍ୟରେ ଅମ୍‌ଲାଙ୍କ ଉଇକେଟ ଅନ୍ୟତମ' ବୁମ୍‌ରା ଏବଂ ରାବାଡ଼ା ଲକ୍ଷ୍ୟଭେଦୀ ଦ୍ରୁତ ବୋଲିଂ କରିପାରନ୍ତି। ଗେମ୍‌ର ଯେକୌଣସି ପରିସ୍ଥିତିରେ ବୋଲିଂ କରିବା କୌଶଳ ଉଭୟଙ୍କୁ ଜଣା। ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଏହି ଭଳି ବୋଲର ପାଇଁ ଭାଗ୍ୟଶାଳୀ ବୋଲି ଅମ୍‌ଲା କହିଛନ୍ତି।

# ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ପିଟରସନଙ୍କ ଟିପ୍ସ

**ସାଉଥମ୍ପଟନ, ୬।୬(ପି.ଟି.)**

ଭାରତୀୟ ପେସର ଯଶପ୍ରୀତ୍ ବୁମରାଙ୍କ ସମ୍ମୁଖୀନ ହେବା ଯେକୌଣସି ବ୍ୟାଟ୍ସମ୍ୟାନ୍‌ଙ୍କ ପକ୍ଷେ କଷ୍ଟକର ହେଉଛି। ଏଥିଲାଗି ପୂର୍ବତନ ଇଂଲଣ୍ଡ ବ୍ୟାଟ୍ସମ୍ୟାନ କେଭିନ ପିଟରସନ୍ କେବଳ ଡାହାଣହାତୀ ବ୍ୟାଟ୍ସମ୍ୟାନ୍‌ଙ୍କ ନିମନ୍ତେ ଉପାୟ ବାହାର କରିଛନ୍ତି। ଡାହାଣହାତୀ ବ୍ୟାଟ୍ସମ୍ୟାନ୍‌ମାନେ ଅଫ୍ ଷ୍ଟମ୍ପରେ ବୁମରାଙ୍କ ବିପକ୍ଷରେ ଖେଳିବା ଦରକାର। ସେଠାରୁ ପଛକୁ ଘୁଞ୍ଚି ସ୍କୋୟାର ଲେଗ୍ ଅଞ୍ଚଳକୁ ଖେଳିହେବ। ଆଉ କୌଣସି ଶଟ୍ ଅଫ୍ ସାଇଡ୍‌କୁ ଛିଡ଼ା ହୋଇପାରିବେ ବୋଲି ପିଟରସନ ଟୁଇଟ୍ କରିଛନ୍ତି। ଆଇସିସି ଶୀର୍ଷ ର୍ୟାଙ୍କଧାରୀ ଦିନିକିଆ ବୋଲର ବୁମରା ଦୁଇ ଓପନରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକା ଦଳକୁ ବ୍ୟାକ୍‌ଫୁଟ୍ ଠେଲି ଦେଇଥିଲେ। ବୁମରା ୩୫ ରନ୍ ବ୍ୟୟ କରି ୨ ଉଇକେଟ ଓ ୟୁଜବେନ୍ଦ୍ର ଚହଲ ୫୧ ରନ୍ ଖର୍ଚ୍ଚକରି ୪ ଉଇକେଟ ଦଖଲ କରିଥିଲେ। ଫଳରେ ଦକ୍ଷିଣ ଅଫ୍ରିକା ୨୨୭ ରନ୍‌ରେ ସୀମିତ ରହିଥିଲା। ୨୫ ବର୍ଷୀୟ ଅହମ୍ମଦାବାଦ ପେସରଙ୍କୁ ଅନ୍ୟତମ ଡେଥ ଓଭର ସ୍ପେଶାଲିଷ୍ଟ ବିବେଚନା କରାଯାଉଛି।



ମହେନ୍ଦ୍ର ସିଂ ଧୋନୀଙ୍କ ଝିଅ ଜିଭା ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ୍‌କୁ ଷ୍ଟାଡିୟମରେ ଉପଭୋଗ କରୁଛନ୍ତି।

# ବିଶ୍ୱକପ୍ ଖେଳିବା ପ୍ରସ୍ତାବ ଦେଇଥିଲେ ଡି'ଭିଲର୍ସ

**ଜୋହାନ୍ସବର୍ଗ, ୬।୬**



ପୂର୍ବତନ ଦକ୍ଷିଣ ଆଫ୍ରିକୀୟ ବ୍ୟାଟ୍ସମ୍ୟାନ ଏବି ଡି'ଭିଲର୍ସ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପରେ ଚଳିତ ବିଶ୍ୱକପ୍ ଖେଳିବା ପାଇଁ ପ୍ରସ୍ତାବ ଦେଇଥିଲେ। ହେଲେ କ୍ରିକେଟ ଦକ୍ଷିଣ ଆଫ୍ରିକା ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା। ଇଏସ୍‌ପିଏନ୍ କ୍ରିକ୍‌ଇନ୍‌ଫୋ ଅନୁଯାୟୀ ପୂର୍ବତନ ଅଧିନାୟକ ୧୫ ଜଣିଆ ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଦଳ ଚୟନ ପୂର୍ବରୁ ବିଶ୍ୱକପ୍ ଖେଳିବାକୁ ଆଗ୍ରାହୀ ଥିବା ପ୍ରସ୍ତାବ ଦେଇଥିଲେ। ମିଳିଥିବା ରିପୋର୍ଟରେ ପ୍ରୋଟିଜ ଅଧିନାୟକ ଫାଫ ଡୁପ୍ଲେସି, ମୁଖ୍ୟ କୋଚ୍ ଓଟିସ ଗିବସନ ଓ ମୁଖ୍ୟ ଚୟନକର୍ତ୍ତା ଲିଣ୍ଡା ଜୋଣ୍ଡିଙ୍କୁ ନିଜ ଇଚ୍ଛା ସମ୍ପର୍କରେ ଡି'ଭିଲର୍ସ ଜଣାଇଥିଲେ। ତାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାର ଦୁଇଟି କାରଣ ଥିଲା। ପ୍ରଥମଟି ହେଲା ସେ ଗତବର୍ଷ ମେ'ରେ ଅର୍ଥାତ୍ ବିଶ୍ୱକପ୍ ଖେଳାଯିବାର ଗୋଟିଏ ବର୍ଷ ପୂର୍ବରୁ ଅବସର ନେଇଥିଲେ। ଏଣୁ ଚୟନ ଲାଗି ଧାର୍ଯ୍ୟ ମାପଦଣ୍ଡ ପୂରା କରିପାରି ନ ଥିଲେ। ଏଥିରେ ଜାତୀୟ ଦଳ ପାଇଁ ଅନ୍ତର୍ଜାତୀୟ ଓ ଘରୋଇ ମ୍ୟାଚ୍‌ରେ ଅଂଶଗ୍ରହଣ କରିବା ମଧ୍ୟ ରହିଛି। ଦ୍ୱିତୀୟତଃ ୩୫ ବର୍ଷୀୟ ଖେଳାଳିଙ୍କୁ ଦଳକୁ ଡକାଇବା ଦ୍ୱାରା ତାଙ୍କ ଅନୁପସ୍ଥିତିରେ ଯେଉଁ ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି, ସେମାନଙ୍କ ଲାଗି ଅନ୍ୟାୟ ହୋଇଥାନ୍ତା। ଗତ ବର୍ଷ ଅତ୍ୟନ୍ତ କ୍ଳାନ୍ତ ହୋଇସାରିଥିବା କହି ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ କରିଥିଲେ ଡି'ଭିଲର୍ସ। ଏବେ ଦ. ଆଫ୍ରିକା ଚଳିତ ବିଶ୍ୱକପ୍‌ରେ ପ୍ରଥମ ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇସାରିଛି। ଫଳରେ ଦଳ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିବା କଷ୍ଟକର।

# ଆଜି ଶ୍ରୀଲଙ୍କାକୁ ଭେଟିବ ପାକିସ୍ତାନ

**ବ୍ରିଷ୍ଟଲ, ୬।୬**

ଆଇସିସି ବିଶ୍ୱକପ୍‌ର ଏକାଦଶ ମ୍ୟାଚ୍‌ରେ ଶୁକ୍ରବାର ଦୁଇ ଏସୀୟ ଶକ୍ତିଶାଳୀ ଦଳ ପାକିସ୍ତାନ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସ୍ଥାନୀୟ କାଉଣ୍ଟି ଗ୍ରାଉଣ୍ଡରେ ଏହି ମ୍ୟାଚ୍ ଖେଳାଯିବ। ୧୯୯୨ ଚାମ୍ପିୟନ ପାକିସ୍ତାନ ଏହାର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ନିକଟରୁ ୭ ଉଇକେଟ୍‌ରେ ପରାସ୍ତ ହୋଇଥିଲା। କିନ୍ତୁ ସର୍ଫରାଜ ଅହମ୍ମଦଙ୍କ ନେତୃତ୍ୱାଧୀନ ପାକିସ୍ତାନ ୨ୟ ମ୍ୟାଚ୍‌ରେ ଟାଇଟଲ୍ ଫେଭରାଇଟ୍ ତଥା ଘରୋଇ ଇଂଲଣ୍ଡକୁ ୧୪ ରନରେ ପରାସ୍ତ କରି ଦମ୍‌ଦାର କମ୍‌ବ୍ୟାକ୍ କରିଥିଲା। ଏଥିସହ ଲଗାତର ୧୧ ଦିନିକିଆ ମ୍ୟାଚ୍ ପରାଜୟ ପରେ ପାକିସ୍ତାନ ଏଥିରେ ବ୍ରେକ୍ ଲଗାଇବାରେ ସଫଳ ହୋଇଥିଲା। ଅପରପକ୍ଷରେ ୧୯୯୬ ଚାମ୍ପିୟନ ଶ୍ରୀଲଙ୍କା ୧୦ ଉଇକେଟ୍‌ରେ ଶୋଚନୀୟ ଭାବେ ନ୍ୟୁଜିଲାଣ୍ଡ ନିକଟରୁ ହାରି ଏହାର ଅଭିଯାନ ଆରମ୍ଭ କରିଥିଲା। ତେବେ ୨ୟ ମ୍ୟାଚ୍‌ରେ ଦଳ ଡିଏଲ୍ ପଦ୍ଧତିରେ ୧୪ ରନରେ ଆଫଗାନିସ୍ତାନ୍‌କୁ ହରାଇଥିଲା। ଉଭୟ ଦଳ ବିଜୟ ପଥକୁ ଫେରିଥିବାରୁ ବ୍ରିଷ୍ଟଲରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

### ପ୍ରମୁଖ ଖେଳାଳି

ପାକିସ୍ତାନ ପକ୍ଷରୁ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସୁଥିବା ବାବର ଆଜାମଙ୍କ ରେକର୍ଡ ଶ୍ରୀଲଙ୍କା ବିପକ୍ଷରେ ଭଲ ରହିଛି। ଶ୍ରୀଲଙ୍କା ବିପକ୍ଷ ଶେଷ ୮ଟି ମ୍ୟାଚ୍‌ରୁ ସେ ୫୮.୩୩ ଆଭରେଜରେ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୨ଟି ଶତକ ସାମିଲ ରହିଛି। ଇଂଲଣ୍ଡ ବିପକ୍ଷ ଗତ ମ୍ୟାଚ୍‌ରେ ସେ ଅର୍ଦ୍ଧଶତକ ହାସଲ କରିଥିଲେ। ଫଳରେ ଆଜାମ ତାଙ୍କର ଅନ୍ତିମ ୪ ଦିନିକିଆ ମ୍ୟାଚ୍‌ରେ ଯଥାକ୍ରମେ ୧୧୫, ୮୦, ୨୨ ଓ ୬୩ ରନ କରି ଦମ୍‌ଦାର ଫର୍ମରେ ରହିଛନ୍ତି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅପରପକ୍ଷରେ ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱାଧୀନ ଶ୍ରୀଲଙ୍କା ମିଡ୍‌ଲଅର୍ଡରକୁ ନେଇ ଚିନ୍ତାରେ ରହିଛି। ଆଫଗାନିସ୍ତାନ ବିପକ୍ଷରେ ଦଳ ୫ ରନରେ ୪ଟି ଉଇକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ଓପନର କୁଶଳ ପେରେରା ୭୮ ରନର ଇନିଂସ ଖେଳି ଦଳକୁ ବିପର୍ଯ୍ୟୟରୁ ରକ୍ଷା କରିଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ପେରେରା (୨୯ ରନ) ଦଳ ପକ୍ଷରୁ ୨ୟ ସର୍ବାଧିକ ସ୍କୋରର ଥିଲେ। ତେଣୁ ଶୁକ୍ରବାର ମ୍ୟାଚ୍‌ରେ ମଧ୍ୟ ପେରେରାଙ୍କଠାରୁ ଦଳ ବଡ଼ ସ୍କୋର ଆଶା ରଖିଛି।



ସର୍ଫରାଜ ଅହମ୍ମଦ, ଦିମୁଥ କରୁଣାରତ୍ନେ

### ବଡ଼ ସ୍କୋର ଆଶା

ପୂର୍ବରୁ ଏହି ପିଚ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନୁଷ୍ଠିତ ୱାର୍ମଅପ୍ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ୪୨୧ ରନର ବିଶାଳ ସ୍କୋର କରିଥିଲା। ଗତ ଏକ ମାସ ମଧ୍ୟରେ ଏହି ଗ୍ରାଉଣ୍ଡରେ ଅନୁଷ୍ଠିତ ୩ଟି ଦିନିକିଆ ମ୍ୟାଚ୍‌ରେ ୩୫୦ରୁ ଊର୍ଦ୍ଧ୍ୱ ସ୍କୋର ହୋଇଛି। ତେଣୁ ବ୍ରିଷ୍ଟଲର ଏହି ଫ୍ଲାଟ୍ ପିଚ୍‌ରେ ବଡ଼ ସ୍କୋର ହେବ ବୋଲି ଆଶା କରାଯାଉଛି।

## ସେଲ୍ଫି କର୍ଣ୍ଣର


@ ମୁନିଶ


@ ଶ୍ୟାମ


@ ଶଙ୍କର


@ ସନ୍ତୋଷ


@ ସ୍ୱାଧୀନ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

■ କାଲ ହେଲା ଖରାଦିନିଆଁ ଧୁକାଗରେଲ

# ଭଂଗା କୁରିଆରେ ୭ ଅସାହା ଜୀବନ୍

ନୂଆପଡା ଅଫିସ/କୋମନା,୬।୬

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍ ଦୁଖ, ନିଆଁସିମାନକୁ ପକାଘର ଯୁଗେଇ ଦେବାର ଲାଗି ଅନେକ ପରକାର ଆବାସ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ବିଭାଗୀୟ ଅଧିକାରୀମାନକର ଉଦାସୀନତା ଲାଗି ଅନେକ ଜାଗାରେ ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ନୂଆପଡ଼ା ଜିଲା କୋମନା ବ୍ଲକ ସଦର ମହକୁମାନୁ ୧ କି.ମି. ଦୂରେ ଥିବାର ସିଙ୍ଗାରୀ ଗାଁରେ। ଗାଁର ଗୁଟେ ପରିବାର ବଛର ବଛର ହେଲା ଭଂଗା ଘରେ ରହିଆସୁଥିଲେ। ଏନ୍‌ତାଥି ଦିନାକେତେ ତଲେ ହେଇଥିବାର ଖରାଦିନିଆଁ ଧୁକାଗରେଲ ପରିବାରଟାକେ ବାସହରା କରିଦେଇଛେ। ଏହେଦେଇ ଗରିବ୍ ପରିବାରଟା ଗାଁରେ ଭିନେ ଭିନେ ଲୁକ୍‌କର ପିଁଢ଼ାରେ ଦିନ୍ ବିତଉଛନ୍। ଇ ଦୁଖି ପରିବାରର ଦୁରଦଶା ଦେଖିଲେ ଯେକେହି ସରକାରୀ ଯୋଜନାର ଗତି କେନ୍‌ଆଡ଼େ ଠହରେଇ ପାରବା।

ସୂଚନା ଅନ୍‌ସାରେ ସିଙ୍ଗାରୀ ଗାଁର ବରୁଣ ନାଏକକଁର ପରିବାର କହିଲେ ତାକର ମାଏକିନା ନୀଲାଙ୍କ ଆର ୫ ଝିଁପୁଓ। ବରୁଣକଁର ନାଁରେ ଜମିବାଡ଼ି ବଲି କିଛି ନାଇଁ, ପରିବାରଟା ଦରିଦ୍ରିଆ ସୀମାରେଖା ତଲେ ରହିଛନ୍। ଏନ୍‌ତାଥି ଫେର ପରିବାଟା ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ ହେଇ ରହିଛନ୍। ଘର କହେଲେ ଗାଁମୁଡ଼େ ଥିବାର ଝାଟିମାଟିର କୁରିଆଟେ। ବରୁଣକଁର କହିବାର ହିସାବେ ଗାଁମୁଡ୍ଡୁ ଦେଖିଲେ ବ୍ଲକ ଅଫିସ ଦିଶ୍‌ସି। ସବୁଦିନ ବଡ଼ବଡ଼ିଆ ଅଧିକାରୀମାନେ ସଖାଲୁ ବେଲବୁଡ଼ା ତକ୍ ଗାଁକେ ଟହଲି ଆସୁଛନ୍। ହେଲେ କାହାରି ଦୁରୁଷ୍ଟି ତାକର ଉପରେ ନାଇଁ ପଡ଼ବାର। ପରିବାର ଲୋକ ଅନେକ ଥର ନେତା, ଅଧିକାରୀକୁଁ ଗୁହାରୀ କରିଛନ୍। ହେଲେ ଆବାସ ଯୋଜନା ତାଲିକାରେ ଠାନ୍ ନାଇଁ ପାଇପାରବାର। ଏନ୍‌ତା ବିଷମ୍ ପରିସ୍ଥିତିରେ ଦିନାକେତେ ତଲେ ହେଇଥିବାର ଧୁକାଗରେଲ ତାକର କୁରିଆକେ ଖିନ୍‌ଭିନ୍ କରିଦେଇଛେ। ଏହେଦ୍‌କା ପରିବାରଟା ବାରଦୁଆର ବୁଲି ମୁଡ଼ ଗୁଁଜୁଛନ୍। ଆଗ୍‌କେ ବରଷା ଦିନ୍ ମାଡ଼ିଆସୁଛେ। ଏନ୍‌ତାଥି ପରିବାରଟା କେନ୍‌ଠାନେ ରହିବେ ଆର ସରକାରକଁର ତରଫୁ ଘରଖଁଡ଼େ ମିଲବା କି ନାଇଁ ସଁଧେରେ ରହିଛନ୍। ଇ ଗରିବ୍ ନିଆଁସି ପରିବାର ଉପରେ ବ୍ଲକ ପରଶାସନ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ଜନସାଧାରନରେ ମତ ପରକାଶ ପାଉଛେ। ବରୁଣ ନାଏକ ଗୁଟେ ଉଦାହରନ୍ ଆଏ। ହେଲେ ଏନ୍‌ତା କେତେ ଯେ ବରୁଣ ବାସହରା ହେଇ ପରମାଦ ଗନୁଛନ୍ ତାର କିଛି ଠିକ୍‌ଠିକାନା ନାଇଁ। ଜିଲାରେ ଗୁଟେ ସର୍ଭେ କରି ଏନ୍‌ତା ବାସହରାମାନକୁ ଚିନ୍‌ହଁଟ କରବାର ସଂଗେ ତାହାକୁ ସରକାରୀ ସୁବିଧା ସୁଯୋଗ ଯୁଗେଇ ଦେବାର ନିହାତି ଜରୁରି ବଲି ବୁଧିଜୀବୀ ମହଲରେ ଦାବି ହେଉଛେ।


ଭଂଗା କୁରିଆ ଆଘେ ବରୁଣକଁର ପରିବାର।

## ୨ ଟନରୁ ଊର୍ଦ୍ଧ୍ୱ ଚୋରା କୋଇଲା ଜବତ

ପଦ୍ମପୁର, ୬।୬ (ଡି.ଏନ.ଏ.)

ଭଦ୍ରକ ଜିଲାର ଧାମରା ବନ୍ଦରରୁ କୋଇଲା ପରିବହନ ହେଉଥିବା ବେଳେ ବ୍ୟାପକ ଚୋରା ଚାଲାଣ ଚାଲିଛି। କୋଇଲା ମାଫିଆମାନେ ବିଭିନ୍ନ ପିକ୍‌ଅପ୍, କଣ୍ଟେନର, ବାଇକ୍ ଯୋଗେ ଜିଲାର ବିଭିନ୍ନ ଅଞ୍ଚଳ, ପଡ଼ୋଶୀ ଜିଲା ବାଲେଶ୍ୱର, ପଶ୍ଚିମବଙ୍ଗକୁ ଚାଲାଣ କରୁଛନ୍ତି। ବିଭିନ୍ନ ଥାନା ପକ୍ଷରୁ ବାରମ୍ବାର ଚଢ଼ାଉ ସତ୍ତ୍ୱେ ଚୋରା ଚାଲାଣ ଥମୁନି। ଗୁରୁବାର ଭୋର ସମୟରେ ସାବରଙ୍ଗ ବଜାରରୁ ଏକ ପିକ୍‌ଅପ୍ ସହ ୨ ଟନ୍‌ରୁ ଊର୍ଦ୍ଧ୍ୱ ଚୋରା କୋଇଲା ପୋଲିସ ଜବତ କରିଛି। ଏଥିସହ ପୋଲିସ ଗାଡ଼ି ଚାଳକ ବାସୁଦେବପୁର ଥାନା ଏଡ଼ତାଳ ଗ୍ରାମର ରାକେଶ କୁମାର ଦାସଙ୍କୁ ଗିରଫ କରିଛି। ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ.୨୮/୧୯) ରୁଜୁ କରାଯାଇ ଗିରଫ ଚାଳକଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ତିହିଡ଼ି ଅଞ୍ଚଳରୁ ଏକ ଧଳା ପିକଅପ୍(ନଂଓଡି ୨୨ ଏଚ୍ ୬୮୫୦) ଦ୍ରୁତଗତିରେ ଆସୁଥିବା ବେଳେ ସାବରଙ୍ଗ ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ମହାନ୍ତି, କନଷ୍ଟେବଲ ରଜତ କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ବିଶ୍ୱାଳ, ଭୀମସେନ ସିଂ ଗାଡ଼ିକୁ ସାବରଙ୍ଗ ବଜାରଠାରେ ଅଟକାଇଥିଲେ। ସେଥିରେ ୨ ଟନରୁ ଊର୍ଦ୍ଧ୍ୱ ଚୋରା କୋଇଲା ଥିବା ଜଣାପଡ଼ିଥିଲା। ଜିଲାର ବିଭିନ୍ନ ଥାନା ଅଧୀନରେ ଚୋରା କୋଇଲା କାରବାର ବୃଦ୍ଧି ପାଉଥିବା ବେଳେ କର୍ମଚାରୀ ଓ ଗାଡ଼ି ଅଭାବ ଯୋଗୁ ଅପରାଧକୁ ରୋକିବାରେ ପୋଲିସ ବିଫଳ ହେଉଛି। ଚୋରା କୋଇଲା ଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ଏସ୍‌ଟିଏଫ୍ ମୁତୟନ କରିବାକୁ ଡିଜିଙ୍କର ଘୋଷଣା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଦିନକୁ ଦିନ ଚୋରା କୋଇଲା ଚାଲାଣ ବୃଦ୍ଧି ପାଉଛି। ଏସବୁକୁ ଦୃଷ୍ଟି ଦେଇ ଜିଲା ଆରକ୍ଷୀ ଅଧୀକ୍ଷକ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଆରଡ଼ି ପୀଠ ଉତ୍ସବମୁଖର

■ ବୈଦିକ ରୀତିରେ ସରିଲା ମଙ୍ଗଳକୃତ୍ୟ ■ ଆଜି ଦେବଦମ୍ପତିଙ୍କ ବିବାହ

ଆରଡ଼ି, ୬।୬(ଡି.ଏନ୍.ଏ.)

ଶୁକ୍ରବାର ଦେବଦମ୍ପତିଙ୍କ ବିବାହ। ଦେବ ଦେବ ମହାଦେବ ସାଜିବେ ବର ଆଉ ମାତା ପାର୍ବତୀ କନିଆ। ବାଣ ରୋଶଣି ସାଙ୍ଗକୁ ଯୋଡ଼ି ମହୁରି, ମାଦଳ ବାଜା, ଶଙ୍ଖଧ୍ୱନି, ଖୋଳ କରତାଳ, ଢୋଲ, ମୃଦଙ୍ଗ ଆଦି ବାଦ୍ୟରେ ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ହେବ ଉତ୍ସବମୁଖର। ଏହି ଉପଲକ୍ଷେ ଗୁରୁବାର ବୈଦିକ ରୀତିରେ ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ ହୋଇଛି।

ଭୋର ୪ଟାରେ ମନ୍ଦିର ପହଡ଼ ଖୋଲାଯାଇ ସାଢ଼େ ୪ଟାରେ ମଙ୍ଗଳ ଆଳତି ପରେ ବାବାଙ୍କୁ ବିଧିପୂର୍ବକ ହଳଦୀ ଲେପନ କରି ସ୍ନାନ କରାଯାଇଥିଲା। ପୂର୍ବାହ୍ନରେ ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ ପାଇଁ ଉଭୟ ବରପିତା ସୁଶାନ୍ତ ପାଢ଼ୀ ଓ କନ୍ୟାପିତା ଚନ୍ଦ୍ରମଣି ପାଢ଼ୀଙ୍କ ଘରେ ଭିଡ଼ ଜମିଥିଲା। ବେଦଜ୍ଞ ବ୍ରହ୍ମଶ୍ରୀଙ୍କ ମଙ୍ଗଳାଷ୍ଟକ ପାଠ ପରେ ସେବାୟତ ପରିବାରର ଧର୍ମପ୍ରାଣା ସଧବା ମହିଳାମାନେ ପ୍ରଥମେ ବାବା ଆଖଣ୍ଡଳମଣିଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖରଙ୍କୁ ହଳଦୀ ଲେପନ କରି ସୁବାସିତ ଜଳରେ ସ୍ନାନ କରାଇଥିଲେ। ପରେ ପରେ ମାତା ପାର୍ବତୀଙ୍କୁ ସୁବାସିତ ଜଳରେ ସ୍ନାନ ପରେ ହଳଦିଆ ବସ୍ତ୍ର ପରିଧାନ କରାଇ କନ୍ୟାବେଶରେ ସଜ୍ଜିତ କରାଇଥିଲେ। ମଙ୍ଗଳକୃତ୍ୟ ବେଳେ ସେବାୟତମାନଙ୍କ ପରିବାର ଉପସ୍ଥିତ ରହି ବିଧି ମୁତାବକ ସମସ୍ତ କାର୍ଯ୍ୟ ସମାପନ କରିଥିଲେ।

ପରମ୍ପରା ଅନୁସାରେ, ଆରଡ଼ିରେ ବସବାସ କରୁଥିବା ସେବାୟତମାନେ ହିଁ ଦେବଦମ୍ପତିଙ୍କ ପିତା ସାଜିବେ। ସେବାୟତ ଚନ୍ଦ୍ରମଣି ପାଢ଼ୀ କନ୍ୟାପିତା ହୋଇଥିଲେ ହେଁ ତାଙ୍କ ଯଜମାନ(ଯାତ୍ରୀ) ସୁଦୂର ବ୍ରହ୍ମପୁରର ଚନ୍ଦ୍ରଶେଖର ଦାଶ କନ୍ୟାପିତା ଦାୟିତ୍ୱ ତୁଲାଇବେ। ସେ ଓ ତାଙ୍କ ପରିବାର ସଦସ୍ୟ ଆରଡ଼ିରେ ପଦାର୍ପଣ କରିସାରିଲେଣି। ମାତା ପାର୍ବତୀଙ୍କ ମଙ୍ଗଳକୃତ୍ୟ ସମ୍ପନ୍ନ ପରେ ଚନ୍ଦ୍ରଶେଖର, ତାଙ୍କ ପତ୍ନୀ ମଞ୍ଜୁଶ୍ରୀ ଦାଶ, ୨ ପୁତ୍ର ଶିବପ୍ରସାଦ ଓ ସନ୍ତୋଷ ପ୍ରଭୁଙ୍କ ଚଳନ୍ତି ପ୍ରତିମାଙ୍କୁ ବିମାନରେ ବସାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଉଭୟ ପରିବାର ବରଧରା ସମ୍ପର୍କରେ ଆଲୋଚନା କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ କନ୍ୟାଘରୁ ହନୁମାନଙ୍କୁ ବରଧରା ବେଶରେ ସଜ୍ଜିତ କରି ବରପିତାଙ୍କ ଗୃହକୁ ପଠାଇବେ ବୋଲି କନ୍ୟାପିତା ପ୍ରକାଶ କରିଥିଲେ। ବରଘର ପରିବାର ଲୋକେ ଏଥିରେ ସମ୍ମତି ପ୍ରଦାନ କରିଥିଲେ। ମଙ୍ଗଳକୃତ୍ୟ ସରିବା ପରେ ସମସ୍ତ ସେବାୟତଙ୍କ ପରିବାର କାନ୍ଥରେ ବିଧି ମୁତାବକ ବାହାଚିତା ପଡ଼ିଥିଲା। ଦେବଦମ୍ପତିଙ୍କର ଏହି ମଙ୍ଗଳକୃତ୍ୟ ମହୋତ୍ସବ ଦେଖିବା ପାଇଁ ଆରଡ଼ିରେ ନାହିଁ ନ ଥିବା ଭିଡ଼ ହୋଇଥିଲା। ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ ପୀଠରେ ଉପସ୍ଥିତଥିଲେ। ଏପଟେ ବିବାହ ମହୋତ୍ସବ ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ପୋଲିସ ପ୍ରଶାସନ ପକ୍ଷରୁ ଶିବ ବିବାହକୁ ସୁରୁଖୁରୁରେ ସମାପନ କରିବାକୁ ପ୍ରଚେଷ୍ଟା ଅବ୍ୟାହତ ରହିଛି ବୋଲି କହିଛନ୍ତି ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ ସିଂ ଓ ଆରଡ଼ି ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦାସ। ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ କୌଣସି ଯାନକୁ ପୀଠ ମଧ୍ୟକୁ ପ୍ରବେଶ କରିବାର ସୁଯୋଗ ଦିଆଯିବ ନାହିଁ ଓ ପାନ୍ଥଶାଳା ନିକଟରେ ଅସ୍ଥାୟୀ ଷ୍ଟାଣ୍ଡରେ ରଖିବାର ବନ୍ଦୋବସ୍ତ କରାଯାଇଥିବା ସୂଚନା ଦିଆଯାଇଛି।

## ଧାମରାରେ ବିମାନବନ୍ଦର ପାଇଁ ଜମି ଖୋଜା

ଚାନ୍ଦବାଲି, ୬।୬(ଡି.ଏନ୍.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଓ ବ୍ଲକ ଅଧୀନ ଧାମରାଠାରେ ଥିବା ଆଦାନୀ ବନ୍ଦରର ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଅନୁରୋଧରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ବିମାନବନ୍ଦର ପ୍ରତିଷ୍ଠା ପାଇଁ ସ୍ଥାନ ଚୟନ ଲାଗି ନିର୍ଦ୍ଦେଶ ଦେଇଛି। ଏ ନେଇ ଧାମରା ଅଞ୍ଚଳରେ ଉପଯୁକ୍ତ ଜମି ଖୋଜା କାମ ଆରମ୍ଭ ହୋଇଛି। ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଏଥିପାଇଁ କ୍ଷେତ୍ର ପରିଦର୍ଶନ କରାଯାଇଛି। ଧାମରା ବନ୍ଦରାଞ୍ଚଳ ନିକଟରେ ଆବଶ୍ୟକ ସରକାରୀ ଜମି ଚୟନ କରିବାକୁ ଭଦ୍ରକ ଜିଲାପାଳ ଚାନ୍ଦବାଲି ଓ ବାସୁଦେବପୁର ତହସିଲଦାରଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଭଦ୍ରକ ଉପଜିଲାପାଳ ପୀତାମ୍ବର ସାମଲ, ଚାନ୍ଦବାଲି ତହସିଲଦାର ସତ୍ୟଜିତ ରାଉତ, ବାସୁଦେବପୁର ତହସିଲଦାର ପ୍ରକାଶ ରାଉଳ, ଧାମରା ରାଜସ୍ୱ ସୁପରଭାଇଜର ଦାଶରଥି ଦାସ ଓ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ ସୂର୍ଯ୍ୟକାନ୍ତ ପାଢ଼ୀ ପ୍ରମୁଖ ପ୍ରସ୍ତାବିତ ୨ଟି ସ୍ଥାନର କ୍ଷେତ୍ର ପରିଦର୍ଶନ କରିଛନ୍ତି। ଗୋଟିଏ ଚାନ୍ଦବାଲି ତହସିଲ ମଧ୍ୟରେ ଥିବାବେଳେ ଅନ୍ୟଟି ଚାନ୍ଦବାଲି ଓ ବାସୁଦେବପୁର ତହସିଲ ସୀମାରେ ରହିଛି। ଏକ ସପ୍ତାହ ମଧ୍ୟରେ କ୍ଷେତ୍ରୀୟ ତଦନ୍ତ ରିପୋର୍ଟ ଜିଲା ପ୍ରଶାସନକୁ ପ୍ରଦାନ କରାଯିବ ଓ ପରେ ଏନେଇ ଉଚ୍ଚସ୍ତରୀୟ କମିଟି ଜମି ଅଧିଗ୍ରହଣ ନେଇ ବିଚାରବିମର୍ଶ କରିବ ବୋଲି ଜଣାଯାଇଛି।

ଧାମରା ଅତିରିକ୍ତ ତହସିଲଦାରଙ୍କ ଅଧୀନରେ ଥିବା କଇଥଖୋଲା ପଞ୍ଚାୟତର ହୃଦୟପ୍ରସାଦ ମୌଜାରେ ୩ ଶହ ଏକର ଜମି ଚିହ୍ନଟ ହୋଇଥିଲା। ମାତ୍ର ଉପକୂଳ ନିୟମାକ ଜୋନ୍(ସିଆର୍‌ଜେଡ୍) ଅନ୍ତର୍ଗତ ଏହି ଜମିରେ ନିର୍ମାଣ କାମକୁ ବାରଣ କରାଯାଇଥିବା ବେଳେ ଏଠାରେ ଉଡ଼ାଜାହାଜ ପଡ଼ିଆ ନିର୍ମାଣ ପାଇଁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ମଞ୍ଜୁରୀ ଆବଶ୍ୟକ। ଧାମରା ଅତିରିକ୍ତ ତହସିଲଦାରଙ୍କ ଅଧୀନରେ ଥିବା କରଣପଲ୍ଲୀ ପଞ୍ଚାୟତରେ କରଣପଲ୍ଲୀ, ବିଜୟପାଟଣା, କୁଆମରା ମୌଜାରେ ୧୭୫ ଏକର, ବାସୁଦେବପୁର ତହସିଲ ଅଧୀନ ନନ୍ଦପାଟଣା, ବାଲିମୁଣ୍ଡା ଓ ବଡ଼ହବାଳି ସାହିରେ ୨୨୫ ଏକର ଜମି ଥିବା ରାଜସ୍ୱ ବିଭାଗ ସର୍ଭେରୁ ଜଣାଯାଇଛି। ଏଠାରେ ଥିବା ଜମିର କିସମ ଓ ଉଡ଼ାଜାହାଜ ପଡ଼ିଆକୁ ସଂଯୋଗକାରୀ ରାସ୍ତାର ଓସାରକୁ ନେଇ କେତେକ ସମସ୍ୟା ରହିଛି ବୋଲି କ୍ଷେତ୍ରୀୟ ତଦନ୍ତ ବେଳେ ଜଣାଯାଇଛି।

DAYANAND INSTITUTE
Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]
ADMISSION NOTICE
NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .
Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.
PLEASE VISIT US– 8 TO 11AM (OFFICE) EVERYDAY




farnazfever.com

## CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

SAKTI INSTITUTE OF SCIENCE
— A COMPLETE COACHING CENTER FOR —
+2 Sc. Failed Students 100% Results
IIT-JEE Main & Advanced
MEDICAL (NEET / AIIMS) Entrance
IIT-JAM Entrance
RASULGARH Plot No.78, Near Central Bank & Bank of India, BBSR
DISTRICT CENTER Plot No. 210, Nr Acharya Harihara College, Chandrasekharpur, BBSR
ESTD 2006 CELL : 9776508958, 9556353970






| Dollar | Sensex | Nifty | Gold | Silver |
|---|---|---|---|---|
| 69.28 (2) | 553.82 ↓ 39,529.72 | 177.90 ↓ 11,843.75 | ₹120 ↑ 33,490.00 | ₹50 ↑ 37,900.00 |



## ସଂକ୍ଷେପରେ

### ଚାଷୀଙ୍କୁ ସିଧାସଳଖ ସାର ସବ୍‌ସିଡି ଦେବାକୁ ବିଚାର

**ନୂଆଦିଲ୍ଲୀ,୬-୬:** କେନ୍ଦ୍ର ସରକାର ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି)ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ଚାଷୀଙ୍କୁ ସାର ସବ୍‌ସିଡି ସିଧାସଳଖ ସେମାନଙ୍କ ଆକାଉଣ୍ଟରେ ଦେବାକୁ ବିଚାର କରାଯାଉଛି। ସାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅକ୍ଟୋବର, ୨୦୧୭ରେ ସରକାର ଡିବିଟି ଅଧୀନରେ ସାର ସବ୍‌ସିଡିର ପ୍ରଥମ ପର୍ଯ୍ୟାୟ ଆରମ୍ଭ କରିଥିଲେ। ଏହା ଅଧୀନରେ ପଏଣ୍ଟ ଅଫ୍ ସେଲ୍(ପିଓଏସ୍) ମେଶିନ ମାଧ୍ୟମରେ ହୋଇଥିବା ବିକ୍ରି ଆଧାରରେ ଯାଞ୍ଚ କରି କମ୍ପାନୀଙ୍କୁ ସବ୍‌ସିଡି ଟ୍ରାନ୍ସଫର କରାଯାଉଥିଲା। ସୂଚନାଥାଉ କି, ସରକାର ସାର ସବ୍‌ସିଡି ବାବଦରେ ବାର୍ଷିକ ପ୍ରାୟ ୭୦ ହଜାର କୋଟି ଟଙ୍କାର ଅତିରିକ୍ତ ଆର୍ଥିକ ବୋଝ ବହନ କରୁଛନ୍ତି। ତେବେ ଡିବିଟିର ଦ୍ୱିତୀୟ ପର୍ଯ୍ୟାୟରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ସବ୍‌ସିଡି ପହଞ୍ଚାଇବାର ଯୋଜନା କରାଯାଉଛି ବୋଲି ଅଧିକାରୀ ପ୍ରକାଶ କରିଛନ୍ତି।

### ୱିପ୍ରୋରେ ଅଜିମ ପ୍ରେମ୍‌ଜୀଙ୍କ ଯୁଗର ଅବସାନ



**ନୂଆଦିଲ୍ଲୀ,୬-୬:** ଦେଶର ସର୍ବବୃହତ ଦାନବୀର କୁହାଯାଉଥିବା ଅଜିମ ପ୍ରେମଜୀ ଦୀର୍ଘ ୫୩ ବର୍ଷ ଧରି ୱିପ୍ରୋର ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳିବା ପରେ ଶେଷରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ସେ ଆସନ୍ତା ଜୁଲାଇ ୩୦ରେ ନିଜ ପଦରୁ ଅବସର ନେବେ। କମ୍ପାନୀ ପକ୍ଷରୁ ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଅଜିମ ପ୍ରେମଜୀଙ୍କ ଅବସର ପରେ ତାଙ୍କ ପୁଅ ରିଶଦ ପ୍ରେମଜୀଙ୍କୁ ଆସନ୍ତା ୫ ବର୍ଷ ଲାଗି ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଏକ୍‌ଜିକ୍ୟୁଟିଭ ଅଧ୍ୟକ୍ଷ ପଦରେ ନିଯୁକ୍ତ କରାଯାଇଛି। ଅର୍ଥାତ ଅଜିମ କମ୍ପାନୀର ଦାୟିତ୍ୱ ପୁଅ ହାତରେ ସମର୍ପି ଦେଇଛନ୍ତି। ଫୋର୍ବ୍ସ ତାଲିକାର ୩୮ତମ ସ୍ଥାନରେ ଥିବା ଅଜିମ ପ୍ରେମଜୀଙ୍କ ମୋଟ ସମ୍ପତ୍ତିର ପରିମାଣ ୫୧୦ କୋଟି ଡଲାର। ଆର୍ଥିକ ବର୍ଷ ୨୦୧୮ରେ ସେ ଭାରତର ଦ୍ୱିତୀୟ ବିଲିୟନେୟାର ଭାବେ ପରିଗଣିତ ହୋଇଛନ୍ତି। ପ୍ରଥମ ସ୍ଥାନରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ମାଲିକ ମୁକେଶ ଅମ୍ବାନୀ ରହିଛନ୍ତି। ଅଜିମ ୱିପ୍ରୋ ଲିମିଟେଡର ୩୪% ଶେୟାର ପରୋପକାର ଲାଗି ଦାନ କରିଦେଇଛନ୍ତି। ଏହାର ମୂଲ୍ୟ ୫୨,୭୫୦ କୋଟି ଟଙ୍କା ରହିଛି। ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି ଯେ, କମ୍ପାନୀ ସହିତ ତାଙ୍କର ଲମ୍ବା ଯାତ୍ରା ହୋଇଛି। ଆଗାମୀ ଦିନରେ ସେ ସକ୍ରିୟ ରୂପରେ ସମାଜସେବା କରିବେ। ତାଙ୍କ ପୁଅଙ୍କ କାର୍ଯ୍ୟ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଥିବା ପ୍ରେମଜୀ ଦର୍ଶାଇଛନ୍ତି।

### ୪ ଦିନ ଭିତରେ ଏନ୍‌ପିଏର ସଂଶୋଧିତ ସର୍କୁଲାର

**ମୁମ୍ବାଇ,୬-୬:** ବ୍ୟାଙ୍କଗୁଡ଼ିକର ଫସିଯାଇଥିବା ଋଣକୁ ଚିହ୍ନଟ କରିବା ତଥା ଏହାର ସମାଧାନ ଲାଗି ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଆସନ୍ତା ୩ରୁ୪ ଦିନ ଭିତରେ ଏକ ସଂଶୋଧିତ ସର୍କୁଲାର ଜାରି କରିବ। ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆର୍‌ବିଆଇର ୨୦୧୮ ଫେବୃୟାରୀ ୧୨ ସର୍କୁଲାର ସୁପ୍ରିମକୋର୍ଟରେ ଚଳିତ ବର୍ଷ ଏପ୍ରିଲ ୨ରେ ରଦ୍ଦ ହୋଇସାରିଛି। ୨୦୦୦ କୋଟି ଟଙ୍କା ଅଥବା ତଦୂର୍ଦ୍ଧ୍ୱ ଟଙ୍କାର ଫସି ଯାଇଥିବା ଋଣ ଓ ଏହାର ସମାଧାନ ଲାଗି ଆର୍‌ବିଆଇ ପକ୍ଷରୁ ପୂର୍ବରୁ ଏକ ସର୍କୁଲାର ଜାରି କରାଯାଇଥିଲା। ଏଥିରେ କୌଣସି ଫସିଥିବା ଋଣର ୧୮୦ ଦିନ ଭିତରେ ସମାଧାନ ନ ହେଲେ ବ୍ୟାଙ୍କ ଏହାକୁ ଦେବାଳିଆ ପ୍ରକ୍ରିୟା ପାଇଁ ଏନ୍‌ସିଏଲ୍‌ଟିଙ୍କ ନିକଟକୁ ପଠାଇବାକୁ ବାଧ୍ୟ ରହିବେ। ନୂଆ ସର୍କୁଲାର ଆସିବା ପରେ ଭିତ୍ତିଭୂମି, ଶକ୍ତି, ଲୁହା, ଷ୍ଟିଲ୍ ଏବଂ ଟେକ୍ସଟାଇଲ ସେକ୍ଟରକୁ ଆଶ୍ୱସ୍ତି ମିଳିବ। ସବୁଠାରୁ ଅଧିକ ଏନ୍‌ପିଏ ଏହି ସେକ୍ଟରରେ ରହିଛି। ୨୦୧୮ ସେପ୍ଟେମ୍ବର ୧୧ରେ ସୁପ୍ରିମକୋର୍ଟ ଆର୍‌ବିଆଇ ସର୍କୁଲାର ଉପରେ ଯଥାସ୍ଥିତି ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଏନ୍‌ପିଏ ସର୍କୁଲାରକୁ ନେଇ ପୂର୍ବତନ ଗଭର୍ନର ଉର୍ଜିତ ପଟେଲ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଇଥିଲା।

> “ଅନ୍‌ଲାଇନ ଅଟୋମୋବାଇଲ ମାର୍କେଟପ୍ଲେସ୍ ଡ୍ରୁମ୍ ପକ୍ଷରୁ ୫୦କୋଟି ଟଙ୍କା ବ୍ୟୟରେ ଏଆଇ ଲ୍ୟାବ୍ ପ୍ରତିଷ୍ଠା କରାଯାଇଛି। ଇଣ୍ଡଷ୍ଟ୍ରିରେ ନୂଆ ଟୁଲ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ।
> – ସନ୍ଦୀପ ଅଗ୍ରୱାଲ, ପ୍ରତିଷ୍ଠାତା ତଥା ସିଇଓ, ଡ୍ରୁମ୍



> “ତାମିଲନାଡୁରେ ଉପସ୍ଥିତିକୁ ସୁଦୃଢ଼ କରୁଛୁ। ରାଜ୍ୟରେ ଆଉଟଲେଟ୍ ସଂଖ୍ୟା ୮୦ରେ ପହଞ୍ଚିଛି।
> – ରାଜୀବ ଯାଦବ, ଏମ୍‌ଡି, ଫିନକେୟାର ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ



# ଋଣ ଉପରେ ଶସ୍ତା ହେବ ଇଏମ୍‌ଆଇ

**ମୁମ୍ବାଇ,୬-୬**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଗୁରୁବାର ଏହାର ଦ୍ୱିମାସିକ ମୁଦ୍ରା ନୀତି ଘୋଷଣା କରିଛି। ରେପୋ ରେଟ୍ ୦.୨୫% ହ୍ରାସ କରିବାକୁ କେନ୍ଦ୍ରୀୟ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ଫଳରେ ରେପୋ ରେଟ୍ ହ୍ରାସ ପାଇ ୫.୭୫% ହୋଇଛି। ଏହା ୯ ବର୍ଷରେ ସର୍ବନିମ୍ନ ସ୍ତରକୁ ଖସି ଆସିଛି। ଫଳରେ ସମସ୍ତ ପ୍ରକାର ବ୍ୟାଙ୍କ ଋଣ ଉପରେ ଇଏମ୍‌ଆଇ ଶସ୍ତା ହେବାକୁ ଯାଉଛି। କେନ୍ଦ୍ରୀୟ ବ୍ୟାଙ୍କର ଏହି ପଦକ୍ଷେପ ଦ୍ୱାରା ହୋମ୍, କାର୍, ପର୍ସନାଲ ଓ ଏଜୁକେଶନ ସମେତ ଅନ୍ୟ ସମସ୍ତ ପ୍ରକାର ଋଣ ଶସ୍ତା ହୋଇଯିବ। ୯ ବର୍ଷରେ ପ୍ରଥମଥର ସୁଧ ହାର ସର୍ବନିମ୍ନ ସ୍ତରରେ ପହଞ୍ଚିଥିବାରୁ ଗ୍ରାହକଙ୍କ ଋଣ ଉପରେ ଇଏମ୍‌ଆଇ କମିବାକୁ ଯାଉଛି। ତେବେ ବ୍ୟାଙ୍କ ଉପରେ ନିର୍ଭର କରିବ ଏହା କେବେ ଠାରୁ ଏହି ସୁବିଧା ଗ୍ରାହକଙ୍କୁ ଦେବାକୁ ଚାହୁଁଛନ୍ତି।

ରିଜର୍ଭ ବ୍ୟାଙ୍କଠାରୁ ଯେଉଁ ହାରରେ ବ୍ୟାଙ୍କ ଋଣ ନିଏ ତାହାକୁ ରେପୋ ରେଟ୍ କୁହାଯାଏ। ବ୍ୟାଙ୍କ ଏହି ଋଣ ଅର୍ଥକୁ ନେଇ ଗ୍ରାହକଙ୍କୁ ଋଣ ଦେଇଥାଏ। ରେପୋ ରେଟ୍ କମିବା ଅର୍ଥ ବ୍ୟାଙ୍କର ଋଣ ଶସ୍ତା ହେବ। ଏହି କାରଣରୁ ବ୍ୟାଙ୍କ ସୁଧ ହାର କମାଇଥାନ୍ତି। ଏହାର ସିଧାସଳଖ ଫାଇଦା ଗ୍ରାହକଙ୍କୁ ମିଳିଥାଏ।






ଏକ ହିସାବରୁ ଜଣାପଡିଛି ଯେ, ୨୦ ଲକ୍ଷ ଟଙ୍କାର ହୋମ୍ ଲୋନ୍ ୨୦ ବର୍ଷ ଲାଗି ୮.୬୦% ସୁଧ ହାର ଉପରେ ପୂର୍ବରୁ ୧୭,୪୮୩ ଟଙ୍କାର ଇଏମ୍‌ଆଇ ଦେବାକୁ ପଡୁଥିଲା। ଏବେ ତାହା ଖସି ଆସି ୧୭୧୬୭ ଟଙ୍କା ହେବ। ଅର୍ଥାତ୍ ୩୧୬ ଟଙ୍କା ଗ୍ରାହକଙ୍କୁ କମ୍ ଦେବାକୁ ପଡିବ। ସେହିପରି ୩୦ ଲକ୍ଷ ଟଙ୍କାର ଋଣ ଉପରେ ୨୬,୨୨୫ ଟଙ୍କାର ଇଏମ୍‌ଆଇ ଦେବାକୁ ପଡୁଥିବା ବେଳେ ଏବେ ଏହା ହ୍ରାସ ପାଇ ୨୫,୭୫୧ ଟଙ୍କା ହେବ। ଅର୍ଥାତ୍ ୪୭୪ ଟଙ୍କା ଇଏମ୍‌ଆଇ କମିଯିବ। ସେହିପରି ୫ ବର୍ଷ ଅବଧିରେ ୩ ଲକ୍ଷ ଟଙ୍କାର କାର୍ ଲୋନ୍ ପାଇଁ ଏବେ ୯.୪% ହାରରେ ସୁଧରେ ୬୨୮୬ ଟଙ୍କା ଇଏମ୍‌ଆଇ ଦେବାକୁ ପଡୁଥିଲା। ତେବେ ଏହା ୩୭ ଟଙ୍କା ହ୍ରାସ ପାଇ ୬୨୪୯ ଟଙ୍କା ହେବ।

### ଆର୍‌ଟିଜିଏସ୍, ଏନ୍‌ଇଏଫ୍‌ଟିରେ ଲାଗିବନି ଚାର୍ଜ

ରିଜର୍ଭ ବ୍ୟାଙ୍କ ଅନ୍‌ଲାଇନରେ ଟ୍ରାଞ୍ଜାକଶନ୍ କରୁଥିବା ଗ୍ରାହକଙ୍କୁ ଆଶ୍ୱସ୍ତ କରି ଆର୍‌ଟିଜିଏସ୍ ଓ ଏନ୍‌ଇଏଫ୍‌ଟି ଉପରେ ଲାଗୁଥିବା ଶୁଳ୍କ ବା ଚାର୍ଜକୁ ପ୍ରତ୍ୟାହାର କରିନେଇଛି। ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର କହିଛନ୍ତି। ଉଲ୍ଲେଖଥାଉ କି, ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ତତ୍କାଳ ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ପଠାଇବାକୁ ହେଲେ ରିୟଲ ଟାଇମ ଗ୍ରସ୍ ସେଟେଲମେଣ୍ଟ(ଆର୍‌ଟିଜିଏସ୍)ର ପ୍ରୟୋଗ କରାଯାଇଥାଏ। ସେହିପରି ୨ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ପଠାଇବା ଲାଗି ନ୍ୟାଶନାଲ ଇଲେକ୍ଟ୍ରୋନିକ ଫଣ୍ଡସ ଟ୍ରାନ୍ସଫର (ଏନ୍‌ଇଏଫ୍‌ଟି) ପ୍ରଣାଳୀରେ ପଠାଯାଇଥାଏ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଏହି ପ୍ରଣାଳୀରେ ଟଙ୍କା ପଠାଇବା ଲାଗି ଗ୍ରାହକଙ୍କଠାରୁ ୧ ଟଙ୍କାରୁ ୫ ଟଙ୍କା ନେଇଥାଏ। ସେହିପରି ଆର୍‌ଟିଜିଏସ୍‌ରେ ୫ ଟଙ୍କାରୁ ୫୦ ଟଙ୍କା ପର୍ଯ୍ୟନ୍ତ ନିଏ।

### ସେନ୍‌ସେକ୍ସ ୫୫୪ ପଏଣ୍ଟ ହ୍ରାସ

ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି ଘୋଷଣା କରାଯିବା ପରେ ଷ୍ଟକ୍ ମାର୍କେଟ ଏହାକୁ ସହଜରେ ଗ୍ରହଣ କରିପାରିନାହିଁ। ବ୍ୟାଙ୍କିଙ୍ଗ୍ ସେକ୍ଟର ଶେୟାର ବିକ୍ରି ଲାଗି ନିବେଶକମାନେ ବ୍ୟସ୍ତତା ଦେଖାଇବାରୁ ସେନ୍‌ସେକ୍ସ ୫୫୪ ପଏଣ୍ଟ ହ୍ରାସ ପାଇ ୩୯,୫୨୯ ପଏଣ୍ଟରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟି ୧୭୮ ପଏଣ୍ଟ ହ୍ରାସ ପାଇ ୧୧,୮୪୪ ରେ ପହଞ୍ଚିଛି। ଫଳରେ ଗୋଟିଏ ଦିନରେ ନିବେଶକ ୨.୪୮ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

### ଜିଡିପି ଅନୁମାନ କମିଲା

ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଦେଶର ଜିଡିପି ଅନୁମାନ ହ୍ରାସ କରିଛି। କେନ୍ଦ୍ରୀୟ ବ୍ୟାଙ୍କ ଅନୁଯାୟୀ, ଜିଡିପି ଅଭିବୃଦ୍ଧି ଚଳିତ ବର୍ଷ ୭% ରହିବ ବୋଲି ଆକଳନ କରାଯାଇଛି। ଏଥିପୂର୍ବରୁ ଆର୍‌ବିଆଇ ଜିଡ଼ିପି ଅଭିବୃଦ୍ଧି ହାର ୭.୨% ରହିବ ବୋଲି ପୂର୍ବାନୁମାନ କରିଥିଲା।

### ଏଟିଏମ୍ ବ୍ୟବହାର ନେଇ କମିଟି

ଏଟିଏମ୍ ଶୁଳ୍କ ଏବଂ ଚାର୍ଜ ହାରରେ ପରିବର୍ତ୍ତନ ନେଇ କ୍ରମାଗତ ଦାବି ଉଠୁଥିବା ବେଳେ ଏ ସଂକ୍ରାନ୍ତରେ ବିଚାର ଲାଗି ଏକ କମିଟି ଗଠନ କରିବାକୁ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇଛି। ଭାରତୀୟ ବ୍ୟାଙ୍କ ସଂଘ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ତାଙ୍କ ରିପୋର୍ଟ ଦେବ। କମିଟି ଏଟିଏମ୍ ଚାର୍ଜ ଏବଂ ଏହାର ହାରକୁ ନେଇ ବିଭିନ୍ନ ପ୍ରସଙ୍ଗର ତର୍ଜମା କରିବ। କମିଟି ଏହାର ପ୍ରଥମ ବୈଠକ ବସିବାର ୨ ମାସ ଭିତରେ ରିପୋର୍ଟ ଦେବ ବୋଲି ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି।

### ମୁଦ୍ରାସ୍ଫୀତି ୩.୧% ରହିବା ସମ୍ଭାବନା

ଚଳିତ ବର୍ଷ ମୌସୁମୀ ସାମାନ୍ୟ ରହିବାର ଅନୁମାନ ମଧ୍ୟରେ ଖାଦ୍ୟପଦାର୍ଥ ବିଶେଷକରି ପନିପରିବା ମୂଲ୍ୟବୃଦ୍ଧିକୁ ଦୃଷ୍ଟିରେ ରଖି ରିଜର୍ଭ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷ ଲାଗି ପ୍ରଥମ ୬ ମାସ(ଏପ୍ରିଲ-ସେପ୍ଟେମ୍ବର)ରେ ଖୁଚୁରା ମୁଦ୍ରାସ୍ଫୀତି ପୂର୍ବାନୁମାନକୁ ୩.୦ରୁ ୩.୧୦% କୁ ବୃଦ୍ଧି କରିଛି। ସେହିପରି ଦ୍ୱିତୀୟ ୬ ମାସରେ ଏହା ୩.୪ରୁ ୩.୭% ରହିବ ବୋଲି ପୂର୍ବାନୁମାନ କରାଯାଇଛି।

## ଟୟୋଟା ଆଣିଲା ନୂଆ ଗ୍ଲାଞ୍ଜା

■ ପ୍ରିମିୟମ ହ୍ୟାଚ୍‌ବ୍ୟାକ୍ ସେଗମେଣ୍ଟରେ ପ୍ରବେଶ

**ନୂଆଦିଲ୍ଲୀ,୬-୬**

ଟୟୋଟା କିର୍ଲୋସ୍କାର ମୋଟର୍ସ (ଟିକେଏମ୍) ପକ୍ଷରୁ ପ୍ରିମିୟମ ହ୍ୟାଚ୍‌ବ୍ୟାଚ୍ ସେଗମେଣ୍ଟରେ ପ୍ରବେଶ ପୂର୍ବକ ନୂଆ 'ଟୟୋଟା ଗ୍ଲାଞ୍ଜା' ମଡେଲ ବଜାର ଆସିଛି। ଯୁବବର୍ଗଙ୍କ ଚାହିଦାକୁ ଧ୍ୟାନରେ ରଖି ଏହି ଯାନକୁ ପ୍ରସ୍ତୁତ କରାଯାଇଛି। ଏହାର ଆକର୍ଷଣୀୟ ଡିଜାଇନ, ଆରାମ ଏବଂ ସୁରକ୍ଷା ଫିଚର ଗ୍ରାହକଙ୍କ ପସନ୍ଦ ଆସିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି। ଉଭୟ ବାହ୍ୟ ତଥା ଅଭ୍ୟନ୍ତରରୁ ଏହାକୁ ଷ୍ଟାଇଲିଶ କରି ପ୍ରସ୍ତୁତ କରାଯାଇଛି। ଏଥିରେ ଥିବା କେ-ସିରିଜ ପେଟ୍ରୋଲ ଇଞ୍ଜିନ ଏକ ଅତୁଳନୀୟ ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରିବ। ମଡେଲଟି ବିଏସ୍-୬ ଇଞ୍ଜିନ ମାନକ ସହ ଆସିଛି। ସେହିଭଳି ଉନ୍ନତ ୱାରେଣ୍ଟି ସୁବିଧା, ଟୟୋଟା ଓନରଶିପ ଅଭିଜ୍ଞତା, କ୍ୟୁସର୍ଭିସ ଆପ, ଟୟୋଟା କନେକ୍ଟ ସୁବିଧା ସହ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଫାଇନାନ୍ସ ସୁବିଧା କରାଯାଇଛି। ପ୍ରିମିୟମ ହ୍ୟାଚ୍ ବ୍ୟାକ୍ ସେଗମେଣ୍ଟରେ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ନୂଆ ମଡେଲଟିକୁ ବଜାର ପ୍ରବେଶ କରାଇଥିବା ଟୟୋଟାର ଡେପୁଟି ଏମ୍‌ଡି ଏନ୍.ରାଜା କହିଛନ୍ତି। ଗ୍ରାହକଙ୍କ ପ୍ରାଥମିକତା ପୂର୍ବକ ବିଭିନ୍ନ ଯୋଜନା ହାତକୁ ନେଉଥିବା ରାଜା କହିଛନ୍ତି।







ଆଲ୍ଲାହାବାଦ ବ୍ୟାଙ୍କ ପକ୍ଷରୁ ଫନୀ ପ୍ରଭାବିତଙ୍କ ଲାଗି ୫.୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କର ଏମ୍‌ଡି ତଥା ସିଇଓ ସି.ଏଚ୍.ଏସ୍.ଏସ୍. ମଲ୍ଲିକାର୍ଜୁନ ରାଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏଥି ବାବଦ ଚେକ୍ ପ୍ରଦାନ କରୁଛନ୍ତି।

## ଭାରତର ଅର୍ଥନୀତି ବିକାଶ ଉପରେ ଜି-୨୦ର ନୋଟ
## ୨୦୨୦ରେ ୭.୫% ରହିବ ଜିଡିପି

**ନୂଆଦିଲ୍ଲୀ,୬-୬**

ମୋଦି ସରକାରଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଭାରତର ଜିଡ଼ିପି ଅଭିବୃଦ୍ଧି ହାର ଗତି ଉପରେ ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)ର ଭରସା ରହିଛି। ଏହା ଜି-୨୦ ନୋଟ୍ ସର୍ଭିଲାନ୍ସ ନୋଟ୍ ଜାରି କରି କହିଛି ଯେ, ୨୦୧୯ରେ ଭାରତର ଜିଡ଼ିପି ହାର ୭.୩% ରହିବ। ସେହିପରି ୨୦୨୦ରେ ଏହା ଆହୁରି ବୃଦ୍ଧି ପାଇ ୭.୫%ରେ ପହଞ୍ଚିବ। ଭାରତ ବ୍ୟତୀତ ଚାଇନାର ଜିଡ଼ିପି ଚଳିତ ବର୍ଷ ୬.୩% ଏବଂ ୨୦୨୦ରେ ୬.୧ ପ୍ରତିଶତ ରହିବ ବୋଲି ସର୍ଭିଲାନ୍ସ ନୋଟ୍‌ରେ ଅନୁମାନ କରାଯାଇଛି। ଆସନ୍ତା ୮ ଓ ୯ରେ ଜାପାନରେ ବିକଶିତ ଏବଂ ବିକାଶଶୀଳ ଦେଶଗୁଡ଼ିକୁ ନେଇ ଗଠିତ ଜି-୨୦ ଦେଶଗୁଡ଼ିକର ଅର୍ଥମନ୍ତ୍ରୀ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନରଙ୍କ ବୈଠକ ବସିବ। ଏଥିରେ ଭାରତ ପକ୍ଷରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଏବଂ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଯୋଗ ଦେବେ। ଏହି ବୈଠକ ପୂର୍ବରୁ ଜି-୨୦ ସର୍ଭିଲାନ୍ସ ନୋଟ୍ ପ୍ରସ୍ତୁତ କରାଯାଇଥାଏ। ଏହି ନୋଟ୍ ଜରିଆରେ ଜି-୨୦ ଦେଶଗୁଡ଼ିକ ନିଜର ତଥା ବିଶ୍ୱର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥାନ୍ତି। ସୂଚନାଥାଉ କି, ଭାରତ ସମେତ ଆର୍ଜେଣ୍ଟିନା, ବ୍ରାଜିଲ, କାନାଡା, ଚାଇନା, ୟୁରୋପୀୟ ସଂଘ, ଫ୍ରାନ୍ସ, ଜର୍ମାନୀ, ଇଣ୍ଡୋନେସିଆ, ଜାପାନ, ମେକ୍ସିକୋ, ରୁଷ୍, ଦକ୍ଷିଣ ଆଫ୍ରିକା, ବ୍ରିଟେନ ଓ ଆମେରିକା ଜି-୨୦ରେ ସାମିଲ ରହିଛି।

## ଏଫ୍‌ବିବିର ଏଭ୍ରି ଫ୍ରାଇଡେ ଏ ଟ୍ରାଏ ଡେ

**ଭୁବନେଶ୍ୱର,୬-୬**




ଫ୍ୟୁଚର ଗ୍ରୁପର ଲୋକପ୍ରିୟ ଫ୍ୟାଶନ ଡେଷ୍ଟିନେଶନ ଏଫ୍‌ବିବି ପକ୍ଷରୁ 'ଏଭ୍ରି ଫ୍ରାଇଡେ ଏ ଡିଲ ଡେ' ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ସପ୍ତାହ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏଫ୍‌ବିବିରେ ଏହାକୁ ଫ୍ୟାଶନ ଶପିଂ ଡେ ଭାବେ ପାଳନ କରାଯିବ। ଏଥିରେ ସଦ୍ୟତମ କଲେକ୍ସନଗୁଡିକୁ ପ୍ରମୋଶନ କରାଯିବା ସହ ବିଭିନ୍ନ ପ୍ରଡକ୍ଟ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯିବ। ଫ୍ୟାଶନପ୍ରେମୀମାନେ ସେମାନଙ୍କ ନିକଟସ୍ଥ ଏଫ୍‌ବିବି ଷ୍ଟୋରକୁ ଯାଇ ପ୍ରତି ଶୁକ୍ରବାର ପୁରୁଷ ଏବଂ ମହିଳାଙ୍କ ଡ୍ରେସ ଉପରେ ରିହାତି ପାଇ ପାରିବେ। ବିଭିନ୍ନ ବ୍ରାଣ୍ଡର ମହିଳାଙ୍କ ଡେନିମ ଏବଂ ଜେଗିଙ୍ଗ ଉପରେ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯାଉଛି। ଗ୍ରାହକଙ୍କ ଲାଗି ନୂଆ ଫ୍ୟାଶନ ଟ୍ରେଣ୍ଡ ଆଣିବା ଦିଗରେ ବିଗ୍ ବଜାର ସବୁବେଳେ ଉଦ୍ୟମ ଜାରି ରଖିଥିବା ଏହାର ସିଓଓ ରାଜେଶ ସେଠ ସୂଚନା ଦେଇଛନ୍ତି।

## ସାମ୍‌ସଙ୍ଗର ନୂଆ କ୍ୟୁଏଲ୍‌ଇଡି ୮କେଟିଭି

**ଭୁବନେଶ୍ୱର,୬-୬**

ପ୍ରମୁଖ କମ୍ପାନୀ ସାମ୍‌ସଙ୍ଗ ପକ୍ଷରୁ ବିଶ୍ୱର ପ୍ରଥମ କ୍ୟୁଏଲ୍‌ଇଡି ୮କେ ଟିଭି ଭାରତ ବଜାରରେ ପ୍ରବେଶ କରାଯାଇଛି। ଏହି ନୂଆ ପ୍ରଡକ୍ଟ ଦ୍ୱାରା କମ୍ପାନୀ ନିଜର ସ୍ଥିତିକୁ ଆହୁରି ଦୃଢ କରିଛି। ଏଥିରେ ଅତ୍ୟାଧୁନିକ ଟେକ୍ନୋଲୋଜି ସହ ରିୟଲ ୮କେ ରିଜଲ୍ୟୁଶନ ରହିଛି। ସେହିଭଳି ୮କେ ଏଆଇ ଅପ୍‌ସ୍କେଲିଙ୍ଗ, କ୍ୱାଣ୍ଟମ ପ୍ରୋସେସର ୮କେ, କ୍ୱାଣ୍ଟମ ଏଚ୍‌ଡିଆର ଯାହା ସର୍ବୋତ୍ତମ ୮କେ ଟିଭି ଅଭିଜ୍ଞତା ପ୍ରଦାନ କରିବ। ଏହା ୬୫ ଇଞ୍ଚ, ୭୫ ଇଞ୍ଚ, ୮୨ ଏବଂ ୮୮ ଇଞ୍ଚ ବର୍ଗରେ ଆସୁଛି। ଗ୍ରାହକଙ୍କୁ ପ୍ରିମିୟମ ପିକ୍‌ଚର କ୍ୱାଲିଟି ପ୍ରଦାନ ଦିଗରେ ଉଦ୍ୟମ ଜାରି ରହିଥିବା ସାମସଙ୍ଗ ଇଣ୍ଡିଆର ବରିଷ୍ଠ ଉପସଭାପତି ରାଜୁ ପୁଲାନ ସୂଚନା ଦେଇଛନ୍ତି।

## ଟାଟା ମୋଟର୍ସର ପିୟୁସି ଚେକ୍‌ଅପ୍ କ୍ୟାମ୍ପ

**ଭୁବନେଶ୍ୱର,୬-୬**

ଟାଟା ମୋଟର୍ସ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ନୂଆ ପିୟୁସି ଚେକ୍ ଅପ୍ କ୍ୟାମ୍ପ ଆୟୋଜନ କରାଯାଇଛି। ସବୁଜ ଏବଂ ସ୍ୱଚ୍ଛ ପରିବେଶ ଉପରେ କମ୍ପାନୀ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ଦେଶରେ ଥିବା କମ୍ପାନୀର ୫୭୦ରୁ ଉର୍ଦ୍ଧ୍ୱ ୱାର୍କଶପଗୁଡିକରେ ମାଗଣା ପ୍ରଦୂଷଣ ପରୀକ୍ଷଣ ହୋଇଥିଲା। ସେହିଭଳି ବୃକ୍ଷରୋପଣ ଦିଗରେ ବିଭିନ୍ନ ପଦକ୍ଷେପ ସହ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିବା ଟାଟା ମୋଟର୍ସ ପକ୍ଷରୁ ସୂଚନା ରହିଛି।

## ଅଟୋମୋବାଇଲ କ୍ଷେତ୍ରରେ ପ୍ରବେଶ କଲା ସାହାରା

**ନୂଆଦିଲ୍ଲୀ,୬-୬**

ପ୍ରମୁଖ ବିଜନେସ ଗ୍ରୁପ ସାହାରା ଅଟୋ ମୋବାଇଲ କ୍ଷେତ୍ରରେ ପ୍ରବେଶ କରିଛି। 'ସାହାରା ଇଭଲଭ' ବ୍ରାଣ୍ଡ ନାମରେ କମ୍ପାନୀ ଏହାର ମଡେଲଗୁଡିକୁ ବଜାରକୁ ଛାଡିଛି। କମ୍ପାନୀ ବିଭିନ୍ନ ବର୍ଗରେ ଇ-ଯାନ ବଜାରକୁ ଆଣିଛି। ଏହା ମଧ୍ୟରେ ଇ-ସ୍କୁଟର ଏବଂ ବାଇକ ସାମିଲ ରହିଛି। ଏହାବାଦ ୩ ଚକିଆ ଏବଂ ମାଲ ପରିବହନ କରୁଥିବା ଯାନ ମଧ୍ୟ ବଜାରକୁ ଆଣିଛି। ଏହା ସହ ଅନ୍ୟ ଆନୁଷଙ୍ଗିକ ସେବା ଯୋଗାଣ ଦିଗରେ ଏହା କାର୍ଯ୍ୟ କରୁଛି। ସାହାରା ଲକ୍ଷ୍ନୌଠାରୁ ନିଜର ପ୍ରଡକ୍ଟ ଆରମ୍ଭ କରିଥିବା ବେଳେ ଟାୟାର ୨ ଏବଂ ୩ ସହରଗୁଡିକୁ ଯୋଡିବାକୁ ଯୋଜନା ରଖିଛି। ଆସନ୍ତା ଆର୍ଥିକ ବର୍ଷ ସୁଦ୍ଧା ସାରା ଦେଶରେ ସେବା ଯୋଗାଣ ନେଇ କମ୍ପାନୀ ଲକ୍ଷ୍ୟ ରଖିଛି। ଭବିଷ୍ୟତ ପିଢିକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ନେଇଛୁ ବୋଲି ସାହାରାଶ୍ରୀ ସୁବ୍ରତ ରାଏ ସାହାରା କହିଛନ୍ତି।



## ଫନୀ ପ୍ରଭାବିତଙ୍କୁ ଏସ୍‌ବିଆଇର ୧୨୦ କୋଟି ଋଣ

**ଭୁବନେଶ୍ୱର,୬-୬**

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ରାଜ୍ୟର ଫନୀ ପ୍ରଭାବିତଙ୍କୁ ବର୍ତ୍ତମାନ ସୁଦ୍ଧା ୧୨୦ କୋଟି ଟଙ୍କାର ଋଣ ପ୍ରଦାନ କରିଛି। ଏହି ଋଣ ମଧ୍ୟରେ କୃଷି କ୍ଷେତ୍ରର ୯୮ କୋଟି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଗୁଡିକୁ ୧୫ କୋଟି ଏବଂ ହୋମ ଲୋନ ବାବଦକୁ ପ୍ରାୟ ୫ କୋଟି ଟଙ୍କା ସାମିଲ ରହିଛି। ଏହାବାଦ ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକା ଲାଗି ଅଲଗା ଋଣ ପ୍ରଦାନ କରିବାକୁ ବ୍ୟାଙ୍କ ଲକ୍ଷ୍ୟ ରଖିଛି। ବ୍ୟାଙ୍କ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କୁ ବିଭିନ୍ନ ସହାୟତା ଯୋଗାଇ ଦେଉଛି ବୋଲି ଏହାର ଏମ୍‌ଡି ପି.କେ. ଗୁପ୍ତା ଗୁରୁବାର ଭୁବନେଶ୍ୱରଠାରେ ଏକ ଖବରଦାତା କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି।




ସେ କହିଛନ୍ତି ଯେ, ବ୍ୟାଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ରିପୋର୍ଟ ଆଧାରରେ ଋଣ ପୁନର୍ଗଠନ ଦିଗରେ କାର୍ଯ୍ୟ କରୁଛି। ପ୍ରଭାବିତ ଅଞ୍ଚଳରେ କୃଷି, କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ ଓ ବାସଗୃହ ଋଣ ଉପରେ ମୋରାଟୋରିୟମ ସମୟ ଏକ ବର୍ଷକୁ ବଢାଯାଇଛି। ଏସ୍‌ବିଆଇର ସହଯୋଗୀ କମ୍ପାନୀ ଏସ୍‌ବିଆଇ ଜେନେରାଲ ୧୦୦୦ରୁ ଉର୍ଦ୍ଧ୍ୱ କ୍ଲେମର ସମାଧାନ କରିବାକୁ ସକ୍ଷମ ହୋଇଥିବା ଗୁପ୍ତା କହିଛନ୍ତି। କ୍ଲେମ ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନିଆଯାଇଛି। ପ୍ରଭାବିତ ଅଞ୍ଚଳଗୁଡିକରେ ନଗଦ ଉପଲବ୍ଧ କରାଇବାକୁ ପିଓଏସ୍ ମେଶିନ ବ୍ୟବସ୍ଥା, ଅଚଳ ହୋଇ ଯାଇଥିବା ଏଟିଏମ୍‌ଗୁଡିକର ପୁନରୁଦ୍ଧାର ଭଳି ବିଭିନ୍ନ ବ୍ୟବସ୍ଥା କରାଯାଇଛି। ବ୍ୟାଙ୍କ ରାଜ୍ୟରେ ମୋଟ ୮୭୨ ଶାଖା ସହ କାର୍ଯ୍ୟ କରୁଛି। ଏହା ମଧ୍ୟରେ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧସହରାଞ୍ଚଳରେ ୭୦୬ ଶାଖା ରହିଛି। ୨୮୪୦ ଏଟିଏମ୍ ଏବଂ ୪୨୨୭ ସିପିଏସ୍ ଦ୍ୱାରା ଏସ୍‌ବିଆଇ ସେବା ଯୋଗାଇ ଦେଉଥିବା ଗୁପ୍ତା କହିଛନ୍ତି।

■ ମୋରାଟୋରିୟମ ସମୟ ୧ ବର୍ଷକୁ ବୃଦ୍ଧି

■ ୧୦୦୦ରୁ ଉର୍ଦ୍ଧ୍ୱ କ୍ଲେମ ସମାଧାନ କରିଛି ଏସ୍‌ବିଆଇ ଜେନେରାଲ



ଅତୀତରେ ମୁଁ ଜଣେ ଚେସ୍ ଖେଳାଳି ଥିଲି। ଏଥିରୁ ମୋତେ ଧୈର୍ଯ୍ୟ ଓ ଯୋଜନା ମୁତାବକ ଖେଳିବା ଶିକ୍ଷା ମିଳିଛି ।

–ଯୁଜବେନ୍ଦ୍ର ଚହଲ, ଭାରତୀୟ ବୋଲର



ଟୋକିଓ ଅଲିମ୍ପିକ୍ସ ୨୦୨୦ରେ ସ୍ୱର୍ଣ୍ଣ ପଦକ ଜିତିବା ସହ ମୁଁ ବକ୍ସିଂରୁ ଅବସର ନେବାକୁ ଚାହୁଁଛି ।

–ଏମ୍‌ସି ମେରିକମ୍, ଭାରତୀୟ ଭେଟେରାନ ମହିଳା ବକ୍ସର

## କଳିଙ୍ଗ କର୍ନର

### ମନପ୍ରୀତଙ୍କ ୨୫୦ତମ ମ୍ୟାଚ

ଭୁବନେଶ୍ୱର, ୬।୬(କ୍ରୀଡ଼ା ପ୍ରତିନିଧି)- ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସରେ କ୍ୟାରିୟରର ୨୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ। ଏହା ତାଙ୍କ ପାଇଁ ବେଶ୍ ସ୍ମରଣୀୟ ହୋଇଛି। କାରଣ ଭାରତ ଏହି ମ୍ୟାଚରେ ୧୦-୦ ଗୋଲରେ ରୁଷିଆକୁ ହରାଇ ଅଭିଯାନ ଆରମ୍ଭ କରିଛି। ପୂର୍ବରୁ ୨୦୧୭ ପୁରୁଷ ହକି ୱାର୍ଲ୍ଡ ଲିଗ୍ ଫାଇନାଲ ଅବସରରେ ମନପ୍ରୀତ ଏଠାରେ କ୍ୟାରିୟରର ୨୦୦ତମ ମ୍ୟାଚ ଖେଳିଥିଲେ। ‘‘କଳିଙ୍ଗ ଷ୍ଟାଡିୟମ ମୋ ପାଇଁ ସ୍ୱତନ୍ତ୍ର ଭେନ୍ୟୁ। କାରଣ ମୁଁ ଏଠାରେ ଭରପୂର ଦର୍ଶକଙ୍କ ସମ୍ମୁଖରେ କ୍ୟାରିୟରର ୨ଟି ମାଇଲଖୁଣ୍ଟ ମ୍ୟାଚ ଖେଳିଛି। ମୋ ପରିବାର, ଟିମ୍‌ମେଟ୍ ଏବଂ ସପୋର୍ଟ ଷ୍ଟାଫ୍‌ଙ୍କ ସମର୍ଥନ ଯୋଗୁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି’’ ବୋଲି ମନପ୍ରୀତ କହିଛନ୍ତି। ମନପ୍ରୀତ ୨୦୧୧ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟ ତାଙ୍କ କ୍ୟାରିୟରର ଅଭୁଲା ସ୍ମୃତି। ଏହି ପ୍ରତିଯୋଗିତାର ଫାଇନାଲରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇଥିଲା। ୨୦୧୭ ଏସିଆ କପ୍ ଏବଂ ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ମଧ ସେ ଭାରତକୁ ବିଜୟୀ କରାଇଥିଲେ।

### ଅମିତଙ୍କ ଗୋଲ

ଭୁବନେଶ୍ୱର, ୬।୬(କ୍ରୀଡ଼ା ପ୍ରତିନିଧି): ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତର ପ୍ରଥମ ପ୍ରତିଦ୍ୱନ୍ଦ୍ୱୀ ଥିଲା ରୁଷିଆ। ଷ୍ଟାର୍ଟିଂ ଇଲେଭେନରେ ନ ଥିଲେ ହେଁ ପରେ ଦୁଇ ଓଡ଼ିଆ ଖେଳାଳି ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହି ଦାସ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ହକିପ୍ରେମୀ ଓଡ଼ିଆ ଦର୍ଶକଙ୍କୁ ନିରାଶ କରି ନ ଥିଲେ ଓଡ଼ିଆ ତାରକା। ମ୍ୟାଚର ୨୦ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ରମଣଦୀପ ସିଂ ବଲ୍‌କୁ ପୁଶ୍ କରିଥିବାବେଳେ ଅଧିନାୟକ ମନପ୍ରୀତ ସିଂ ବଲ୍‌କୁ ଷ୍ଟପ୍ କରିବାପରେ ଶୁଟ୍ କରିଥିଲେ ସ୍ଥାନୀୟ ଖେଳାଳି ଅମିତ। ତାଙ୍କର ଏହି ଉଦ୍ୟମ ବିଫଳ ହୋଇ ନ ଥିଲା। ତାଙ୍କର ଶକ୍ତିଶାଳୀ ଶଟ୍ ରୁଷିଆ ଗୋଲକିପର ମାରାଟ ଗାଫାରୋଭଙ୍କୁ ବିଟ୍ କରିବାରେ ପର୍ଯ୍ୟାପ୍ତ ହୋଇଥିଲା। ଭାରତ ପକ୍ଷରୁ ଅମିତ ତୃତୀୟ ଗୋଲଟି ସ୍କୋର କରିବାପରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ କୋଳାହଳ ମାଧମରେ ଅମିତଙ୍କୁ ଉତ୍ସାହିତ କରିଥିଲେ।

### ଋତୁରାଜଙ୍କ ଶତକ: ଭାରତ-ଏ’ ବିଜୟୀ

ବେଲାଗାଭି (କର୍ଣାଟକ), ୬।୬(ପି.ଟି.): ଋତୁରାଜ ଗାଏକୱାଡଙ୍କ ମାରାଥନ ଅପରାଜିତ ଶତକୀୟ ଇନିଂସ ବଳରେ ଭାରତ-ଏ ଗୁରୁବାର ଏଠାରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌ରେ ଶ୍ରୀଲଙ୍କା-ଏ’କୁ ୪୮ ରନରେ ପରାସ୍ତ କରିଛି। ଏହି ବିଜୟ ସହ ଇଶାନ କିସାନଙ୍କ ନେତୃତ୍ୱାଧୀନ ଭାରତ-ଏ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ବର୍ଷା ଯୋଗୁ ସ୍ଥାନୀୟ କେଏସ୍‌ସିଏ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌କୁ ୪୨ ଓଭରବିଶିଷ୍ଟ କରାଯାଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ-ଏ ଡାହାଣହାତୀ ଓପନର୍ ଗାଏକ୍ୱାଡଙ୍କ ଅପରାଜିତ ୧୮୭ ରନ (୧୩୬ ବଲ୍, ୨୬ ଚୌକା, ୨ ଛକା) ବଳରେ ନିର୍ଦ୍ଧାରିତ ଓଭରରେ ୪ ଉଇକେଟ୍ ହରାଇ ୩୧୭ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନ୍‌ମୋଲପ୍ରୀତ୍ ସିଂ ୬୫ ଓ ଅଧିନାୟକ ଇଶାନ ୪୫ ରନ୍ କରିଥିଲେ। ଶ୍ରୀଲଙ୍କା-ଏ ପକ୍ଷରୁ ଲାହିରୁ କୁମାରଙ୍କୁ ୩ଟି ଉଇକେଟ୍ ମିଳିଥିଲା। ଜବାବରେ ଶ୍ରୀଲଙ୍କା-ଏ ଶେହାନ ଜୟସୁରିୟା (୧୦୮ ରନ)ଙ୍କ ଅପରାଜିତ ଶତକ ସତ୍ତ୍ୱେ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ୍ ହରାଇ ୨୬୯ ରନ କରିବାକୁ ସକ୍ଷମ ହୋଇଥିଲା। ଭାରତ ପକ୍ଷରୁ ମୟଙ୍କ ମାର୍କଣ୍ଡେ ସର୍ବାଧିକ ୨ଟି ଉଇକେଟ୍ ନେଇଥିଲେ। ଶତକୀୟ ଇନିଂସ ଲାଗି ରୁତୁରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

# କଳିଙ୍ଗରେ ଭାରତର ଗୋଲ ବର୍ଷା

## ୧୦-୦ ଗୋଲରେ ରୁଷିଆକୁ ହରାଇଲା

**ଏଫଆଇଏଚ୍ ସିରିଜ ଫାଇନାଲ୍ସ**

**ଆଜିର ମ୍ୟାଚ୍**

- ଜାପାନ ବନାମ ମେକ୍ସିକୋ (ସକାଳ ୮ଟା ୪୫)
- ରୁଷିଆ ବନାମ ଉଜ୍‌ବେକିସ୍ତାନ (ଅପରାହ୍ଣ ୫ଟା)
- ଭାରତ ବନାମ ପୋଲାଣ୍ଡ (ରାତି ୭ଟା)

ଭୁବନେଶ୍ୱର, ୬।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏଫଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ଗୋଲ ବର୍ଷା କରି ସମ୍ପୂର୍ଣ୍ଣ ଷ୍ଟାଇଲରେ ଅଭିଯାନ ଆରମ୍ଭ କରିଛି। ଅନୁକୂଳ ପାଗ, ମନୋରମ ପରିବେଶ ଓ ଦର୍ଶକଙ୍କ ଉପସ୍ଥିତିରେ ଆରମ୍ଭରୁ ଉତ୍ସାହୀ ପ୍ରଦର୍ଶନ କରିଥିବା ଭାରତ ୧୦–୦ ଗୋଲରେ ରୁଷିଆକୁ ପରାସ୍ତ କରିଛି। ଫଳରେ ନିଜର ପ୍ରଥମ ମ୍ୟାଚରେ ୩ ପଏଣ୍ଟ ସହିତ ମନପ୍ରୀତ ବାହିନୀ ଆଗକୁ ବଢ଼ିଛି। କଳିଙ୍ଗ ଷ୍ଟାଡିୟମରେ ୧୦–୦ ଗୋଲ ଦ୍ୱିତୀୟ ସର୍ବାଧିକ ଗୋଲ ବ୍ୟବଧାନ ବିଜୟ। ୨୦୧୮ ଡିସେମ୍ବର ୭ରେ ଅନୁଷ୍ଠିତ ବିଶ୍ୱକପର ଏକ ମ୍ୟାଚରେ ଅଷ୍ଟ୍ରେଲିଆ ୧୧–୦ ଗୋଲରେ ଚାଇନାକୁ ହରାଇ କଳିଙ୍ଗ ଷ୍ଟାଡିୟମରେ ସର୍ବାଧିକ ଗୋଲ ବ୍ୟବଧାନ ବିଜୟ ରେକର୍ଡର ଅଧିକାରୀ ଅଛି। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଅତିଥିଭାବେ ଯୋଗଦେଇ ଭାରତୀୟ ଦଳର ନୀଳକାନ୍ତ ଶର୍ମାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱ ର୍‍ୟାଙ୍କିଂର ୫ମ ସ୍ଥାନରେ ଥିବା ଭାରତକୁ ଏଠାରେ ମୁକାବିଲା କରିବାରେ ଅସଫଳ ରହିଥିଲା ୨୨ନମ୍ବର ଦଳ ରୁଷିଆ। ମ୍ୟାଚ ଆରମ୍ଭ ପାଇଁ ରେଫରିଙ୍କ ହ୍ୱିସିଲ ବାଜିବାକ୍ଷଣି ଭାରତ ଆକ୍ରମଣ ଆରମ୍ଭ କରିଥିଲା। ଫଳ ସ୍ୱରୂପ ୩ୟ ମିନିଟରେ ଭାରତକୁ ପେନାଲ୍ଟି କର୍ନର ମିଳିଯାଇଥିଲା। ରମଣଦୀପ ସିଂ ବଲ୍ ପୁଶ୍ କରିଥିବାବେଳେ ହରମନପ୍ରୀତ ସିଂଙ୍କ ଶଟ୍ ରୁଷିଆ ଖେଳାଳିଙ୍କ ପାଦରେ ବାଜି ଫେରି ଆସିଥିଲା। ଫଳରେ ଭାରତକୁ ଦ୍ୱିତୀୟ ପେନାଲ୍ଟି କର୍ନର ଅଫର ଦିଆଯାଇଥିଲା। ଏଥର ମଧ ହରମନପ୍ରୀତ ବିଫଳ ହୋଇଥିଲେ। ଏହି କ୍ୱାର୍ଟରରେ ଭାରତ ବଲ୍‌କୁ ରୁଷିଆ ହାଫ୍‌ରେ ରଖି ଘନଘନ ଆକ୍ରମଣ କରିଥିଲା। ଫଳସ୍ୱରୂପ ୧୩ତମ ମିନିଟରେ ଭାରତ ପାଇଁ ସୁଯୋଗ ସୃଷ୍ଟି ହୋଇଥିଲା ଏବଂ ନୀଳକାନ୍ତ ଶର୍ମାଙ୍କ ଫିଲ୍ଡ ଗୋଲ ମାଧମରେ ଭାରତ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ ଅନୁରୂପ ଖେଳ ଦେଖିବାକୁ ମିଳିଥିଲା। ରୁଷିଆର ଆକ୍ରମଣକୁ ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହିତ ପ୍ରତିହତ କରିଥିଲେ। ଅନ୍ୟପକ୍ଷରେ ଭାରତ ଆଧିପତ୍ୟ ଜାରି ରଖି ଏକାଧିକ ସୁଯୋଗ ସୃଷ୍ଟି କରିଥିଲା। ୧୯ତମ ମିନିଟରେ ସିମରନଜିତ ସିଂ ଗୋଲ ଦେଇ ଭାରତର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇ ଦେଇଥିଲେ। ୨୦ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ରମଣଦୀପ ସିଂଙ୍କ ପୁଶ୍‌କୁ ଓଡ଼ିଆ ଖେଳାଳି ଅମିତ ରୋହି ଦାସ ଗୋଲରେ ପରିଣତ କରି ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କ ମନରେ ଉତ୍ସାହ ଭରି ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୩–୦ ଗୋଲରେ ଅଗ୍ରଣୀ ରହିଥିଲା।

ଦ୍ୱିତୀୟାର୍ଦ୍ଧରେ ରୁଷିଆ ଗୋଲ ପରିଶୋଧ ଚକ୍କରରେ ଥିବାବେଳେ ଭାରତ ଆକ୍ରମଣକୁ ଅଧିକ ଜୋରଦାର କରିଥିଲା। ରୁଷିଆ ଖେଳାଳିମାନେ ଏକାଧିକ ତ୍ରୁଟି କରିଥିବାବେଳେ କେବଳ ତୃତୀୟ କ୍ୱାର୍ଟରରେ ଭାରତ ୫ଟି ଗୋଲ ସ୍କୋର କରିଥିଲା। ୩୨ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ହରମନପ୍ରୀତ ସିଂ ଗୋଲରେ ପରିଣତ କରି ଅଗ୍ରଣୀ ବ୍ୟବଧାନକୁ ୪–୦ରେ ପହଞ୍ଚାଇଥିଲେ। ଏହାର ୨ ମିନିଟ ପରେ ଅର୍ଥାତ୍ ୩୪ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନରକୁ ବରୁଣ କୁମାର ଗୋଲରେ ପରିଣତ କରିଥିଲେ। ୩୭ତମ ମିନିଟରେ ସିମରନଜିତ ସିଂଙ୍କ ପାସ୍‌କୁ ଗୁରସାହିବଜିତ ସିଂ ଗୋଲରେ ପରିଣତ କରିଥିବାବେଳେ ୪୨ତମ ମିନିଟରେ ଆକାଶଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇଥିଲେ। ରୁଷିଆର ଦୁର୍ଦ୍ଦଶା ଏତିକିରେ ସରି ନ ଥିଲା। ୪୫ତମ ମିନିଟରେ ବିବେକ ପ୍ରସାଦ ଆଉ ଏକ ଗୋଲ ଦେଇ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନକୁ ୮–୦ରେ ପହଞ୍ଚାଇଥିଲେ। ଅନ୍ତିମ କ୍ୱାର୍ଟରରେ ମଧ ଭାରତର ଦବ୍‌ଦବା ଜାରି ରହିଥିଲା। ରୁଷିଆ ଗୋଲକିପର ବଦଳାଇ ଇଭାନ ଓଝେରଲେଭଙ୍କୁ ଆଣିଥିଲେ ହେଁ କିଛି ଫରକ ପଡ଼ି ନ ଥିଲା। ୪୮ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ହରମନପ୍ରୀତ ସିଂ ଗୋଲରେ ପରିଣତ କରିଥିଲେ। ମ୍ୟାଚରେ ଏହାଥିଲା ତାଙ୍କର ଦ୍ୱିତୀୟ ଗୋଲ। ୫୬ତମ ମିନିଟରେ ଆକାଶଦୀପ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପକ୍ଷରୁ ୧୦ମ ଗୋଲ ସ୍କୋର କରିଥିଲେ। ଭାରତ ଶୁକ୍ରବାର ଏହାର ପରବର୍ତ୍ତୀ ମ୍ୟାଚରେ ପୋଲାଣ୍ଡକୁ ଭେଟିବ।



ଭାରତ ଓ ରୁଷିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଆମେରିକା ଜିତିଲା ପ୍ରଥମ ମ୍ୟାଚ

ଭୁବନେଶ୍ୱର, ୬।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଆଉ ଏକ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା। ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସର ପ୍ରଥମ ମ୍ୟାଚରେ ବିଜୟୀ ହୋଇଛି ଆମେରିକା। ବିଶ୍ୱ ର୍‍ୟାଙ୍କିଂର ୨୫ତମ ସ୍ଥାନରେ ଥିବା ଏହି ଦଳ ୧୬ତମ ର୍‍ୟାଙ୍କ୍ ଦକ୍ଷିଣ ଆଫ୍ରିକାକୁ ୨–୦ ଗୋଲରେ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛି। ଆମେରିକା ପକ୍ଷରୁ ୪୭ତମ ମିନିଟରେ ଖ୍ରିଷ୍ଟିଆନ ଡି ଆଞ୍ଜେଲିସ ଓ ୫୭ତମ ମିନିଟରେ ଭାରତୀୟ ବଂଶୋଦ୍ଭବ ପଲ୍ ସିଂ ଗୋଲ ସ୍କୋର କରିଥିଲେ।

ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ହୋଇଥିବାରୁ ଉଭୟ ଦଳ ଆରମ୍ଭରୁ ଅଗ୍ରଣୀ ନେବା ଉଦ୍ୟମରେ ରହିଥିଲେ। ମ୍ୟାଚ ଆରମ୍ଭର ୩ୟ ମିନିଟରେ ଦକ୍ଷିଣ ଆଫ୍ରିକାର ରିଚାର୍ଡ ପଜ୍ ଗୋଲ ସ୍କୋରିଂର ବଡ଼ ସୁଯୋଗ ହାତଛଡ଼ା କରିଥିଲେ। ଗୋଲପୋଷ୍ଟଠାରୁ ମାତ୍ର ୩ ମିଟର ଦୂରରେ ଥିଲେ ହେଁ ସେ ତାହାର ସଦ୍‌ବ୍ୟବହାର କରିପାରି ନ ଥିଲେ। ମ୍ୟାଚ ଆଗେଇବା ସହ ଆଫ୍ରିକାନ୍ ଚାମ୍ପିୟନ ଦକ୍ଷିଣ ଆଫ୍ରିକା ପ୍ରତିପକ୍ଷ ଦଳ ଉପରେ ଚାପ ପ୍ରୟୋଗ କରିଥିଲା। ମାତ୍ର ଆମେରିକା ଖେଳାଳିମାନେ ପ୍ରତିଆକ୍ରମଣ କରି ଏହାକୁ ସଫଳ ପ୍ରତିହତ କରିଥିଲେ।

ଦ୍ୱିତୀୟ କ୍ୱାର୍ଟରରେ ଆମେରିକା ରଣନୀତି ପରିବର୍ତ୍ତନ କରି ଆକ୍ରମଣାତ୍ମକ ହକି ଖେଳିଥିଲା। ଏଥିରୁ ଦଳକୁ ଫାଇଦା ମିଳିଥିଲା। ଡିଗାନ ହୁଇସମ୍ୟାନଙ୍କ ଶଟ୍‌କୁ ଚମତ୍କାର ସେଭ୍ କରିଥିଲେ ଦକ୍ଷିଣ ଆଫ୍ରିକା ଗୋଲକିପର ରାସି ପିଟର୍ସି। ପରେ ଦକ୍ଷିଣ ଆଫ୍ରିକା ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ଦଳକୁ କ୍ରମାଗତ ପେନାଲ୍ଟି କର୍ନର ମିଳିଥିଲେ ହେଁ ଏନକୋବିଲ ଏନଟୁଲି ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲେ। ଦ୍ୱିତୀୟ କ୍ୱାର୍ଟରର ଶେଷ ଭାଗରେ ଆମେରିକା ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ଅଧିନାୟକ ଆଜାଇ ଧଦୱାଲ ଆହତ ସମସ୍ୟା ଯୋଗୁ ପଡ଼ିଆ ଛାଡ଼ିବାକୁ ବାଧ ହୋଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟଭାବେ ଶେଷ ହୋଇଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଆମେରିକା ଗୋଲକିପର ଜୋନାଥନ କ୍ଲାଗେସ ଚମତ୍କାର ପ୍ରଦର୍ଶନ କରି ଏକାଧିକ ପେନାଲ୍ଟି କର୍ନରକୁ ସେଭ୍ କରିଥିଲେ। ମ୍ୟାଚ ଆଗକୁ ବଢ଼ିବା ସହ ଆମେରିକା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଅସଲ ଖେଳ ୪ର୍ଥ କ୍ୱାର୍ଟରରେ ଦେଖିବାକୁ ମିଳିଥିଲା। ଆମେରିକାର ଆଞ୍ଜେଲିସ୍ ୪୭ତମ ମିନିଟରେ ଟୁର୍ନାମେଣ୍ଟର ପ୍ରଥମ ଗୋଲ ସ୍କୋର କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ସେ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ। ଏହାପରେ ଗେମ୍ ଆମେରିକା ନିୟନ୍ତ୍ରଣକୁ ଚାଲି ଯାଇଥିଲା। ଦକ୍ଷିଣ ଆଫ୍ରିକା ଗୋଲ ପରିଶୋଧ ପାଇଁ ଯେତେ ଉଦ୍ୟମ କଲେ ମଧ ଆମେରିକା ଖେଳାଳିମାନେ ଉତ୍ସାହୀ ପ୍ରଦର୍ଶନ କରି ତାହାକୁ ପ୍ରତିହତ କରିଥିଲେ। ମ୍ୟାଚ ଶେଷ ହେବାର ୩ ମିନିଟ ପୂର୍ବରୁ ଅର୍ଥାତ୍ ୫୭ତମ ମିନିଟରେ ପଲ୍ ସିଂ ଏକ ଫିଲ୍ଡ ଗୋଲ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ।

ଆମେରିକା ଗୋଲକିପର ଜୋନାଥନ କ୍ଲାଗେସ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। କ୍ରୀଡ଼ା ସଚିବ ବିଶାଲ ଦେବ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ‘‘ଏହା ମୋ ଜୀବନର ପ୍ରଥମ ବଡ଼ ଟୁର୍ନାମେଣ୍ଟ। ତେଣୁ ମୁଁ ବହୁ ପରିମାଣରେ ନର୍ଭସ ଥିଲି। ମ୍ୟାଚରେ କ’ଣ ହେବ ତାହା ପୂର୍ବରୁ ଚିନ୍ତା କରି ନ ଥିଲି। ମାତ୍ର ଦଳକୁ ବିଜୟୀ କରାଇବାରେ ସହାୟକ ହୋଇପାରିଥିବାରୁ ଖୁସି ଲାଗୁଛି’’ ବୋଲି କ୍ଲାଗେସ ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ଗୋଲକିପର ରାସି ପିଟର୍ସେ କିନ୍ତୁ ଫଳାଫଳକୁ ନେଇ ନୈରାଶ୍ୟ ପ୍ରକଟ କରିଛନ୍ତି। ‘‘ଆମେ ଯେପରି ଚାହୁଁଥିଲୁ ସେପରି ଆରମ୍ଭ କରି ପାରିଲୁନି। ଅନେକ ସୁଯୋଗ ପାଇଥିଲେ ମଧ ତାର ଫାଇଦା ଉଠାଇ ପାରିଲୁନି। ଭଲ ଆରମ୍ଭ କରିଥିଲେ ହେଁ ମ୍ୟାଚ ଫୋପାଡ଼ିଦେବା ପରି ପ୍ରଦର୍ଶନ କଲୁ। ଏବେ ଜାପାନ ବିପକ୍ଷ ପରବର୍ତ୍ତୀ ମ୍ୟାଚ ଉପରେ ଆମର ଫୋକସ ରହିବ’’ ବୋଲି ରାସି କହିଛନ୍ତି।



ଆମେରିକା ଓ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ମଧ୍ୟରେ ବଲ ପାଇଁ ସଂଘର୍ଷ।

# ପୋଲାଣ୍ଡ ୪, ଉଜ୍‌ବେକିସ୍ତାନ ୦

ଭୁବନେଶ୍ୱର, ୬।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସର ଦ୍ୱିତୀୟ ମ୍ୟାଚରେ ପୋଲାଣ୍ଡ ୪–୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଧିନାୟକ ପାୱେଲ ବ୍ରାଟକ୍ସ୍କି ୫ମ ଓ ୩୬ତମ ମିନିଟରେ ୨ଟି ଏବଂ ମାଟେଉଜ୍ ହୁଲବୋଜ ୨୭ତମ ଓ ୪୦ତମ ମିନିଟରେ ୨ଟି ଗୋଲ ଦେଇଥିଲେ।

ବିଶ୍ୱ ର୍‍ୟାଙ୍କିଂର ୨୧ତମ ର୍‍ୟାଙ୍କ୍ ପୋଲାଣ୍ଡ ଓ ୪୩ତମ ର୍‍ୟାଙ୍କ୍ ଉଜ୍‌ବେକିସ୍ତାନ ମ୍ୟାଚ ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିଲା। ମ୍ୟାଚ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପୋଲାଣ୍ଡ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୫ମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ପାୱେଲ ଗୋଲରେ ପରିଣତ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ପୋଲାଣ୍ଡ ୧–୦ରେ ଅଗ୍ରଣୀ ରହିଥିଲା। ଗୋଲ ପରିଶୋଧ ପାଇଁ ଉଦ୍ୟମରେ ଥିବା ଉଜ୍‌ବେକିସ୍ତାନ ଦ୍ୱିତୀୟ କ୍ୱାର୍ଟରରେ ମଧ ପ୍ରଭାବହୀନ ପ୍ରଦର୍ଶନ କରିଥିଲା। ୨୭ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ଗୋଲ ଦେଇ ମାଟେଉଜ୍ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ପୋଲାଣ୍ଡର ଅଗ୍ରଣୀ ବ୍ୟବଧାନକୁ ୨–୦ରେ ପହଞ୍ଚାଇଥିଲେ।

ଦ୍ୱିତୀୟାର୍ଦ୍ଧରେ ମଧ ପୋଲାଣ୍ଡର ପ୍ରଭାବ ବଳବତ୍ତର ରହିଥିଲା। ଖେଳ ଆରମ୍ଭର ୬ମ ତଥା ମ୍ୟାଚର ୩୬ତମ ମିନିଟରେ ପାୱେଲ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ପୋଲାଣ୍ଡ ସ୍ଥିତିକୁ ମଜଭୁତ କରିଥିଲେ। ସେ ପେନାଲ୍ଟି କର୍ନରରୁ ଏହି ଗୋଲଟି ଦେଇଥିଲେ। ଏହାର ୪ ମିନିଟ ପରେ ମାଟେଉଜ୍ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ଉଜ୍‌ବେକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ପ୍ରଥମ ୩ଟି ଗୋଲ ପେନାଲ୍ଟି କର୍ନରରୁ ହୋଇଥିବାବେଳେ ଶେଷଟି ଫିଲ୍ଡ ଗୋଲ ହୋଇଥିଲା। ଅବଶିଷ୍ଟ ୨୦ ମିନିଟ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଉଜ୍‌ବେକିସ୍ତାନ ଗୋଲ ପରିଶୋଧ କରିପାରି ନ ଥିଲା। ଫଳରେ ପୋଲାଣ୍ଡ ୩ ପଏଣ୍ଟ ସହିତ ଅଭିଯାନ ଆରମ୍ଭ କରିଥିଲା। ଚମତ୍କାର ପ୍ରଦର୍ଶନ ପାଇଁ ମାଟେଉଜ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପର୍ଯ୍ୟଟନ, ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ବିଜୟ ହାସଲ ପରେ ଦର୍ଶକଙ୍କ ଠାରୁ ପୋଲାଣ୍ଡ ଦଳ ଅଭିବାଦନ ଗ୍ରହଣ କରୁଛି।

## ରୋନାଲ୍ଡୋଙ୍କ ହ୍ୟାଟ୍ରିକ



ମାଡ୍ରିଡ୍, ୬।୬- ଷ୍ଟାର ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ହ୍ୟାଟ୍ରିକ ଗୋଲ ବଳରେ ପର୍ତ୍ତୁଗାଲ ୩–୧ ଗୋଲରେ ସୁଇଜରଲାଣ୍ଡକୁ ହରାଇ ଦେଇଛି। ଏହି ବିଜୟ ସହ ପର୍ତ୍ତୁଗାଲ ପ୍ରଥମ ୟୁଫା ନ୍ୟାଶନ୍ସ ଲିଗ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ୍‌ର ୨୫ତମ ମିନିଟ୍‌ରେ ପର୍ତ୍ତୁଗାଲ ଦଳକୁ ଏକ ଫ୍ରି କିକ୍ ମିଳିଥିଲା, ଯାହାକୁ ରୋନାଲ୍ଡୋ ଗୋଲରେ ପରିଣତ କରିଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ ରିକାର୍ଡୋ ରୋଡ୍ରିଗେଜ ପେନାଲ୍ଟିକୁ ଗୋଲରେ ପରିଣତ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ମ୍ୟାଚ୍‌ର ୮୮ ଓ ୯୦ତମ ମିନିଟ୍‌ରେ ରୋନାଲ୍ଡୋ କ୍ରମାଗତ ଦୁଇଟି ଫିଲ୍ଡ ଗୋଲ ଦେଇ ବ୍ୟକ୍ତିଗତ ହ୍ୟାଟ୍ରିକ ପୂରଣ କରିବା ସହ ସୁଇଜରଲାଣ୍ଡକୁ ୩–୧ ଗୋଲରେ ପରାସ୍ତ କରିଥିଲେ। ଦଳ ଫାଇନାଲରେ ନେଦରଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲର ବିଜେତାକୁ ଭେଟିବ। ଅନ୍ୟପକ୍ଷରେ ସୁଇଜରଲାଣ୍ଡ ୩ୟ ସ୍ଥାନ ପାଇଁ ପରାଜିତ ହୋଇଥିବା ଦଳ ସହ ରବିବାର ପ୍ରତିଦ୍ୱନ୍ଦ୍ୱିତା କରିବ।

## ଭାରତର ଅଭିଯାନ ଶେଷ

ସିଡ୍‌ନୀ, ୬।୬(ପିଟି)- ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱିତାର ଶେଷ ହୋଇଛି। ଅଲିମ୍ପିକ୍ ଓ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ପଦକଧାରୀ ପି.ଭି. ସିନ୍ଧୁ ସିଧାସଳଖ ସେଟ୍‌ରେ ପରାସ୍ତ ହୋଇଛନ୍ତି। ତାଙ୍କ ପୂର୍ବରୁ ପୁରୁଷ ସିଙ୍ଗଲ୍ସ ବର୍ଗର ୬ଷ୍ଠ ସିଡ୍ ସମୀର ବର୍ମା ଓ ବି. ସାଇ ପ୍ରଣୀଥ ଓ ପୁରୁଷ ଡବଲ୍ସ ସାତ୍ୱିକସାଇରାଜ ରାନ୍‌କିରେଡ୍ଡୀ ଓ ଚିରାଗ ଶେଟ୍ଟିଙ୍କ ଯୋଡ଼ି ପରାଜୟ ସହ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଚଳିତ ସିଜନରେ ପ୍ରଥମ ଟାଇଟଲ ଜିତିବାକୁ ଲକ୍ଷ୍ୟ ରଖିଥିବା ୫ମ ର୍‍ୟାଙ୍କ ସିନ୍ଧୁ ୧୯–୨୧, ୧୮–୨୧ ଗେମ୍‌ରେ ନିତଚାଓନ ଜିନ୍ଦପଲଙ୍କଠାରୁ ହାରି ଯାଇଛନ୍ତି। ଉଭୟ ପରସ୍ପରକୁ ୭ ଥର ଭେଟିଥିଲେ ମଧ ଥାଇଲାଣ୍ଡ ଖେଳାଳିଙ୍କ ଦ୍ୱିତୀୟ ବିଜୟ। ପୁରୁଷ ସିଙ୍ଗଲ୍ସ ବର୍ଗର ସମୀରଙ୍କୁ ୧୬–୨୧, ୨୧–୭, ୧୩–୨୧ ଗେମ୍‌ରେ ୱାଙ୍ଗ ଜଚ ୱେଇ ହରାଇଥିବାବେଳେ ପ୍ରଣୀଥ ୨୩–୨୫, ୯–୨୧ ବ୍ୟବଧାନରେ ଆନ୍ଥୋନୀ ସିନିସକା ଗିଟିଂଙ୍କଠାରୁ ପରାସ୍ତ ହୋଇଛନ୍ତି।

## ହାଲେପ୍‌ଙ୍କୁ ହରାଇଲେ ଆନିସିମୋଭା

ପ୍ୟାରିସ, ୬।୬

ଗତଥରର ଚାମ୍ପିୟନ ରୋମାନିଆର ସିମୋନା ହାଲେପ୍‌ଙ୍କୁ ପରାସ୍ତ କରି ଆମେରିକାର ସ୍ୱଳ୍ପ ବୟସ୍କା ଆମାଣ୍ଡା ଆନିସିମୋଭା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଏକ କ୍ୱାର୍ଟରଫାଇନାଲରେ ଏହି ୧୭ ବର୍ଷୀୟା ଅଣସିଡ୍ ଖେଳାଳି ତୃତୀୟ ସିଡ୍ ହାଲେପ୍‌ଙ୍କୁ ୬–୨, ୬–୪ ସେଟ୍‌ରେ ପରାସ୍ତ କରିଛନ୍ତି। ଆନିସିମୋଭା ଏହି ବର୍ଷ ପୂର୍ବରୁ ରୋଲାଣ୍ଡ ଗ୍ୟାରୋସରେ ଗୋଟିଏ ହେଲେ ମ୍ୟାଚ ଜିତପାରି ନ ଥିଲେ। ସେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବିଶ୍ୱର ୫୧ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆନିସିମୋଭା ବର୍ତ୍ତମାନ ୮ମ ସିଡ୍ ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟିଙ୍କୁ ଭେଟିବେ। ବାର୍ଟି ଆମେରିକାର ମାଡିସନ କିଜ୍‌ଙ୍କୁ ୬–୩, ୭–୫ ସେଟ୍‌ରେ ପରାସ୍ତ କରିଛନ୍ତି। ପ୍ୟାରିସରେ ଏକମାତ୍ର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ପୂର୍ବତନ ବିଶ୍ୱର ନମ୍ବର ୱାନ ଖେଳାଳି ହାଲେପ୍ ଏହି ଟୁର୍ନାମେଣ୍ଟରେ ୨୦୧୭ ଓ ୨୦୧୪ରେ ରନର୍ସ ଅପ୍ ହୋଇଥିଲେ। ତାଙ୍କ ପରାଜୟ ଅର୍ଥ ମହିଳା ଡ୍ର’ରେ ଆଉ କୌଣସି ଗ୍ରାଣ୍ଡସ୍ଲାମ ଚାମ୍ପିୟନ ରହିଲେ ନାହିଁ।




# ଶ୍ୱଶୁରଘରେ ସ୍ୱାଇଁଙ୍କ ଉନ୍ମତ୍ତକାଣ୍ଡ, ୫ ଆହତ

**ଜଳେଶ୍ୱର, ୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ଖାଲିନା ଗ୍ରାମରେ ଗୁରୁବାର ଭୋର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଖାଲିନା ଗ୍ରାମର ନୀଳାମ୍ବର ପାଣିଗ୍ରାହୀଙ୍କ ସାନଜ୍ୱାଇଁ ରଞ୍ଜନ ପଣ୍ଡା ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ର କରି କଳହ ହୋଇଥିଲା। ଏଥିରେ ରଞ୍ଜନ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଶ୍ୱଶୁର ନୀଳାମ୍ବରଙ୍କ ସମେତ ଶାଶୁ, ସ୍ତ୍ରୀ ଓ ପଡ଼ୋଶୀ ଘରର ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଲହୁଲୁହାଣ ଅବସ୍ଥାରେ ୫ଜଣ ଆହତଙ୍କୁ ଗ୍ରାମବାସୀ ଜ୍ୱାଇଁ କବଳରୁ ଉଦ୍ଧାର କରି ଜଳେଶ୍ୱରସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ଜଳେଶ୍ୱର ପୋଲିସ ନୀଳାମ୍ବରଙ୍କ ଘର ପହଞ୍ଚି ଆକ୍ରମଣକାରୀ ଜ୍ୱାଇଁ ରଞ୍ଜନଙ୍କୁ କାବୁ କରିବା ପାଇଁ ନାକେଦମ ହୋଇଯାଇଥିଲା। ଏପରିକି ରଞ୍ଜନଙ୍କ ଆକ୍ରମଣରୁ ପୋଲିସ କର୍ମଚାରୀ ମଧ୍ୟ ବର୍ତ୍ତି ନ ଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ପରେ ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା (ନଂ.୧୧୯/୧୯) ରୁଜୁ କରାଯାଇ ରଞ୍ଜନଙ୍କୁ ଗିରଫ କରାଯାଇଛି। ରଞ୍ଜନଙ୍କ ଘର କମର୍ଦ୍ଦା ଥାନା ଆରୁହାବୃତ୍ତି ଗ୍ରାମରେ।







# ଟାଙ୍ଗିଆରେ ହାଣି ୨ ଭାଇଙ୍କୁ ହତ୍ୟା

**ଝୁମ୍ପୁରା/କେନ୍ଦୁଝର,୬।୬(ଡି.ଏନ.ଏ./ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବାମେବାରି ଥାନାଠାରୁ ୧୫ କି.ମି. ଦୂର ବଣପାହାଡ଼ ଘେରା ମଲଦା ପଞ୍ଚାୟତ କାଶିଆ ଗ୍ରାମର ନାଏକ ସାହିରେ ଗୁରୁବାର ମଧ୍ୟାହ୍ନରେ ୨ ଭାଇଙ୍କୁ ଘର ଭିତରେ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ପଡ଼ୋଶୀ ଘରର ଜଣେ ଯୁବକ ଏହି ହତ୍ୟାକାଣ୍ଡ ଘଟାଇବା ପରେ ଗାଁରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଗାଁ ଲୋକେ ଅଭିଯୁକ୍ତ ଯୁବକଙ୍କୁ ଧରି ଏକ ଗଛରେ ବାନ୍ଧି ପକାଇ ଥାନାକୁ ଖବର ଦେଇଥିଲେ। ପୋଲିସ ଗାଁରେ ପହଞ୍ଚି ୨ ମୃତଦେହକୁ ଜବତ କରିବା ସହ ଅଭିଯୁକ୍ତ ଯୁବକ ଉଦ୍ଧବ ନାଏକ (୩୫ବର୍ଷ)ଙ୍କୁ ଗିରଫ କରିଛି। ତାଙ୍କଠାରୁ ରକ୍ତଲଗା ଟାଙ୍ଗିଆ ଜବତ ହୋଇଛି। ହତ୍ୟାର ଶିକାର ହୋଇଥିବା ୨ ଭାଇ ହେଲେ ସମାର ନାଏକ(୬୫), ତାଙ୍କ ସାନ ଭାଇ କର୍ମୁ ନାଏକ(୬୦)। ହତ୍ୟାକାଣ୍ଡର କାରଣ ଜଣାପଡ଼ିନାହିଁ। ପୂର୍ବ ଶତ୍ରୁତା ତଥା ଜମିଜମା ବିବାଦ ହତ୍ୟାର କାରଣ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଉତ୍ତେଜନା ଲାଗି ରହିଥିବାରୁ ଗାଁରେ ପୋଲିସ ମୁତୟନ କରାଯାଇଛି। ଘଟଣାର ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ବାମେବାରି ଥାନା ଅଧିକାରୀ ପରେଶ ମହାନ୍ତି କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ ମଧାହ୍ନ ସମୟରେ ୨ ଭାଇ ସମାର ଓ କର୍ମୁ ଘର ଭିତରେ ଥିବାବେଳେ ପରିବାରର ମହିଳା ଓ ଅନ୍ୟମାନେ ବାହାରେ ଥିଲେ। ଏହି ସମୟରେ ଅଭିଯୁକ୍ତ ଉଦ୍ଧବ ନିଶାସକ୍ତ ଅବସ୍ଥାରେ ଏକ ଟାଙ୍ଗିଆ ଧରି ଘରେ ପଶି ପ୍ରଥମେ ବଡ଼ ଭାଇ ସମାର ଓ ପରେ ସାନ ଭାଇ କର୍ମୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପରିବାର ଓ ଗାଁ ଲୋକେ ରୁଣ୍ଡ ହୋଇଯାଇଥିଲେ। ଟାଙ୍ଗିଆ ଚୋଟରେ ଅତ୍ୟଧିକ ରକ୍ତସ୍ରାବ ହେବାରୁ ସମାରଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଗାଁ ଲୋକେ ଅଭିଯୁକ୍ତ ଉଦ୍ଧବଙ୍କୁ କୌଶଳକ୍ରମେ କାବୁ କରି ଗୁରୁତର ଆହତ ହୋଇଥିବା କର୍ମୁଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଉଥିଲେ। ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ମୃତଦେହକୁ ଗାଁକୁ ଫେରାଇ ଅଣାଯାଇଥିଲା।

ବାମେବାରି ଥାନା ଅଧିକାରୀ ପରେଶ ସଦଳବଳ ଘଟଣା ସ୍ଥଳରେ ପହଞ୍ଚି ଗାଁର ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା। ଶେଷରେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ଥାନାରେ ହତ୍ୟା ମାମଲା ( ନଂ ୭୫/୨୦୧୯) ରୁଜୁ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବଡ଼ ମାଛ ଧରିବାକୁ ହେଲେ ବନିଶୀ ପକାଇ ଘଣ୍ଟା ଘଣ୍ଟା ଧରି ଚୁପ୍‌ଚାପ ଅପେକ୍ଷା କରିବାକୁ ପଡ଼େ। ସେହିଭଳି ଭକ୍ତଙ୍କୁ ଧୈର୍ଯ୍ୟ ସହକାରେ ପ୍ରାର୍ଥନା କରିବାକୁ ହୁଏ। ପ୍ରାର୍ଥନା କରୁ କରୁ ଦିନେ ନା ଦିନେ ଭଗବାନଙ୍କ ଦର୍ଶନ ହେବ। - ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ଛାତରୁ ପଡି ଜଣେ ମୃତ

**ଅତାବିରା,୬।୬(ଡି.ଏନ୍.ଏ.):** ବରଗଡ଼ ଜିଲା ଗୋଡଭଗା ନିକଟ କର୍ଣ୍ଣପାଲି ଗ୍ରାମରେ ଘର ଛାତ ଉପରୁ ଖସି ପଡିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଏହି ଗ୍ରାମର ଚକ୍ରଧର ପାଣିଗ୍ରାହୀ(୫୦) । ସେ ବୁଧବାର ରାତିରେ ଘର ଛାତ ଉପରେ ଶୋଇଥିବା ବେଳେ ତଳକୁ ଖସି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କବି ବ୍ରଜମୋହନ ପଣ୍ଡାଙ୍କ ଜନ୍ମଦିବସ ପାଳିତ

**ଅତାବିରା, ୬।୬ (ଡି.ଏନ୍.ଏ):** ଲରମ୍ବା ମହାବିଦ୍ୟାଳୟ, ବ୍ରଜବିହାରରେ କବି ବ୍ରଜମୋହନ ପଣ୍ଡାଙ୍କ ୧୨୯ ତମ ଜନ୍ମ ଦିବସ ବୁଧବାର ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ. ନରେନ୍ଦ୍ର କୁମାର ବେହେରାଙ୍କ ସଭାପତିତ୍ୱରେ ଗୋପାଳ ଚନ୍ଦ୍ର ପଣ୍ଡା, ପ୍ରଫେସର ରତନ କୁମାର ଶର୍ମା, ବୀରେନ୍ଦ୍ର ବାଙ୍କା ଓ ସନ୍ତୋଷ କୁମାର ପଣ୍ଡା ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରବିନାରାୟଣ ପଣ୍ଡା, ଶିକ୍ଷକ ଅଶ୍ୱିନୀ କୁମାର ପ୍ରଧାନ, ବିନୟ କୁମାର ନାୟକ, ସୁଶୀଲ ମହାକୁର ଉପସ୍ଥିତ ରହି ବ୍ରଜମୋହନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ । ଉତ୍ସବରେ ମହାବିଦ୍ୟାଳୟର ପ୍ରଫେସର ମନୋରଞ୍ଜନ ତ୍ରିପାଠୀ, ଡ. ଅଜିତ କୁମାର ନାଥ, ଅଶୋକ ମହନ୍ତ ଓ ଗଣେଷ ସିଂ, ସିଦ୍ଧେଶ୍ୱର ପ୍ରଧାନ, ହିସାବ ରକ୍ଷକ ପ୍ରମୋଦ ଚନ୍ଦ୍ର ସେଠ, ବିଜ୍ଞାନ ସହାୟକ ବିଦେଶୀ ଛନ୍ଦ, ଲିଙ୍ଗରାଜ ପୋଡ଼, ଭଗବାନ ଷଡଙ୍ଗୀ ଉପସ୍ଥିତ ଥିଲେ। କଲେଜର ଉପାଧକ୍ଷ ପ୍ରଫେସର ରତନ କୁମାର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

### ଶିକ୍ଷକଙ୍କ ପରଲୋକ

**ସୋହେଲା,୬।୬(ଡି.ଏନ୍.ଏ):** ସୋହେଲା ବ୍ଲକ କନଗାଁ ପଞ୍ଚାୟତ ଅନ୍ତର୍ଗତ ବରିହାପାଲି ଗ୍ରାମ ୟୁଜିୟୁପି ସ୍କୁଲରେ କାର୍ଯ୍ୟରତ ସହକାରୀ ଶିକ୍ଷକ ନରୋତ୍ତମ ବାରିକ(୪୯)ଙ୍କ ବୁଧବାର ସନ୍ଧ୍ୟାରେ ଅକାଳ ବିୟୋଗ ଘଟିଛି । ବୁଧବାର ସକାଳେ ନରୋତ୍ତମ ଶୌଚ ପାଇଁ ପାଇଖାନାକୁ ଯାଇ ଫେରିବାବେଳେ ତଳେ ପଡିଯାଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବରଗଡସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେହି ଦିନ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା। ନରୋତ୍ତମଙ୍କ ମୃତ୍ୟୁରେ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂହ ଶୋକ ପ୍ରକଟ କରିଛନ୍ତି । ଯୁବନେତା ସୁବ୍ରତ ସିଂହ, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପଧାନ, ସରପଞ୍ଚ ସୁବୋଧ ପଧାନ ପ୍ରମୁଖ ଅନ୍ତିମ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନରୋତ୍ତମଙ୍କ ମୃତ୍ୟୁରେ ଗୁରୁବାର ସ୍ଥାନୀୟ ବିଇଓ ଅଫିସଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ।

■ ବରପାଲି ଶୀତଳଷଷ୍ଠୀ ଯାତ୍ରାର ଚତୁର୍ଥ ଦିବସ

# ଗଣ୍ଠିଆଳ ଫିଟା, କପିଳେଶ୍ୱରଙ୍କ ବରାନୁଗମନ

**ବରପାଲି, ୬।୬ (ଡି.ଏନ୍.ଏ)**

ବରପାଲି ଶୀତଳଷଷ୍ଠୀ ଯାତ୍ରାର ଚତୁର୍ଥ ଦିବସରେ ବାବା କପିଳେଶ୍ୱର ଓ ମାତା ପାର୍ବତୀଙ୍କ ଶୁଭବିବାହ ପାଇଁ ଗୁରୁବାର ସକାଳେ ଗଣ୍ଠିଆଳ ଫିଟା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଭଣ୍ଡାରଗୃହରୁ ବାହାରି କପିଳେଶ୍ୱର ନଗରରେ ପହଞ୍ଚିଥିଲା। ସେଠାରେ ବିଗତ ବର୍ଷର କନ୍ୟାପିତା ରାଜେନ୍ଦ୍ର ପୃଷ୍ଟିଙ୍କ ଦ୍ୱାରା ବୈଦିକ ରୀତିରେ ଗଣ୍ଠିଆଳ ଉନ୍ମୋଚିତ ହୋଇଥିଲା। ପରେ ହିମାଦ୍ରିନଗର ଓ ଯାତ୍ରା ମଣ୍ଡପରେ ଜନସାଧାରଣଙ୍କ ସକାଶେ ମାଙ୍ଗଳିକ କୃତ୍ୟ ତେଲ, ହଳଦୀ ବିତରଣ ପୂର୍ବକ ଅଳଙ୍କାର ଧାରଣ କରାଯାଇଥିଲା। ରାତିରେ ବାଣ, ରୋଶଣୀ, ଘଣ୍ଟବାଦ୍ୟ, ଦୁଲଦୁଲି ଏବଂ ଆତସବାଜି କରି ବିରାଟ ପଟୁଆରରେ କପିଳେଶ୍ୱରଙ୍କ ବରାନୁଗମନ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ରାତିରେ ପ୍ରମୁଖ ଛକ ସ୍ଥାନମାନଙ୍କରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଶୁକ୍ରବାର ଯାତ୍ରାର ମୁଖ୍ୟ ଆକର୍ଷଣ ବୈଠକୀ ସହ ଶିବ ପାର୍ବତୀଙ୍କ ବିବାହ ଓ ହସ୍ତବନ୍ଧନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

#### ଯାତ୍ରାରେ ବିଦ୍ୟୁତ୍ ବିଭ୍ରାଟ

ବରପାଲିରେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଚାଲିଥିବାବେଳେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଛି। ଫଳରେ ଯାତ୍ରାରେ ବ୍ୟାଘାତ ସୃଷ୍ଟି ହେଉଛି। ଅନ୍ୟପକ୍ଷେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏହି ସମୟରେ ବିଦ୍ୟୁତ କାଟ୍ ସମସ୍ୟାକୁ ବଢାଇ ଦେଇଛି। ଗୁରୁବାର ମଧ୍ୟାହ୍ନରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ଚାଲିଯିବାରୁ ଲୋକେ ପ୍ରବଳ ଗରମରେ ଅସ୍ତବ୍ୟସ୍ତ ହୋଇ ପଡିଥିଲେ । ଏ ନେଇ ବିଦ୍ୟୁତ୍ ବିଭାଗ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଶ୍ରଦ୍ଧାଳୁମାନେ ବରାନୁଗମନ ଶୋଭାଯାତ୍ରାରେ ବାହାରିଛନ୍ତି ।

■ ଘେଁସ ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ

## ବରବେଶରେ ବାହାରିଲେ ସ୍ୱପ୍ନେଶ୍ୱର

**ଘେଁସ,୬।୬(ଡି.ଏନ୍.ଏ)**

ସୋହେଲା ବ୍ଲକ ଅନ୍ତର୍ଗତ ଘେଁସର ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ଆରମ୍ଭ ବର୍ଷରୁ ଏଯାତ୍ରା ତାର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି। କେବଳ ଘେଁସ ନୁହେଁ ଆଖପାଖ ଅଞ୍ଚଳର ଲୋକମାନଙ୍କ ସହଯୋଗ ଓ ନିଷ୍ଠାପର ଉଦ୍ୟମରେ ଏହି ଯାତ୍ରାରେ ଏକ ଅନନ୍ୟ ଭାବମୟ ପରିବେଶ ସୃଷ୍ଟି ହୋଇଥାଏ। ସଦଭାବନା, ଭାଇଚାରା ଓ ଏକତାକୁ ଏହି ଯାତ୍ରା ମହୋତ୍ସବ ବଜାୟ ରଖି ଆସୁଥିବା ବେଳେ ପରମ୍ପରା ଓ ଆଧୁନିକତାର ଏଠି ଏକ ଅପୂର୍ବ ମିଳନ ଦେଖିବାକୁ ମିଳିଥାଏ। ଘେଁସର ବାବା ସ୍ୱପ୍ନେଶ୍ୱର ପୀଠ କୈଳାସ ନଗର ସାଜିଥିବା ବେଳେ ବସଷ୍ଟାଣ୍ଡ ଅଞ୍ଚଳ ହିମାଦ୍ରି ନଗର ପାଲଟିଛି। ବାବା ସ୍ୱପ୍ନେଶ୍ୱର ଏବଂ ମାତା ପାର୍ବତୀଙ୍କ ଏହି ବିବାହ ମହୋତ୍ସବ ବୈଦିକ ରୀତି ଅନୁସାରେ ସମ୍ପନ୍ନ ହେଉଛି। ବରପକ୍ଷ ଓ କନ୍ୟାପକ୍ଷ ଯେଉଁ ଜାତିର ହୋଇଥାନ୍ତି ସେହି ଜାତିର ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥାଏ। ଚଳିତ ବର୍ଷ ବର ମାତାପିତା ଭାବେ କାମିନୀ ଗିଙ୍ଗିରା ଓ ଡିଲେଶ୍ୱର ଗିଙ୍ଗିରା ଏବଂ କନ୍ୟା ମାତାପିତା ଭାବେ ମମତା ସାହୁ ଓ ପ୍ରମୋଦ ସାହୁ ମନୋନିତ ହୋଇଛନ୍ତି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ମାନସିକ ରଖି ନିକଟସ୍ଥ ପୁଡି ବନ୍ଧରେ ପହଞ୍ଚିଥିଲେ। ସେଠାରେ ପଣ୍ଡିତ ଗୌରୀଶଙ୍କର ଦେବତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ପରେ ଜଳପୂର୍ଣ୍ଣ କଳସକୁ ଶୋଭାଯାତ୍ରାରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ସେହିପରି ବୁଧବାର କନ୍ୟାଦର୍ଶନ ଓ ବରଦର୍ଶନ, ଗୁରୁବାର ମାଟିପକା ଓ ଅଳଙ୍କାର ଧାରଣ, ରାତିରେ ସ୍ୱପ୍ନେଶ୍ୱରଙ୍କ ବରାନୁଗମନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାନା ରଙ୍ଗବେରଙ୍ଗ ଆଲୋକମାଳାରେ ଘେଁସ ଗ୍ରାମ୍ୟ ପରିବେଶ ଝଲସି ଉଠୁଛି। ଦର୍ଶକଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ନିଟ୍ ମେଡିକାଲରେ ବିକାଶର ସଫଳତା

**ବରଗଡ଼ ଅଫିସ୍,୫।୬**

ରାଷ୍ଟ୍ରୀୟ ଯୋଗ୍ୟତା ଓ ପ୍ରବେଶିକା ପରୀକ୍ଷା (ନିଟ୍-ମେଡ଼ିକାଲ) ୨୦୧୯ ଫଳାଫଳରେ ବିକାଶ ଶିକ୍ଷାନୁଷ୍ଠାନ, ବରଗଡ଼ର ୨ଜଣ ଛାତ୍ର ୬୦୦ରୁ ଉର୍ଦ୍ଧ୍ୱ ମାର୍କ ଓ ୬ଜଣ ଛାତ୍ରୀଛାତ୍ର ୫୦୦ରୁ ଉର୍ଦ୍ଧ୍ୱ ମାର୍କ ରଖି ପ୍ରଥମ ପ୍ରୟାସରେ ସଫଳ ହୋଇଛନ୍ତି। ସେହିପରି ନୀରଜ ଅଗ୍ରୱାଲ ୬୧୩, ସିବିଏସଇ ଦ୍ୱାଦଶ ବିଜ୍ଞାନ ଶ୍ରେଣୀ ଛାତ୍ର ଗୋବିନ୍ଦରାମ ଅଗ୍ରୱାଲ ୬୦୨, ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା ୫୯୮, ଚିନ୍ମୟ କୁମାର ଶିଆଳ ୫୮୫, ଶିବମ ଅଗ୍ରୱାଲ ୫୫୪, ରାହୁଲ ମେହେଟୋ ୫୨୦, ଆକାଂକ୍ଷା ପଟ୍ଟନାୟକ ୫୧୦, ଅଦିତି ଅଗ୍ରୱାଲ ୫୦୬, ଆର୍ଯ୍ୟନ ଗୁପ୍ତା ୪୫୭, ସୌମ୍ୟାଶ୍ରୀ ଦାସ ୪୫୬, ପଲ୍ଲବୀ ପରମିତା ନାୟକ, ୪୫୬, ରାଜନନ୍ଦନ ଭୋଇ ୪୩୭, ଆୟୁଷ କୁମାର ସାହୁ ୪୩୧, ଅନ୍ୱେଷା ବେହେରା ୪୦୫, ରୀତିକ ଠାକୁର ୪୦୫, ଖୁସି ଜୈନ ୪୦୧, ସୁମିତ କୁମାର ରଏ ୪୦୦ ମାର୍କ ସହିତ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଏକାଡ଼େମିକ ଡାଇରେକ୍ଟର ଭି. ଶ୍ରୀନିବାସ, ବିକାଶ ଆବାସିକ ସ୍କୁଲର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ସେଣ୍ଟ୍ରାଲ ଏକାଡ଼େମୀର କୋ ଅର୍ଡ଼ିନେଟର ଜି. ରାମକ୍ରୀଷ୍ଣା ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ନୀରଜ ଅଗ୍ରୱାଲ ।



ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା।

## ବେଆଇନ ମଦ କାରବାର, ୨ ଗିରଫ

**ଝାରବନ୍ଧ, ୬।୬ (ଡି.ଏନ୍.ଏ)**

ଝାରବନ୍ଧ ବ୍ଲକ କୁମିର ଗ୍ରାମ ନିକଟରେ ଥିବା ଏକ କିରାନା ଦୋକାନରେ ଗୁରୁବାର ଚଢ଼ାଉ କରି ୩୦ ବୋତଲ ବିଦେଶୀ ମଦ ଓ ୧୦୦ ପାଉଚ ଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ କୁମୀର ଗ୍ରାମର ଦୟା ସାହୁ ଓ ଜଳନ୍ଧର ସାହୁଙ୍କୁ ଗିରଫ କରାଯାଇଛି। ଗତ କିଛି ମାସ ହେଲା ଏଠାରେ କିରାନା ଦୋକାନ ବାହାନାରେ ବେଆଇନ ମଦ ବ୍ୟବସାୟ ଚାଲଇଆସୁଥିଲା। ଫଳରେ ସେହି ରାସ୍ତାରେ ପାଠ ପଢ଼ିବା ପାଇଁ ଯିବାକୁ ପିଲାମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏ ନେଇ ଅଭିଯୋଗ ହେବା ପରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ନିର୍ଦ୍ଦେଶ କ୍ରମେ ଝାରବନ୍ଧ ଅତିରିକ୍ତ ତହସିଲଦାର ପର୍ଶୁରାମ ଆୟନ ପଣ୍ଡା, ଜଗଦଲପୁର ଥାନା ଅଧିକାରୀ ଲଳିତା ଲିଲିମା ଲାର୍କା, ପଦ୍ମପୁର ଅବକାରୀ ଅଧିକାରୀ ଲଳିତ ମୋହନ ମିଶ୍ର ପ୍ରମୁଖ ଚଢାଉ କରିଥିଲେ ।




ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମର ଅତିଥିବୃନ୍ଦ ।

## ପରିବେଶ ସୁରକ୍ଷା ପାଇଁ ସୁଦୃଢ଼ ଆଇନ ଆବଶ୍ୟକ

**ବରଗଡ଼ ଅଫିସ୍,୫।୬**

ପରିବେଶ ଓ ଜୀବଜଗତ ପରସ୍ପର ପରିପୂରକ। ସୁସ୍ଥ ପରିବେଶ ବିନା ଜୀବଜଗତର ସ୍ଥିତି ଅସମ୍ଭାଳ। ଦିନକୁ ଦିନ ସଚେତନତାର ଅଭାବରୁ ପରିବେଶ ନଷ୍ଟ ହେବାରେ ଲାଗିଛି । ଏହାର ସୁରକ୍ଷା ମଣିଷ ସମାଜର ପରମ କର୍ତ୍ତବ୍ୟ। ପରିବେଶ ସୁରକ୍ଷା ପାଇଁ ଆହୁରି ସୁଦୃଢ଼ ଆଇନ ଓ କଠୋର ବ୍ୟବସ୍ଥା ଦରକାର। ପରିବେଶକୁ ନଷ୍ଟ କରୁଥିବା ଯେକୌଣସି ବ୍ୟକ୍ତି ଯେଭଳି ଆଇନ ହାତରୁ ଖସି ନ ଯାଆନ୍ତି, ସେଥିପ୍ରତି କଡ଼ା ଆଭିମୁଖ୍ୟ ରହିଲେ ପରିବେଶ ସନ୍ତୁଳନ ହୋଇ ରହିବ ବୋଲି ବରଗଡ଼ ରାଣାପ୍ରତାପ ହାଇସ୍କୁଲଠାରେ ଅନୁଷ୍ଠିତ ବିଶ୍ୱ ପରିବେଶ ଦିବସରେ ମତପ୍ରକାଶ ପାଇଛି । ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଣାପ୍ରତାପ ସ୍କୁଲ ପରିସରରେ ଶତାଧିକ ବୃକ୍ଷଚାରା ରୋପଣ କରାଯାଇଥିଲା। ଏହି ଅବସରରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ଏସଡ଼ିଜେଏମ ସୁବ୍ରତ କୁମାର ଆଚାର୍ଯ୍ୟ, ଅତାବିରା ଗ୍ରାମ୍ୟ ନ୍ୟାୟାଳୟର ମିସ୍ ବି.ଡି.ଡି ଚନ୍ଦନା ଯୋଗଦେଇ ପରିବେଶ ସୁରକ୍ଷା ଓ ଆଇନ ସଚେତନା ସମ୍ବନ୍ଧରେ ବିସ୍ତୃତ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବେଣୁଧର ମହାପାତ୍ର, ବରଗଡ଼ ବାର୍ ଆସୋସିଏଶନ ସଭାପତି ବେଲାଲସେନ ସରାଫ, ଏ.ଇ ମିଶନ ସ୍କୁଲର ନିର୍ଦ୍ଦେଶକ ଯଶବୀର ସିଂ, ପ୍ରକୃତିବନ୍ଧୁ ଡଃ ଡୋଲାମଣି ଶତପଥୀ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ଅବକ୍ଷୟମୁଖୀ ପରିବେଶ ଓ ତାର ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ବରଗଡ଼ ପାରା ଲିଗାଲ୍ ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ। ସୁବ୍ରତ କୁମାର ଦାଶ, ଗୋପବନ୍ଧୁ ପୁରୋହିତ, ଭାର୍ଗବ ନାଏକଙ୍କ ସମେତ ରାଣାପ୍ରତାପ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନକଲି ମୋବିଲ ବିକ୍ରି ଅଭିଯୋଗରେ ୨ ଅଟକ

**ବରଗଡ଼ ଅଫିସ୍,୬।୬**

ବରଗଡ଼ ସହରରେ ବ୍ୟାପକ ନକଲି ମୋବିଲ ବିକ୍ରି ଚାଲିଛି। ଏଭଳି ଅଭିଯୋଗ ବାରମ୍ବାର ହେବା ପରେ ପୋଲିସ ବର୍ତ୍ତମାନ ତତ୍ପର ହୋଇପଡିଛି । ଏହି କ୍ରମରେ ଗୁରୁବାର ସ୍ଥାନୀୟ ଟାଉନ ଥାନା ପୋଲିସ ସହରର ଗୁରୁଦ୍ୱାରା ଛକ ଓ ଘରୋଇ ବସଷ୍ଟାଣ୍ଡ ଛକର ୨ଟି ପୃଥକ ଅଟୋ ମୋବାଇଲ ଦୋକାନରେ ଚଢାଉ କରିଥିଲା । ଚଢାଉ ବେଳେ ଗୋଟିଏ ଦୋକାନରୁ ୩୦ ଡବା ଏବଂ ଅନ୍ୟ ଏକ ଦୋକାନରୁ ୫୦ ଡବା ନକଲି ମୋବିଲ ଜବତ ହୋଇଥିଲା। ସେହିପରି ନକଲି ମୋବିଲ ବିକ୍ରି କରୁଥବବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ଦୁଇ ବିକ୍ରେତାଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି । ପୋଲିସ ଏ ନେଇ ଅଧିକ ତଦନ୍ତ ଚଳାଇଛି । ଏହି ଘଟଣା ବରଗଡ଼ ସହରରେ ଚର୍ଚ୍ଚାର ବିଷୟ ହୋଇଛି ।

■ ଗୋବିନ୍ଦପୁରରେ ବିଧାୟକଙ୍କୁ ସମ୍ବର୍ଦ୍ଧନା

## ପଞ୍ଚାୟତର ଉନ୍ନତି ପାଇଁ ଉଦ୍ୟମ ଜାରି ରହିବ

**ବରଗଡ଼ ଅଫିସ୍, ୬।୬**

ବରଗଡ଼ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଦେବେଶ ଆଚାର୍ଯ୍ୟଙ୍କୁ ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରଠାରେ ଗୁରୁବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଧାୟକ ଆଚାର୍ଯ୍ୟଙ୍କୁ ଗ୍ରାମବାସୀ ଏକ ବିରାଟ ପଟୁଆରରେ ଗ୍ରାମ ଜଗନ୍ନାଥ ମନ୍ଦିର ଓ ହନୁମାନ ମନ୍ଦିରକୁ ପାଛୋଟି ନେଇଥିଲେ। ଏହି ଅବସରରେ ପୂର୍ବତନ ସରପଞ୍ଚ ତଥା ରାଜ୍ୟ ସମବାୟ ସଂଘ ନିର୍ଦ୍ଦେଶକ ପ୍ରଫୁଲ୍ଲ ନାଏକ, ଯୁବ ନେତା ଉମେଶ ପଣ୍ଡା ଜିଲା ପରିଷଦ ସଭ୍ୟ ଉମେଶ ବେହେରା, ନିତ୍ୟାନନ୍ଦ ନାଏକ, ଅଶୋକ ସାହୁ, ଆନନ୍ଦ ସାହୁ, ରୋହିତ ଭୋଇ, ଶେଷଦେବ ସାହୁ, ଗୁରୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏହି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ ଜାରି ରହିବ ବୋଲି ବିଧାୟକ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ।



ଗ୍ରାମବାସୀ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ପାଛୋଟି ନେଉଛନ୍ତି ।

# ବରଗଡ଼ରେ କାଳବୈଶାଖୀ

**ବରଗଡ଼ ଅଫିସ୍,୬।୬**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା ହୋଇଥିଲା। ପ୍ରବଳ ବେଗରେ ପବନ ବହିବାରୁ ବରଗଡ଼ ସହର ସମେତ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଛି। ବରଗଡ଼ ସହରର ଗୌରୀଶଙ୍କର ମନ୍ଦିର ଗଳି, ଜଜ୍ କଲୋନୀ ଗଳି ଆଦି ସ୍ଥାନରେ ଗଛ ଭାଙ୍ଗି ପଡ଼ିଥିବା ଯୋଗୁ ରାସ୍ତା ଅବରୋଧ ହୋଇଥିଲା। ସେହିପରି ଗଛ ପଡି ସହରରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇ ପଡ଼ିଥିଲା। ଅପରାହ୍ନ ସାଢ଼େ ୪ଟାରୁ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ତେବେ ରାତ୍ରି ପ୍ରାୟ ୯ଟାରେ ବିଦ୍ୟୁତ ସେବା ସ୍ୱାଭାବିକ ହୋଇଥିଲା। ସେହିପରି ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଦିବାରାତ୍ର ଆନନ୍ଦ ଆଚାର୍ଯ୍ୟ କ୍ରିକେଟ୍ ଲିଗ୍ ମଧ୍ୟ ଏଥିରେ ପ୍ରଭାବିତ ହୋଇଛି। ସେଠାରେ ଲାଗିଥିବା ଲାଇଟ୍ ଟାୱାର ଆଦି ଢ଼ଳି ପଡ଼ିଛି । ଷ୍ଟାଡ଼ିୟମର ପଛପଟ କାନ୍ଥରେ ଏକ ଲାଇଟ୍ ଟାୱାର ପଡ଼ିବାରୁ ସେହି କାନ୍ଥ ଭାଙ୍ଗି ଯାଇଛି। ଏହାସହିତ ସହରର ବିଭିନ୍ନ ଜାଗାରେ ଲାଗିଥିବା ହୋର୍ଡ଼ିଂ ମଧ୍ୟ ଭାଙ୍ଗି ଯାଇଛି। ଅନ୍ୟପଟେ କାଳବୈଶାଖୀକୁ ନେଇ ଚାଷୀ ମଧ୍ୟ ଚିନ୍ତିତ ହୋଇ ପଡ଼ିଛନ୍ତି। ବାରମ୍ବାର ଝଡ଼ବର୍ଷା ହେଉଥିବା ଯୋଗୁ ଅମଳ ଧାନ ସୁରକ୍ଷିତ ରଖିବାକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ି ଯାଇଛି । ଏହାସତ୍ତ୍ୱେ ମଣ୍ଡି ଗୁଡ଼ିକରୁ ଆଶାନୁରୂପ ଭାବେ ଧାନ ଉଠୁ ନ ଥିବାରୁ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି । ଧାନ ଉଠାଣକୁ ତ୍ୱରାନ୍ୱିତ କରା ନ ଗଲେ ଏହା ଆନ୍ଦୋଳନ ରୂପ ନେବା ଆଶଙ୍କା ମଧ୍ୟ ରହିଛି ।



ବରଗଡ଼ ସହରର ଗୌରୀଶଙ୍କର ମନ୍ଦିର ଗଳିରେ ପଡ଼ିଥିବା ଗଛକୁ ହଟାଯାଉଛି ।

■ ଗଛ ଭାଙ୍ଗି ରାସ୍ତା ଅବରୋଧ
■ ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ
■ ଷ୍ଟାଡ଼ିୟମ କାନ୍ଥ ଭାଙ୍ଗିଲା

## ସଂକ୍ଷେପରେ



### କାର ଦୁର୍ଘଟଣାଗ୍ରସ୍ତ: ଅଳ୍ପକେ ବର୍ତ୍ତିଲେ ୩ ଯାତ୍ରୀ

**ଜହ୍ନାପଙ୍କ, ୬।୬ (ଡି.ଏନ.ଏ):** ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ. ୫୭ର ଜହ୍ନାପଙ୍କ ଫାଣ୍ଡି ନିକଟରେ ଗୁରୁବାର ସକାଳ ପ୍ରାୟ ୭ଟା ବେଳେ ଏକ କାର (ନଂ.ଓଡି୧୭ଏଚ/୬୬୭୭) ଦୁର୍ଘଟଣାଗ୍ରସ୍ତ ହୋଇଛି । ତେବେ ଏହି କାର୍ ଭିତରେ ଥିବା ୩ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ସେମାନଙ୍କର କୌଣସି କ୍ଷତି ହୋଇନାହିଁ । ସ୍ଥାନୀୟ ଲୋକେ ସେମାନଙ୍କୁ ଗାଡି ଭିତରୁ ଉଦ୍ଧାର କରିଥିଲେ । ସୂଚନା ଅନୁସାରେ, ଗୁରୁବାର ସକାଳେ ସୋନପୁରର ଏକ ରାଇସ ମିଲ ମାଲିକ ତାଙ୍କର ୨ଜଣ ସହଯୋଗୀଙ୍କ ସହିତ ଏକ ମିଟିଂରେ ଯୋଗଦେବାକୁ ଭୁବନେଶ୍ୱର ଯାଉଥିବା ବେଳେ କାର୍‌ର ଆଗ ପଟ ଡାହାଣ ପାର୍ଶ୍ୱର ଚକ ପଞ୍ଚର ହୋଇଯାଇଥିଲା । ଫଳରେ ଗାଡିଟି ନିୟନ୍ତ୍ରଣ ହରାଇ ଡାହାଣ ପାର୍ଶ୍ୱରେ ଥିବା ଏକ ବିଲ ଭିତରକୁ ପଶି ଯାଇଥିଲା ।

### ବୌଦ୍ଧରେ ବର୍ଜ୍ୟବସ୍ତୁ ପରିଚାଳନା ବୈଠକ

# ସହଯୋଗ ରହିଲେ ସୁଫଳ ମିଳିବ

ବୌଦ୍ଧ,୬।୬(ସ୍ୱ.ପ୍ର)

ବୌଦ୍ଧରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକ ବୈଠକ ଜିଲାପାଳଙ୍କ ଆବାସିକ ସଦଭାବନା ଗୃହରେ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଏନଏସି ପକ୍ଷରୁ ଆୟୋଜିତ ଏହି ବୈଠକରେ ଜିଲାପାଳ ଶୀତାଂଶୁ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ବର୍ଜ୍ୟବସ୍ତୁର ସଫଳ ପରିଚାଳନା ପାଇଁ ସହରର ସମସ୍ତ ଅନୁଷ୍ଠାନ, ବୁଦ୍ଧିଜୀବୀ, ସଙ୍ଗଠନ ଓ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲାପାଳ ମତପ୍ରକାଶ କରିଥିଲେ। ଜନସାଧାରଣଙ୍କ ସହଯୋଗ ରହିଲେ ଏହାର ସୁଫଳ ମିଳିପାରିବ ବୋଲି ସେ କହିଥିଲେ। ବୈଠକରେ ଅନ୍ୟତମ ଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ ଯୋଗଦେଇ ବର୍ଜ୍ୟବସ୍ତୁ ପରିଚାଳନା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା ତାଲିମର ଅଭିଜ୍ଞତା ପ୍ରଥମେ



ବର୍ଜ୍ୟବସ୍ତୁ ପରିଚାଳନା ବୈଠକରେ ମଞ୍ଚାସୀନ ଅଧିକାରୀମାନେ ।

ପ୍ରକାଶ କରିଥିଲେ। ସରକାର ବର୍ତ୍ତମାନ ରାଜ୍ୟରେ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରାଇବା ଦିଗରେ ଗୁରୁତ୍ୱ ପ୍ରଦାନ କରିଥିବା ସେ ପ୍ରକାଶ କରିଥିଲେ। ସହର ଗୁଡିକୁ ଆବର୍ଜନା ମୁକ୍ତ କରାଯିବା ସହିତ ଦୈନନ୍ଦିନ ଲୋକଙ୍କ ବ୍ୟବହାର ଦ୍ୱାରା ବାହାରୁଥିବା ଆବର୍ଜନାର ସଫଳ ପରିଚାଳନା ପାଇଁ ଯୋଜନା ପ୍ରସ୍ତୁତ କରାଯିବାକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଲୋକଙ୍କ ମଧ୍ୟରେ ଡଷ୍ଟବିନ ବ୍ୟବହାର ନେଇ ସଚେତନତା, ଜଳଉସ ଭିତରକୁ ବର୍ଜ୍ୟବସ୍ତୁକୁ ଫିଙ୍ଗା ନ ଯିବା, ବର୍ଜ୍ୟବସ୍ତୁକୁ ନିଆଁ ନ ଲଗାଇବା କିମ୍ବା ଡ୍ରେନ ଭିତରକୁ ନ ଫିଙ୍ଗିବା ନେଇ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏଥିସହିତ ବର୍ଷାଦିନ ପୂର୍ବରୁ ସହରର ସମସ୍ତ ଡ୍ରେନକୁ ଜବରଦଖଲ ମୁକ୍ତ କରାଯାଇ ତାର ମରାମତି କରିବାକୁ ଏନଏସି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବା ସହିତ ଆବଶ୍ୟକସ୍ଥଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡା, ତହସିଲଦାର ଲଲାଟେନ୍ଦୁ ସିଂ, ଏଡିଏମଓ କିଶୋର ଚନ୍ଦ୍ର ପଟ୍ଟନାୟକ, ସିଡିପିଓ ମିନତି ଦେଓଙ୍କ ସମେତ ବନ ବିଭାଗର ପ୍ରତିନିଧି ଓ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ।


ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି ।

## ଭଟଲି ଛକ-ଜିରା ବ୍ରିଜ୍ ରାସ୍ତାରେ ଡିଭାଇଡର ନିର୍ମାଣ ଦାବି

ବରଗଡ଼ ଅଫିସ୍, ୬।୫

ବରଗଡ଼ ସହରର ହଳଦୀପାଲି ଛକରୁ ବିକାଶ ସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ଚାଲିଥିବା ବେଳେ ଭଟଲି ଛକରୁ ଜିରା ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ନ ହେବା ଓ ରାସ୍ତା ମଝିରେ ଡ଼ିଭାଇଡ଼ର ବ୍ୟବସ୍ଥା କରାଯାଉନାହିଁ। ଏହାର ପ୍ରତିବାଦରେ ବରଗଡ଼ ପୌର ପରିଷଦ ଅନ୍ତର୍ଗତ ନିଗମାନନ୍ଦ ବିହାର ପଡ଼ାବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗୁରୁବାର ନିଗମାନନ୍ଦ ବିହାରପଡ଼ାର ସଭାପତି ବେଣୁଧର ମହାପାତ୍ର, ସମ୍ପାଦକ ଟିକେଲାଲ ନାଏକ ପ୍ରମୁଖ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଭେଟି ଏହି ରାସ୍ତାକୁ ଓସାରିଆ କରିବା ସହିତ ରାସ୍ତା ମଝିରେ ଡ଼ିଭାଇଡ଼ର ନିର୍ମାଣ କରିବା ପାଇଁ ଦାବି ଜଣାଇଛନ୍ତି । ପ୍ରକାଶଥାଉକି, ଏହି ରାସ୍ତାରେ ଡ଼ିଭାଇଡ଼ର ନ ଥିବାରୁ ବାରମ୍ବାର ଦୁର୍ଘଟଣା ହୋଇ ଧନଜୀବନ ନଷ୍ଟ ହେଉଛି । ତେଣୁ ଉକ୍ତ ଦାବି ପ୍ରତି ଅଣଦେଖା କରାଗଲେ ଆଗାମୀ ଦିନରେ ଆହୁରି ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି ।

## ଫଟୋରେ ଖବର


ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣୀଗଡ ଗ୍ରାମପଞ୍ଚାୟତର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମାଧପୁରଠାରେ ଥିବା ରାଜସ୍ୱ ଡାକବଙ୍ଗଳା ପରିତ୍ୟକ୍ତ ଅବସ୍ଥାରେ ପଡିଛି ।

## ମନମୁଣ୍ଡା ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

ଗୁଡଭେଲିପଦର, ୬।୬ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡା ଗୋଷ୍ଠୀ କେନ୍ଦ୍ରରେ ଦିନକୁ ଦିନ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। କେତେବେଳେ ପ୍ରସୂତୀ ମୃତ୍ୟୁକୁ ନେଇ ତ ପୁଣି କେତେବେଳେ ପ୍ରସୂତୀଙ୍କୁ ଲାଞ୍ଛନାକୁ ନେଇ ଚର୍ଚ୍ଚାରେ ରହିଛି ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟାକେନ୍ଦ୍ର। ଗୁରୁବାର ସକାଳ ସାଢ଼େ ୮ଟା ସମୟରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ୪୦ରୁ ଊର୍ଦ୍ଧ୍ୱ ଗର୍ଭବତୀ ଓ ପ୍ରସୂତୀ ମହିଳା ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତରଙ୍କୁ ଅପେକ୍ଷା କରିଥିବା ବେଳେ ତାଙ୍କର ଦେଖା ନ ଥିଲା । ଏ ନେଇ ମନମୁଣ୍ଡା ମେଡିକାଲ ଅଫିସର ମହେନ୍ଦ୍ର ସ୍ୱାଇଁଙ୍କୁ ପଚରାଯିବାରୁ ରାତ୍ରି ଡ୍ୟୁଟି ଯୋଗୁ ଡାକ୍ତରଙ୍କ ଆସିବାରେ ସାମାନ୍ୟ ବିଳମ୍ବ ହୋଇପାରେ । କିନ୍ତୁ ଯଦି ଉକ୍ତ ଡାକ୍ତର ଘରୋଇ କ୍ଲିନିକକୁ ଯାଇଛନ୍ତି ତେବେ ତାଙ୍କୁ କୈଫିୟତ ତଲବ କରିବି ବୋଲି ସ୍ୱାଇଁ କହିଥିଲେ ।

## ସମ୍ବଲପୁରୀ ବସ୍ତ୍ରାଳୟର ନୂତନ ପରିଚାଳନା ନିର୍ଦ୍ଦେଶକ


ନୂତନ ପରିଚାଳନା ନିର୍ଦ୍ଦେଶକଙ୍କୁ ସ୍ୱାଗତ କରାଯାଉଛି ।

ବରଗଡ଼ ଅଫିସ୍,୬।୬

ସମ୍ବଲପୁରୀ ବସ୍ତ୍ରାଳୟର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ବୁଧବାର ଆଶୁତୋଷ ମହାନ୍ତି ଯୋଗଦାନ କରିଛନ୍ତି। ଏହି ଅବସରରେ ସମ୍ବଲପୁରୀ ବସ୍ତ୍ରାଳୟର ସମ୍ପାଦକ ହେମନ୍ତ କୁମାର ମିଶ୍ର ଓ ଅନ୍ୟ କର୍ମଚାରୀବୃନ୍ଦ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ମହାନ୍ତି ଏହା ପୂର୍ବରୁ ବୌଦ୍ଧରେ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ଏଠାରେ ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଦଶରଥ ନନ୍ଦ ଅବସରଗ୍ରହଣ କରିବା ପରେ ତାଙ୍କ ଠାରୁ ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବ୍ରଜରାଜନଗର,୬।୬(ଡି.ଏନ୍.ଏ.)

ରାମପୁର ଫାଣ୍ଡି କାର୍ତ୍ତିକପଡ଼ା ବ୍ରିଜ ଉପରେ ଗୁରୁବାର ମଧ୍ୟାହ୍ନରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେ ହେଲେ ଅଇଁଲାପାଲି ଗ୍ରାମର ଅନିରୁଦ୍ଧ ଭୋଇ (୬୫)। ଅନିରୁଦ୍ଧ ଓ ତାଙ୍କ ପୁଅ ସୁବାସ (୩୫) ନିଜ ଓଜି୩୯-ବି୬୫୦୭ନଂ ବାଇକ୍‌ରେ ଆସୁଥିବା ବେଳେ ବନ୍ଧବାହାଲ ଅଞ୍ଚଳର ଓଡି୧୬-ଡି୫୦୦୫ନଂ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଅନିରୁଦ୍ଧ ପୋଲ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ସୁବାସଙ୍କ ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ବିଦ୍ୟୁତ୍ ସମସ୍ୟାର ସମାଧାନ ଦାବି

# ଏସ୍‌ଡିଓ ଅଫିସ୍ ଘେରାଉ

ନୂଆପଡ଼ା ଅଫିସ/ଖଡ଼ିଆଳ, ୬।୬

ନୂଆପଡ଼ା ଜିଲା ଖଡିଆଳ ସହରରେ ବିଦ୍ୟୁତ୍ ବିଭାଗ ମନମୁଖି ଓ ଅବହେଳା ଯୋଗୁ ଘନ ଘନ ବିଦ୍ୟୁତ କାଟ ସାଙ୍ଗକୁ ବିଦ୍ୟୁତ ସମସ୍ୟା ଲାଗି ରହିଛି । ଏହାର ସମାଧାନ ଦାବିରେ ଗୁରୁବାର ଖଡିଆଳ ବ୍ୟବସାୟୀ ସଂଘର ନେତୃତ୍ୱରେ ମାରୱାଡି ଯୁବା ମଞ୍ଚ ଓ ବିଭିନ୍ନ ସଙ୍ଗଠନର ସମର୍ଥନରେ ୱେସ୍କୋ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଖଡିଆଳ ବ୍ୟବସାୟୀ ସଂଘ ସଭାପତି ରଞ୍ଜିରଞ୍ଜନ ଚଳାନଙ୍କ ନେତୃତ୍ୱରେ ଖଡିଆଳର ନବ ନିର୍ବାଚିତ ବିଧାୟକ ଅଧିରାଜ ପାଣିଗ୍ରାହୀ ନେତୃତ୍ୱ ନେଇ କିଛି ସମୟ ଧରି ଏସଡିଓଙ୍କ ଅଫିସରେ ତାଲା ପକାଇବା ସହ ଅଫିସ ଆଗରେ ଧାରଣା ଦେଇଥିଲେ। ପରେ ୱେସ୍କୋ ଏସଡିଓ ବାପୁଜୀ ପ୍ରଧାନ ସହ ଆଲୋଚନା କରି ବିଶେଷ କରି ଅଘୋଷିତ ବିଦ୍ୟୁତ୍ କାଟ ବିଷୟରେ ଆଲୋଚନା କରିବା ସ୍ଥାୟୀ ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିଲା। ଏଥିସହ ଖଡିଆଳ ଅଞ୍ଚଳର ବିଦ୍ୟୁତ୍ ସମସ୍ୟାକୁ ଆଖି ଆଗରେ ରଖି ଦ୍ୱିତୀୟ ଲାଇନ ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କହିବା ସହ ଖଡିଆଳର ସହରର ସମସ୍ତ ୱାର୍ଡକୁ ପୃଥକ ଭାବେ ଟ୍ରାନ୍ସଫର୍ମର ବ୍ୟବସ୍ଥା ଥିବା କୌଣସିରେ ଏବି ସ୍ୱିଚ ବ୍ରେକରର ବ୍ୟବସ୍ଥା ନାହିଁ । ଫଳରେ ଅନେକ ସମୟରେ ବିଦ୍ୟୁତ ସମସ୍ୟା ଲାଗି ରହିଥାଏ ବୋଲି ଏସଡିଓ ବିଧାୟକଙ୍କ ଅବଗତ କରିଥିଲେ। ବିଧାୟକ ନିଜସ୍ୱ ପାଣ୍ଠି ୧୦ ଲକ୍ଷ ଟଙ୍କା ବ୍ୟୟ କରି ସହରରେ ୮୦ ଗୋଟି ସ୍ୱିଚ ଲାଇନ ବ୍ରେକର ଲଗାଇ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଏସଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସ୍ୱାଧୀନତା ପରଠାରୁ ଖଡିଆଳ ସହରରେ ତାର ଟଣା ହୋଇ ବିଦ୍ୟୁତ ସେବା ଯୋଗାଇ ଆସୁଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ୍ ତାର ଛିଣ୍ଡି ପଡି ବିଦ୍ୟୁତ୍ ସେବା ଯୋଗାଇବା ବାଧା ପ୍ରାପ୍ତ ହେଉଛି। ଖଡିଆଳ ସହରରେ ତାର ବଦଳରେ କେବଳ ତାର ପରିବର୍ତ୍ତନ କରିବା ନେଇ ବିଧାୟକ ଜୋର ଦେଇଥିବା ଏହାର ଏଷ୍ଟିମେଟ କରିବା ପାଇଁ ଏସଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ଏଥିପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ପୋଖରୀ କାମରେ ଅନିୟମିତତା ଅଭିଯୋଗ

କୋକସରା, ୬।୬ (ଡି.ଏନ.ଏ.)

କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗ ଦ୍ୱାରା କୋକସରା ପଦ୍ମ ସାଗର ପୋଖରୀ ପଙ୍କ ଉଦ୍ଧାର ଓ ମାଟି କାମ ଚାଲିଛି । କିନ୍ତୁ ପୋଖରୀ ପଙ୍କ ଉଦ୍ଧାର କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗରେ ଗୁରୁବାର ବଡ଼ପଡ଼ାର ଶତାଧିକ ମହିଳାମାନେ କ୍ଷୁଦ୍ର ଜଳସେଚନ କନିଷ୍ଠ ଯନ୍ତ୍ରୀ ଅଫିସ ଘେରାଉ କରିଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ଥିବା ଯୋଗୁ ପୋଖରୀରେ ପହଞ୍ଚି କାମ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ପଦ୍ମ ସାଗର ପୋଖରୀରେ ପଙ୍କ ଉଦ୍ଧାର ପାଇଁ ବିଭାଗୀୟ କାର୍ଯ୍ୟାଦେଶ ୪୦ ଲକ୍ଷ ବ୍ୟୟ ଅଟକଳରେ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି। ଠିକାଦାର ଜଣକ ନିଜ ମନଇଚ୍ଛା କାମ କରିବା ସହ ପୋଖରୀ ତୁଠ ପାଖରୁ ପଙ୍କ ଉଦ୍ଧାର ନ କରି ଅନ୍ୟ ସ୍ଥାନରୁ ମାଟି ଉଠାଉଥିବା ଅଭିଯୋଗ କରିଛନ୍ତି। ଏଥିସହ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପୋଖରୀ ତୁଠରୁ ପଙ୍କ ଉଦ୍ଧାର କିମ୍ବା ମରାମତି ନ କରି ଅନ୍ୟ ତୁଠଗୁଡ଼ିକରେ କାମ କରୁଥିବା ଅଭିଯୋଗ କରିଛନ୍ତି। ପ୍ରଥମେ ମହିଳାମାନେ କନିଷ୍ଠ ଯନ୍ତ୍ରୀଙ୍କ ଅଫିସରେ ପହଞ୍ଚିଥିଲେ। ଯନ୍ତ୍ରୀ ଅନୁପସ୍ଥିତ ଥିବା ଯୋଗୁ ସଂଘବଦ୍ଧ ଭାବେ ମହିଳାମାନେ ପୋଖରୀରେ ପହଞ୍ଚି କାମ ବନ୍ଦ କରିବାକୁ ଠିକାଦାରଙ୍କୁ କହିଥିଲେ। ଯେତେ ଦିନ ପର୍ଯ୍ୟନ୍ତ ତାଙ୍କ ଅଭିଯୋଗ ଉପରେ ବିଚାର ନ ହେବ ସେତେ ଦିନ ଯାଏ କାମ ବନ୍ଦ କରିବାକୁ ରୋକଠୋକ ଶୁଣାଇଥିଲେ। ଖବର ପାଇ କନିଷ୍ଠ ଯନ୍ତ୍ରୀ ଅନିଲ ନାୟକ ଫୋନ ଯୋଗେ ମହିଳାମାନଙ୍କ ସହ କଥା ହୋଇ ସେମାନଙ୍କ ଦାବି ଅନୁସାରେ କାମ କରାଯିବ ବୋଲି କହିବା ପରେ ମହିଳାମାନେ ଫେରି ଯାଇଥିଲେ। ଏହି ଆନ୍ଦୋଳନରେ ବଡ଼ପଡ଼ା ମହିଳା ନେତ୍ରୀ ଫୁଲତୋଳା ଖମାରୀଙ୍କ ସହ ମାଳତି ସୁନା, ପିରବତି ବାଗ, ସରସ୍ୱତୀ ବାଗ, ଲଳିତା ବାଗ, ରେବତୀ ଖମାରୀ, ନୁପୁର ବାଗ, ଡ଼ାଳିମ୍ବ ଖମାରୀ, ରାଣି ବାଗ, ପ୍ରତିମା ନାଏକ, ପିଙ୍କି ବାଗ, ସଂଯୁକ୍ତା ଠାକୁର, ସରୋଜିନି ସାଗର, ସସ୍ମିତା ବାଗ, ପୁଷ୍ପାଞ୍ଜଳି ନିଆଲ ସମେତ ଅନ୍ୟାନ୍ୟ ମହିଳାମାନେ ସାମିଲ ହୋଇଥିଲେ। କୋକସରା ସମିତି ସଭ୍ୟ ତ୍ରିଭୁନ ନାଏକ, ରାମଚନ୍ଦ୍ର ପାଣିଗ୍ରାହୀ, ଟୁନା ବାଗ, ଡ଼ଟି ଖମାରୀ ମହିଳାମାନଙ୍କୁ ସମର୍ଥନ କରିଥିଲେ।

# ବରଗଡ଼ ଶୀତଳଷଷ୍ଠୀ ଆରମ୍ଭ

ବରଗଡ଼ ଅଫିସ୍,୬।୬

ବରଗଡ଼ ସହରରେ ଗୁରୁବାର ଶୀତଳଷଷ୍ଠୀ ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ମହୋତ୍ସବ ପାଇଁ ସହର ଚଳଚଞ୍ଚଳ ହୋଇପଡ଼ିଛି । ଗୁରୁବାର ସନ୍ଧ୍ୟାରେ ଦେବ ନିମନ୍ତ୍ରଣ ଶୋଭାଯାତ୍ରା ହୋଇଥିଲା। ଶୋଭା ଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।


ଶୀତଳଷଷ୍ଠୀ ଯାତ୍ରା ପାଇଁ ଦେବ ନିମନ୍ତ୍ରଣ ଶୋଭାଯାତ୍ରା ।

# ଡ୍ରେନ୍ ଭିତରେ ପାଏନ୍ ପାଇପ୍, ରୋଗ୍ ଆଶଙ୍କା

ମନମୁଣ୍ଡା, ୬।୬ (ଡି.ଏନ.ଏ)

ବୌଦ୍ଧ ଜିଲା ମନମୁଣ୍ଡାକେ ବହୁତ ବଛର ହେଲା ପାଇପ୍ ପାଏନ୍ ଯୁଗାବାର ବେବସ୍ତା ହେଇଛେ। ହେଲେ କମ୍ ପାୱାରର ମୋଟର ଲାଗି ସହରକେ ଠିକ୍ ହିସାବେ ପାଏନ୍ ସପ୍ଲାଏ ନାଇଁ ହେଇପାରବାର। ସେନ୍‌ତା ଫିଲଟର ବେବସ୍ତା ନାଇଁଥିବାର ଲାଗି ତେଲନଦୀରୁ ସିଧାସଲଖ ଦୂଷିତ ପାଏନ୍ ଆସୁଛେ। ଇତାର ବାହାରେ ପଏନ୍ ପାଇପ୍ ମାନ୍ ଏନ୍‌ଏଚ୍-୫୭ ତରେ ଡ୍ରେନ୍ ଭିତରେ ଯାଇଛେ। ଭବିଷତରେ ପାଇପ୍ ମୁରଚା ଖାଇ କଣା ହେଲେ ସେଥିରେ ଡ୍ରେନ୍ ପାଏନ୍ ଢୁକ୍‌ବାର କିଛି ବଡ଼କଥା ନୁହେ। ଇ ବାବ୍‌ଦେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏକଜିକ୍ୟୁଟିଭ ଇଞ୍ଜିନିୟର ମନହାରି ବାବୁଙ୍କୁ ପଚରାଲାରୁ ଇ ବାବ୍‌ଦେ ମୁଇଁ ନାଇଁ ଜାନି, ଏହେଦେ ଲୋକ୍ ପାଏନ୍ ପାଉଥାଉନ୍। କ୍ୟାଚମେଣ୍ଟ ପ୍ଲାନ କଲା ଉତାରୁ ଅଲଗ ପଦକ୍ଷେପ ନିଆଯିବା ଆର ପାଇପ ବଦଲାକେ ପଡ଼ଲେ ଦେଖାଯିବା ବଲି ସେ କହିଥିଲେ।

### ଇମାନେ ଯାହା କହିଛନ୍...


ଡ୍ରେନ ଭିତରେ ଲୁକେ ପାଇଖାନା, ଗାଧୁଆ ପାଏନ୍ ଛାଡୁଛନ୍, ଅସକଟିଆ ଲାଗୁଛେ। ଏନ୍‌ତା ପାଏନ୍ ପିଇଲେ ବେମାରସେମାର ହେବା, ପାଇପ ବଦଲାବାର କଥା।
**ନିରଞ୍ଜନ କର୍ଣ୍ଣ, ସଭାପତି, ମନମୁଣ୍ଡା ଭାଜପା**


ଡ୍ରେନ ଭିତରେ ପାଇପ ଯାଇଥିବା ଲାଗି ମନଭିତରେ ଗୁଟେ ବିକାର ରହୁଛେ। ଦିହିପା ଲାଗି ବି ଭଲ ନୁହେ, ହେଟା ବଦଲାବାର ଚାହି।
**ପଦାରବିନ୍ଦ ମେହେର, ମନମୁଣ୍ଡା**


ବିଭାଗୀୟ କତୃର ପକ୍ଷକଁର ଖାମଖିଆଲି ମନଭାବ, ଦୂରଦୁରୁଷ୍ଟି ଅଭାବ ଲାଗି ଏନ୍‌ତା ଅବସ୍ତା ହେଇଛେ। ଡ୍ରେନ୍‌ରୁ ପାଇପ୍ ବାହାର କରିଦେବା କଥା।
**ମୃତ୍ୟୁଞ୍ଜୟ ମେହେର, ମନମୁଣ୍ଡା**


ଡ୍ରେନ ଭିତରେ ଜଳଯୋଗାଣ ପାଇପ ଯାଇଛି।



ସତ୍ୟର ଗ୍ରହଣ ଓ ଅସତ୍ୟର ତ୍ୟାଗରେ ସର୍ବଦା ଉଦ୍ୟମଶୀଳ ହେବା ଉଚିତ।
-ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଜିଲ୍ଲାର ବିକାଶକୁ ପ୍ରାଥମିକତା ଦିଆଯିବ

**ବିନିକା/ତରଭା, ୬।୬(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସଂଘିଯୁବା ପଞ୍ଚାୟତ ବିଜେଡି ପକ୍ଷରୁ ଗୁରୁବାର ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆନନ୍ଦ ମୋହନ ନନ୍ଦ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସେହିପରି ମନ୍ତ୍ରୀ ପୂଜାରୀ ଗୁରୁବାର ତରଭା ପେଟ୍ରୋଲ ପମ୍ପଠାରେ ପହଞ୍ଚିବା ପରେ ତାଙ୍କୁ ତରଭା ନଗର ତଥା ଜନସାଧାରଣଙ୍କ ତରଫରୁ ସ୍ୱାଗତ କରାଯାଇଥିଲା। ତରଭା ଅଞ୍ଚଳର ବିକାଶ ମୋର ପ୍ରଥମ କର୍ତ୍ତବ୍ୟ ବୋଲି ପୂଜାରୀ କରିଥିଲେ। ପରେ ମନ୍ତ୍ରୀଙ୍କୁ ବ୍ଲକ ପରିସରରେ ବ୍ଲକ କର୍ମଚାରୀ ଓ ବିଭିନ୍ନ ସଙ୍ଗଠନ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ବିଜେଡି ଜିଲା ସଭାପତି ସରୋଜ କମ୍ପ, ଜିଲା ପରିଷଦ ସଭ୍ୟ ପ୍ରବୀଣ ନାଗ, ବିଜେଡି ବ୍ଲକ ସଭାପତି ହେମନ୍ତ ସାହୁ, ନଗର ଯୁବ ବିଜେଡି ସଭାପତି ଗଗନ ଅଗ୍ରୱାଲ, ବରିଷ୍ଠ ନେତା ସୁବାଷ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରି ଅଭିଯୋଗରେ ଅଟକ ଯୁବକ କୋର୍ଟଚାଲାଣ

**ଡୁଙ୍ଗୁରିପାଲି, ୬।୬(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସହଲା ଗ୍ରାମ ହାଇସ୍କୁଲ ଛକରେ ଥିବା ଏକ ଦୋକାନରେ ଚୋରି କରୁଥିବା ଅଭିଯୋଗରେ ଅଟକ ଯୁବକଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସମ୍ପୃକ୍ତ ଯୁବକ ଜଣକ ହେଲେ ଲଛିପୁର ଗ୍ରାମର ଆଲୋକ ସେଠୀ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ସେ ସୂର୍ଯ୍ୟମଣୀ ନାଏକଙ୍କ ପାନ ଦୋକାନର ଆଜବେଷ୍ଟସ ଭାଙ୍ଗି ଚୋରି କରୁଥିବା ଅଭିଯୋଗ ହୋଇଥିଲା। ଡୁଙ୍ଗୁରିପାଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଲୋକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ଏ ନେଇ ଥାନାରେ ଦଫା ୪୫୭, ୩୮୦, ୫୧୧, ୩୪ ଆଇପିସିରେ ଏକ ମାମଲା(ନଂ ୭୬/୧୯) ରୁଜୁ ହୋଇଛି।

### ସୌଭାଗ୍ୟ ଯୋଜନା ବାଟବଣା

**ଲୋଇସିଂହା,୬।୬(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଁଚେତ୍ ଅଧୀନ କୁମୁଣ୍ଡେ ଗାଁର ଗରିବ୍ ଶ୍ରେଣୀର ଲୋକ୍ ସୌଭାଗ୍ୟ ଜ୍ୟୋତି ଯୋଜନାରୁ ଉପେକ୍ଷିତ ହେଇଥିବାର ଅଭିଯୋଗ ହେଇଛେ। ଗରିବ ପରିବାରମାନକର ଘରେ ବିଦ୍ୟୁତ ସଂଯୋଗ ନାହିଁ ହେଇଥିବାକେ ନେଇ ସାଧାରନରେ ଅସନ୍ତୋଷ ପରକାଶ ପାଉଛେ। ଗାଁର ଗରିବ ଶ୍ରେଣୀର ଲୁକ୍‌କୁ ସୌଭାଗ୍ୟ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ଯୋଗାଣ ଆରମ୍ ହେଇଛେ। ବିଦ୍ୟୁତ୍ ଖୁଁଟା ତୁପାଯିବାର ସଂଗେ କେବୁଲ ଲାଗି ସାରିଛେ। ଇତାର ଆଗ୍‌ରୁ ଘରମାନକେ ବୋର୍ଡ ଲଗା ସରିଛେ। ଏନ୍‌ଥେଇ ୬ ମାସ୍ ବିତିଯାଇଛେ, ହେଲେ ବିଦ୍ୟୁତ୍ ସଂଯୋଗ ନାହିଁ ଦିଆଯିବାର ବଲି ଗାଁର ନବୀନ ପଣ୍ଡା, ସୁରେଶ ଦାସ ପରମୁଖ ଅଭିଯୋଗ କରିଛନ୍। ଇ ଦିଗେ ବିଭାଗୀୟ ଉଚ କତୁରପକ୍ଷ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ସାଧାରନରେ ଦାବି ହେଉଛେ।

ମନ୍ତ୍ରୀ ନିରଞ୍ଜନ, ପଦ୍ମନାଭଙ୍କୁ ଜିଲାସ୍ତରୀୟ ସମ୍ବର୍ଦ୍ଧନା

# ମିଳିମିଶି କାମ କରିବୁ, ଜିଲା ୧ ନଂ ହେବ

**ସୋନପୁର,୬।୬(ନି.ପ୍ର.)**

ସୁବର୍ଣ୍ଣପୁର ଏକ ଛୋଟିଆ ଜିଲା। ଏହି ଜିଲାରେ ମାତ୍ର ଦୁଇଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। ସୌଭାଗ୍ୟକୁ ଦୁଇ ଜଣ ବିଧାୟକ ନବୀନଙ୍କ ମନ୍ତ୍ରୀମଣ୍ଡଳୀରେ ଏବେ କ୍ୟାବିନେଟ୍ ମନ୍ତ୍ରୀ। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଦୁଇମନ୍ତ୍ରୀଙ୍କୁ ଗୁରୁବାର ଜିଲାସ୍ତରୀୟ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲାପାଳ ମଧୁସୂଦନ ମିଶ୍ର ଅଧକ୍ଷତା କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ କହିଥିଲେ ଜିଲା ଦୁଇ ଜଣ ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀଭାବେ ପାଇ ଗର୍ବିତ। ସମସ୍ତଙ୍କ ସହଯୋଗରେ ଜିଲା ବିକାଶ କ୍ଷେତ୍ରରେ ବହୁ ଆଗକୁ ଯିବ ବୋଲି ଆଶାବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ତାଙ୍କ ବକ୍ତବ୍ୟରେ ଏହି ଜିଲା କେବିକେ ଅଧିନରେ ଆସୁଥିଲେ ହେଁ ଅନ୍ୟ ଜିଲା ଅପେକ୍ଷା ବହୁ ପ୍ରଗତି କରିଛି। ଆସନ୍ତା ୫ବର୍ଷରେ ଦୁଇ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଏସ୍‌ପି ଦେବୀପ୍ରସାଦ ମିଶ୍ର ତାଙ୍କ ବକ୍ତବ୍ୟରେ ପ୍ରଶାସନ ସବୁବେଳେ ସହଯୋଗ ମନୋଭାବ ପୋଷଣ କରିବ ବୋଲି କହିଥିଲେ। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଲୋକପ୍ରତିନିଧି ଓ ପ୍ରଶାସନ ମିଳିମିଶି କାମ କରିବା। ବିକାଶ କାର୍ଯ୍ୟ ପାଇଁ ଅର୍ଥ ପ୍ରତିବନ୍ଧକ ହେବ ନାହିଁ। ବିଜୁ ବାବୁଙ୍କ ସ୍ୱପ୍ନର ସୁବର୍ଣ୍ଣପୁର ଜିଲାକୁ ବାସ୍ତବରେ ପରିଣତ କରିବୁ। ସେହିଭଳି ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଥିଲେ ଯେ, ମନ୍ତ୍ରୀ ନିରଞ୍ଜନ ଓ ମୁଁ ରାମ, ବଳରାମ ଦୁଇ ଭାଇ ଭଳି। ଆମେ ମିଳିମିଶି କାମ କରିବୁ, ଜିଲାକୁ ରାଜ୍ୟରେ ୧ ନଂ କରିବୁ। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସିଡିଏମପିଏଚଓ ଡାକ୍ତର ସରୋଜ କୁମାର ନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଡିଆଇପିଆରଓ ହରିଚରଣ ମିଶ୍ର ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଦୁଇ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ।

### ସଡ଼କ ସୁରକ୍ଷା ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

**ସୋନପୁର,୬।୬(ନି.ପ୍ର.)**

ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସଡକ ସୁରକ୍ଷା ସମ୍ମିଳନୀ କକ୍ଷ, କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଓ ହେଲ୍ପ ଡେସ୍କ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି କକ୍ଷକୁ ମିଳିତଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ମଧୁସୂଦନ ମିଶ୍ର, ଏସ୍‌ପି ଦେବୀପ୍ରସାଦ ମିଶ୍ର, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା, ସୋନପୁର ଉପଜିଲାପାଳ ତଥା ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ବଳରାମ ମଲ୍ଲିକ ଓ ଏମଭିଆଇ ରବିନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରାକ୍ଟର ଉପରେ ଗଛ ପଡ଼ିଲା, ଜଣେ ମୃତ

**ଡୁଙ୍ଗୁରିପାଲି, ୬।୬ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଖୁଣ୍ଟପାଲି ଗ୍ରାମରେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୫ଟାରେ ଝଡତୋଫାନ ହୋଇଥିଲା। ଏହି ସମୟରେ ରାସ୍ତାରେ ଆସୁଥିବା ଏକ ଟ୍ରାକ୍ଟର ଉପରେ ଗଛ ଭାଙ୍ଗି ପଡିବାରୁ ଗାଡିରେ ବସିଥିବା ଜଣେ ଯୁବକଙ୍କ ମତ୍ୟୁ ଘଟିଛି। ମୃତକ ହେଲେ ରାଜକୁମାର ମଲ୍ଲିକ(୨୫)। କର୍ଣ୍ଣାଟକ ରାଜ୍ୟର ବାସିନ୍ଦା ରାଜକୁମାର ଏଠାରେ ଏକ ହାରବେଷ୍ଟର ମେଶିନ ଚଳାଇ ଧାନକଟା କାମରେ ନିୟୋଜିତ ଥିଲେ। ଖୁଣ୍ଟପାଲି ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମିରେ ହାରବେଷ୍ଟରରେ ଧାନ କାଟିବା ପରେ ମେଶିନକୁ ସେଠାରେ ରଖିଦେଇ ଫେରୁଥିଲେ। ଏହି ସମୟରେ ଖୁଣ୍ଟପାଲି ବନ୍ଧ ହିଡ ଦେଇ ଆସୁଥିବା ଏକ ଟ୍ରାକ୍ଟରରେ ସେ ଉଠିଥିଲେ। କିଛିବାଟ ଯିବା ପରେ ହଠାତ୍ ଝଡତୋଫାନ ହୋଇଥିଲା ଏବଂ ଏକ ଗଛ ଡାଳ ଟ୍ରାକ୍ଟର ଉପରେ ଭାଙ୍ଗି ପଡିଥିଲା। ଦୁର୍ଭାଗ୍ୟକୁ ଡାଳ ରାଜକୁମାରଙ୍କ ଉପରେ ପଡିଥିଲା। ଖବର ପାଇ ଘଟଣାସ୍ଥଳରେ ଡୁଙ୍ଗୁରିପାଲି ଅଗ୍ନିସେବା ବିଭାଗ କର୍ମଚାରୀ ପହଞ୍ଚି ଗୁରୁତର ଅବସ୍ଥାରେ ରାଜକୁମାରଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

### କାଳବୈଶାଖୀ: ଗଛଭାଙ୍ଗି ରାସ୍ତା ଅବରୋଧ

**ତରଭା, ୬।୬(ଡି.ଏନ.ଏ.)**

ତରଭା ସହରରେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀର ପ୍ରଭାବ ଦେଖାଦେଇଥିଲା। ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ଥିବା ବରଗଛ, ତହସିଲ କାର୍ଯ୍ୟାଳୟ ପରିସରରେ ଥିବା କୃଷ୍ଣଚୂଡା ଗଛ, ବ୍ଲକ ସମ୍ମୁଖରେ ଥିବା କେତେକ ଗଛ ଭାଙ୍ଗି ପଡିଥିଲା। ସେହିପରି ୫୭ ନମ୍ବର ଜାତୀୟ ରାଜପଥର ଶିବତୁଳା ଛକରେ ଥିବା ଗଛ ଭାଙ୍ଗି ପଡି ରାସ୍ତା ଅବରୋଧ ହୋଇଥିଲା। ଗ୍ରାମବାସୀ ତୁରନ୍ତ ଗଛକୁ କାଟିବା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।



ମଣ୍ଡି ଖୋଲିବା ଓ ଧାନକ୍ରୟ ଟାର୍ଗେଟ ବଢାଇବା ଦାବିରେ ଭାଲୁଡୁଙ୍ଗୁରି ଗାଁର ଚାଷୀମାନେ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁଙ୍କୁ ଫେରାଦ ହେଉଛନ୍ତି।

■ ଖପ୍ରାଖୋଲ ପ୍ୟାକ୍ସ

## ଟାର୍ଗେଟ କମ୍ ଥିବାରୁ ଅସନ୍ତୋଷ

**ଖପ୍ରାଖୋଲ, ୬।୬(ଡି.ଏନ.ଏ.)**

- ■ ଟାର୍ଗେଟ ନ ବଢାଇଲେ ଚାଷୀଙ୍କ ରାସ୍ତାରୋକୋ ଚେତାବନୀ
- ■ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲା ଯୋଗାଣ ବିଭାଗ

ଖପ୍ରାଖୋଲ ବ୍ଲକ ଖପ୍ରାଖୋଲ ପ୍ୟାକ୍ସରେ ଚଳିତ ରବିଋତୁରେ ଧାନ କିଣିବା ଟାର୍ଗେଟ କମ୍ ଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉତ୍ପାଦନ ସରିଥିଲେ ବି ମଣ୍ଡି ଖୋଲି ନ ଥିବା ନେଇ ଧରିତ୍ରୀରେ 'ସରିଲା ଅମଳ, ଖୋଲିନି ମଣ୍ଡି' ଶୀର୍ଷକ ଖବର ପ୍ରସାରଣ ପରେ ପ୍ରଶାସନ ମଣ୍ଡି ଖୋଲିବାକୁ ତତ୍ପରତା ପ୍ରକାଶ କରିଥିଲା। ହେଲେ ଖପ୍ରାଖୋଲ ମଣ୍ଡି ଅଞ୍ଚଳରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଥିବାରୁ ଓଡିଆପାଲି ପଞ୍ଚାୟତର ଭାଲୁଡୁଙ୍ଗୁରି ଗାଁରେ ରବି ଧାନ ବହୁ ପରିମାଣରେ ହୋଇଥାଏ। ହେଲେ ଚଳିତ ରବିଋତୁରେ ଚାଷୀ ୧୦ହଜାର କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଅନଲାଇନ ପଞ୍ଜିକରଣ କରିଥିବାବେଳେ ଯୋଗାଣ ବିଭାଗ ମାତ୍ର ୫୪୫ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରଖିଛି। ଏତେ ପରିମାଣରେ ଉତ୍ପାଦନ ହୋଇଥିଲେ ବି କମ୍ ଟାର୍ଗେଟ ଯୋଗୁଁ କେଉଁ ଚାଷୀଠାରୁ ଧାନ କିଣାଯିବ ତାକୁ ନେଇ ପ୍ୟାକ୍ସ କର୍ତ୍ତୃପକ୍ଷ ମଧ୍ୟ ଦ୍ୱନ୍ଦ୍ୱରେ। ଏ ନେଇ ଭାଲୁଡୁଙ୍ଗୁରି ଗାଁର ଚାଷୀ ନୀଳାମ୍ବର ବିଶ୍ୱାଳ, ଜଳନ୍ଧର ପଧାନ, ଚୂଡାମଣି ସାହୁ, ଲୋକନାଥ ବିଶ୍ୱାଳ, ତରଣୀସେନ ସାହୁ, ଗଣେଶ ସାହୁ, ବୃନ୍ଦାବନ ବାରିକ, ଧ୍ରୁବ ବିଶ୍ୱାଳ, ଫକିର ବିଶ୍ୱାଳ ପ୍ରମୁଖ ଚାଷୀ ଟାର୍ଗେଟ ବଢା ନ ଗଲେ ଶୁକ୍ରବାର ଉତ୍ପାଦିତ ଧାନକୁ ଖପ୍ରାଖୋଲ ମଣ୍ଡି ସମ୍ମୁଖରେ ରଖି ରାସ୍ତାରୋକୋ କରିବା ସହ ଆନ୍ଦୋଳନ କରିବେ ବୋଲି ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏ ନେଇ ଖପ୍ରାଖୋଲ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁ ଏବଂ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏ ନେଇ ପ୍ୟାକ୍ସ ସଭାପତି ନରେନ୍ଦ୍ର କୁମାର ଭୋଇଙ୍କୁ ପଚାରିବାରୁ ଧାନଚାଷୀ ଅଧିକ ଉତ୍ପାଦନ କରିଥିବାବେଳେ କମ୍ ଟାର୍ଗେଟ ଦେଇଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଥିବାବେଳେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

ରତ୍ନପଥର ସନ୍ଧାନରେ ଲୁଟେରାଙ୍କ ମେଳି ଘଟଣା

## ଖଣି ଅଧିକାରୀଙ୍କ ସହ କ୍ଷେତ୍ର ପରିଦର୍ଶନ କଲା ପ୍ରଶାସନ

**ବୀରମହାରାଜପୁର, ୬।୬ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଗୋପପାଲି ଗ୍ରାମରେ ରତ୍ନପଥର ସନ୍ଧାନ ପାଇଁ ଲୁଟେରାଙ୍କ ମେଳି ଲାଗ ରହିଛି। ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଗୁରୁବାର ପୋଲିସ ପ୍ରଶାସନ ସହ ବଲାଙ୍ଗୀର ଖଣି ଅଧିକାରୀ କ୍ଷେତ୍ର ପରିଦର୍ଶନ କରିବା ସହ ସରଜମିନ ତଦନ୍ତ କରିଛନ୍ତି। ମିଳିଥିବା ସୂଚନା ମତେ ସ୍ଥାନୀୟ ତହସିଲଦାର ସୂର୍ଯ୍ୟାଂଶୁ ରେଡ୍, ଖଣି ଅଧିକାରୀ ବିଶ୍ୱନାଥ ସାହୁ ଏବଂ ବୀରମହାରାଜପୁର ଥାନା ଆଇଆଇସି ପ୍ରଭା ଧନ ପୋଲିସ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଲ୍ଲେଖଯୋଗ୍ୟ ଯେ, ମୁଣ୍ଡୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ ଗୋପପାଲି ଗ୍ରାମର ଅନତିଦୂରରେ ଥିବା ଏକ ଘରୋଇ ଜମିରୁ ରତ୍ନପଥର ମିଳିଥିବା ଏବଂ ତାହା ୧୫ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବା କଥା ପ୍ରଘଟ ହେବାରୁ ସେହି ସ୍ଥାନକୁ ଲୋକଙ୍କ ସୁଅ ଛୁଟିଥିଲା। ରତ୍ନପଥର ପାଇବା ଲୋଭରେ ସେହି ଜମିର ବହୁ ସ୍ଥାନରେ ଖୋଳି ପକାଇଥିବା ଦେଖିବାକୁ ମିଳିଛି। ଏହାରି ଭିତରେ ଜମି ମାଲିକାନାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଘଟଣାକୁ ନୂଆମୋଡ ଦେଇଛି। ଜମିର ମାଲିକ କୁହାଯାଉଥିବା ସେହି ଗ୍ରାମର ତିନିଭାଇ ଅଙ୍କୁର ଜଗଦଲା, ଅଲେଖ ଜଗଦଲା ଓ ଅନନ୍ତ ଜଗଦଲା ଜମି ଖୋଳାଇବାକୁ ବାରଣ କରୁଥିବା ବେଳେ ଲୋକେ ମାନୁନାହାନ୍ତି। ଫଳରେ ଉକ୍ତ ବିବାଦ ଉତ୍ତେଜନା ବଢାଇଥିବା ଖବର ମିଳିଛି।



ଗୁରୁବାର ପୋଲିସ ପ୍ରଶାସନ ସହ ଖଣି ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

**ଲାଗି ରହିଛି ଉତ୍ତେଜନା**

ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ସଜାଗ ଥିବା ଏସ୍‌ଡିପିଓ ଧିରଜ ଚୋପଦାର ପ୍ରକାଶ କରିଛନ୍ତି। ତେଣେ ରତ୍ନ ପଥର ସନ୍ଧାନରେ ମେଳି ବାନ୍ଧିଥିବା ଲୁଟେରାଙ୍କୁ ନିୟନ୍ତ୍ରଣ କରିବା ସହ କୌଣସି ପ୍ରକାର ଅଘଟଣକୁ ଏଡେଇବା ପାଇଁ ବିବାଦୀୟ ଜମି ନିକଟରେ ପୋଲିସ ଫୋର୍ସ ମୁତୟନ ଥିବା ଜଣାପଡିଛି।

## ଶୃଙ୍ଖଳିତ ରଥଯାତ୍ରା ଉପରେ ଗୁରୁତ୍ୱ

**ତରଭା, ୬।୬ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ ଦଧିବାବନ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରଥଯାତ୍ରା ପରିଚାଳନା ଉପରେ ଆଲୋଚନା ହୋଇଥିଲା। ରଥଯାତ୍ରା ଏବଂ ବାହୁଡା ଯାତ୍ରା ଦିନ ସହରରେ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥାଏ। ଏହି ସମୟରେ ଚୋରି ଇତ୍ୟାଦି ହେଉଥିବାକୁ ବ୍ୟାପକ ପୋଲିସ ମୁତୟନ ପାଇଁ ମତ ପ୍ରକାଶ ପାଇଥିଲେ। ରଥଯାତ୍ରା ପରିଚାଳନା ପାଇଁ ଶାନ୍ତିଶୃଙ୍ଖଳା ରକ୍ଷା କମିଟି, ରଥଟଣା, ରଥ ନିର୍ମାଣ ଓ ପରିଚାଳନା କମିଟି, ପୂଜା କମିଟି, ସାଂସ୍କୃତିକ କମିଟି ମାନ ଗଠନ କରାଯାଇଥିଲା। ଭକ୍ତଙ୍କୁ ପିଇବା ପାଣିର ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଯୋଗାଇ ଦେବା, ଉପନଭୋଗ ୫ଟା ସୁଦ୍ଧା ସାରିବା, ରଥଟଣା କାର୍ଯ୍ୟ ୫।୧୫ଟାରୁ ଆରମ୍ଭ କରିବା ପାଇଁ ସ୍ଥିର କରାଯାଇଥିଲା। ଏଥିରେ ରଥ ପରିଚାଳନା କମିଟି ସଭାପତି ଭାବେ ଉପଜିଲାପାଳ ବଳରାମ ମଲ୍ଲିକଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତିଭାବେ ରତନଲାଲ ଅଗ୍ରୱାଲା, ଉପସଭାପତି ସିନ୍ଧୁଭୂଷଣ ଗୁରୁ, ସମ୍ପାଦକ କନିକା ଚକ୍ରବର୍ତ୍ତି,କୋଷାଧକ୍ଷ ସରୋଜ କୁମାର ସାହୁ, ବିଶ୍ୱରଞ୍ଜନ ମିଶ୍ରଙ୍କ ସମେତ ଫାୟାର ଅଫିସର ସୁଧାକର ନାୟକ, ପିଏଚଡି କନିଷ୍ଠ ଯନ୍ତ୍ରୀ ଦୀପକ ମେହେର, ପୋଲିସ ଏଏସଆଇ ନାରାୟଣ ସାହା ଓ ଶିବ ପ୍ରସାଦ ବୁଡେକ, ନାଗରିକ କମିଟି ସଭାପତି ହରିବନ୍ଧୁ ପାଣିଗ୍ରାହୀ, ଜୟନ୍ତ ପୂଜାହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏନଏସିର ବରିଷ୍ଠ କିରାଣି ନାରାୟଣ ମେହେର ଗତବର୍ଷ ରଥଯାତ୍ରାର ଆୟ ବ୍ୟୟର ବିବରଣୀ ପ୍ରଦାନ କରିଥିଲେ।



ରଥଯାତ୍ରା ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

■ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ

## ଉଲୁଣ୍ଡାକୁ ହରାଇ ପାତ୍ରପାଲି ଚାମ୍ପିୟନ

**ଅମରପାଲି, ୬।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇଠାରେ ଚାଲିଥିବା ଅଷ୍ଟମ କୋଟସମଲାଇ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଉଲୁଣ୍ଡାକୁ ୨–୦ରେ ହରାଇ ପାତ୍ରପାଲି ଚାମ୍ପିୟନ ହୋଇଛି। ଗୁରୁବାର ଖେଳାଯାଇଥିବା ପ୍ରଥମ ଫର୍ମାଟରେ ପାତ୍ରପାଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭ ଉଇକେଟ ହରାଇ ୭୧ ରନ କରିଥିଲେ। ଜବାବରେ ଉଲୁଣ୍ଡା ଦଳ ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୩୫ ରନ କରିଥିଲେ।

ଦ୍ୱିତୀୟ ଫର୍ମାଟରେ ପାତ୍ରପାଲି ଦଳ ନିର୍ଦ୍ଧାରିତ ୪ ଓଭରରେ ଗୋଟିଏ ଉଇକେଟ ହରାଇ ୪୨ ରନ କରିଥିଲା। ଜବାବରେ ଉଲୁଣ୍ଡା ଦଳ ନିର୍ଦ୍ଧାରିତ ୪ ଓଭରରେ ୬ ଉଇକେଟ ହରାଇ ୩୧ ରନ କରିଥିଲା। ଫଳରେ ୨–୦ରେ ବିଜୟୀ ହୋଇ ପାତ୍ରପାଲି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟର ସଭାପତି ସୋମନାଥ ପୁରୋହିତଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଉତ୍ତର ପାତ୍ର ମୁଖ୍ୟଅତିଥି ଏବଂ ବହଲପଦର ସମିତି ସଭ୍ୟ ପିତାମ୍ବର ସାହୁ, କ୍ରୀଡାବିତ ପର୍ଶୁରାମ ବାରିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଉଲୁଣ୍ଡାର ବିକାଶଙ୍କୁ ଶ୍ରେଷ୍ଠ ବୋଲର, ପାତ୍ରପାଲିର ସନତଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ତାପସଙ୍କୁ ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ଚାମ୍ପିୟନ ପାତ୍ରପାଲି ଦଳକୁ ନଗଦ ୬ ହଜାର ୬୬୬ ଟଙ୍କା ସହ ଟ୍ରଫି ଓ ଉପବିଜେତା ଉଲୁଣ୍ଡା ଦଳକୁ ୪୪୪୪ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳକୁ ଧ୍ରୁବ କୁମାର ସାହୁ ଓ ନିତ୍ୟାନନ୍ଦ ପ୍ରଧାନ ପରିଚାଳନା କରିଥିବା ବେଳେ ବିଶ୍ୱନାଥ ବାରିକ ସ୍କୋରିଂ ଏବଂ ଅଚ୍ୟୁତାନନ୍ଦ କୁରକୁରିଆ ଧାରା ବିବରଣୀ ପ୍ରଦାନ କରିଥିଲେ।



ଚାମ୍ପିୟନ ପାତ୍ରପାଲି ଦଳକୁ ପୁରସ୍କୃତ କରାଯାଉଛି।



ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳ ରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ସୌଭାଗ୍ୟ ଯୋଜନାରେ ଅନିୟମିତତା: ବିଦ୍ୟୁତ୍ ସଂଯୋଗ ହୋଇନି, ବିଲ୍ ଆସୁଛି

**ପାଟଣାଗଡ, ୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ପାଟଣାଗଡ ଉପଖଣ୍ଡରେ କାର୍ଯ୍ୟକାରୀ ହେଉଥିବା ସୌଭାଗ୍ୟ ଯୋଜନା ନାନା ଅବ୍ୟବସ୍ଥା ମଧ୍ୟରେ କାର୍ଯ୍ୟକାରୀ ହେଉଛି। ୱେସ୍କୋ କର୍ତ୍ତୃପକ୍ଷ ଏବଂ କେତେକ ଠିକା ସଂସ୍ଥା ଉକ୍ତ କାମଗୁଡିକୁ କାର୍ଯ୍ୟକାରୀ କରୁଛନ୍ତି। ପାଟଣାଗଡ ବ୍ଲକ ଅନ୍ତର୍ଗତ ଡାଙ୍ଗବାହାଲ ଗ୍ରାମ ପଞ୍ଚାୟତର ପଣ୍ଡରିପାଣି ଏବଂ ତମିଆଁ, ସୁନାମୁଦି, ଦେଉଲଗାଁ ପ୍ରଭୃତି ପଞ୍ଚାୟତରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନଙ୍କୁ ଠିକା ସଂସ୍ଥା ଠକିଥିବା ଅଭିଯୋଗ ହୋଇଛି। ଯୋଜନା ଅନୁଯାୟୀ ହିତାଧିକାରୀମାନଙ୍କୁ ବିଦ୍ୟୁତ୍ ତାର, ମିଟର, ମେନସ୍ୱିଚ ଏବଂ ଏଲଇଡି ବଲ୍ବ ଯୋଗାଇ ଦେବା କଥା। ହେଲେ ଠିକା ସଂସ୍ଥା କେବଳ ବିଦ୍ୟୁତ ତାର ଟାଣି ଦେଇଥିଲେ ମଧ ସଂଯୋଗ ଦେଇନାହିଁ। ହେଲେ ହିତାଧିକାରୀଙ୍କ ନାମରେ ବିଲ୍ ଆସୁଛି। ୱେସ୍କୋ କର୍ତ୍ତୃପକ୍ଷ ବେଆଇନ ଭାବେ ବିଲ ଆଦାୟ କରିବାକୁ ଯାଉଛନ୍ତି। ଏ ନେଇ ପାଟଣାଗଡ ବିଦ୍ୟୁତ ବିଭାଗ ଏସଡିଓ ରାମଚନ୍ଦ୍ର ମେହେରଙ୍କୁ ପଚାରିବାରୁ ତାଙ୍କ ନିକଟକୁ ମଧ ଏନେଇ ଅନେକ ଅଭିଯୋଗ ଆସିଛି। ଏ ନେଇ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଡାଙ୍ଗବାହାଲ ପଞ୍ଚାୟତ ଅନ୍ତର୍ଗତ ପଣ୍ଡରିପାଣି ଗ୍ରାମର ହିତାଧିକାରୀ ମଦନ ମୋହନ ଭୋଇ, ରାମଦାସ ଭୋଇ, ଶିଶୁପାଳ ପ୍ରଧାନ, ସୂର୍ଯ୍ୟମଣି ସାହ ପ୍ରମୁଖ ଅଭିଯୋଗ କରିଛନ୍ତି।

### ଶିକ୍ଷକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

**ଲୋଇସିଂହା, ୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ହରେକୃଷ୍ଣ ମହତାବ ହାଇସ୍କୁଲର ହିନ୍ଦୀ ଶିକ୍ଷକ ତଥା ସ୍କୁଲର ଜୁନିୟର ରେଡକ୍ରସ କାଉନସେଲର ଭକ୍ତବନ୍ଧୁ ନାଏକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ଟିଟିଲାଗଡଠାରେ ଆୟୋଜିତ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ସେ ଏହି ସମ୍ମାନ ଲାଭ କରିଛନ୍ତି। ଗତ ୧୦ବର୍ଷ ହେଲା ସେ ଇକୋ କ୍ଲବ ତଥା ଏନଏସିସି ଦାୟିତ୍ୱ ନିର୍ବାହ କରି ଯୋଗ ଦିବସ, ବୃକ୍ଷରୋପଣ, ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ କର୍ମଶାଳା ଆୟୋଜିତ କରିଆସୁଛନ୍ତି। ଏସବୁ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁ ତାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ବାବଦକୁ ୫ ହଜାର ଟଙ୍କାର ରାଶି ଦେଇ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ ପୁରସ୍କୃତ କରିଛନ୍ତି।

### ସଡ଼କ ସୁରକ୍ଷା ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

**ସୋନପୁର,୬।୬(ନି.ପ୍ର.):** ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସଡକ ସୁରକ୍ଷା ସମ୍ମିଳନୀ କକ୍ଷ, କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଓ ହେଲ୍ପ ଡେସ୍କ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଓ ରାଜ୍ୟ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି କକ୍ଷକୁ ମିଳିତଭାବେ ଉଦ୍‌ଘାଟନ କରିଥିଲେ।

■ ଖପ୍ରାଖୋଲ ପ୍ୟାକ୍ସ

# ଟାର୍ଗେଟ କମ୍ ଥିବାରୁ ଅସନ୍ତୋଷ

**ଖପ୍ରାଖୋଲ, ୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଖପ୍ରାଖୋଲ ପ୍ୟାକ୍ସରେ ଚଳିତ ରବିଋତୁରେ ଧାନ କିଣିବା ଟାର୍ଗେଟ କମ୍ ଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ଉତ୍ପାଦନ ସରିଥିଲେ ବି ମଣ୍ଡି ଖୋଲି ନ ଥିବା ନେଇ ଧରିତ୍ରୀରେ 'ସରିଲା ଅମଳ, ଖୋଲିନି ମଣ୍ଡି' ଶୀର୍ଷକ ଖବର ପ୍ରସାରଣ ପରେ ପ୍ରଶାସନ ମଣ୍ଡି ଖୋଲିବାକୁ ତତ୍ପରତା ପ୍ରକାଶ କରିଥିଲା । ହେଲେ ଖପ୍ରାଖୋଲ ମଣ୍ଡି ଅଞ୍ଚଳରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଥିବାରୁ ଓଡିଆପାଲି ପଞ୍ଚାୟତର ଭାଲୁଡୁଙ୍ଗୁରି ଗାଁରେ ରବି ଧାନ ବହୁ ପରିମାଣରେ ହୋଇଥାଏ। ହେଲେ ଚଳିତ ରବିଋତୁରେ ଚାଷୀ ୧୦ହଜାର କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅନଲାଇନ ପଞ୍ଜିକରଣ କରିଥିବାବେଳେ ଯୋଗାଣ ବିଭାଗ ମାତ୍ର ୫୪୫ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ରଖିଛି । ଏତେ ପରିମାନରେ ଉତ୍ପାଦନ ହୋଇଥିଲେ ବି କମ୍ ଟାର୍ଗେଟ ଯୋଗୁଁ କେଉଁ ଚାଷୀଠାରୁ ଧାନ କିଣାଯିବ ତାକୁ ନେଇ ପ୍ୟାକ୍ସ କର୍ତ୍ତୃପକ୍ଷ ମଧ୍ୟ ଦ୍ୱନ୍ଦ୍ୱରେ । ଏ ନେଇ ଭାଲୁଡୁଙ୍ଗୁରି ଗାଁର ଚାଷୀ ନୀଳାମ୍ବର ବିଶ୍ୱାଳ, ଜଳନ୍ଧର ପଧାନ, ଚୂଡାମଣି ସାହୁ, ଲୋକନାଥ ବିଶ୍ୱାଳ, ତରଣୀସେନ ସାହୁ, ଗଣେଶ ସାହୁ, ବୃନ୍ଦାବନ



ମଣ୍ଡି ଖୋଲିବା ଓ ଧାନକ୍ରୟ ଟାର୍ଗେଟ ବଢାଇବା ଦାବିରେ ଭାଲୁଡୁଙ୍ଗୁରି ଗାଁର ଚାଷୀମାନେ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁଙ୍କୁ ଫେରାଦ ହେଉଛନ୍ତି।

- ଟାର୍ଗେଟ ୫୪୫, ୧୦ହଜାର କୁଇଣ୍ଟାଲ ଧାନବିକ୍ରି ପାଇଁ ପଞ୍ଜୀକରଣ
- ଟାର୍ଗେଟ ନ ବଢାଇଲେ ଚାଷୀଙ୍କ ରାସ୍ତାରୋକୋ ଚେତାବନୀ
- ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲା ଯୋଗାଣ ବିଭାଗ

ବାରିକ, ତରଣୀ ବିଶ୍ୱାଳ, ରଘୁରାଜ ପଧାନ, ଧ୍ରୁବ ବିଶ୍ୱାଳ, ଫକିର ବିଶ୍ୱାଳ ପ୍ରମୁଖ ଚାଷୀ ଟାର୍ଗେଟ ବଢା ନ ଗଲେ ଶୁକ୍ରବାର ଉତ୍ପାଦିତ ଧାନକୁ ଖପ୍ରାଖୋଲ ମଣ୍ଡି ସମ୍ମୁଖରେ ରଖି ରାସ୍ତାରୋକୋ କରିବା ସହ ଆନ୍ଦୋଳନ କରିବେ ବୋଲି ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ଏ ନେଇ ଖପ୍ରାଖୋଲ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଜୟନ୍ତ କୁମାର ସାହୁ ଏବଂ ପ୍ୟାକ୍ସ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଜଣାଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ଏ ନେଇ ପ୍ୟାକ୍ସ ସଭାପତି ନରେନ୍ଦ୍ର କୁମାର ଭୋଇଙ୍କୁ ପଚାରିବାରୁ ଧାନଚାଷୀ ଅଧିକ ଉତ୍ପାଦନ କରିଥିବାବେଳେ କମ୍ ଟାର୍ଗେଟ ଦେଇଥିବାରୁ ଚାଷୀ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଜଣାଇଥିବାବେଳେ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

ମୁରିବାହାଲ ରାମେଶ୍ୱର ମହାଦେବଙ୍କ ଶୀତଳଷଷ୍ଠୀ ଯାତ୍ରା

# ଦେବ ନିମନ୍ତ୍ରଣ କାର୍ଯ୍ୟ ସମ୍ପନ୍ନ

**ମୁରିବାହାଲ, ୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମରେ ଥିବା ରାମେଶ୍ୱର ମହାଦେବ ମନ୍ଦିର ପକ୍ଷରୁ ଚଳିତ ବର୍ଷ ୭ମ ବାର୍ଷିକ ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏଥିରେ ବରପକ୍ଷରୁ କନ୍ୟାପକ୍ଷଙ୍କୁ ପତରପେଡ଼ି ଦେବା ସହ ଦେବ ନିମନ୍ତ୍ରଣ କାର୍ଯ୍ୟ ସମ୍ପନ୍ନ ହୋଇଛି। ମୁରିବାହାଲ ରାଧାକୃଷ୍ଣ ଓ ଶିବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ୭ମ ବାର୍ଷିକ ଶୀତଳଷଷ୍ଠୀ ଯାତ୍ରାକୁ ଅଧିକ ଆକର୍ଷଣ କରିବା ସହ ଯାକଜମକ ସହ କରିବା ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ବର୍ଷ ବରପିତାଭାବେ ପ୍ରବୀର କୁମାର କର୍ମ ଓ ପୁଷ୍ପଲତା ଧିର ଓ କନ୍ୟା ମାତାପିତା ଭାବେ ତରୁଣ ପୋଢ଼ ଓ ତପସ୍ୱିନୀ ପୋଢ଼ ଦାୟିତ୍ୱ ନିର୍ବାହ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ବରଯାତ୍ରୀ ବାହାରିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଉଛି। ବିବାହ କାର୍ଯ୍ୟ ସମ୍ପନ୍ନ ପରେ ଶନିବାର ଦେବଦମ୍ପତି ନଗର ପରିକ୍ରମାରେ ବାହାରିବେ। ପରିଚାଳନା କମିଟି ସଭାପତି ଚିନ୍ତାମଣି ମହାରଣା, ଭୀଷ୍ମସେନ ମେହେର, ନାରାୟଣ ସାହୁ, ସୁଧିର କୁମାର ପାଣୀ, କୃତ୍ତିବାସ ଦାସ, ଅନୀଲ କୁମାର ଶର୍ମା ପ୍ରମୁଖ କର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି ।

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଧାୟକ ସମ୍ବର୍ଦ୍ଧିତ

# ବିକାଶ ପାଇଁ ସହଯୋଗ ଲୋଡ଼ା

**ଲୋଇସିଂହା,୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନର ଉନ୍ନତୀକରଣ ପାଇଁ କାର୍ଯ୍ୟ କରାଯିବ। ଏଥିପାଇଁ ସହଯୋଗ ଲୋଡା। ବୁଧବାର ସନ୍ଧ୍ୟାରେ ଲୋଇସିଂହାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଏହା କହିଛନ୍ତି ବିଧାୟକ ଡ଼.ମୁକେଶ ମହାଲିଙ୍ଗ। ଏହି ଅବସରରେ ଲୋଇସିଂହାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ତାଙ୍କୁ ଚଳିତ ନିର୍ବାଚନରେ ଏହି ଅଞ୍ଚଳବାସୀ ଅକୁଣ୍ଠ ସମର୍ଥନ କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ । ସନ୍ଧ୍ୟାରେ ଦଳୀୟ କର୍ମୀଙ୍କ ଗହଣରେ ବିଧାୟକ ମହାଲଙ୍ଗ ଲୋଇସିଂହା ବସ୍ତିରେ ବିଜୟ ଶୋଭାଯାତ୍ରା କରିଥିଲେ । ପରେ ସ୍ଥାନୀୟ ଦୁର୍ଗାମଣ୍ଡପ, ତିଅରପଡା ଓ କୁମ୍ଭାରପଡାଠାରେ ଟ୍ରଷ୍ଟବୋର୍ଡ କମିଟି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଡୁଙ୍ଗୁରାରେ ଶିଶୁ ବିକାଶ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

# ଉନ୍ନୟନ କାର୍ଯ୍ୟ ଜାରି ରହିବ: ଟୁକୁନୀ

**ଗୁଡ଼ଭେଲା, ୬।୬(ଡ଼ି.ଏନ.ଏ.)**

ରାଜ୍ୟ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତିମନ୍ତ୍ରୀ ଟୁକୁନୀ ସାହୁଙ୍କୁ ବଲାଙ୍ଗୀର ଜିଲା ଡୁଙ୍ଗୁରା ସହରବାସୀଙ୍କ ପକ୍ଷରୁ ଗୁରୁବାର ବିପୁଳ ସମ୍ବର୍ଦ୍ଧନା ସହ ସ୍ୱାଗତ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟାରେ ସ୍ଥାନୀୟ ଏନଏସି କାର୍ଯ୍ୟାଳୟ ସମ୍ମୁଖରେ ମନ୍ତ୍ରୀ ସାହୁ ପହଞ୍ଚିବା ପରେ ତାଙ୍କୁ ବିଜେଡି କର୍ମୀମାନେ ସ୍ୱାଗତ କରିଥିଲେ । ଏହା ପରେ ସେ ଏକ ଖୋଲାଗାଡିରେ ସେ ସହର ପରିକ୍ରମା କରି ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପହଞ୍ଚି ଦର୍ଶନ କରିଥିଲେ । ପରେ ବିଭିନ୍ନ ସଂଗଠନ ପକ୍ଷରୁ ଟୁକୁନୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅଞ୍ଚଳର ଉନ୍ନତିମୂଳକ କାର୍ଯ୍ୟକୁ ଅଗାମୀ ଦିନରେ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସମ୍ବର୍ଦ୍ଧନା ଉତ୍ତରରେ ସାହୁ କହିଥିଲେ ।



ରାଜ୍ୟ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତିମନ୍ତ୍ରୀ ଟୁକୁନୀ ସାହୁ ଏକ ଖୋଲା ଗାଡିରେ ସହର ପରିକ୍ରମା କରୁଛନ୍ତି ।

ବନ୍ଧପଡ଼ା ପ୍ରାଥମିକ ଚିକିତ୍ସାଳୟ:

## ୪ମାସ ହେଲା ଡାକ୍ତର ପଦବୀ ଖାଲି

**ଦେଓଗାଁ,୬।୬(ଡି.ଏନ.ଏ.)**

ଦେଓଗାଁ ବ୍ଲକ ବନ୍ଧପଡା ପ୍ରାଥମିକ ଚିକିତ୍ସାଳୟ ଏବେ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି । ଆଜକୁ ୪ ମାସହେଲା ଏଠାରେ ଡାକ୍ତର ପଦବୀ ଖାଲି ପଡିଛି। ମୁଖ୍ୟ ଡାକ୍ତର ନଥିବାରୁ ବାଧହୋଇ ଅଞ୍ଚଳବାସୀ ଫର୍ମାଶିଷ୍ଟ ଓ ଆୟୁଷ ଡାକ୍ତରଙ୍କଠାରେ ଚିକିତ୍ସିତ ହେଉଛନ୍ତି । ଏଏନ୍‌ଏମ୍ ରଶ୍ମିତା ତ୍ରିପାଠୀ କାର୍ଯ୍ୟରତ ଥିବା ବେଳେ ଷ୍ଟାଫନର୍ସ ପ୍ରଭାସିନୀ ସେଠଙ୍କୁ ଦେଓଗାଁ ସିଏଚସିକୁ ଡେପୁଟେସନରେ ନିଆଯାଇଥିବାରୁ ଉକ୍ତ ପଦବୀ ମଧ ଖାଲି ପଡିଛି । ଡାକ୍ତର ଓ ଷ୍ଟାଫଙ୍କ ରହିବା ପାଇଁ କୋଠା ନିର୍ମାଣ ହୋଇଥିଲେ ହେଁ ଜଳଯୋଗାଣ ସୁବିଧା କରାଯାଇ ନ ଥିବାରୁ ସମସ୍ତ ଷ୍ଟାଫ ବଲାଙ୍ଗୀରରୁ ଯାଆସ କରି ଦାୟିତ୍ୱ ତୁଲାଉଛନ୍ତି । ଫଳରେ ବନ୍ଧପଡା ପ୍ରାଥମିକ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ବନ୍ଧପଡା, ସିଂହାମୁଣ୍ଡା, ବ୍ରାହ୍ମଣୀଯୋର, ଧଣ୍ଡାମାଲ ଲଣ୍ଡାପଥର, ସାରସମାଲ ଆଦି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ସିଡିଏମଓ ଡା.ସଂଯୁକ୍ତା ସାହୁଙ୍କୁ ପଚାରିବାରୁ ସମସ୍ୟା ସମ୍ପର୍କରେ ଅବଗତ ଅଛି, କମ୍‌ଦିନ ମଧ୍ୟରେ ନିୟମିତ ଡାକ୍ତର ଅବସ୍ଥାପିତ କରାଯିବ ବୋଲି କହିଛନ୍ତି।

ରୋଜା ଆୱାର୍ଡ ୱାର୍ଲ୍ଡର ବାର୍ଷିକ ଉତ୍ସବ

# ନିଷ୍ଠାପର ସେବା ବ୍ୟର୍ଥ ଯାଏନାହିଁ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ୩ ଜୁନିୟର ରେଡକ୍ରସ କାଉନସେଲର।

**ଲୋଇସିଂହା, ୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହାସ୍ଥିତ ଅଗ୍ରସେନ ଭବନରେ ରୋଜା ଆୱାର୍ଡ ୱାର୍ଲ୍ଡର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ସମାରୋହରେ ବିଦ୍ୟାବାଚସ୍ପତି ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ମୁଖ୍ୟ ଅତିଥିଭାବେ ଯୋଗଦେଇ ନିଷ୍ଠାପର ସେବା କେବେ ବ୍ୟର୍ଥ ଯାଇ ନ ଥାଏ ବୋଲି ସ୍ୱେଚ୍ଛାସେବୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୩ଜଣ ଜୁନିୟର ରେଡକ୍ରସ କାଉନସେଲରକୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆୟୋଜିତ ସଭାରେ ସୁରେଶ ପଧାନ ଅଧ୍ୟକ୍ଷତା କରିଥିଲେ। ସମ୍ମାନୀତ ଅତିଥିଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ମଞ୍ଜୁବାଳା ମେହେର, ବିଭୂତିଭୂଷଣ ସାହାଣୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସମାଜସେବା ପାଇଁ ବଲାଙ୍ଗୀର ଜୁନିୟର ରେଡକ୍ରସ କାଉନସେଲର ରଞ୍ଜିତ ମିଶ୍ର, ସୁବର୍ଣ୍ଣପୁରର ଚନ୍ଦ୍ରଶେଖର ମହାପାତ୍ର ଏବଂ ଉମାକାନ୍ତ ନାଗଙ୍କୁ ଆନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଦିଲୀପ କୁମାର ଧଳ ସଂଯୋଜନା କରିଥିବାବେଳେ ରବିଚନ୍ଦ୍ର ପଶାୟତ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରତିଷ୍ଠାତା ଧର୍ମସିଂ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୋସଲି କବିତା ପାଠନ କରାଯାଇଥିଲା। ଯୋଗଦେଇଥିବା କୋସଲି କବିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନୀତ କରାଯାଇଥିଲା।

# ଟିକେଟ ଆରକ୍ଷଣ ଶୀଘ୍ର ଚାଲୁ ନ କଲେ ଆନ୍ଦୋଳନ

**ଲୋଇସିଂହା,୬।୬(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ରେଳ ଷ୍ଟେଶନରେ ଗତ ଏପ୍ରିଲ ମାସରୁ ଟିକେଟ ଆରକ୍ଷଣ ବନ୍ଦ ରହିଛି। ଏ ସଂକ୍ରାନ୍ତରେ ଗତ ୩ତାରିଖ ଧରିତ୍ରୀରେ ଖବର ପ୍ରକାଶ ପରେ ଲୋଇସିଂହା ବିଧାୟକ ଡ଼ା ମୁକେଶ ମହାଲିଙ୍ଗ ବୁଧବାର ଲୋଇସିଂହା ରେଳ ଷ୍ଟେଶନକୁ ଯାଇ ଷ୍ଟେସନ ମାଷ୍ଟରଙ୍କଠାରୁ ଏ ନେଇ ପଚାରି ବୁଝିଥିଲେ। କାର୍ଯ୍ୟଭାର ଯୋଗୁ ଏହି ଦାୟିତ୍ୱ ନିର୍ବାହ କରି ହେଉନାହିଁ, ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିବା କହିଥିଲେ । ଏହାପରେ ବିଧାୟକ ମହାଲିଙ୍କ ସମ୍ବଲପୁର ଡିଆରଏମଙ୍କ ସହ ଫୋନରେ କଥା ହୋଇଥିଲେ । ହେଲେ ଏ ନେଇ ତାଙ୍କ ପାଖରେ କୌଣସି ଖବର ନ ଥିବା ଡିଆରଏମ କହିଥିଲେ। ଟିକେଟ ଆରକ୍ଷଣ ଶୀଘ୍ର ଚାଲୁ ନକଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ବିଧାୟକଙ୍କ ସମର୍ଥକମାନେ ଚେତାବନୀ ଦେଇଛନ୍ତି।

## ଫଟୋରେ ଖବର



ଲୋଇସିଂହା ବିଧାୟକ ଡ ମୁକେଶ ମହାଲିଙ୍ଗ ଗୁରୁବାର ଡିଆରଡିଏ ସମ୍ମିଳନୀ କକ୍ଷରେ ଲୋଇସିଂହା ନିର୍ବାଚନ ମଣ୍ଡଳୀର ବିଭିନ୍ନ କାର୍ଯ୍ୟର ସମୀକ୍ଷା କରୁଛନ୍ତି। (ଫଟୋ-ସୁନୀଲ)

■ ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ସମୀକ୍ଷା ବୈଠକରେ ଉଦ୍‌ବେଗ

# ସ୍ୱାସ୍ଥ୍ୟ ବିକାଶ ସମିତି କାର୍ଯ୍ୟକାରୀ ହୋଇନି

**ବଲାଙ୍ଗୀର ଅଫିସ,୬।୬**

ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଗୁରୁବାର ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ବିଧାୟକ ନରସିଂହ ମିଶ୍ର ଏହାର ସମୀକ୍ଷା କରିଥିଲେ । ବୈଠକରେ ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସହ ବହୁ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟ ଯେବେଠାରୁ ମେଡିକାଲ କଲେଜରେ ପରିଣତ ହେଲାଣି ସେହିଦିନଠାରୁ ରୋଗୀ କଲ୍ୟାଣ ସମିତି ସ୍ଥାନରେ ସ୍ୱାସ୍ଥ୍ୟ ବିକାଶ ସମିତି କାମ କରିବା କଥା । ମାତ୍ର ଏହା କାର୍ଯ୍ୟକାରୀ ହୋଇନାହିଁ । ଏନେଇ ବିଧାୟକ ମିଶ୍ର ମେଡିକାଲ କଲେଜ ସୁପରିଣ୍ଟେଣ୍ଡେଣ୍ଟ ଡା ନାରାୟଣ ଆଚାର୍ଯ୍ୟ ଓ ସିଡିଏମ୍‌ଓ ଡା ସଞ୍ଜୁକ୍ତା ସାହୁଙ୍କୁ କାହିଁକି ଏହା କାର୍ଯ୍ୟକାରୀ ହୋଇନାହିଁ ବୋଲି ପ୍ରଶ୍ନ ପଚାରିବାରୁ ଉଭୟେ କୌଣସି ଉତ୍ତର ଦେଇପାରି ନ ଥିଲେ । ଏହି କାରଣରୁ ଡାକ୍ତରଖାନାରେ ଏବେ କେତେକ କର୍ମଚାରୀଙ୍କୁ ନିଯୁକ୍ତିରୁ ଛଟେଇ କରାଯାଇଥିବା ଅଭିଯୋଗ ଉଠିଛି । ଏହା ଉପରେ ଏକ ନିରପେକ୍ଷ ତଦନ୍ତ କରି ଯଥାଶୀଘ୍ର ରିପୋର୍ଟ କରିବାକୁ ବିଧାୟକ ମିଶ୍ର ନିର୍ଦ୍ଦେଶ ଦେଇଥିଲେ । ଡାକ୍ତରଖାନା ଭିତରେ ବାରମ୍ବାର ବିଜୁଳି ବିଭ୍ରାଟ ଯୋଗୁ ସର୍ଜରୀ, ଡାଏଲେସିସ ବିଭାଗ, ଆଇସିୟୁ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଚିକିତ୍ସା ବାଧାପ୍ରାପ୍ତ ହେଉଛି । ସେଠାରେ ୨୪ ଘଣ୍ଟା ନିରବଚ୍ଛିନ୍ନ ବିଜୁଳି ଯୋଗାଇବା ବ୍ୟବସ୍ଥା କରିବାକୁ ୱେସ୍କୋର ବିଭାଗୀୟ ଯନ୍ତ୍ରୀଙ୍କୁ କହିଥିଲେ । ଆବର୍ଜନା ସଫେଇରେ ବଲାଙ୍ଗୀର ମ୍ୟୁନିସିପାଲିଟିର ଘୋର ଅବହେଳାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ରାଜପଥ ଓ ପୂର୍ତ୍ତବିଭାଗର ବିନା ଅନୁମତିରେ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷ ରାସ୍ତା ଜବରଦଖଲ କରି ଆବର୍ଜନା କୁଣ୍ଡ ତିଆରି କରୁଥିବାକୁ ନେଇ ପ୍ରଶ୍ନ ଉଠାଇଥିଲେ । ଏହା ସହିତ ଟ୍ରାଫିକ ସମସ୍ୟା, ନିମ୍ନମାନର ଉମୁରିଆ ଚେକ୍‌ଡ୍ୟାମ ଏବଂ ପୌରାଞ୍ଚଳର ମହାରାଣୀ ସାଗର, ଗେଟ ସରୋବର, ବେହେରାପାଲି ବନ୍ଧ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରିଥିଲେ । ଲୋୟର ସୁକତେଲ ପ୍ରକଳ୍ପ ଆଲୋଚନା ବେଳେ ବିଧାୟକ ମିଶ୍ର ବିସ୍ଥାପିତଙ୍କୁ ସରକାର ୨୦୧୩ ଭୂମି ଅଧିଗ୍ରହଣ ଆଇନ ହିସାବରେ କ୍ଷତିପୂରଣ ଦେବା ଓ ପୁଣି ଥରେ ଆରପିଡିଏସି ବୈଠକ ଡାକିବାକୁ ବିଧାୟକ ମିଶ୍ର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସଭା ପ୍ରାରମ୍ଭରୁ ବିଧାୟକ ମିଶ୍ରଙ୍କୁ ଜିଲାପାଳ ଓ ଡିଆରଡିଏ ପିଡି ଡ ମହେଶ୍ୱର ସ୍ୱାଇଁ ସ୍ୱାଗତ ଜଣାଇଥିଲେ ।



ବିଧାୟକ ନରସିଂହ ମିଶ୍ର ଗୁରୁବାର ଡିଆରଡିଏ ସମ୍ମିଳନୀ କକ୍ଷରେ ସମୀକ୍ଷା କରୁଛନ୍ତି ।

## ସୌଭାଗ୍ୟ ଯୋଜନା ବାଟବନା

**ଲୋଇସିଂହା,୬।୬(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଁଚେତ୍ ଅଧୀନ କୁମୁଣ୍ଡେ ଗାଁର ଗରିବ୍ ଶ୍ରେଣୀର ଲୋକ୍ ସୌଭାଗ୍ୟ ଜ୍ୟୋତି ଯୋଜନାରୁ ଉପେକ୍ଷିତ ହେଇଥିବାର ଅଭିଯୋଗ ହେଇଛେ। ଗରିବ ପରିବାରମାନକର ଘରେ ବିଦ୍ୟୁତ ସଂଯୋଗ ନାଇଁ ହେଇଥିବାକେ ନେଇ ସାଧାରନରେ ଅସନ୍ତୋଷ ପରକାଶ ପାଉଛେ। ଗାଁର ଗରିବ ଶ୍ରେଣୀର ଲୁକ୍‌କୁ ସୌଭାଗ୍ୟ ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ଯୋଗାଣ ଆରମ୍ ହେଇଛେ। ବିଦ୍ୟୁତ୍ ଖୁଁଟା ତୁପାଯିବାର ସଂଗେ କେବୁଲ ଲାଗି ସାରିଛେ। ଇତାର ଆଗ୍‌ରୁ ଘରମାନକେ ବୋର୍ଡ ଲଗା ସରିଛେ। ଏନ୍‌ଥେଇ ୬ ମାସ୍ ବିତିଯାଇଛେ, ହେଲେ ବିଦ୍ୟୁତ୍ ସଂଯୋଗ ନାଇଁ ଦିଆଯିବାର ବଲି ଗାଁର ନବୀନ ପଣ୍ଡା, ସୁରେଶ ଦାସ ପରମୁଖ ଅଭିଯୋଗ କରିଛନ୍। ଇ ଦିଗେ ବିଭାଗୀୟ ଉଚ କତ୍ତୁରପକ୍ଷ ଦୁରୁଷ୍ଟି ଦେଇ ପଦକ୍ଷେପ ନେବାକେ ସାଧାରନରେ ଦାବି ହେଉଛେ।

## ସଂକ୍ଷେପରେ

### ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

**ରିଷିଡା, ୬।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜେକେ କଲେଜରେ ବିଶ୍ୱ ପରିବେଶ ଦିବସ ଅବସରରେ ବୃକ୍ଷରୋପଣ କରାଯାଇଛି। ଅଧ୍ୟାପକ ହେମନ୍ତ ଚୌଧୁରୀ, ଗିରିରାଜ ଗହିର, କ୍ରୀଡା ଶିକ୍ଷକ ଲଳିତ କୁମାର ଦାସଙ୍କ ନେତୃତ୍ୱରେ କଲେଜ ପରିସରରେ ୟୁଥ ରେଡକ୍ରସ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜଗଦିଶ ଭୋଇ, ପାଣ୍ଡବ ହରିଜନ ପ୍ରମୁଖ ସହାୟତା କରିଥିଲେ ।



### ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ଜୁନାଗଡ,୬।୬(ଡି.ଏନ.ଏ.)** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତର ଗୁରୁବାର ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ୩୪ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଭାରପ୍ରାପ୍ତ ବିଏସଏସଓ ସୁମନ୍ତ କୁମାର ମାଝି, ଚିଚୈଗୁଡା ସରପଞ୍ଚ ସୁଧିରା ମେହେର, ନାଏବ ସରପଞ୍ଚ ନବୀନ ମେହେରଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ।

ବିଦ୍ୟୁତ୍ ସମସ୍ୟାର ସମାଧାନ ଦାବି

# ଏସ୍‌ଡିଓ ଅଫିସ୍ ଘେରାଉ

■ ଖଡ଼ିଆଳ ବିଧାୟକ ସାମିଲ

**ନୂଆପଡ଼ା ଅଫିସ/ଖଡ଼ିଆଳ, ୬।୬**

ନୂଆପଡ଼ା ଜିଲା ଖଡିଆଳ ସହରରେ ବିଦ୍ୟୁତ୍ ବିଭାଗ ମନମୁଖି ଓ ଅବହେଳା ଯୋଗୁ ଘନ ଘନ ବିଦ୍ୟୁତ କାଟ ସାଙ୍ଗକୁ ବିଦ୍ୟୁତ ସମସ୍ୟା ଲାଗି ରହିଛି । ଏହାର ସମାଧାନ ଦାବିରେ ଗୁରୁବାର ଖଡିଆଳ ବ୍ୟବସାୟୀ ସଂଘର ନେତୃତ୍ୱରେ ମାରୱାଡି ଯୁବା ମଞ୍ଚ ଓ ବିଭିନ୍ନ ସଙ୍ଗଠନର ସମର୍ଥନରେ ୱେସ୍କୋ ଏସଡିଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଖଡିଆଳ ବ୍ୟବସାୟୀ ସଂଘ ସଭାପତି ରଞ୍ଜିରଞ୍ଜନ ଚଳାନଙ୍କ ନେତୃତ୍ୱରେ ଖଡିଆଳର ନବ ନିର୍ବାଚିତ ବିଧାୟକ ଅଧିରାଜ ପାଣିଗ୍ରାହୀ ନେତୃତ୍ୱ ନେଇ କିଛି ସମୟ ଧରି ଏସଡିଓଙ୍କ ଅଫିସରେ ତାଲା ପକାଇବା ସହ ଅଫିସ ଆଗରେ ଧାରଣା ଦେଇଥିଲେ। ପରେ ୱେସ୍କୋ ଏସଡିଓ ବାପୁଜୀ ପ୍ରଧାନ ସହ ଆଲୋଚନା କରି ବିଶେଷ କରି ଅଘୋଷିତ ବିଦ୍ୟୁତ୍ କାଟ ବିଷୟରେ ଆଲୋଚନା କରିବା ସ୍ଥାୟୀ ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିଲା। ଏଥିସହ ଖଡିଆଳ ଅଞ୍ଚଳର ବିଦ୍ୟୁତ୍ ସମସ୍ୟାକୁ ଆଖି ଆଗରେ ରଖି ଦ୍ୱିତୀୟ ଲାଇନ ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି କହିବା ସହ ଖଡିଆଳର ସହରର ସମସ୍ତ ୱାର୍ଡକୁ ପୃଥକ ଭାବେ ଟ୍ରାନ୍ସଫର୍ମର ବ୍ୟବସ୍ଥା ଥିବା କୌଣସିରେ ଏବି ସ୍ୱିଚ ବ୍ରେକରର ବ୍ୟବସ୍ଥା ନାହିଁ । ଫଳରେ ଅନେକ ସମୟରେ ବିଦ୍ୟୁତ ସମସ୍ୟା ଲାଗି ରହିଥାଏ ବୋଲି ଏସଡିଓ ବିଧାୟକଙ୍କ ଅବଗତ କରିଥିଲେ। ବିଧାୟକ ନିଜସ୍ୱ ପାଣ୍ଠି ୧୦ ଲକ୍ଷ ଟଙ୍କା ବ୍ୟୟ କରି ସହରରେ ୮୦ ଗୋଟି ସ୍ୱିଚ ଲାଇନ ବ୍ରେକର ଲଗାଇ ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ ଏସଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସ୍ୱାଧୀନତା ପରଠାରୁ ଖଡିଆଳ ସହରରେ ତାର ଟଣା ହୋଇ ବିଦ୍ୟୁତ ସେବା ଯୋଗାଇ ଆସୁଥିବା ବେଳେ ବିଭିନ୍ନ ସମୟରେ ବିଦ୍ୟୁତ୍ ତାର ଛିଣ୍ଡି ପଡି ବିଦ୍ୟୁତ୍ ସେବା ଯୋଗାଇବା ବାଧା ପ୍ରାପ୍ତ ହେଉଛି । ଖଡିଆଳ ସହରରେ ତାର ବଦଳରେ କେବଳ ତାର ପରିବର୍ତ୍ତନ କରିବା ନେଇ ବିଧାୟକ ଜୋର ଦେଇଥିବା ଏହାର ଏଷ୍ଟିମେଟ କରିବା ପାଇଁ ଏସଡିଓଙ୍କୁ ନିର୍ଦ୍ଦେଶ ଦେବା ସହ ଏଥିପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଉକ୍ତ ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଉଜ୍ଜଳ ଗୁପ୍ତା, ପ୍ରଶାନ୍ତ ସାହୁ, ସତପାଲ ସିଂ ଛାବଡାଙ୍କ ସମେତ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।



ଏସଡିଓଙ୍କ ସହ ବିଧାୟକ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଆଲୋଚନା କରୁଛନ୍ତି ।


ଖଡ଼ିଆଳ ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କୁ ଥଣ୍ଡା ସର୍ବତ ବଣ୍ଟନ କରାଯାଉଛି।

## ବସ୍‌ଷ୍ଟାଣ୍ଡରେ ସର୍ବତ ବାଣ୍ଟିଲେ ବସ୍ ମାଲିକ

**ଖଡିଆଳ,୬।୬ (ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡିଆଳ ସହରରେ ପ୍ରଚଣ୍ଡ ଖରାରେ ସହରବାସୀ ଡହଳବିକଳ ହେଉଛନ୍ତି । ବସଷ୍ଟାଣ୍ଡରେ ଯାତ୍ରୀମାନେ ଟୋପାଏ ଥଣ୍ଡାପାଣି ପାଇଁ ହଇରାଣ ହେଉଛନ୍ତି। ଏହା ଦେଖି ଗୁରୁବାର ପୂର୍ବାହ୍ନ ୧୦ଟାରେ ବସ ମାଲିକମାନେ ଜଳଛତ୍ର କରି ସର୍ବତ ଏବଂ ଦହିପାଣି ବାଣ୍ଟିଥିଲେ। ଏଥିରେ ବସ ମାଲିକ ରବୀନ୍ଦ୍ର ଖଣ୍ଡୁଜା, ଅଙ୍କିତ ସିଂହ ଖଣ୍ଡୁଜା, ହରପ୍ରିତ ସିଂ ଖଣ୍ଡୁଜା, ସାଗର ଭୋଇ ସମସ୍ତ ଯାତ୍ରୀଙ୍କୁ ସରବତ ପାଣି ବାଣ୍ଟିଥିଲେ । ଏହାକୁ ସମସ୍ତେ ପ୍ରଶଂସା କରିଥିଲେ ।

## କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ବ୍ରଜରାଜନଗର,୬।୬(ଡି.ଏନ୍.ଏ.)**

ରାମପୁର ଫାଣ୍ଡି କାର୍ତ୍ତିକପଡ଼ା ବ୍ରିଜ ଉପରେ ଗୁରୁବାର ମଧ୍ୟାହ୍ନରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେ ହେଲେ ଅଇଁଲାପାଲି ଗ୍ରାମର ଅନିରୁଦ୍ଧ ଭୋଇ (୬୫)। ଅନିରୁଦ୍ଧ ଓ ତାଙ୍କ ପୁଅ ସୁବାସ (୩୫) ନିଜ ଓଡି୩୯–ବି୬୫୦୭ନଂ ବାଇକ୍‌ରେ ଆସୁଥିବା ବେଳେ ବନ୍ଧବାହାଲ ଅଞ୍ଚଳର ଓଡି୧୬–ଡି୫୦୦୫ନଂ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଅନିରୁଦ୍ଧ ପୋଲ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ସୁବାସଙ୍କ ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।


ବୈଠକରେ ଯୋଗଦେଇଥିବା ରାଜବନ୍ଦୀ କର୍ମକର୍ତ୍ତା ବୃନ୍ଦ ।

ରାଜବନ୍ଦୀମାନଙ୍କ ବୈଠକ

## କଳା ଦିବସ ସଫଳ ପାଇଁ ଆଲୋଚନା

**ଭବାନୀପାଟଣା, ୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡଠାରେ ଗୁରୁବାର ବେଦପ୍ରକାଶ ଗୋଏଲଙ୍କ ସଭାପତିତ୍ୱରେ ରାଜବନ୍ଦିମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଦିବଙ୍ଗତ ରାହସ ବିହାରୀ ପଣ୍ଡା ଓ ପ୍ରେମରାଜ କୁଅଁରଙ୍କ ଆତ୍ମାର ସଦଗତୀ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ନୂତନ ସରକାରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା। ଆଗାମୀ ୨୬ ଜୁନରେ ଭୁବନେଶ୍ୱରଠାରେ କଳା ଦିବସକୁ ସଫଳ କରିବାକୁ ସଂଘର ରାଜ୍ୟ ଉପସଭାପତି ସୁଶିଲ ପଣ୍ଡା ସଂଘର ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏଥିସହ ସଂଘର ସ୍ଥିତି ଓ ସମସ୍ୟା ଉପରେ ଅବଗତ କରିଥିଲେ। ଏହି ବୈଠକରେ ଭାରତ ଭୂଷଣ ଠାକୁର, ସୁନିଲ ବେହେରା, ଗିରିଜା ରଥ, ଗୋକୁଳ ଠାକୁର, ବିରଞ୍ଚି ନାରାୟଣ ପଣ୍ଡା, ପଦ୍ମକିଶୋର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ରବି ସାହୁ ଓ ସୁଶିଲ ଜୈନ ନିଜ ନିଜର ମତ ରଖିଥିଲେ।

ପୋଖରୀ କାମରେ ଅନିୟମିତତା ଅଭିଯୋଗ

# ମହିଳାଙ୍କ କନିଷ୍ଠ ଯନ୍ତ୍ରୀ ଅଫିସ୍ ଘେରାଉ

**କୋକସରା, ୬।୬ (ଡି.ଏନ.ଏ.)**

କ୍ଷୁଦ୍ର ଜଳସେଚନ ଓ ଅଣୁ ବିଭାଗ ଦ୍ୱାରା କୋକସରା ପଦ୍ମ ସାରର ପୋଖରୀ ପଙ୍କ ଉଦ୍ଧାର ଓ ମାଟି କାମ ଚାଲିଛି । କିନ୍ତୁ ପୋଖରୀ ପଙ୍କ ଉଦ୍ଧାର କାମରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗରେ ଗୁରୁବାର ବଡ଼ପଡ଼ାର ଶତାଧିକ ମହିଳାମାନେ କ୍ଷୁଦ୍ର ଜଳସେଚନ କନିଷ୍ଠ ଯନ୍ତ୍ରୀ ଅଫିସ ଘେରାଉ କରିଛନ୍ତି । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅନୁପସ୍ଥିତ ଥିବା ଯୋଗୁ ପୋଖରୀରେ ପହଞ୍ଚି କାମ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ।

ସୂଚନା ଅନୁସାରେ କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ପଦ୍ମ ସାଗର ପୋଖରୀରେ ପଙ୍କ ଉଦ୍ଧାର ପାଇଁ ବିଭାଗୀୟ କାର୍ଯ୍ୟାଦେଶ ୪୦ ଲକ୍ଷ ବ୍ୟୟ ଅଟକଳରେ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲିଛି। ଠିକାଦାର ଜଣକ ନିଜ ମନଇଚ୍ଛା କାମ କରିବା ସହ ପୋଖରୀ ତୁଠ ପାଖରୁ ପଙ୍କ ଉଦ୍ଧାର ନ କରି ଅନ୍ୟ ସ୍ଥାନରୁ ମାଟି ଉଠାଉଥିବା ଅଭିଯୋଗ କରିଛନ୍ତି। ଏଥିସହ ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପୋଖରୀ ତୁଠରୁ ପଙ୍କ ଉଦ୍ଧାର କିମ୍ବା ମରାମତି ନ କରି ଅନ୍ୟ ତୁଟଗୁଡ଼ିକରେ କାମ କରୁଥିବା ଅଭିଯୋଗ କରିଛନ୍ତି। ପ୍ରଥମେ ମହିଳାମାନେ କନିଷ୍ଠ ଯନ୍ତ୍ରୀଙ୍କ ଅଫିସରେ ପହଞ୍ଚିଥିଲେ। ଯନ୍ତ୍ରୀ ଅନୁପସ୍ଥିତ ଥିବା ଯୋଗୁ ସଂଘବଦ୍ଧ ଭାବେ ମହିଳାମାନେ ପୋଖରୀରେ ପହଞ୍ଚି କାମ ବନ୍ଦ କରିବାକୁ ଠିକାଦାରଙ୍କୁ କହିଥିଲେ। ଯେତେ ଦିନ ପର୍ଯ୍ୟନ୍ତ ତାଙ୍କ ଅଭିଯୋଗ ଉପରେ ବିଚାର ନ ହେବ ସେତେ ଦିନ ଯାଏ କାମ ବନ୍ଦ କରିବାକୁ ରୋକଠୋକ ଶୁଣାଇଥିଲେ। ଖବର ପାଇ କନିଷ୍ଠ ଯନ୍ତ୍ରୀ ଅନିଲ ନାୟକ ଫୋନ ଯୋଗେ ମହିଳାମାନଙ୍କ ସହ କଥା ହୋଇ ସେମାନଙ୍କ ଦାବି ଅନୁସାରେ କାମ କରାଯିବ ବୋଲି କହିବା ପରେ ମହିଳାମାନେ ଫେରି ଯାଇଥିଲେ। ଏହି ଆନ୍ଦୋଳନରେ ବଡ଼ପଡ଼ା ମହିଳା ନେତ୍ରୀ ଫୁଲତୋଳା ଖମାରୀଙ୍କ ସହ ମାଳତି ସୁନା, ପିରବତି ବାଗ, ସରସ୍ୱତୀ ବାଗ, ଲଳିତା ବାଗ, ରେବତୀ ଖମାରୀ, ନୁପୁର ବାଗ, ଡ଼ାଳିମ୍ବ ଖମାରୀ, ରାଣି ବାଗ, ପ୍ରତିମା ନାଏକ, ପିଙ୍କି ବାଗ, ସଂଯୁକ୍ତା ଠାକୁର, ସରୋଜିନି ସାଗର, ସଞ୍ଜିତା ବାଗ, ପୁଷ୍ପାଞ୍ଜଳି ନିଆଲ ସମେତ ଅନ୍ୟାନ୍ୟ ମହିଳାମାନେ ସାମିଲ ହୋଇଥିଲେ। କୋକସରା ସମିତି ସଭ୍ୟ ତ୍ରିଭୁନ ନାଏକ, ରାମଚନ୍ଦ୍ର ପାଣିଗ୍ରାହୀ, ଟୁନା ବାଗ, ଡ଼ଟି ଖମାରୀ ମହିଳାମାନଙ୍କୁ ସମର୍ଥନ କରିଥିଲେ ।


ମହିଳାମାନେ କନିଷ୍ଠ ଯନ୍ତ୍ରୀଙ୍କ ଅଫିସ ଘେରାଉ କରିଛନ୍ତି ।

# ଲୋକଙ୍କୁ ମିଳୁନି, ଡ୍ରେନ୍‌ରେ ଛଡ଼ାଯାଉଛି ଓଭର ଫ୍ଲୋ ପାଣି

**ଜୁନାଗଡ,୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଦିନକୁ ଦିନ ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳୁଛି। ସହରବାସୀ ପାଣି ଟୋପେ ପାଇଁ ଘଣ୍ଟା ଘଣ୍ଟା ଧରି ଷ୍ଟାଣ୍ଡପୋଷ୍ଟରେ ଗରା, ବାଲଟି ଧରି ଛିଡା ହେଉଥିଲେ ମଧ ପର୍ଯ୍ୟାପ୍ତ ପାଣି ପାଇପାରୁନାହାନ୍ତି। ଅନ୍ୟପଟେ ଜନସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) ପକ୍ଷରୁ ଲୋକଙ୍କୁ ପାଣି ଯୋଗାଇବା ପରିବର୍ତ୍ତେ ସେହି ପାଣିକୁ ଡ୍ରେନରେ ଛାଡିବା ଘଟଣା ସାଧାରଣରେ ଉଦବେଗ୍ ପ୍ରକାଶ ପାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ ବିଜ୍ଞାପିତ ଅଞ୍ଚଳ(ଏନଏସି)ର ୧୨ଟି ୱାର୍ଡରେ ୫୦୨ଟି ଘରୋଇ ପାଣି ସଂଯୋଗ ଦିଆଯାଇଛି। ସେହିପରି ୨୩୨ଟି ନଳକୂପ ଥିବାବେଳେ ୧୫୫ଟି ଷ୍ଟାଣ୍ଡପୋଷ୍ଟ ରହିଛି। ଜୁନାଗଡ ସହରକୁ ପ୍ରତିଦିନ ୨.୩୬ ମିଲିୟନ ଲିଟର ଜଳ ଯୋଗାଣ ହେଉଥିବାବେଳେ ୨.୩୮ ମିଲିୟନ ଲିଟର ଜଳ ଆବଶ୍ୟକତା ରହିଛି। ଜୁନାଗଡ ଜନ ସ୍ୱାସ୍ଥ୍ୟ ବିଭାଗ (ପିଏଚ୍‌ଡି) କାର୍ଯ୍ୟାଳୟର ୫୦ ମିଟର ଦୂରରେ ପାଣି ଅପେକ୍ଷାରେ ଲୋକେ ଷ୍ଟାଣ୍ଡପୋଷ୍ଟ ଆଗରେ ଗରା, ବାଲଟି ଧରି ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ମଧ୍ୟ ଠିକ ଭାବରେ ପାଣି ପାଇପାରୁନାହାନ୍ତି। ଫଳରେ ସ୍ଥାନୀୟ ଲୋକେ ପାଣି ପାଇଁ ଡହଳବିକଳ ହେଉଥିବାବେଳେ ଅନ୍ୟପଟେ ଜନ ସ୍ୱାସ୍ଥ୍ୟବିଭାଗ ଓଭର ଫ୍ଲୋ କହି ଲକ୍ଷ ଲକ୍ଷ ଲିଟର ପାଣି ଡ୍ରେନକୁ ଛାଡିଦେଉଥିବା ଘଟଣା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଜୁନାଗଡ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ପଟ୍ଟନାୟକଙ୍କୁ ପାଣି ଡ୍ରେନରେ ଛଡାଯିବା କଥା ବିଷୟରେ ପଚାରିବାରୁ ଟାଙ୍କି ଓଭର ଫ୍ଲୋ ହୋଇଥିବାରୁ ଡ୍ରେନରେ ପାଣି ଛଡାଯାଉଛି। ସେଥିରେ କ'ଣ ଅସୁବିଧା ହେଲା ବୋଲି ଓଲଟା ଗଣମାଧମ ପ୍ରତିନିଧିଙ୍କୁ ପ୍ରଶ୍ନ ପଚାରିଥିଲେ। ଅନ୍ୟପକ୍ଷରେ ଜୁନାଗଡ ନିକଟସ୍ଥ ହାତୀ ନଦୀରୁ ୨୬ କି.ମି. ଦୂର ଭବାନୀପାଟଣା ସହରକୁ ପ୍ରତିଦିନ ୧୬ କୋଟି ୧୪ ଲକ୍ଷ ୫୦ହଜାର ଲିଟର ଜଳ ଯୋଗାଣ ହେଉଥିବାବେଳେ ଜୁନାଗଡ ସହରବାସୀ କିନ୍ତୁ ପାଣି ପାଇଁ ଶୋଷିଲା ହେବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ। ଏ ନେଇ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।





ଡ୍ରେନରେ ଛଡାଯାଉଛି ଓଭରଫ୍ଲୋ ପାଣି, ୫୦ମିଟର ଦୂର ଷ୍ଟାଣ୍ଡ ପୋଷ୍ଟ ନିକଟରେ ପାଣି ପାଇଁ ମହିଳାମାନେ ଗରା, ବାଲ୍‌ଟି ରଖିଛନ୍ତି।

**ଜୁନାଗଡ ଜନସ୍ୱାସ୍ଥ୍ୟ ବିଭାଗ**

# ବିଜେଡି କର୍ମୀଙ୍କ ବୈଠକ

**ସୁନ୍ଦରଗଡ଼, ୬।୬ (ଡି.ଏନ୍.ଏ)**

ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି କର୍ମୀଙ୍କ ବୈଠକ ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ବିଜେଡି ପଞ୍ଚମ ଥର ପାଇଁ ସରକାର ଗଠନ କରିଥିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଜିଲାର ରାଉରକେଲାରୁ ଶାରଦା ପ୍ରସାଦ ନାୟକ ଓ ରଘୁନାଥପାଲି ନିର୍ବାଚନ ମଣ୍ଡଳୀରୁ ସୁବ୍ରତ ତରାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ଉଭୟଙ୍କୁ ମଧ୍ୟ ବୈଠକରେ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।

ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ୭୫ହଜାରରୁ ଉର୍ଦ୍ଧ୍ୱ ଭୋଟ ମିଳିଥିବାରୁ ବିଧାୟକ ପ୍ରାର୍ଥୀ ଥିବା ପୂର୍ବତନ ବିଧାୟକ ଯୋଗେଶ ସିଂ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଭାଇଭଉଣୀଙ୍କୁ ତଥା ଜିଲା ପ୍ରଶାସନ ଶୃଙ୍ଖଳିତ ଭାବରେ ନିର୍ବାଚନ ପରିଚାଳନା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ। ସୁନ୍ଦରଗଡର ବିକାଶ ସହ ଜନସାଧାରଣଙ୍କ ସୁଖଦୁଃଖରେ ସେ ସଦାବେଳେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ବୈଠକରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ନଗର କମିଟି ସଭାପତି ଜୟନାରାୟଣ ତ୍ରିପାଠୀ, ବିଜୁ କୃଷକ ଜନତା ଦଳର ଜିଲା ସମ୍ପାଦକ ସୁନୀଲ ମହାପାତ୍ର, ନଗର କମିଟି ଉପସଭାପତି ପ୍ରଦୀପ ବିଶ୍ୱକର୍ମା, ଅଜିତ ଦାସ, ନିର୍ମଳ ବୋଷ, କାର୍ତ୍ତିକ ରକ୍ସା, ଆଶୀଷ ପଶାୟତ, ଶାହାନାଜବାଜ ହୁସେନ୍, ସରୋଜ ପଟ୍ଟନାୟକ, ମାନସ ବେହେରା, ଲୁଇସ କୁଲୁ, ଋତୁରାଜ ପୁରୋହିତ, ଆଡଭୋକେଟ ସ୍ୱରାଜ ପଟେଲ, ଧର୍ମେଶ ପଟେଲ, କିଶୋର ନାଏକ, ପରଭେଜ ଖାନ୍, ସଞ୍ଜୁ ସାହୁ ପ୍ରମୁଖ ବହୁ କର୍ମୀ ସାମିଲ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୭ ଜୁନ, ୨୦୧୯



ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ସୁନାଗହଣା ଚୋରି

**ରିଷିଡା, ୬।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ପୋଲିସ ଫାଣ୍ଡି ଅନ୍ତର୍ଗତ ତେରେସିଂହା ବେଲପଡାର ତରଉରସେନ ନାଗ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ମଙ୍ଗଳବାର ରାତିରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଛି। ଏ ନେଇ ବୁଧବାର ରିଷିଡା ଫାଣ୍ଡିରେ ତରୁଣସେନ ଅଭିଯୋଗ କରିଛନ୍ତି । ଉକ୍ତ ଦିନ ତରୁଣସେନ ଓ ତାଙ୍କ ସ୍ତ୍ରୀ ଘରେ ନ ଥିବା ବେଳେ ତାଙ୍କ ବୃଦ୍ଧ ବାପା ଓ ୨ ଝିଅ ଶୋଇ ପଡିଥିଲେ । ଏହାର ସୁଯୋଗ ନେଇ ଚୋରମାନେ ଘରେ ପଶି ଆଲମିରା ଭାଙ୍ଗି ସେଥିରେ ଥିବା ପ୍ରାୟ ୨ ଲକ୍ଷ ମୂଲ୍ୟର ସୁନା ଗହଣା ଚୋରି କରିଥିଲେ । ରିଷିଡା ଫାଣ୍ଡିରେ ଅଭିଯୋଗ ପରେ ରିଷିଡା ଫାଣ୍ଡି ଅଧିକାରୀ ଲବରାମ ଛତ୍ରିଆ ସନ୍ଧାନୀ କୁକୁର ସହ ତଦନ୍ତ ଆରମ୍ଭ କରିଥିଲେ ମଧ କୌଣସି ସୁରାକ ପାଇ ନ ଥିଲେ । ଏ ନେଇ ମ.ରାମପୁର ଥାନାରେ ଏକ ମାମଲା ରୁଜୁ ହୋଇଛି ।

### ଆଦର ବଢୁଛି ତେଲ ନଦୀର ଚୂନାମାଛ

**ରିଷିଡା, ୬।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ତେଲ ନଦୀ ପ୍ରବାହିତ । ବର୍ଷସାରା ତେଲ ନଦୀରେ ପାଣି ପ୍ରବାହିତ ହେଉଥିବାରୁ ନଦୀରୁ ଚୂନା ମାଛ (ଝୁରି) ବେଶ ଆଦୃତ ହେଉଛି । ଏହି ଚୂନା ମାଛ ସୁସ୍ୱାଦୁ ଥିବା ଯୋଗୁ ଏହାର ଆଦର ସହିତ ଦର ଅଧିକ ଥିଲେ ବି ଗ୍ରାହକ କ୍ରୟ କରୁଛନ୍ତି । ଚୂନା ମାଛ କିଲୋପ୍ରତି ୨୦୦ ଟଙ୍କାରେ ରିଷିଡା ବଜାରରେ ବିକ୍ରି ହେଉଛି । ତେଲ ନଦୀକୂଳସ୍ଥ ବିନ୍ଧାଣୀ, କୁନ୍ଦେଇପାଲି, ପୌରକେଲାର ଲୋକେ ନଦୀର ମାଛ ଧରି ବିକ୍ରି କରିଥାନ୍ତି । ବରଫ ଦିଆ ମାଛ ଶରୀର ପ୍ରତି କ୍ଷତିକାରକ ହେଉଥିବା ବେଳେ ଚୂନାମାଛରେ ଅଧିକ ପରିମାଣରେ କାଲସିୟମ ଥିବା ଯୋଗୁ ସବୁବେଳେ ଚାହିଦା ରହିଛି।

### ବିଶ୍ୱ ପରିବେଶ ଦିବସ ପାଳିତ

**ଭବାନୀପାଟଣା, ୬।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଉକ୍ତ ସ୍କୁଲ ପ୍ରତିଷ୍ଠାତା ତଥା ଅଧକ୍ଷ ଶିବରାମ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସାମାଜିକ କର୍ମୀ ସୁତମ ନାଏକ ଓ ଭୁବନେ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗଛ ବଞ୍ଚିଲେ ଆମେ ବଞ୍ଚିବା ଏବଂ ପ୍ରତେକ ଗଛ ଗୋଟିଏ ଅମ୍ଳଜାନ କାରଖାନା ବୋଲି ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିବା କେସିଙ୍ଗା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ଶିକ୍ଷୟିତ୍ରୀ ମଧୁସ୍ମିତା ଧଙ୍ଗଡା ମାଝି ପ୍ରକାଶ କରିଥିଲେ। ସ୍କୁଲ ଶିକ୍ଷକ ମହେଶ୍ୱର ଗହିର ସଭା ପରିଚାଳନା କରିଥିବା ବେଳେ ଦିଲୀପ ସେନାପତି ଧନ୍ୟବାଦ ଦେଇଥିଲେ। ପରେ ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଗୋଟି ଲେଖାଏଁ ଗଛ ଚାରା ନିଜ ବାଡିରେ ଲଗାଇବା ପାଇଁ ଉପହାର ପ୍ରଦାନ କରାଯାଇଥିଲା।

# ସୁରଟରେ ବନ୍ଧା ପଡ଼ିଛନ୍ତି ୧୩ ଶ୍ରମିକ

## ■ ଉଦ୍ଧାର ପାଇଁ ପରିବାରବର୍ଗ ଶ୍ରମ ବିଭାଗ ଦ୍ୱାରସ୍ଥ

**କୋକସରା, ୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ୍ ଡ଼ାଲଗୁମା ପଞ୍ଚାୟତ ଚିତାମୁଣ୍ଡା ଲଟାପଡ଼ା, ଡ଼ହଗାଁ ପଞ୍ଚାୟତ ନୂଆଗୁଡ଼ା ଓ କଲମପୁର ବ୍ଲକ୍ ନୂଆଗାଁର ମୋଟ ୧୩ ଜଣ ଯୁବକ ସୁରଟର ଏକ ଠିକା କମ୍ପାନୀରେ ବନ୍ଧା ପଡ଼ିଛନ୍ତି। ସେଠାରେ ସେମାନେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ଉଦ୍ଧାର କରିବା ପାଇଁ ପରିବାରବର୍ଗ ବୁଧବାର ଶ୍ରମ ବିଭାଗର ଦ୍ୱାରସ୍ଥ ହୋଇଛନ୍ତି । ସୂଚନା ଅନୁସାରେ ଲଟାପଡ଼ା ଗ୍ରାମର ଜଣେ ଦାଦନ ଦଲାଲ ମହେନ୍ଦ୍ର ରୋତିଙ୍କ ପ୍ରଲୋଭନରେ ପଡ଼ି ଉକ୍ତ ଗ୍ରାମର ୧୩ଜଣ ଶ୍ରମିକ ସୁରଟର ଏକ କମ୍ପାନୀରେ କାମ କରିବାକୁ ଯାଇଥିଲେ। ସେହି ଶ୍ରମିକମାନେ ହେଲେ ମୃତ୍ୟୁଞ୍ଜୟ ରୋତି (୧୭), ଚିତ ରୋତି (୧୭), ଦିଲୀପ ରୋତି (୧୮), ପ୍ରଦୀପ ରୋତି (୧୮), ଚିତାମୁଣ୍ଡା ଗ୍ରାମର ବିରମଣି ଘି (୨୩), ଗୋରୋସ ଘି (୧୯), କୁଞ୍ଜ ଘି (୩୫), ଭୁତେଶ୍ୱର ହଂସ (୨୦), ସୁଶାନ୍ତ ଘି (୧୮), ବିବଚ୍ଛ ଘି (୨୨), ନୂଆଗୁଡ଼ା ଗ୍ରାମର ପୀତାମ୍ବର ନାଗ (୨୩) ଓ ନୂଆଗାଁ ଗ୍ରାମର ସୁରଜ ପଟେଲ(୨୨) ଏବଂ କୃଷ୍ଣ ବନ୍ଦିଛୋଡ଼ (୨୨) । ସେଠାରେ ସେମାନଙ୍କୁ ନିର୍ଯାତନା ଦିଆଯାଉଥିବା ପୀଡ଼ିତ ଶ୍ରକିମଙ୍କ ପରିବାରବର୍ଗ ଅଭିଯୋଗ



ବନ୍ଧକ ପଡ଼ିଥିବା ଶ୍ରମିକଙ୍କ ପରିବାରବର୍ଗ ।

କରିଛନ୍ତି। ଦାଦନ ଦଲାଲ ମହେନ୍ଦ୍ର ରୋତି ନିଜ ଗାଁ ଲଟାପଡ଼ା ଓ ପଡ଼ୋଶୀ ଗାଁ ଚିତାମୁଣ୍ଡାର ନିଜ ସମ୍ପର୍କୀୟ ଯୁବକମାନଙ୍କୁ ଗତ ଏପ୍ରେଲ ୨୦ ତାରିଖରେ ସୁରଟ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ବନ୍ଧକ ପକାଇ ନିଜ ଗାଁକୁ ଚାଲି ଆସିଥିଲେ। ଗତ ମାସ ୧୦ ତାରିଖରେ ଶ୍ରମିକମାନେ ଘରକୁ ଫୋନ କରି ନିର୍ଯାତନା ଦେବା ସହ ଖାଇବାକୁ ଦେଉ ନ ଥିବାରୁ ସେମାନଙ୍କୁ ଫେରାଇ ନେବାକୁ ପରିବାରକୁ କହିଥିଲେ। ଏହା ପରେ ଆଉ ସେମାନଙ୍କ ସହ କୌଣସି ସମ୍ପର୍କ ହୋଇପାରି ନ ଥିବାବେଳେ ପରିବାର ଲୋକେ ମହେନ୍ଦ୍ରଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷ ଜନକ ଉତ୍ତର ଦେଉ ନ ଥିବା ବେଳେ ଆଜିକାଲି କହି ଦିନ ଗଡ଼ାଉଛନ୍ତି । ଶେଷରେ ଗତ ରବିବାର ପୀଡ଼ିତଙ୍କ ପରିବାର ପକ୍ଷରୁ କୋକସରା ଥାନାରେ ଯୁବକମାନେ ନିଖୋଜ ଥିବା ସହ ଦାଦନ ଦଲାଲ ମହେନ୍ଦ୍ର ରୋତିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମାମଲାକୁ ଶ୍ରମ ବିଭାଗକୁ ହସ୍ତାନ୍ତର କରିଛନ୍ତି। ଶ୍ରମ ବିଭାଗ ସୁରଟରେ ଥିବା ଅଧିକାରୀମାନଙ୍କ ସହ ଯୋଗାଯୋଗ କରି ଯୁବକମାନଙ୍କୁ ଫେରାଇ ଆଣିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ନେଇ କଳାହାଣ୍ଡି ଶ୍ରମ ଅଧିକାରୀ ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଅନ୍ୟପଟେ ଧର୍ମଗଡ଼ ବିଧାୟକ ମୌଷଧି ବାଗ ଓ କଳାହାଣ୍ଡି ଜିଲା ହିନ୍ଦ ମଜଦୁର ସଂଘ ସଭାପତି ତିର୍ଥରାଜ ଦୁର୍ଗା ମଧ୍ୟ ଶ୍ରମ ବିଭାଗ ଅଧିକାରୀଙ୍କ ସାଙ୍ଗରେ ଆଲୋଚନା କରି ଶ୍ରମିକମାନଙ୍କୁ ଉଦ୍ଧାର କରି ଘରକୁ ଫେରାଇ ଆଣିବାକୁ ଅନୁରୋଧ କରିଛନ୍ତି ।

### କଳାହାଣ୍ଡି ନାଗରିକର ସମ୍ବର୍ଦ୍ଧନା ସମାରୋହ

# ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସମ୍ମାନିତ

**ଭବାନୀପାଟଣା, ୬।୬ (ଡି.ଏନ.ଏ.)**

ନବୀନ ପଟ୍ଟନାୟକଙ୍କ ସରକାରର ପଞ୍ଚମ ପାଳିରେ ରାଜ୍ୟ ମନ୍ତ୍ରୀମଣ୍ଡଳରେ କଳାହାଣ୍ଡି ଜିଲା ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ସ୍ଥାନ ପାଇଛନ୍ତି । ତାଙ୍କୁ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଏବଂ ଗୃହ ବିଭାଗର ରଷ୍ଟ୍ରମନ୍ତ୍ରୀ ପଦ ମିଳିଛି ।
ଏହି ଉପଲକ୍ଷେ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉ ଥିବାବେଳେ ଏହି କ୍ରମରେ ମଙ୍ଗଳବାର ସନ୍ଧ୍ୟାରେ କଳାହାଣ୍ଡି ଜିଲା ସାମ୍ବାଦିକ ସଂଘ ତରଫରୁ ଭବାନୀପାଟଣା ଇଟିସି କନଫରେନ୍ସ ହଲଠାରେ ମନ୍ତ୍ରୀଙ୍କୁ ମାନପତ୍ର ପ୍ରଦାନ ସହିତ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବରିଷ୍ଠ ଖବରଦାତା ସତ୍ୟନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଅବସରପ୍ରାପ୍ତ ଅଧାପକ ଅଜୟ କୁମାର ମିଶ୍ର, କଳାହାଣ୍ଡି ଜିଲା ଓକିଲ ସଂଘ ସଭାପତି ଭବେନ୍ଦ୍ର ପଣ୍ଡା, ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ର, ଭିଡିଓ ଜର୍ଣ୍ଣାଲିଷ୍ଟ ସଂଘ ସଭାପତି ରଜନୀ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସିଟିଜନ ଫୋରମ୍ ସଦସ୍ୟ ଗୋପବନ୍ଧୁ ବେହେରା, ଜଗଦୀଶ ରାଓ, ଡ. ଲମ୍ବୋଦର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଅଂଶଗ୍ରହଣ କରିବା ସହିତ ମନ୍ତ୍ରୀଙ୍କ କଳାହାଣ୍ଡି ଜିଲା ପ୍ରତି ଅବଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଦସ୍ୟ ହରଜିନ୍ଦର ସିଂ, ଭବାନୀଶଙ୍କର ନିଆଲ ପ୍ରମୁଖ କଳାହାଣ୍ଡି ଜିଲାର ସମସ୍ୟ ପ୍ରତି ଦୃଷ୍ଟିଦେବା ନିମନ୍ତେ ଅନୁରୋଧ କରିଥିଲେ।



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।



ବିଧାୟକ ବିଭିନ୍ନ ଗାଁ ପରିଦର୍ଶନ ବେଳେ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# ବିଧାୟକଙ୍କ ବିଭିନ୍ନ ଗାଁ ପରିଦର୍ଶନ

**କୋକସରା,୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନମଣ୍ଡଳୀର ନବନିର୍ବାଚିତ ବିଧାୟକ ମୌଷଧି ବାଗ ବିଭିନ୍ନ ଗ୍ରାମ ପରିଦର୍ଶନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ବୁଧବାର କୋକସରା ବ୍ଲକ୍ ଅନ୍ତର୍ଗତ ଲଟାପଡ଼ା, ଚିତାମୁଣ୍ଡା, ଡ଼ାଲଗୁମା, ଛିଲିପାମାଲ, ସାରସମାଲ, ଡ଼ହଗାଁ, ସର୍ଗୀଗୁଡ଼ା ଗାଁ ଗୁଡ଼ିକୁ ବୁଲି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ବର୍ତ୍ତମାନ ଖରାଦିନ ଗାଁଗୁଡ଼ିକରେ ପାନୀୟ ଜଳ ନେଇ ସମସ୍ୟା ଦେଖାଦେଇଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଅପାରଗତା ଯୋଗୁ ଜଳକଷ୍ଟ ଏବେ ମୁଖ୍ୟ ସମସ୍ୟା ପାଲଟିଥିବା ଓ ପାନୀୟ ଜଳ ପାଇଁ ବିଭାଗୀୟ ଅଧିକାରୀଙ୍କ ସହ କଥାବାର୍ତ୍ତା ହୋଇ ପାନୀୟ ଜଳର ଅସୁବିଧା ଦୂର କରିବା ପାଇଁ ପ୍ରାଥମିକତା ନିଆଯିବ ବୋଲି ବିଧାୟକ କହିଥିଲେ। ଏହି ଗସ୍ତ ଅବସରରେ ବିଧାୟକଙ୍କ ସହ ସୁଶାନ୍ତ ବେହେରା, ପଙ୍କଜ ପୋଡ଼, ପ୍ରମୋଦ ପ୍ରଧାନୀ, ପ୍ରଦୀପ ବାଗ, ବିଜୟ ପଣ୍ଡା, ଡ଼ାଲଗୁମା ସମିତି ସଭ୍ୟ ଭୁବନେଶ୍ୱର ମାଝି, ସରପଞ୍ଚ ଯଦୁମଣି ହଂସ, ମନିଜର ପୋଡ଼, ଅଜୟ ସାହୁ ରମେଶ ଦୁର୍ଗା ପ୍ରମୁଖ ସାମିଲ ହୋଇଥିଲେ।

### ପୋତି ହେଲାଣି ଜଳ ନିଷ୍କାସନ ନାଳ

**ଭବାନୀପାଟଣା, ୬।୬ (ଡି.ଏନ.ଏ.)**

ଆଗକୁ ଆସୁଛି ବର୍ଷା ଋତୁ। କିନ୍ତୁ ଦିନ ଦିନ ଧରି କଲମପୁରଠାରେ ରାସ୍ତା ଓ କୋଠା ବାଡି ନିର୍ମାଣ ବିଭାଗ ତରଫରୁ ନିର୍ମିତ ମଇଳା ପାଣି ନିଷ୍କାସିତ ନାଳ ସଫା ହେଉ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଇଛି । ଏହି ନାଳସବୁ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲେ ମଧ୍ୟ ସଫେଇ ଦାୟିତ୍ୱ ପଞ୍ଚାୟତ ଅଧୀନରେ ରହିଛି। ପଲିଥିନ ସହିତ ଅନ୍ୟାନ୍ୟ ମଇଳା ସବୁ ଡ୍ରେନ ଭିତରେ ଫିଙ୍ଗି ଦେଉଥିବାରୁ ନାଳ ପୋତି ହେବାରେ ଲାଗିଛି। ଏପରିକି ଅଳ୍ପ ବର୍ଷାରେ ନାଳର ପାଣି ଜାମ ହେଇ ତ୍ରିଦେବ ଛକ ପଡାର କିଛି ଘରକୁ ମଇଳା ପାଣି ପଶିଯାଉଥିବା ନେଇ ବିଡିଓ ହେମସାଗର ଭୋଇଙ୍କ ନିକଟରେ ଅଭିଯୋଗ କରିଥିଲେ। ନାଳ ସଫେଇ ନେଇ ଅଭିଯୋଗ ହେଇଥିଲେ ମଧ୍ୟ ସଫେଇ ଦାୟିତ୍ୱରେ ଥିବା ପଞ୍ଚାୟତ ତରଫରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକଙ୍କ ସମସ୍ୟା ସୃଷ୍ଟି ହେଇଛି। ଆଗାମୀ ଦିନରେ ଏକ ସଭା କରାଯାଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଓ ତୁରନ୍ତ ନାଳ କିଭଳି ସଫେଇ କରାଯିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ବିଡିଓ ଭୋଇ ସୂଚନା ଦେଇଛନ୍ତି।

# ରାଜପଥ ନିର୍ମାଣ ନାଁରେ ଚାଲିଛି ବ୍ୟାପକ ଗଛକଟା

**ଭବାନୀପାଟଣା,୬।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ରାସ୍ତା ପ୍ରଶସ୍ତି କରଣ ନାମରେ ହଜାର ହଜାର ବହୁ ପୁରୁଣା ଗଛସବୁ କାଟି ଦିଆଯାଉଥିବା ବେଳେ ସେହି ସ୍ଥାନରେ ଏଯାଏଁ ବୃକ୍ଷ ରୋପଣ କରାଯାଇ ନାହିଁ । ଏଥି ଯୋଗୁ ତାପମାତ୍ରା ବୃଦ୍ଧି ପାଉଛି। ଅନ୍ୟପକ୍ଷେ ନୂତନ ଜଙ୍ଗଲ ସୃଷ୍ଟି ସମ୍ଭାବନା ଜିଲାରେ ଧିମେଇ ଯାଇଥିବାରୁ ସବୁଜବନାନୀରେ ଭରା କଳାହାଣ୍ଡି ଜିଲା ଏବେ ଉଜୁଡିବା ଆଶଙ୍କା ଦେଖାଦେଉଛି । ନୂତନ ରାଜପଥ, ଜାତୀୟ ରାଜପଥ ନିର୍ମାଣ ନାମରେ ବ୍ୟାପକ ଗଛକଟା ଚାଲିଛି । ସେହିପରି ରେଳଲାଇନ୍, ଜାତୀୟ ରାଜପଥ ଓ ଖଣି ନିଗମ କାର୍ଯ୍ୟରେ ବହୁ ଗଛ କଟାଯାଇଛି। ତାହାର କ୍ଷତି ପୂରଣ ନିୟମ ଥିଲେ ହେଁ ତାହା ଠିକ ଭାବେ କାର୍ଯ୍ୟକାରୀ ହୋଇ ନ ଥିବା ଅଭିଯୋଗ ହେଉଛି ।
ବ ର ଗ ଡ - ବୋ ରି ଗୁ ମା (କଳାହାଣ୍ଡିର ଅମାଠରୁ ଆମପାଣି) ୨୬ ନଂ. ଜାତୀୟ ରାଜପଥ ଭବାନୀପାଟଣାରୁ ଖରିଆର ଖୁବଶୀଘ୍ର ୪ ଥାକିଆ ହେବାକୁ ଯାଉଛି। ଏହି ରାସ୍ତା ପ୍ରଶସ୍ତିକରଣ ହେଲେ ଗଛଗୁଡ଼ିକି ନଷ୍ଟ ହୋଇଯିବ ବୋଲି ଅଭିଯୋଗ ହେଉଛି। ଗଛ ଲଗାଇବା ପୂର୍ବରୁ ବନ ବିଭାଗ ଅଧିକାରୀ ଓ ପ୍ରଶାସନର ଦୂରଦୃଷ୍ଟି ରହିବା ଦରକାର ଥିଲା ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠୁଛି । ରାସ୍ତା ପ୍ରଶସ୍ତିକରଣ ବେଳେ ରାସ୍ତା କଡ଼ରେ ବଡ ଗଛ କଟା ଯିବା ପରେ ନୂତନ ବନୀକରଣ ହୋଇନି । ଜଙ୍ଗଲ ପୋଡିରେ ମୂଲ୍ୟବାନ ବୃକ୍ଷଲତା ଓ ଔଷଧୀୟ ଗଛ ନଷ୍ଟ ହୋଇଛି । ଜଙ୍ଗଲ ବିଭାଗ ପକ୍ଷରୁ ପୂର୍ବରୁ ସଚେତନତା, ସତର୍କତା କରା ନ ଯିବା ଯୋଗୁ ଏଭଳି ହୋଇଥିବା କୁହାଯାଇଛି। ନର୍ସରୀରେ ଚାରା ଉତ୍ପାଦନ କରି ରୋପଣ କରାଯାଉଛି। ଚାରାଗୁଡିକ ଉକ୍ତ ସ୍ଥାନରେ ଠିକ୍ ଭାବେ ବଢୁ ନ ଥିବା ଓ ନଷ୍ଟ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯେଉଁ ଜାଗାରେ ଗଛ ଲଗାଇବା କଥା ସେହି ଜାଗାରେ ଲଗାଯାଇନାହିଁ। ବନ ବିଭାଗ ପକ୍ଷରୁ ମାଗଣାରେ ବିଭିନ୍ନ ସଂସ୍ଥାକୁ ଚାରା ଯୋଗାଇ ଦିଆଯାଉଥିଲେ ହେଁ ତାହାର ଠିକ୍ ଭାବରେ ଯତ୍ନ ନ ନେବାରୁ ସେଗୁଡିକ ନଷ୍ଟ ହୋଇଯାଉଥିବା ପ୍ରକାଶ। ନୂତନ ବନୀକରଣ ପାଇଁ ସଚେତନତା କରାଗଲେ କଳାହାଣ୍ଡି ଜିଲାର ସୌନ୍ଦର୍ଯ୍ୟ ଅଗାମୀ ଦିନରେ ବୃଦ୍ଧି ପାଇବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ନେଇ ଜଙ୍ଗଲ ବିଭାଗ ସଉଥ୍ ଡିଏଫ୍ଓ ଟି.ଅଶୋକ କୁମାର ଓ ନର୍ଥ ଡିଏଫ୍ଓ ନିତେଶ କୁମାରଙ୍କୁ ପଚାରିବାରୁ କଳାହାଣ୍ଡିସ୍ଥିତ ସେଣ୍ଟ୍ରାଲ ନର୍ସରୀରେ ବ୍ୟାପକ ଚାରା ସୃଷ୍ଟି କରାଯାଇଥିଲା। ଉକ୍ତ ଚାରାଗୁଡିକୁ ବିଭିନ୍ନ ସ୍ଥାନରେ ରୋପଣ କରାଯିବା ସହ ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ମାଗଣାରେ ବଣ୍ଟନ କରାଯାଇଥିଲା। ବହୁ ଚାରା ଗଛ ଏବେ ବଡ ହେଲାଣି।



ରାସ୍ତା ନିର୍ମାଣ ପାଇଁ ଗଛସବୁ କଟାଯାଉଛି।





ମେଗା କୃଷକ ସମ୍ପର୍କ ମେଳା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ମେଗା କୃଷକ ସମ୍ପର୍କ ମେଳା

**ଭବାନୀପାଟଣା, ୬।୬ (ଡି.ଏନ.ଏ.)**

ଭାରତୀୟ ରିଜର୍ଭ ବ୍ୟାଙ୍କ ଭୁବନେଶ୍ୱର ସହଯୋଗରେ କଳାହାଣ୍ଡି ଜିଲା ହାବସପୁର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆନୁକୂଲ୍ୟରେ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଏକ ମେଗା କୃଷକ ସମ୍ପର୍କ ମେଳା ବୁଧବାର ଆୟୋଜିତ ହେଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରିଜର୍ଭ ବ୍ୟାଙ୍କ ଡି.ଜି.ଏମ ପ୍ରିୟରଞ୍ଜନ, ଭାରତୀୟ ରିଜର୍ଭ ବ୍ୟାଙ୍କର ଉପ ମହାପ୍ରବନ୍ଧକ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କର ଜି.ଏମ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ କୃଷକ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ଓ ତା'ର ଉପଯୋଗ ସମ୍ବନ୍ଧରେ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ବ୍ୟାଙ୍କ ସମୂହରୁ ନେଇଥିବା ଋଣ ଟଙ୍କା କିଭଳି ସଦ୍‌ବିନିଯୋଗ କରାଯାଇ ପାରିବ ଓ ତା'ର ଦ୍ୱାରା କିଭଳି ଲୋକେ ଉପକୃତ ହେବା ସହ ନିଜ ଆର୍ଥିକ ବିକାଶ କରାଇ ପାରିବେ ସେ ନେଇ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହା ଦ୍ୱାରା ବ୍ୟକ୍ତିର ଆର୍ଥିକ ବିକାଶ ସହିତ ବ୍ୟାଙ୍କ ସମୂହ ମଧ୍ୟ ଲାଭାନ୍ୱିତ ହେଇ ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଚିଚେଇଗୁଡା ବିଶ୍ୱ କର୍ମା ହ୍ୟାଣ୍ଡଲୁମ ୱେଭ ଗ୍ରୁପ, ଅନ୍ତର୍ଲାର ମା' ସମଲେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ତମ୍ଭାଛଡା ମା' ଗାୟତ୍ରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ବୀରାମାଲର ଶ୍ରୀ ଲକ୍ଷ୍ମୀ ମହିଳା ସ୍ୱୟଂମ ସହାୟିକା ଗୋଷ୍ଠୀ, ଧର୍ମଗଡ ମୁରଲୀ ମହାରଣା ଉଡକ୍ରାପ୍ଟ ୟୁନିଟ ଓ ହାବସପୁର ରାଧା କ୍ରିଷ୍ଣା ମହିଳା ସ୍ୱାଙ୍ଗ ସହାୟିକା ଗୋଷ୍ଠୀର ଶତାଧିକ ସଭ୍ୟା ଓ ଚାଷୀମାନେ ଉପସ୍ଥିତ ଥିଲେ। ମଦନ ନାଏକ, ଭବାନୀ ମେହେର, ଯୁଗଳ ଗୋପାଳ, ସନ୍ତୋଷ ହଂସ, ସଞ୍ଜୀବ ମେହେର, ଦିନେଶ ଲହଜଲ ଓ ଲକ୍ଷ୍ମୀ ଲହଜଲ ପ୍ରମୁଖ ଯୁବକ ଏହି ମେଳା ଆୟୋଜନରେ ସହଯୋଗ କରିଥିଲେ । ହାବସପୁର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ବୁଲୁ ଦୋରା ଧନ୍ୟବାଦ ଦେଇଥିଲେ।

# ୧୪ ଦଫା ଦାବିରେ ବିଶାଳ ସମାବେଶ

## ■ କାର୍ଯ୍ୟ ପାଇଁ ଆବେଦନ କଲେ ୪ ଶହ ଶ୍ରମିକ

**କର୍ଲାମୁଣ୍ଡା, ୬।୬ (ଡି.ଏନ.ଏ.)**

ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ଓଡିଶା ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ୱାର୍କର କଳାହାଣ୍ଡି ଶାଖା ଓ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ୧୪ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କର୍ଲାମୁଣ୍ଡା ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଶତାଧିକ ଶ୍ରମିକ କର୍ଲାମୁଣ୍ଡା ସଦର ନିକଟସ୍ଥ ଚିନାବାଡି ଅଡଚାଟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଏକ ସଭା କରି ଶ୍ରମିକମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବା ଉପରେ ରାଜ୍ୟ ସମ୍ପାଦକ ବିରଞ୍ଚି ବିଶ୍ୱାଳ, ଜିଲା ସଭାପତି ଚୈତନ୍ୟ ସାହୁ, କୃଷକ କଲ୍ୟାଣ ମଞ୍ଚ ସଭାପତି ନରୋତ୍ତମ ସେଲମା, ବ୍ଲକ ଜାଗରଣ ମଞ୍ଚ ସଭାପତି ପ୍ରଦୀପ କୁମାର ସାହୁ, ଜିଲା ଭିନ୍ନକ୍ଷମ ସଭାପତି ସୁରେଶ ଚୌଧୁରୀ ଆଲୋକପାତ କରି କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଗାଁରୁ ଆସିଥିବା ୪ ଶହ ଶ୍ରମିକ କାର୍ଯ୍ୟ ପାଇଁ ଆବେଦନ କରିଥିଲେ। ଦାବିଗୁଡିକ ମଧ୍ୟରେ ଶ୍ରମିକମାନଙ୍କୁ ବର୍ଷ ତମାମ କାମ ଯୋଗାଇ ଦିଆଯିବା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରୁଥିବା ଶ୍ରମିକମାନଙ୍କୁ ସପ୍ତାହ ଭିତରେ ମଜୁରୀ ପ୍ରଦାନକୁ ନିଶ୍ଚିତ କରାଯିବା, ଭିନ୍ନକ୍ଷମ ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯିବା, ପ୍ରାକୃତିକ ସମ୍ବଳ ବିନିଯୋଗ ମାମରେ ପ୍ରକଳ୍ପ ମଞ୍ଜୁରୀ କରାଯାଇ, ଶ୍ରମିକମାନଙ୍କୁ କାମ ଯୋଗାଇ ଦିଆଯିବା, ଏମ୍‌ଜିଏନ୍‌ଆରଇଜିଏସ୍‌ରେ କୁଟୀର ଶିଳ୍ପ ସୃଷ୍ଟି କରାଯିବା, ଦାଦନ ଶ୍ରମିକ ଚିହ୍ନଟ ଓ ପଞ୍ଚାୟତସ୍ତରରେ ପଞ୍ଜୀକୃତ ବ୍ୟବସ୍ଥା କରାଯିବା, ପଞ୍ଜୀକୃତ ଶ୍ରମିକଙ୍କ ଝିଅ ବିବାହ ପାଇଁ ୧ ଲକ୍ଷ ଟଙ୍କା ସହାୟତା ଦିଆଯିବା, ମାଟିଘର ଥିବା ଶ୍ରମିକମାନଙ୍କୁ ପକ୍କାଘର ଦିଆଯିବା, ଭୂମିହୀନ ଶ୍ରମିକମାନଙ୍କୁ ଘରଡିହ ଯୋଗାଇ ଦିଆଯିବା, ତାଲିମ ନେଇଥିବା ନିର୍ମାଣ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବା ପ୍ରମୁଖ ଦାବି ଗୁଡିକ ରହିଥିଲା। କାର୍ଯ୍ୟକ୍ରମ ଆୟୋଜନରେ ବିଦ୍ୟାଧର ସାହୁ, ହେମନ୍ତ ସାହୁ, ଗୁରେଖ ସାହୁ, ଦେବରାଜ ଚୌଧୁରୀ, ଭକ୍ତ ସାହୁ, ବିନୋଦ ସାହୁ, ହିରାମଣି ସାହୁ, ଜିବରଧନ ସାହୁ ପ୍ରମୁଖ ସହଯୋଗ କରିଥିଲେ।



ଦାବିପତ୍ର ପ୍ରଦାନ ପାଇଁ ଶ୍ରମିକମାନେ ବ୍ଲକ କାର୍ଯ୍ୟାଳୟକୁ ଶୋଭାଯାତ୍ରାରେ ଯାଉଛନ୍ତି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ଜୁନ୍ ୭/୨୦୧୯



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମିକୀ

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ସୋମନାଥ ବାବାଙ୍କ ବରାତି, ବାଲିବନ୍ଧା, ରାତି ସାଢ଼େ ୮ଟା।
- ବାଲୁଙ୍କେଶ୍ୱର ବାବାଙ୍କ ବରାତି, ନନ୍ଦପଡା, ରାତି ୯ଟା।
- ଲୋକନାଥ ବାବାଙ୍କ ବରାତି, ଝାଡୁଆପଡା, ରାତି ସାଢ଼େ ୧୧ଟା।
- ଜାଗେଶ୍ୱର ବାବାଙ୍କ ବରାତି, ମୁଦିପଡା, ସାଢ଼େ ୧୧ଟା।
- ଶୀତଲେଶ୍ୱର ବାବାଙ୍କ ବରାତି, ରିଂ ରୋଡ ସ୍ଥିତ ମନ୍ଦିର ସମ୍ମୁଖ, ରାତି ୭ଟା।
- ଗୁପ୍ତେଶ୍ୱର ବାବାଙ୍କ ବରାତି, ଠାକୁର ପଡା, ରାତି ୯ଟା।
- ବୁଢ଼ାରଜା ମହାଦେବଙ୍କ ବରାତି, ବୁଢ଼ାରଜା, ରାତି ୮ଟା।

**ବୌଦ୍ଧ**

- ଶୀତଳ ଷଷ୍ଠୀ ଉତ୍ସବ, ମାତେଙ୍ଗେଶ୍ୱର ମନ୍ଦିର ଓ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ସନ୍ଧ୍ୟା ୬ଟା

**ପୁରୁଣାକଟକ**

- ଶିବ ବିବାହ ଉତ୍ସବ, ତିଳେଶ୍ୱର ଜଗନ୍ନାଥ ମନ୍ଦିର, ବୁରୁବୁଡା, ପୂର୍ବାହ୍ନ ୧୨.୩୦ରୁ ୨.୩୦ମଧ୍ୟେ।

**ବରପାଲି**

- ପାର୍ବତୀ ମଣ୍ଡପରେ ବିବାହ ଓ ହସ୍ତବନ୍ଧନ, ବରପାଲି କୁଷ୍ଠାପଡା, ଦିନ ସାଢେ ୧୨ଟା

**ବଲାଙ୍ଗୀର**

- ଜିଲାସ୍ତରୀୟ ଆମ୍ବ ମହୋତ୍ସବ ଉଦ୍‌ଘାଟନୀ, କୋଶଳ କଳାମଣ୍ଡଳ, ପୂର୍ବାହ୍ନ ୧୧ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।




# ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା, କମୁଛି ତାତି

## ଉପକୂଳ ସମେତ ୮ ଜିଲାକୁ ସତର୍କ ସୂଚନା

ଭୁବନେଶ୍ୱର, ୬।୬(ବ୍ୟୁରୋ)

ରାଜ୍ୟରେ ଗତ କିଛି ଦିନ ହେବ ପ୍ରାକ୍ ମୌସୁମୀ ବର୍ଷା ଜାରି ରହିଛି। ଏଥିଯୋଗୁ ତାପମାତ୍ରାରେ ମଧ୍ୟ ହ୍ରାସ ଘଟିଛି। ତାତି ଓ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଝାରସୁଗୁଡା, ସମ୍ବଲପୁର, ହୀରାକୁଦ ଏବଂ ସୋନପୁରରେ ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଉପରେ ରହିଥିବା ବେଳେ ରାଜ୍ୟର ଅନ୍ୟ ଭାଗରେ ୪୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗମନରେ ବିଳମ୍ବ ଦେଖାଦେଇଛି। ଚଳିତ ବର୍ଷ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ମଧ୍ୟ କମିଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକ ୧୩୫ ମିଲିମିଟର ବର୍ଷା ହେବା କଥା । ଏ ପର୍ଯ୍ୟନ୍ତ ମାତ୍ର ୧୦୧ ମିଲିମିଟର ପ୍ରାକ୍ ମୌସୁମୀ ବୃଷ୍ଟିପାତ ହୋଇଥିବା ରେକର୍ଡ କରାଯାଇଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ମେଘୁଆ ରହିବା ସହିତ କେତେକ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉପକୂଳବର୍ତ୍ତୀ ଜିଲା ସମେତ ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, କଳାହାଣ୍ଡି ଏବଂ ସୁନ୍ଦରଗଡ ଆଦି ଜିଲାର କେତେକ ସ୍ଥାନରେ ବଜ୍ରପାତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ କରିଛି। ଗତ ୪୮ ଘଣ୍ଟା ମଧ୍ୟରେ ପୁରୀରେ ୪୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୨୦, ବାରିପଦା ୫.୬, ଅନୁଗୋଳ ୩, ବାଲେଶ୍ୱର ୫.୪, ଚାନ୍ଦବାଲି ୩.୨, ପାରାଦୀପ ୯.୭ ଏବଂ ଭୁବନେଶ୍ୱରରେ ୮.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ୯୩୩୬ କୋଟି ଟଙ୍କା କ୍ଷତି ଆକଳନ

ଭୁବନେଶ୍ୱର,୬।୬(ବ୍ୟୁରୋ)

**'ଫନୀ'ର ଚୂଡ଼ାନ୍ତ ରିପୋର୍ଟ**

- ୬୬୪୩ କୋଟି ସାଧାରଣ ସମ୍ପତ୍ତି ବରବାଦ
- ଏନ୍‌ଡିଆରଏଫରୁ ରାଜ୍ୟ ସରକାର ମାଗିବେ ୫୨୨୭.୬୮ କୋଟି
- ୧୪ ଜିଲାର ୧.୬ କୋଟି ଲୋକ ପ୍ରଭାବିତ
- ୨୦ ହଜାର ଗ୍ରାମର ୫.୫୬ ଲକ୍ଷ ଘର ସମ୍ପୂର୍ଣ୍ଣ ନଷ୍ଟ
- ୬୪ ଜଣଙ୍କ ଜୀବନ ହାନି

ବାତ୍ୟା ଫନୀକୁ ମାସେ ପୂରିବା ପରେ ରାଜ୍ୟ ସରକାର କ୍ଷୟକ୍ଷତି ନେଇ ଗୁରୁବାର ଚୂଡ଼ାନ୍ତ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ବାତ୍ୟା ଯୋଗୁ ରାଜ୍ୟର ୧୪ଟି ଜିଲାର ୨୦,୩୬୭ ଗ୍ରାମ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ୧ କୋଟି ୬ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ବେଳେ ୧.୮୮ ଲକ୍ଷ ହେକ୍ଟର ଚାଷ ଜମି ଉଜୁଡି ଯାଇଛି। ବାତ୍ୟା ମାଡରେ ୫,୫୬,୭୬୧ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ୬୪ ଜଣ ଲୋକଙ୍କର ଜୀବନ ଯାଇଛି । ୧୨ ଜଣ ଗଭୀର ଭାବେ ଆହତ ହୋଇଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଛି। ୨୬୫୯ ବଡ ପ୍ରାଣୀ, ୩୬୩୧ କ୍ଷୁଦ୍ର ପ୍ରାଣୀ ଏବଂ ୫୩,୨୬,୯୦୫ କୁକୁଡା, ବତକ ଆଦି ପକ୍ଷୀଙ୍କର ମୃତ୍ୟୁ ହୋଇଛି।

ଏହି ବାତ୍ୟାରେ ୬୬୪୩.୬୩ କୋଟି ଟଙ୍କାର ସର୍ବସାଧାରଣ ସମ୍ପତ୍ତି ନଷ୍ଟ ହୋଇଛି। ରିଲିଫ ଓ ପୁନରୁଦ୍ଧାର ପାଇଁ ୨୬୯୨.୬୩ କୋଟି ଟଙ୍କାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ କୁହାଯାଇଛି। ଏ ଦୁଇଟିକୁ ମିଶାଇଲେ ୯୩୩୬ କୋଟି ଟଙ୍କାର କ୍ଷତି ହୋଇ ଥିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆରଏଫ)/ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆରଏଫ୍) ନିୟମ ଅନୁଯାୟୀ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୫୨୨୭.୬୮ କୋଟି ଟଙ୍କାର ସହାୟତା ନିଆଯାଇ ପାରିବ । ଏଥିପାଇଁ ଏନ୍‌ଡିଆରଏଫରୁ ରାଜ୍ୟରେ ଚାଲିଥିବା ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ୫୨୨୭.୬୮ କୋଟି ଟଙ୍କା ସହାୟତା କେନ୍ଦ୍ର ସରକାରଙ୍କୁ ମାଗିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୧୩୫୭.୧୪ କୋଟି ଟଙ୍କା ବ୍ୟୟ କରିଥିବା ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ କହିଛନ୍ତି। ଖୁବଶୀଘ୍ର କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ଗତ ମେ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ରାଜ୍ୟରେ ବ୍ୟାପକ କ୍ଷୟକ୍ଷତି ଘଟାଇଥିଲା। ରାଜ୍ୟ ସରକାର ମେ ୧୨ରୁ ୧୫ ତାରିଖ ମଧ୍ୟରେ ବାତ୍ୟା ଅଞ୍ଚଳ ପରିଦର୍ଶନ କରିବାକୁ ଆସିଥିବା କେନ୍ଦ୍ରୀୟ ଟିମ୍‌କୁ ଏକ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟରେ ବାତ୍ୟା ଫନୀ ଯୋଗୁ ୧୪ଟି ଜିଲାର ୧୮,୩୮୮ ଗ୍ରାମର ୧.୫ କୋଟି ଲୋକ ପ୍ରଭାବିତ ହୋଇଥିବା ବେଳେ ୫ ଲକ୍ଷ ଘର ନଷ୍ଟ ହୋଇଥିବା ଦର୍ଶାଇଥିଲେ। ସେହିପରି ୬୪ ଜଣ ଲୋକଙ୍କର ଜୀବନ ଯାଇଥିବା ବେଳେ ୧୨000 କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରୀୟ ଟିମ୍‌କୁ ଜଣାଇଥିଲେ।

# ଶୃଙ୍ଖଳିତ ରଥଟଣା ଉପରେ ଗୁରୁତ୍ୱ

ପୁରୀ ଅଫିସ, ୬।୬

ଆସନ୍ତା ୧୭ତାରିଖରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଏବଂ ଜୁଲାଇ ୪ରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏ ନେଇ ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟରେ ପୋଲିସ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନ ଶୃଙ୍ଖଳା, ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ଭିଡ଼ ନିୟନ୍ତ୍ରଣ ଆଦି ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା ହୋଇଛି। ରଥଯାତ୍ରାରେ ୧୫୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ୩ ୟୁନିଟ୍ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍, ୨କମ୍ପାନୀ ଲେଖାଏ ରାପିଡ୍ ଆକ୍ସନ ଫୋର୍ସ, ସୁଇଫ୍ଟ ଆକ୍ସନ ଫୋର୍ସ ମୁତୟନ ରହିବେ। ସେହିଭଳି ତଟ ସୁରକ୍ଷା ଓ ରେଳପଥ ସୁରକ୍ଷା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ଚଳିତ ରଥଯାତ୍ରାରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତାହାକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ରଥଟଣା ଓ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।

# ଗୁଳିମାଡ଼ରେ ବ୍ୟବସାୟୀ ଗୁରୁତର

ଚିକିଟି,୬।୬(ଡି.ଏନ.ଏ.)

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ବୀରସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଜଣେ ବ୍ୟବସାୟୀଙ୍କୁ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଗୁଳିମାଡ଼ ହୋଇଛି। ସେ ହେଲେ ସୁବାସ ଚନ୍ଦ୍ର ପଣ୍ଡା। ତାଙ୍କ ମୁହଁରେ ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସନ୍ଦେହରେ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

ପ୍ରକାଶ ଯେ, ସୁବାସ ବ୍ରାହ୍ମଣମାନଙ୍କଠାରୁ ଚାଉଳ ଓ ଲୁଗା କିଣି ବ୍ୟବସାୟ କରନ୍ତି। ତାଙ୍କର କାହା ସହିତ ଶତ୍ରୁତା ନ ଥିଲା। ଗୁରୁବାର ସନ୍ଧ୍ୟାରେ ସେ ଗାଁ ଛକକୁ ଆସି ଠିଆ ହୋଇଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ଏକ ବାଇକରେ ଆସି ହଠାତ ତାଙ୍କ ଉପରକୁ ଗୁଳିମାଡ଼ କରି ପଳାଇଥିଲେ। ଗୁଳି ସୁବାସଙ୍କ ମୁହଁରେ ବାଜିବାରୁ ସେ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଖବରପାଇ କେ.ନୂଆଗାଁ ଥାନା ଅଧିକାରୀ ମାଧବାନନ୍ଦ ନାୟକ, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଗୁଳିମାଡର ପ୍ରକୃତ କାରଣ ଜଣାପଡିନି। ଏହା ପଛରେ ବ୍ୟବସାୟିକ ଶତ୍ରୁତା ଥିବା ଅନୁମାନ କରାଯାଇଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ଏସ୍‌ଡିପିଓ କହିଛନ୍ତି ।

**ଲୋକ ସଭା ଉପବାଚସ୍ପତି ପଦ**

# ବିଜେଡି ନାଁ ଚର୍ଚ୍ଚାକୁ ଶିବସେନାର ବିରୋଧ

ଭୁବନେଶ୍ୱର,୬।୬(ବ୍ୟୁରୋ)

ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏକୁ ବିପୁଳ ସଫଳତା ମିଳିବା ପରେ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱିତୀୟ ପାଳି ସରକାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶପଥପାଠ ପରେ ଭାଜପା ସମେତ ସହଯୋଗୀ ଦଳଗୁଡିକର ନେତାଙ୍କୁ ବିଭିନ୍ନ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ସପ୍ତଦଶ ଲୋକ ସଭାର ଗୃହ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା ପାଇଁ ଆଗକୁ ବାଚସ୍ପତି ଓ ଉପବାଚସ୍ପତିଙ୍କୁ ବଛାଯିବ। ଏହି ଦୁଇ ମର୍ଯ୍ୟାଦାଜନକ ପଦରେ କେଉଁ ଦଳର ନେତା ଉପସ୍ଥାପିତ ହେବେ, ତାକୁ ନେଇ ଆରମ୍ଭ ହୋଇଯାଇଛି ଅଙ୍କକଷା। ଏହି ପରିପ୍ରେକ୍ଷୀରେ ନିମ୍ନ ସଦନରେ ବିଜେଡି ସଦସ୍ୟ ଭର୍ତ୍ତୃହରି ମହତାବଙ୍କ ନାମ ଉପବାଚସ୍ପତି ପଦ ପାଇଁ ଚର୍ଚ୍ଚା ଜୋର ଧରିଥିବା ବେଳେ ଆପତ୍ତି ଉଠାଇଛି ଏନ୍‌ଡିଏ ସହଯୋଗୀ ଶିବସେନା।

ସଂଖ୍ୟାବଳକୁ ଦେଖିଲେ ବାଚସ୍ପତି ପଦ ସରକାରୀ ଦଳ ପାଖରେ ରହିବା ନିଶ୍ଚିତ। ବର୍ତ୍ତମାନ ଏପରି ସ୍ଥିତି ରହିଛି ଯେ, ଭାଜପା ଚାହିଁଲେ ଉପବାଚସ୍ପତି ପଦ ରଖିପାରିବ। ହେଲେ ଉପବାଚସ୍ପତି ପଦ ବିରୋଧୀ ଦଳକୁ ଦିଆଯିବାର ନଜିର ରହିଛି। ତେଣୁ କିଛି ଦିନ ହେବ ଉପବାଚସ୍ପତି ପଦ ନେଇ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ନାଁ ଚର୍ଚ୍ଚାକୁ ଆସିଛି। ହେଲେ ବିଜେଡି ପକ୍ଷରୁ ଭର୍ତ୍ତୃହରିଙ୍କ ନାଁ ନେଇ କୌଣସି ନିଷ୍ପତ୍ତି ନିଆଯିବା ଦୂରର କଥା, କୌଣସି ପ୍ରତିକ୍ରିୟା ମଧ୍ୟ ପ୍ରକାଶ କରାଯାଇନାହିଁ। ଏ ସମ୍ପର୍କିତ ସମସ୍ତ ନିଷ୍ପତ୍ତି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନେବେ ବୋଲି କହି ଅନ୍ୟ ନେତା ପ୍ରସଙ୍ଗକୁ ଏଡାଇ ଦେଇଛନ୍ତି। ହେଲେ ଘଟଣାକ୍ରମରେ ଏନ୍‌ଡିଏ ଅଂଶୀଦାର ଶିବସେନା ବିଜେଡି ନାଁ ଉପବାଚସ୍ପତି ଚର୍ଚ୍ଚାକୁ ସହଜରେ ନେଇନାହିଁ। ଦଳ ପକ୍ଷରୁ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶିବସେନାର ବରିଷ୍ଠ ନେତା ତଥା ଦଳର ପ୍ରମୁଖ ମୁଖପାତ୍ର ସଞ୍ଜୟ ରାଉତ କହିଛନ୍ତି ଯେ, ଏନ୍‌ଡିଏରେ ସାମିଲ ଥିବା ଶିବସେନାର ୧୮ ଏମ୍‌ପି ଜିତିଛନ୍ତି। କ୍ଷମତାସୀନ ମେଣ୍ଟର ଦ୍ୱିତୀୟ ବୃହତ୍ତମ ଦଳ ହୋଇଥିବାରୁ ଉପବାଚସ୍ପତି ପଦ ସ୍ୱାଭାବିକ ଭାବେ ଶିବସେନାକୁ ଯିବା ଉଚିତ। ନଚେତ ଏନ୍‌ଡିଏର ଅନ୍ୟ କୌଣସି ସହଯୋଗୀଙ୍କୁ ଏହି ପଦ ମିଳିବା ଉଚିତ। ସାଧାରଣ ନିର୍ବାଚନରେ ବିଜେଡି ଏନ୍‌ଡିଏ ବିପକ୍ଷରେ ଲଢ଼ିଥିବାରୁ ଉପବାଚସ୍ପତି ପଦ ଯିବାର କୌଣସି କାରଣ ନ ଥିବା ସଞ୍ଜୟ କହିଛନ୍ତି। ଶିବସେନା ପକ୍ଷରୁ ଏପରି ମନ୍ତବ୍ୟ ଆସିବା ପରେ ରାଜ୍ୟ ରାଜନୀତିରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। ହେଲେ ଶାସକ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ଏନେଇ ଭାଜପା ପକ୍ଷରୁ ମାପିଚୁପି ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି ଯେ, ଜାତୀୟସ୍ତରରେ ଦଳର ଶୀର୍ଷ ନେତୃତ୍ୱ ଏନେଇ ନିଷ୍ପତ୍ତି ନେବେ। କୌଣସି ଚର୍ଚ୍ଚାକୁ ଆଧାର କରି ମତାମତ ଦେବା ଉଚିତ ନୁହେଁ।

**ଓରମାସ୍ ଆମ୍ବ ମେଳା**

# ୫ ଦିନରେ ୩୬ ମେଟ୍ରିକ୍ ଟନ୍ ଆମ୍ବ ବିକ୍ରି

ଭୁବନେଶ୍ୱର,୬।୬(ବ୍ୟୁରୋ)

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଓରମାସ୍ ତରଫରୁ ଭୁବନେଶ୍ୱରରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ଆମ୍ବ ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୫ ଦିନ ଧରି ଚାଲିଥିବା ଏହି ମେଳାରେ ଚଳିତବର୍ଷ ୩୬ ମେଟ୍ରିକ୍ ଟନ୍‌ର ଆମ୍ବ ବିକ୍ରି ହୋଇଥିବା ବେଳେ ୧୯ ଲକ୍ଷରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍‌ଯାପନୀ ସଭାରେ ଓରମାସ୍‌ର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ସ୍ୱୟଂପ୍ରଭା ମହାନ୍ତି ମେଳାରେ ଯୋଗଦେଇଥିବା ଆମ୍ବ ଉତ୍ପାଦକ ଗୋଷ୍ଠୀ ତଥା ଆମ୍ବ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ସଚିବ ମହେଶ୍ୱର ପାଣିଗ୍ରାହୀ ଚାଷୀଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ସପୁରୀ, ପିଜୁଳି ଆଦି ଫଳକୁ ନେଇ ଏଭଳି ମେଳା ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ଜୁନ୍ ୧ରେ ଏହି ମେଳାକୁ ଉଦ୍‌ଘାଟନ କରିବା ଅବସରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ଆମ୍ବ ଷ୍ଟଲ୍ ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟର ଫଳ ଚାଷୀ ତଥା ଉତ୍ପାଦକ ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ଉପଯୁକ୍ତ ବଜାର ସୁବିଧା ଯୋଗାଇଦେବା ପାଇଁ ଓରମାସ୍ ତରଫରୁ ସବୁ ଜିଲା ମୁଖ୍ୟାଳୟରେ ଅତ୍ୟାଧୁନିକ ବିକ୍ରୟ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ଚାଷୀ ଓ ଉତ୍ପାଦକ ଗୋଷ୍ଠୀମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବାକୁ ସେ କହିଥିଲେ। ୟୁନିଟ୍ ୮ ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ୍‌ରେ ଆୟୋଜିତ ମେଳା ଜୁନ୍ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଓଡ଼ିଶାର ୯ଟି ଜିଲାରୁ ଆମ୍ବଚାଷୀ ଓ ଉତ୍ପାଦକ ଗୋଷ୍ଠୀ ଭାଗ ନେଇଥିଲେ।

**ଅଷ୍ଟମ ଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ଘଟଣା**

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭୁବନେଶ୍ୱର, ୬।୬(ବ୍ୟୁରୋ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ଜଣେ ଅଷ୍ଟଶ୍ରେଣୀ ଛାତ୍ରୀ ଗର୍ଭବତୀ ହେବା ନେଇ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରାକାଶ ପାଇଥିବା ବେଳେ ଗୁରୁବାର ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି)ରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ତୁରନ୍ତ ରାଜ୍ୟ ଶାସନ ସଚିବଙ୍କୁ ପକ୍ଷ କରିବା ସହ ଜାତୀୟ ମାନବିକ ଅଧିକାର ନିୟମ ଅନୁଯାୟୀ ପୀଡିତାଙ୍କୁ ୧୦ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବା ଓ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ନିର୍ଦ୍ଦେଶ ଦେବାକୁ ହିମାଂଶ ତାଙ୍କ ପିଟିଶନରେ ନିବେଦନ କରିଛନ୍ତି। ଏହାକୁ ଏନ୍‌ଏଚ୍‌ଆର୍‌ସି ଗୁରୁତ୍ୱର ସହ ଗ୍ରହଣ କରିବା ସହ ଏଭଳି ଘଟଣା ଓଡ଼ିଶାରେ ବାରମ୍ବାର ଘଟୁଥିବାରୁ ରାଜ୍ୟ ପୋଲିସ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୮ମାସ ତଳେ ନାବାଳିକା ସ୍କୁଲକୁ ଯାଉଥିବା ସମୟରେ ଅଭିଯୁକ୍ତ ଜଣକ ନାବାଳିକା ଛାତ୍ରୀଙ୍କୁ ଏକୁଟିଆ ପାଇ ଜୋରଜବରଦସ୍ତ ନିକଟ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ଏଥିସହ କାହା ଆଗରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ଭୟରେ ନାବାଳିକା ଜଣଙ୍କ କାହାକୁ କିଛି କହି ନ ଥିଲେ। କିଛିଦିନ ପରେ ନାବାଳିକାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିଲା। ପରିବାର ଲୋକେ ତାଙ୍କୁ ସ୍ଥାନୀୟ ମେଡିକାଲକୁ ନେଇଯାଇଥିଲେ। ପରୀକ୍ଷାନିରୀକ୍ଷା ପରେ ସେ ଗର୍ଭବତୀ ଥିବା ଡାକ୍ତର କହିଥିଲେ। ପରିବାର ଲୋକେ ନାବାଳିକାଙ୍କୁ ଘରକୁ ଆଣି ପଚରାଉଚରା କରି ସବୁକଥା ଜାଣିବା ପରେ ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ-୫୪/୧୯ରେ ମାମଲା ରୁଜୁ କରି ଡଡମାହା ଗ୍ରାମର ଜିରିମୟ ପ୍ରଧାନକୁ ଗିରଫ କରିଥିଲା।

**BARGAON ITI**
...Since 1989
(An ISO 29990-2010 Certified Institute)
Admission open
Affiliated to NCVT & DGT,Govt. of India and SCTE&VT, Govt. of Odisha
Trade
FITTER - 2 Years, ELECTRICIAN - 2 Years
SEWING TECHNOLOGY - 1 Year
AT/PO/PS- BARGAON, DIST. SUNDARGARH (ODISHA)
E-Mail - bargaoniti@gmail.com, Website- www.bitc.org.in,
Contact No. 6372716033, 7008370431, 8249204824, 9777993343

**NOTICE**
**IN THE DEBTS RECOVERY TRIBUNAL, CUTTACK**
**C-71, SECTOR-7, CDA, CUTTACK-753014**
**O.A. No. 315 of 2018**

IDBI Bank Limited, Joda Branch,
At/P.O.: Joda, Dist.: Keonjhar ..Applicant
AND
M/s. Steel & Structure and others ...Defendants

To
1. **M/s. Steel & Structure,** At: Dushasan Sahoo Complex, Flat No.: 103, At/P.O.: Joda, Near Laxmi Padia, Dist.; Keonjhar-758034, Represented through its **Proprietress Mrs. Pranamita Sahoo.**
2. **Mrs. Pranamita Sahoo,** W/o- Ashok Kumar Sahoo, At: Baneikala (Ajad Basti), P.S./ GP/Town: Joda, Dist.: Keonjhar, PIN-758034.
3. **Sri Ashok Kumar Sahoo,** S/o- Prafulla Kumar Sahoo, At: Baneikala (Ajad Basti), P.S./GP/Town: Joda, Dist.: Keonjhar, PIN-758034.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted a suit in **O.A. No. 315/2018** in the Court of Debts Recovery Tribunal at Cuttack for a recovery of **Rs.11,03,963.00** only together with current and future interest, costs and other reliefs. The above mentioned defendants are therefore hereby directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **08th day of July 2019 at 10.30A.M.** as to why relief's prayed for should not be granted.

Take notice that in case of default the application will be heard and determined in their absence.

Given under my hand and seal of this Tribunal on this **30th day of May 2019.**

Sd/- Registrar
Debts Recovery Tribunal

**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

Advt. No. 1355 **In-House Recruitment** Date: 06.06.2019

Applications are invited only from the contractual employees of National Health Mission working in the same post under OSH&FW Society in other districts against the vacant posts as mentioned below:

| S.N. | Name of the Post | No. of Vacancy |
|---|---|---|
| 1 | M.O. (SNCU) | 2 |
| 2 | Accountant | 1 |
| 3 | M.O., Ayush | 2 |
| 4 | Social Worker, (RBSK & NTCP) | 1 |
| 5 | Pediatrician-DEIC | 1 |
| 6 | MO MBBS-DEIC | 1 |
| 7 | Dental Technician-DEIC | 1 |
| 8 | DEO-SNCU | 1 |
| 9 | RBSK-MHT-AYUSH M.O. | 5 Homoeopathic (Male)-02, Homoeopathic (Female)-03 |
| 10 | RBSK-MHT-Pharmacist | 3 |
| 11 | RBSK-MHT-Staff Nurse | 4 |
| 12 | Psychiatric Social Worker-NMHP | 1 |
| 13 | Psychiatric Nurse-NMHP | 1 |
| 14 | Ophthalmic Assistant | 1 |
| 15 | DEO-IDSP | 1 |
| 16 | DEO-NVBDCP | 1 |
| 17 | PPM Coordinator (RNTCP) | 1 |
| 18 | STS-RNTCP | 1 |
| 19 | STLS-RNTCP | 1 |

Interested candidates may log on to www.dhenkanal.nic.in for details (terms and conditions & application form etc.). Eligible candidates for the above post, who are interested, may apply in the prescribed form to the office of the Chief District Medical & Public Health Officer-cum-District Mission Director, Dhenkanal by 20.06.2019, 5PM. Applications received after the due date will not be considered. Number of vacancies under this advertisement is provisional which may increase or decrease depending upon the actual vacancy. Time to time notification regarding status of selection process will be web hoisted in district website. The undersigned reserves the right to cancel / reject any or all the applications without assigning any reason thereof. This office will not be responsible for any postal delay.

*Sd./- Chief District Medical & PH Officer, Dhenkanal*

**RAVENSHAW UNIVERSITY**
**(NAAC Accreditation: 'A' Grade)**
**CUTTACK- 753003, ODISHA**

**P.G. / M.Phil. / Ph.D. ADMISSION ANNOUNCEMENT 2019-20**

Online Applications are invited for admission into different **P.G./ M.Phil./Ph.D.** Programmes for the session 2019-20. Candidates are advised to visit our website 'www.ravenshawuniversity.ac.in' and click on the link 'ADMISSION-2019' for the admission procedure. **The last date of online submission of application is 22 June 2019.**

Online application forms for different **UG Courses** for the session 2019-20 will be available in the same link after the publication of results of examinations of all streams – Arts, Science and Commerce of CHSE, Odisha.

**Admission Entrance Examinations to different PG / M.Phil. / Ph.D. Programmes will be held from 03.07.2019 to 13.07.2019.**

**For details, please visit 'www.ravenshawuniversity.ac.in'.**

*No.1943/Dt.*06.06.2019 Registrar

**ଋଣ ଅସୁଲି ପ୍ରାଧିକରଣ**
ସି-୭୧, ସେକ୍ଟର-୭, ସିଡ଼ିଏ, କଟକ-୧୪, ଓଡ଼ିଶା
**ସମ୍ପତ୍ତି ନିଲାମ ବିଜ୍ଞପ୍ତି**
ଆର୍.ପି. ନଂ. ୬୨/୨୦୧୪/କଟକ
(୨୦୧୩ର ଓଏ ନଂ. ୯୩ ରୁ ଉଦ୍ଧୃତ)

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଏସ୍‌ଏମ୍‌ଇ ଶାଖା, ବଡବିଲ, କେନ୍ଦୁଝର ......ସାର୍ଟିଫିକେଟ୍‌ଧାରୀ ବ୍ୟାଙ୍କ
ବନାମ
ଶ୍ରୀ କିଶୋର କାଲରା ଏବଂ ଅନ୍ୟମାନେ ......ସାର୍ଟିଫିକେଟ୍ ଋଣଗ୍ରହୀତାମାନେ

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବ୍ୟାଙ୍କର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତାରିଖ ଓ ସମୟରେ, ଅନ୍‌ଲାଇନ୍ ଇ-ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକୁ "ଯେଉଁଠାରେ ଯେପରି ଅଛି" ଭିତ୍ତିରେ କ୍ରୟ କରିବା ନିମନ୍ତେ ଇଚ୍ଛୁକ ନିଲାମଧାରୀଙ୍କ ପକ୍ଷରୁ ଜଉମୁଦଦିଆ ଲଫାପାରେ/ଅନ୍‌ଲାଇନ୍ ମାଧ୍ୟମରେ ପ୍ରସ୍ତାବ ସହିତ ଅମାନତ ରାଶି **ତା୧୧.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଦାଖଲ କରିବା ପାଇଁ ଆହ୍ୱାନ କରାଯାଉଅଛି।

**ସମ୍ପତ୍ତିର ବିବରଣୀ**

| ସମ୍ପତ୍ତିର ବିଶେଷ ବିବରଣୀ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ପ୍ରାରମ୍ଭିକ ବିଡ୍ ସହିତ ଅମାନତ ଜମା ଦାଖଲ କରିବାର ତାରିଖ ଏବଂ ସମୟ | ୧) ଅନ୍‌ଲାଇନ ନିଲାମର ତାରିଖ ଏବଂ ସମୟ ୨) ବିଡ୍ ବୃଦ୍ଧି ରାଶି |
|---|---|---|---|---|
| ୧. ଜିଲ୍ଲା: କେନ୍ଦୁଝର, ଏସଆର/ତହସିଲ/ଥାନା: ବଡବିଲ, ଥାନା ନଂ.: ୧୯, ଗ୍ରାମ/ମୌଜା: ବାଲାଗୋଡ଼ା, ଖାତା ନଂ.: ୯୦/୧୭, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୯୦/୨୪, ପ୍ଲଟ୍ ନଂ.: ୬୯୪/୧୨୯୬, କ୍ଷେତ୍ର: ଏକର୦.୮୦ଡିସିମିଲିରୁ ଏକର୦.୪୦ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ରହଲ୍ଲାଦ ଚନ୍ଦ୍ର ଦାସ, ଦକ୍ଷିଣ: ବାଜ ମହାକୁଡ, ପୂର୍ବ: ଗୌରାଙ୍ଗ ମହାକୁଡ, ପଶ୍ଚିମ: ଚନ୍ଦ୍ରମଣି ମହନ୍ତ | ଟ.୩,୬୦,୦୦୦/- (ତିନି ଲକ୍ଷ ଷାଠିଏ ହଜାର ଟଙ୍କା ମାତ୍ର) | ଟ.୧୮,୦୦୦/- (ଅଠର ହଜାର ଟଙ୍କା ମାତ୍ର) | ୧୧.୦୭.୨୦୧୯ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ | ୧)୧୫.୦୭.୨୦୧୯ ମଧ୍ୟାହ୍ନ ୧୨.୦୦ ଘଟିକା ରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ଏବଂ ଆବଶ୍ୟକ ହେଲେ ୫(ପାଞ୍ଚ) ମିନିଟ୍ ବର୍ଦ୍ଧିତ ସମୟ ସହିତ ୨)ଟ.୫୦,୦୦୦/- (ପଚାଶ ହଜାର ଟଙ୍କା ମାତ୍ର) |
| ୨. ଜିଲ୍ଲା: କେନ୍ଦୁଝର, ଏସଆରଓ/ତହସିଲ/ଥାନା: ବଡବିଲ, ଗ୍ରାମ/ମୌଜା: ବେଲକୁଣ୍ଡି ୟୁନିଟ୍ ନଂ. ୪, ଖାତା ନଂ.: ୪୫, ଅନୁରୂପ ମ୍ୟୁଟେଟେଡ଼ ଖାତା ନଂ.: ୭୭/୪୩, ପ୍ଲଟ୍ ନଂ.: ୮୯୩, ଅନୁରୂପ ମ୍ୟୁଟେଟେଡ଼ ପ୍ଲଟ୍ ନଂ.: ୮୯୩/୧୩୦୭, କ୍ଷେତ୍ର: ଏକର୦.୮୪୩ ଡିସିମିଲିରୁ ଏକର ୦.୧୮୫ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ଶିବୁ ବାନାର୍ଜୀ, ଦକ୍ଷିଣ: ଶିବୁ ବାନାର୍ଜୀ, ପଶ୍ଚିମ: ଗ୍ରାମ୍ୟ ରାସ୍ତା | ଟ.୫,୫୫,୦୦୦/- (ପାଞ୍ଚ ଲକ୍ଷ ପଞ୍ଚାବନ ହଜାର ଟଙ୍କା ମାତ୍ର) | ଟ.୨୭,୭୫୦/- (ସତେଇଶ ହଜାର ସାତ ଶହ ପଚାଶ ଟଙ୍କା ମାତ୍ର) | | |

କଥିତ ସ୍ଥାବର ସମ୍ପତ୍ତି ଋଣ ଅସୁଲି ଅଧିକାରୀ/ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବିକ୍ରି କରାଯିବ, ଯାହାର ଏକ ନକଲ **drt.auctiontiger.net** ଏବଂ **https://tenders.gov.in** କିମ୍ବା **ତା୧୧.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ମୁଖ୍ୟ ପ୍ରବନ୍ଧକ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୧୦୧୦, ଯୋଗାଯୋଗ ବ୍ୟକ୍ତି: ଶ୍ରୀ ପ୍ରଦୀପ୍ତ କୁମାର ଜେନା, ମୋବାଇଲ ନଂ. ୯୪୩୭୪୯୯୦୭୪** ଙ୍କ ଠାରେ ଯେକୌଣସି କାର୍ଯ୍ୟ ଦିବସରେ ଉପଲବ୍ଧ ହେବ। ଇଚ୍ଛୁକ ନିଲାମଧାରୀମାନେ ପ୍ରସ୍ତାବ ସହ ଅମାନତ ରାଶି **"THE RECOVERY OFFICER, Debts Recovery Tribunal, Cuttack"**ଙ୍କ ନାମରେ ଓ **କଟକଠାରେ** ପଇଠ ହୋଇଥିବା ପେ ଅର୍ଡର/ଡିମାଣ୍ଡ ଡ୍ରାଫ୍ଟ ଜରିଆରେ ଜମା କରିପାରିବେ କିମ୍ବା "The Recovery Officer, DRT, Cuttackଙ୍କ ସପକ୍ଷରେ **RP No.: 62/2014/CTC"** ଆକାଉଣ୍ଟ ନଂ.: **୧୦୮୬୧୭୦୫୪୭୩, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କଟକ ମୁଖ୍ୟ ଶାଖା, ଶାଖା କୋଡ୍ : 00059, IFSC Code : SBIN0000059** ସପକ୍ଷରେ RTGS/NEFT ମାଧ୍ୟମରେ ଟ୍ରାନ୍ସଫର କରିପାରିବେ। ଇଚ୍ଛୁକ କ୍ରେତାମାନେ ନିଜସ୍ୱ ଖର୍ଚ୍ଚରେ ସମ୍ପତ୍ତିର ତନଖି ଯେ କୌଣସି କାର୍ଯ୍ୟଦିବସରେ **ତା୧୧.୦୭.୨୦୧୯ରିଖ** ପର୍ଯ୍ୟନ୍ତ **ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ କରିପାରିବେ।

ନିମ୍ନଲିଖିତ କାଗଜାତ୍ ସହିତ ପ୍ରସ୍ତାବ ଗୁଡିକ ଅନ୍‌ଲାଇନ ଇ-ମେଲ ଆଇଡ଼ି: **ro1drtctak-dfs@nic.in** ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ଭାବେ **ତା୧୧.୦୭.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ପୂର୍ବରୁ ଦାଖଲ କରିବା ଉଚିତ୍: **(କ) ସଠିକ୍ ଭାବେ ପୂରଣ କରାଯାଇଥିବା ଘୋଷଣାନାମା, (ଖ) ସଠିକ୍ ଭାବେ ପୂରଣ କରାଯାଇଥିବା ଅନ୍‌ଲାଇନ ଇ-ନିଲାମ ବିଡ୍ ଫର୍ମ, (ଗ) ଅମାନତ ଜମା ଦାଖଲ ପ୍ରମାଣ ପତ୍ର, (ଘ) ଗୋଟିଏ ଫଟୋଗ୍ରାଫ, (ଙ) ଠିକଣା ପ୍ରମାଣପତ୍ର, (ଚ) ବାସସ୍ଥାନ ପ୍ରମାଣପତ୍ର ଏବଂ (ଛ) ପାନ୍ କାର୍ଡର ଏକ ନକଲ।**

**ସଂରକ୍ଷିତ ମୂଲ୍ୟରୁ କମ ଏବଂ ଅମାନତ ରାଶି ବିନା ଦିଆଯାଇଥିବା ପ୍ରସ୍ତାବକୁ ନାକଚ କରାଯିବ। ନିଲାମଧାରୀମାନଙ୍କୁ ଫଟୋ ପରିଚୟପତ୍ର, ଠିକଣା ପ୍ରମାଣ ପତ୍ର ଏବଂ ଗୋଟିଏ ଫଟୋ ଅପ୍‌ଲୋଡ କରିବାକୁ ଅନୁରୋଧ।**

ମାନ୍ୟବର ଋଣ ଅସୁଲି ଅଧିକାରୀଙ୍କ ଦସ୍ତଖତ ଏବଂ ମୋହର ସହ କଟକଠାରେ ତା୧୭.୦୫.୨୦୧୯ରିଖରେ ଆଦିଷ୍ଟ।

ସ୍ୱା/-(ଆର୍.ପି. ପଟ୍ଟନାୟକ)
ଋଣ ଅସୁଲି ଅଧିକାରୀ



“କ୍ଲାନ୍ତି ପରେ ବିଶ୍ରାମ ଯେଉଁ ଆନନ୍ଦ ଦିଏ, କୌଣସି ପ୍ରକାରର ବିଳାସ ସେହି ପରି ଆନନ୍ଦ ଦେଇପାରିବ ନାହିଁ:
- ନେପୋଲିୟନ



## ସଂକ୍ଷେପରେ

### ରେଳଧାରଣାରୁ ଫାଟକ ଜଗୁଆଳିଙ୍କ ମୃତଦେହ ଉଦ୍ଧାର

ରାଉରକେଲା ଅଫିସ,୬।୬

ବିଶ୍ରା ଥାନା ବନ୍ଧମୁଣ୍ଡା ଡିଜେଲ କଲୋନୀ ଅଞ୍ଚଳ ରେଳ ଫାଟକରେ ଜଗୁଆଳି ଭାବେ କାମ କରୁଥିବା ଟି. ମନୋଜ (୩୧)ଙ୍କ ମୃତଦେହ ଗୁରୁବାର ରେଳଧାରଣାରୁ ଉଦ୍ଧାର କରାଯାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା କେହି ହତ୍ୟାକରି ମୃତଦେହ ଏଠାରେ ଫିଙ୍ଗିଦେଇଛି ତାହା ସ୍ପଷ୍ଟ ହୋଇନାହିଁ। ବନ୍ଧମୁଣ୍ଡା ଜିଆର୍‌ପି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏ ନେଇ ତଦନ୍ତ ଆରମ୍ଭ କରିଛି।



### ଗଞ୍ଜେଇ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୬।୬

ଜିଲା ଅବକାରୀ ବିଭାଗ ପାୱାର ହାଉସ ରୋଡ୍ ଅଞ୍ଚଳରୁ ଗୁରୁବାର ପୂର୍ବାହ୍ନରେ ୨.୨୫ କେଜି ଚୋରା ଗଞ୍ଜେଇ ଜବତ କରିଛି। ଏନେଇ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ନିକୁଞ୍ଜ ଦାସ (୫୨)। ଗ୍ରାହକଙ୍କୁ ବିକ୍ରି କରିବାକୁ ନିକୁଞ୍ଜ ଗଞ୍ଜେଇ ଧରି ପାୱାର ହାଉସ ରୋଡ୍ ନିକଟରେ ଠିଆ ହୋଇଥିବାବେଳେ ଅବକାରୀ ବିଭାଗ କର୍ମଚାରୀ ତାଙ୍କୁ ଗିରଫ କରିଥିଲେ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି







କନକତୋରା ଗ୍ରାମରେ ବାଇକ୍ ଉପରେ ଗଛ ଡାଳ ପଡ଼ିଛି (ବାମ)। ରାସ୍ତା ଉପରେ ଏକ ଗଛ ଉପୁଡ଼ି ପଡିଛି (ମଝି)। ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି।







ଏକ କ୍ୟାବିନ୍ ଓଲଟି ରାସ୍ତା ଉପରେ ପଡ଼ିଛି (ବାମ)। ଘର ଭାଙ୍ଗିରୁଜି ଯାଇଛି।

ଲଖନପୁର,୬।୬(ଡି.ଏନ୍.ଏ.)

ଗୁରୁବାର ଅପରାହ୍ନ ୪ଟାରେ କାଳବୈଶାଖୀ ପ୍ରଭାବରେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କଣ୍ଢେଇକେଲା, ପିଥିଣ୍ଡା, ଚାରପାଲି, କନକତୋରା, ରେମତା ଆଦି ପଞ୍ଚାୟତର ବହୁ ଗ୍ରାମ ପ୍ରଭାବିତ ହୋଇଛି। ବହୁ ବଡ଼ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି। ଡାଳ ଭାଙ୍ଗି ଘର ଓ ବିଦ୍ୟୁତ ଖୁଣ୍ଟ ଉପରେ ପଡ଼ିଛି। ବହୁ କଚ୍ଚା ଓ ଆଜବେଷ୍ଟସ୍ ଘରର ଛପର ଉଡ଼ିଯାଇଛି। ଦୋକାନ ଘର, କ୍ୟାବିନ୍‌ଗୁଡ଼ିକ ମଧ୍ୟ ଭାଙ୍ଗିରୁଜି ଯାଇଛି। ଝଡ଼ତୋଫାନ କୂଆପଥର ବର୍ଷା ମଧ୍ୟ ହୋଇଥିଲା। ୨ଶହରୁ ଅଢ଼େଇଶହ ଗ୍ରାମ ଓଜନର କୁଆପଥର ପଡ଼ି ବହୁ ଆଜ୍‌ବେଷ୍ଟସ ତଥା ଚାଳଛପର ଘର କ୍ଷତିଗ୍ରସ୍ତ ହୋଇଛି। ବ୍ୟାପକ ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଛି। ବହୁ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିବା ସହ ତାର ଛିଣ୍ଡିଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବାରୁ ବହୁ ଅଞ୍ଚଳ ଅନ୍ଧାର ରହିଛି। କଣ୍ଢେଇକେଲା ଗ୍ରାମର ବିଜୟ ବାରିକ, ଅନିରୁଦ୍ଧ ସେଠ, ସୁଶିଳ ଉର୍ମା, ହାର୍ଦ୍ଦନ ବାରିକ, ପିଥିଣ୍ଡା ପଞ୍ଚାୟତର କଣା ଚମାର, ରଘୁ ମଲ୍ଲିକ, ମଧୁ ପ୍ରଧାନ, ନିର୍ମଳ ଗୁରୁ, ଦାନୀ ଚାନ୍ଦ, କାହ୍ନୁ ଧୁରୁଆ, ମେଘୁ ଦେହେରିଆ, ଦଶ୍ରୁ ଦେହେରିଆ, ଶ୍ୟାମ ମଲ୍ଲିକ ପ୍ରମୁଖ ୩୦ରୁ ଅଧିକ ବ୍ୟକ୍ତି ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ପିଥିଣ୍ଡା ସରପଞ୍ଚ ଲକ୍ଷ୍ମଣ ଦେହେରୀ, କନକତୋରା ସରପଞ୍ଚ ଡଲି କଲିଆରୀ, କଣ୍ଢେଇକେଲା ସରପଞ୍ଚ ଯାଜ୍ଞସେନୀ ଖଡ଼ିଆ ପ୍ରମୁଖ କ୍ଷୟକ୍ଷତି ସମ୍ପର୍କରେ ରାଜସ୍ୱ ବିଭାଗ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। କ୍ଷୟକ୍ଷତି ଆକଳନ କରି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ସେମାନେ ଦାବି କରିଛନ୍ତି।



ଦୁର୍ଘଟଣାରେ ଆହତ ସୁବାସ ଭୋଇ।

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

ବ୍ରଜରାଜନଗର,୬।୬(ଡି.ଏନ୍.ଏ.)

ରାମପୁର ଫାଣ୍ଡି କାର୍ତ୍ତିକପଡ଼ା ବ୍ରିଜ ଉପରେ ଗୁରୁବାର ମଧ୍ୟାହ୍ନରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ସେ ହେଲେ ଅଇଁଲାପାଲି ଗ୍ରାମର ଅନିରୁଦ୍ଧ ଭୋଇ (୬୫)। ଅନିରୁଦ୍ଧ ଓ ତାଙ୍କ ପୁଅ ସୁବାସ (୩୫) ନିଜ ଓଡି୩୯-ବି୬୫୦୭ନଂ ବାଇକ୍‌ରେ ଆସୁଥିବା ବେଳେ ବନ୍ଧବାହାଲ ଅଞ୍ଚଳର ଓଡି୧୬-ଡି୫୦୦୫ନଂ କାର୍ ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଅନିରୁଦ୍ଧ ପୋଲ ତଳକୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ସୁବାସଙ୍କ ଗୋଡ଼ ଭାଙ୍ଗିଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

### ମନ୍ଦିର ପ୍ରତିଷ୍ଠା ଉତ୍ସବ

ବ୍ରଜରାଜନଗର,୬।୬(ଡି.ଏନ୍.ଏ.)

ସ୍ଥାନୀୟ ଲୋଇସିଂ ପଞ୍ଚାୟତ ବଘିଆବେର୍ଣ୍ଣାଠାରେ ନିର୍ମିତ ମାଉସୀମା' ମନ୍ଦିରର ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବେ ଡଲି ପଟେଲ ଓ ହେମନ୍ତ ପଟେଲ ଦାୟିତ୍ୱ ତୁଲାଇଥିଲେ। ବଘିଆବେର୍ଣ୍ଣାର ସଂଗ୍ରାମୀ ଯୁବକ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।

ନବନିର୍ବାଚିତ ବରଗଡ଼ ଏମ୍‌ପିଙ୍କୁ ସମ୍ବର୍ଦ୍ଧନା

# ‘ବ୍ରଜରାଜନଗର ମାଟିର ଋଣ ନିଶ୍ଚୟ ଶୁଝିବି’

ବ୍ରଜରାଜନଗର,୬।୬(ଡି.ଏନ୍.ଏ.)



ଏମ୍‌ପିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରଜରାଜନଗର ଅଞ୍ଚଳରେ ସମସ୍ୟାର ବିରାଟ ପାହାଡ଼ ରହିଛି। ଏହି ସମସ୍ୟାର ସମାଧାନ କରିବାକୁ ହେଲ ଆପଣଙ୍କ ଆଶୀର୍ବାଦ ଓ ସହଯୋଗ ଆବଶ୍ୟକ। ଏ ଅଞ୍ଚଳର ଲୋକେ ଦୀର୍ଘ ୭୦ ବର୍ଷ ଧରି ବାରମ୍ବାର ବିସ୍ଥାପିତ ହୋଇ ଆସୁଛନ୍ତି। ଏ ଦିଗରେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଜିଲାରେ ଆଜିପର୍ଯ୍ୟନ୍ତ ସରକାରୀ କଲେଜଟିଏ ନାହିଁ। ଡିଏମ୍‌ଏଫ୍ ବିନିଯୋଗ କରି ୫ବର୍ଷ ଭିତରେ ଝାରସୁଗୁଡ଼ାକୁ ରାଜ୍ୟର ଏକନମ୍ବର ଜିଲାରେ ପରିଣତ କରିବି। ଏ ସମ୍ପର୍କରେ ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ ଓ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତିଙ୍କ ସହିତ ଆଲୋଚନା କରିଛି। ଝାରସୁଗୁଡ଼ା ବିମାନବନ୍ଦରକୁ ଭୁବନେଶ୍ୱରଠାରୁ ଅଧିକ ଉନ୍ନତ ମାନର କରାଯିବ। ଓରିଏଣ୍ଟ ପେପେର ମିଲ ଦୀର୍ଘ ୨୦ ବର୍ଷ ଧରି ବନ୍ଦ ରହିଛି। ଏହାକୁ ଚାଲୁ କରିବା ଦିଗରେ ଆଗାମୀ ଦିନରେ ମିଲ୍ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନ କଲେ ଲିଜ୍ ଜମି ଛାଡ଼ିବାକୁ ଚାପ ପ୍ରୟୋଗ କରାଯିବ। ଦରକାର ହେଲେ ଆନ୍ଦୋଳନ କରାଯିବ। ବ୍ରଜରାଜନଗର ମାଟିରୁ ମୁଁ ଯେଉଁ ସ୍ନେହଶ୍ରଦ୍ଧା ପାଇଛି ସେହି ଋଣ ମୁଁ ନିଶ୍ଚୟ ପରିଶୋଧ କରିବି ବୋଲି ବ୍ରଜରାଜନଗର ନାଗରିକ କମିଟି ପକ୍ଷରୁ ଆୟୋଜିତ ଧନ୍ୟବାଦ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଛନ୍ତି। ପ୍ରଥମେ ପୂଜାରୀଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ଗାନ୍ଧୀ ଛକଠାରୁ ଅଣାଯାଇ ସହର ପରିକ୍ରମା କରାଯାଇଥିଲା। କଲ୍ୟାଣ ମଣ୍ଡପଠାରେ ଧନ୍ୟବାଦ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବୁଲୁ ସେନାପତି, ରଘୁନନ୍ଦନ ପଣ୍ଡା, ମଙ୍ଗଳ ସାହୁ, ଅନୀଲ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ମଣ୍ଡଳ ସେନାପତି ଓ ବବୁଲୁ ଦାଶ ମଞ୍ଚ ପରିଚାଳନା କରିଥିଲେ।

■ ଜର୍ଜ ତିର୍କୀଙ୍କ ଅଭିଯୋଗ ଉପରେ ଭାଜପାର ପ୍ରତିକ୍ରିୟା

# ଔଷଧ ବିକଳରେ ତାଟିଆ କାମୁଡୁଛି କଂଗ୍ରେସ

ରାଉରକେଲା ଅଫିସ,୬।୬



ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

ସମଗ୍ର ଦେଶ ସମେତ ସୁନ୍ଦରଗଡ଼ ଜିଲାର ମତଦାତା କଂଗ୍ରେସ ଦଳ ତଥା ଏହାର ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଏହା ସତ୍ତ୍ୱେ ଜିଲା କଂଗ୍ରେସ ନେତା ଇଭିଏମ୍ ହ୍ୟାକିଂ ଅଭିଯୋଗ କରିବା ଘଟଣା ଔଷଧ ବିକଳରେ ତାଟିଆ କାମୁଡ଼ିବା ସଦୃଶ ବୋଲି ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ବ୍ୟକ୍ତ କରାଯାଇଛି। ଏହାବ୍ୟତୀତ ରାଜ୍ୟ ସମ୍ପାଦକ ଧିରେନ ସେନାପତି ମଧ୍ୟ ଏକ ବିବୃତିରେ ଏଭଳି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ସୁନ୍ଦରଗଡ଼ ଜିଲାର ଜନସାଧାରଣ ୩ ବିଧାନସଭା ଓ ଗୋଟିଏ ଲୋକ ସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀଙ୍କୁ ବିଜୟୀ କରାଇଛନ୍ତି। ଜୁଏଲ ଓରାମ ୫ଲକ୍ଷ ୬୦ ହଜାର ଭୋଟ ପାଇ ବିଜୟ ହାସଲ କରିବା କମ୍ ଗୌରବର କଥା ନୁହେଁ। ଏହା ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଓ ଜିଲାର ବିକାଶ ପାଇଁ ସମ୍ଭବ ହୋଇପାରିଛି। ବାରକୋଟ-ବୀରମିତ୍ରପୁର ରାସ୍ତା, ବ୍ରାହ୍ମଣୀ ସେତୁ, ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ. ଏନ୍‌ଟିପିସି ଦ୍ୱାରା ମେଡିକାଲ କଲେଜ, ଏୟାର ଷ୍ଟ୍ରିପ୍‌ର ଉନ୍ନତୀକରଣ ଆଦି ବହୁ ଉନ୍ନୟନ କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ କରାଯାଇ ସାରିଛି। ଏହାକୁ ଜନସାଧାରଣ ଗ୍ରହଣ କରିଛନ୍ତି। ଯାହା ଭାଜପାକୁ ସଫଳତା ଦେବାରେ ସାହାଯ୍ୟ କରିଛି। ରାହୁଲ ଗାନ୍ଧୀଙ୍କ ଦୁର୍ବଳ ନେତୃତ୍ୱକୁ ଲୋକେ ଗ୍ରହଣ କରିପାରିନାହାନ୍ତି। ଏଣୁ ସମ୍ପୃକ୍ତ ଦଳର ପ୍ରାର୍ଥୀ ବା ସେହି ଦଳକୁ କେହି ଭେଟ ଦେଲେନାହି ବୋଲି ସେନାପତି କହିଛନ୍ତି। ସେହିଭଳି ପାନପୋଷ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଗୁରୁବାର ସେକ୍ଟର-୩ ଦଳୀୟ କାର୍ଯ୍ୟାଳୟରେ ଏକ ଖବତଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ସଭାପତି ଜଗବନ୍ଧୁ ବେହେରା, ବରିଷ୍ଠ ନେତା ନିହାର ରାୟ, ମୁଖପାତ୍ର ଭଗବାନ ରାଉତ ଓ ଗଙ୍ଗାଧର ଦାସ ଯୋଗଦେଇ ଅନୁରୂପ ପ୍ରତିକ୍ରିୟା ପ୍ରକାଶ କରି କଂଗ୍ରେସ ନେତାଙ୍କ ଅଭିଯୋଗକୁ ସମାଲୋଚନା କରିଛନ୍ତି। ଏମାନେ କହିଥିଲେ, କଂଗ୍ରେସ ନେତାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ହାସ୍ୟାସ୍ପଦ। ନିଜ ଅପାରଗତାକୁ ଲୁଚାାଇବାକୁ ଯାଇ କଂଗ୍ରେସ ନେତା ଏଭଳି ଅଭିଯୋଗ କରୁଛନ୍ତି ବୋଲି ଭାଜପା ନେତାମାନେ କହିଥିଲେ। ସୂଚନାଯୋଗ୍ୟ, ସୁନ୍ଦରଗଡ଼ ଲୋକ ସଭା କ୍ଷେତ୍ରରୁ ଭାଜପା ପ୍ରାର୍ଥୀ ଜୁଏଲ ଓରାମଙ୍କଠାରୁ ବିପୁଳ ଭୋଟ ବ୍ୟବଧାନରେ ପରାଜିତ ହୋଇଥିବା କଂଗ୍ରେସ ପ୍ରାର୍ଥୀ ତଥା ଜିଲାର ଆଦିବାସୀ ନେତା ଜର୍ଜ ତିର୍କୀ ବୁଧବାର ରାଉରକେଲାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରିଥିଲେ। ଜୁଏଲ ଏତେ ସଂଖ୍ୟକ ଭୋଟ କିପରି ପାଇଲେ ବୋଲି ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ଭାଜପା ଇଭିଏମ୍ ଟାମ୍ପରିଂ କରିଥିବା ଅଭିଯୋଗ କରିଥିଲେ।

# ଟିଆର୍‌ଏଲ୍ କ୍ରୋସାକି ପକ୍ଷରୁ ବିଶ୍ୱ ପରିବେଶ ଦିବସ

ବେଲପାହାଡ଼,୬।୬(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ପକ୍ଷରୁ ବୁଧବାର କାରଖାନା ପରିସରରେ ୪୮ତମ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଛି। ଏଥିରେ କମ୍ପାନୀ ଉପସଭାପତି (କର୍ପୋରେଟ୍ ସର୍ଭିସ) ଡ. ତାରାପଦ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ପରିବେଶ ପତାକା ଉତ୍ତୋଳନ କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଆର.ଆର. ଦାଶ ଓ ଆର.କେ. ସିଂ ଅତିଥି ଭାବେ ଯୋଗଦେଇଥିଲେ। ଟିଆର୍‌ଏଲ କ୍ରୋସାକିର ନିର୍ବାହୀ ଅଧିକାରୀଗଣ, ଶ୍ରମିକ ସଂଘ ସଭାପତି, ସମ୍ପାଦକ ଏବଂ କମ୍ପାନୀର ବହୁ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ଟିଆର୍‌ଏଲ୍ କ୍ରୋସାକି ସୁରକ୍ଷା ଓ ପରିବେଶ ବିଭାଗ ମହାପ୍ରବନ୍ଧକ ନିରଞ୍ଜନ ଦାଶ ସ୍ୱାଗତ ଅଭିଭାଷଣ ଦେଇଥିଲେ। ପରେ ସମସ୍ତ ଅତିଥି ଓ କର୍ମଚାରୀ କରାଖାନା ପରିସରରେ ବୃକ୍ଷରୋପଣ କରିଥିଲେ। କାରଖାନାର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜୁନ ମାସ ସାରା ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା କମ୍ପାନୀର ଜନସମ୍ପର୍କ ଓ ସାମାଜିକ ଦାୟିତ୍ୱ ବିଭାଗ ଉପମହାପ୍ରବନ୍ଧକ ସନ୍ତୋଷ ମିଶ୍ର ପ୍ରକାଶ କରିଛନ୍ତି।




ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଟିଆର୍‌ଏଲ୍ କ୍ରୋସାକି ରିଫ୍ରାକ୍ଟୋରିଜ ପରିସରରେ ବୃକ୍ଷରୋପଣ କରାଯାଇଛି।

### କନକତୋରା ବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର

ଲଖନପୁର,୬।୬(ଡି.ଏନ୍.ଏ.)

ଲଖନପୁର ବ୍ଲକ କନକତୋରା ଟି.ଓ. ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୨୦୧୮-୧୯ ବର୍ଷ ପାଇଁ ପ୍ରକୃତିମିତ୍ର ପୁରସ୍କାର ମିଳିଛି। ବୁଧବାର ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ସମାରୋହରେ ବିଦ୍ୟାଳୟକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ବିନୋଦ ବିଶ୍ୱାଳ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଶ୍ୱାଳ ନିଜ ଉଦ୍ୟମରେ ସ୍କୁଲ ପରିସରରେ ଏକ ସୁନ୍ଦର ଫୁଲବଗିଚା ସୃଷ୍ଟି କରିଛନ୍ତି। ପୁରସ୍କାର ସ୍ୱରୂପ ସ୍କୁଲକୁ ମାନପତ୍ର ସହ ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ୨୦୧୫ରେ ବିଶ୍ୱାଳଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଥିଲା।

# କନିଷ୍ଠଯନ୍ତ୍ରୀଙ୍କୁ ଗାଳିଗୁଲଜ: ଯୁବକ ଗିରଫ

କୋଲାବିରା,୬।୬(ଡି.ଏନ୍.ଏ.)

କୋଲାବିରା ବ୍ଲକରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ପଦ୍ମଚରଣ ପଧାନଙ୍କୁ ଗାଳିଗୁଲଜ କରିବା ଅଭିଯୋଗରେ କୋଲାବିରା ଥାନା ପୋଲିସ କୋଲାବିରା ଗ୍ରାମର ରୁଦ୍ରପ୍ରତାପ ସିଂଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁଯାୟୀ, ରୁଦ୍ରପ୍ରତାପ ଓ ପଦ୍ମଚରଣଙ୍କ ମଧ୍ୟରେ କୌଣସି କାରଣକୁ ନେଇ ମଙ୍ଗଳବାର ପୂର୍ବାହ୍ନ ୯ଟାରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଜଳଖିଆ ଦୋକାନରେ ଝଗଡ଼ା ହୋଇଥିଲା। ଏ ସମ୍ପର୍କରେ ବିଡିଓ ବିଜୟ କୁମାର ସଏ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ରୁଦ୍ରପ୍ରତାପ ମଧ୍ୟ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ କରିବାକୁ ଥାନାକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଅଟକ ରଖିଥିଲା। ବୁଧବାର ପୋଲିସ ରୁଦ୍ରପ୍ରତାପଙ୍କୁ ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ଦଫା ୩୪୧, ୨୯୪, ୩୨୩, ୩୫୩ ଏବଂ ୫୦୬ରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି ରୁଦ୍ରପ୍ରତାପଙ୍କ ଅଭିଯୋଗ କ୍ରମେ ପୋଲିସ କନିଷ୍ଠଯନ୍ତ୍ରୀଙ୍କ ବିରୋଧରେ ଦଫା ୩୪୧, ୩୨୩, ୪୯୪ ଓ ୫୦୬ରେ ଅନ୍ୟ ଏକ ମାମଲା ରୁଜୁ କରିଛି। ତେବେ କନିଷ୍ଠ ଯନ୍ତ୍ରୀ ଫେରାର ହୋଇଯାଇଥିବା ପୋଲିସ କହିଛି।
ଏହା ପୂର୍ବରୁ ମଧ୍ୟ କନିଷ୍ଠଯନ୍ତ୍ରୀ ପଧାନଙ୍କର ଅନେକ ଲୋକଙ୍କ ସହିତ ଗଣ୍ଡଗୋଳ ହୋଇଥିବା ନଜିର ରହିଛି। ସମାସିଂହା ଗ୍ରାମର କେତେଜଣ ଯୁବକ ପଧାନଙ୍କ ସହ ମାରପିଟ କରି ବ୍ଲକ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲେ। ଏହାର କିଛିଦିନ ପରେ ତରେଇକେଲା ଗ୍ରାମର ଜଣେ ଯୁବକ ପଧାନଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ମାତ୍ର ସେ ସମୟରେ ବ୍ଲକ ପ୍ରଶାସନ ପକ୍ଷରୁ ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିଲା। ତେବେ ଏ ସମ୍ପର୍କରେ ବିଡିଓ ସାଏଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

#### ପାଲଟା ଅଭିଯୋଗ, ଯନ୍ତ୍ରୀ ଫେରାର

ଅନ୍ୟପକ୍ଷରେ ଘଟଣାସ୍ଥଳରେ ଉପସ୍ଥିତ ବ୍ୟକ୍ତିଙ୍କ କହିବାନୁସାରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଦୁହେଁ ଦୁହିଁଙ୍କ କଲର ଧରିଥିଲେ। ଅନ୍ୟମାନେ ହସ୍ତକ୍ଷେପ କରିବାରୁ ଝଗଡ଼ା ପ୍ରଶମିତ ହୋଇଥିଲା। ତେଣୁ କେବଳ ରୁଦ୍ରଙ୍କୁ କାହିଁକି ଗିରଫ କରାଗଲା ବୋଲି ତାଙ୍କ ପରିବାର ଲୋକେ ଜିଦ୍ ଧରି ବସିଛନ୍ତି। ସରକାରୀ କର୍ମଚାରୀ ହୋଇଥିବାରୁ କନିଷ୍ଠଯନ୍ତ୍ରୀଙ୍କ ପ୍ରତି କୋହଳ ମନଭାବ ପୋଷଣ କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ପଧାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ପରିବାର ଲୋକେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
-ସନ୍ଥ ତୁଳସୀ ଦାସ

## ସଂକ୍ଷେପରେ

### ଦୁଇଜଣଙ୍କ ମୃତ୍ୟୁ: ୨ ଅପମୃତ୍ୟୁ ମାମଲା ରୁଜୁ

ବଡଗାଁ, ୬।୬ (ଡି.ଏନ.ଏ)- ବଡଗାଁ ଥାନା ଅନ୍ତର୍ଗତ ସେନ୍ଦରୀଟାଙ୍ଗର ଗ୍ରାମର ଗଣେଷ ଭିତ୍ରିଆ (୪୭) ବୁଧବାର ଅପରାହ୍ଣରେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ତାଙ୍କୁ ବଡଗାଁ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ ମେଡିକାଲ ନିଆଯାଇଥିଲା । ଚିକିତ୍ସାଧିନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ଏକମା ଗ୍ରାମର ଗୋପାଳ ନାଗ (୨୫) ଗୁରୁବାର ସକାଳେ ଅସୁସ୍ଥ ହେବାରୁ ତାଙ୍କୁ କୁତ୍ରା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରି ନାହିଁ । ଉଭୟ ଘଟଣାର ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

### ପିସିସି ସାଧାରଣ ସମ୍ପାଦକଙ୍କ ମାତୃ ବିୟୋଗ

ସୁନ୍ଦରଗଡ, ୬।୬ (ଡି.ଏନ୍.ଏ) -ସୁନ୍ଦରଗଡ଼ ସହରର ଧର୍ମପରାୟଣ ମହିଳା କ୍ଷିରୋଦ୍ରୀ ଷଡଙ୍ଗୀଙ୍କ ଗୁରୁବାର ଭୋରରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ପିସିସି ସାଧାରଣ ସମ୍ପାଦକ ତଥା ସୁନ୍ଦରଗଡର ଜଣାଶୁଣା ଆଇନଜୀବୀ ରାଜାକିଶୋର ଷଡଙ୍ଗୀଙ୍କ ମାତା। ତାଙ୍କ ପରଲୋକ ଖବର ପାଇ ସୁନ୍ଦରଗଡର ବିଧାୟିକା କୁସୁମ ଟେଟେ, ରାଜଗାଙ୍ଗପୁର ବିଧାୟକ ଡା. ରାଜେନ ଏକ୍କା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

୧୪୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ

# ବଳି ପଡୁଛି ପୁରୁଣାକାଳିଆ ବୃକ୍ଷ

କୁଆଁରମୁଣ୍ଡା,୬।୬(ଡି.ଏନ.ଏ.)

ପ୍ରାଣୀ ହେଉ ଅବା ଉଦ୍ଭିଦ ଜୀବନ ଥିବା ଅବସ୍ଥାରେ ହାଣି ମାରିବା ନିଶ୍ଚିତଭାବେ ଅପରାଧ। ପ୍ରାଣୀ ଭିତରେ ଯଦି କେହି ଶ୍ରେଷ୍ଠ ପ୍ରାଣୀ ବୋଲି ବୋଲାଉଥିବା ମଣିଷକୁ ମାରିଲା ସେଥିପାଇଁ ବିଭିନ୍ନ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। କୌଣସି ବନ୍ୟପ୍ରାଣୀ ଯଦି ମଣିଷ ମାରିଛି ତାକୁ ମାରିବା ପାଇଁ ଅନ୍ୟ ମଣିଷମାନେ ପଛଘୁଞ୍ଚା ଦେଉନାହାନ୍ତି। ମାତ୍ର ମଣିଷର ବିଳାସପୂର୍ଣ୍ଣ ଜୀବନ ନିର୍ବାହ ପାଇଁ ବିଶାଳକାୟ ବୃକ୍ଷଗୁଡିକୁ ଅବିଚାରିତଭାବେ କାଟି ନଷ୍ଟ କରିବା କ'ଣ ଅପରାଧ ନୁହେଁ ବୋଲି କେତେକଙ୍କ ମନରେ ପ୍ରଶ୍ନ ଉଠୁଛି। ହେଲେ ଏଥିପାଇଁ ସ୍ୱର ଉତ୍ତୋଳନ କରିବା ପାଇଁ କେହି ନାହାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ରାଉରକେଲା ଦେଇ ରାଞ୍ଚିକୁ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଜମୁନାନାକି, କୁଆଁରମୁଣ୍ଡା ଡାଏରୀ ଫାର୍ମ ନିକଟରେ ଥିବା ଏକାଧିକ ବିଶାଳକାୟ ଆମ୍ବ, ବରଗଛ ଇତ୍ୟାଦିକୁ କାଟି ସଫା କରାଯାଉଛି। ଗଛଗୁଡିକ କାଟିବା ଦେଖିବା ସମୟରେ ଗଛର ମଡ଼ମଡ଼ ଶବ୍ଦ ମନରେ ଗଭୀର ଦୁଃଖଭାବ ସୃଷ୍ଟି କରୁଛି। ମାତ୍ର କେତେକ ଲୋକେ ଗଛକଟା ସରିବା କ୍ଷଣି ଡାଲ ଓ ଅନ୍ୟାନ୍ୟ ଅଂଶକୁ ଆଖିପିଛୁଳାକେ ଘରକୁ ବୋହି ନେଇଯାଉଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ,ରାଜପଥ ସମ୍ପ୍ରସାରଣ ନିମନ୍ତେ ବଳି ପଡୁଥିବା ଶତାଧିକ ଗଛଗୁଡିକର ପୁନର୍ବାର ଭରଣା ନିମନ୍ତେ କେତେ ଯେ ବର୍ଷ ଲାଗିବ ତାହାର କିଏ ଗ୍ୟାରେଣ୍ଟି ଦେବ। ଏବେ କୁଆଁରମୁଣ୍ଡାରୁ ରାଉରକେଲା ଓ ବୀରମିତ୍ରପୁରକୁ ୧୪୩ ନମ୍ବର ଜାତୀୟ ରାଜପଥରେ ଗଲେ ଏହା ମରୁଭୂମି ପରି ଜଣାପଡୁଛି। ଅସହ୍ୟ ଗ୍ରୀଷ୍ମ ପରିପ୍ରେକ୍ଷୀରେ ରାଜପଥରେ ଗଲାବେଳେ ଉକ୍ତ ବିଶାଳକାୟ ଗଛଗୁଡିକ ଯେଉଁ ଛାଇ ଯୋଗାଉଥିଲା ତାହା ଏବେ ଆଉ ମିଳିବ ନାହିଁ। କେବଳ ଯେ ଛାଇ ସେକଥା ନୁହେଁ, ରାଜପଥକଡରେ ବଡବଡ଼ ଆମ୍ବଗଛରେ ପ୍ରତିବର୍ଷ ବହୁ ପରିମାଣରେ ହେଉଥିବା ଆମ୍ବଗୁଡିକୁ ସ୍ଥାନୀୟ ଲୋକେ ଗୋଟାଇ ନିକଟସ୍ଥ ହାଟବଜାରରେ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଗଛକଟା ହୋଇଯିବା ପରେ ଏସବୁ ମିଳିବା ଲୋକଙ୍କ ପାଇଁ ସାତସପନ ଯେ ପାଲଟିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ବହୁ ମାତ୍ରାରେ ଗଛକଟା ଯିବା ଦ୍ୱାରା ପରିବେଶ ପ୍ରଦୂଷଣ ଓ ତାପମାତ୍ରା ନିଶ୍ଚିତଭାବେ ବଢି ଚାଲିବ। ତେଣୁ ରାଜପଥ କର୍ତ୍ତୃପକ୍ଷ, ପ୍ରଶାସନ, ଜନସାଧାରଣ ବଳିପଡୁଥିବା ପୁରୁଣା ଗଛର ଭରଣା ପାଇଁ ଶହଶହ ସଂଖ୍ୟାରେ ବୃକ୍ଷ ରୋପଣ କରି ସେଗୁଡ଼ିକର ଯତ୍ନ ନେବା ଜରୁରୀ ହୋଇପଡ଼ିଛି। ଯେମିତି ଗଛ ଗୁଡ଼ିକ ବଞ୍ଚିରହି ଭବିଷ୍ୟତରେ ବିଶାଳକାୟ ବୃକ୍ଷ ହୋଇପାରିବ। ରାଜପଥ ସମ୍ପ୍ରସାରଣ ହେବା ଜରୁରୀ। ତାସହିତ ବୃକ୍ଷ ରୋପଣ ବି ଜରୁରୀ। ଏଥିପାଇଁ ସମସ୍ତେ ସଚେତନ ହେବା ଜରୁରୀ ହୋଇପଡ଼ିଛି।



କୁଆଁରମୁଣ୍ଡା ଡାଏରୀଫାର୍ମ ଓ ଯମୁନାନାକି ନିକଟରେ ବିଶାଳକାୟ ଗଛକଟା ଚାଲିଛି ।

କାଦୋମାଲରେ ବିଶ୍ୱହିନ୍ଦୁ ପରିଷଦର ବୈଠକ

# ହିନ୍ଦୁ ଧାର୍ମିକ ଅଧିକାରର ସୁରକ୍ଷା ଉପରେ ଗୁରୁତ୍ୱାରୋପ

ସୁନ୍ଦରଗଡ଼/ଲେଫ୍ରିପଡା, ୬।୬ (ଡି.ଏନ.ଏ)

ଲେଫ୍ରିପଡା ପଞ୍ଚାୟତ ଅନ୍ତର୍ଗତ କାଦୋମାଲ ଗ୍ରାମର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଗୁରୁବାର ବିଶ୍ୱହିନ୍ଦୁ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସାମୂହିକ ଓଙ୍କାର ଉଚ୍ଚାରଣ ଓ ବିଜୟ ମହାମନ୍ତ୍ର ଜପ ପରେ ବୈଠକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ଯୋଗଦେଇ ଲେଫ୍ରିପଡା ବ୍ଲକରେ ଦିନକୁ ଦିନ ବଢ଼ି ଚାଲିଥିବା ଧର୍ମାନ୍ତରିକରଣ ଓ ଗୋ-ହତ୍ୟା ଉପରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏହାକୁ ବେଳ ଥାଉଥାଉ ପ୍ରତିରୋଧ କରା ନ ଗଲେ ଆଗାମୀ ଦିନରେ ହେବାକୁ ଥିବା ଭୟାବହ ପରିସ୍ଥିତି ଉପରେ ବିଷଦ ଭାବରେ ଆଲୋକପାତ କରିଥିଲେ। କୁସୁମ ଆହୁରି କହିଥିଲେ ଯେ, ବନବାସୀ କ୍ଷେତ୍ରରେ ବସବାସ କରୁଥିବା ଶାନ୍ତ, ସରଳ ଆଦିବାସୀ ଭାଇ ଭଉଣୀଙ୍କୁ ଭୟ, ଅନ୍ଧବିଶ୍ୱାସ ଓ ପ୍ରଲୋଭନ ଦେଖାଇ ବଳପୂର୍ବକ ଧର୍ମାନ୍ତରିକରଣ କରାଯାଉଛି।



ବିଶ୍ୱହିନ୍ଦୁ ପରିଷଦର ବୈଠକ।

# ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡ଼ି କର୍ମୀଙ୍କ ବୈଠକ



ବିଜେଡି ବୈଠକରେ ଉପସ୍ଥିତ ଦଳୀୟ ନେତା ଓ କର୍ମୀ।

ସୁନ୍ଦରଗଡ଼, ୬।୬ (ଡି.ଏନ୍.ଏ)

ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି କର୍ମୀଙ୍କ ବୈଠକ ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ବିଜେଡି ପଞ୍ଚମ ଥର ପାଇଁ ସରକାର ଗଠନ କରିଥିବାରୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଜିଲାର ରାଉରକେଲାରୁ ଶାରଦା ପ୍ରସାଦ ନାୟକ ଓ ରଘୁନାଥପାଲି ନିର୍ବାଚନ ମଣ୍ଡଳୀରୁ ସୁବ୍ରତ ତରାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିବାରୁ ଉଭୟଙ୍କୁ ମଧ୍ୟ ବୈଠକରେ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା ।ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡିକୁ ୭୫ହଜାରରୁ ଊର୍ଦ୍ଧ୍ୱ ଭୋଟ ମିଳିଥିବାରୁ ବିଧାୟକ ପ୍ରାର୍ଥୀ ଥିବା ପୂର୍ବତନ ବିଧାୟକ ଯୋଗେଶ ସିଂ ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟର ଭାଇଭଉଣୀଙ୍କୁ ତଥା ଜିଲା ପ୍ରଶାସନ ଶୃଙ୍ଖଳିତ ଭାବରେ ନିର୍ବାଚନ ପରିଚାଳନା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ। ସୁନ୍ଦରଗଡର ବିକାଶ ସହ ଜନସାଧାରଣଙ୍କ ସୁଖଦୁଃଖରେ ସେ ସଦାବେଳେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ ବୋଲି କହିଥିଲେ। ଏହି ବୈଠକରେ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ନଗର କମିଟି ସଭାପତି ଜୟନାରାୟଣ ତ୍ରିପାଠୀ, ବିଜୁ କୃଷକ ଜନତା ଦଳର ଜିଲା ସମ୍ପାଦକ ସୁନୀଲ ମହାପାତ୍ର, ନଗର କମିଟି ଉପସଭାପତି ପ୍ରଦୀପ ବିଶ୍ୱକର୍ମା, ଅଜିତ ଦାସ, ନିର୍ମଳ ବୋଷ, କାର୍ତ୍ତିକ ରକ୍ସା, ଆଶୀଷ ପଶାୟତ, ଶାହାନାଜବାଜ ହୁସେନ୍, ସରୋଜ ପଟ୍ଟନାୟକ, ମାନସ ବେହେରା, ଲୁଇସ କୁଲୁ, ରତ୍ନରାଜ ପୁରୋହିତ, ଆଡଭୋକେଟ ସ୍ୱରାଜ ପଟେଲ, ଧର୍ମେଶ ପଟେଲ, କିଶୋର ନାଏକ, ପରଭେଜ ଖାନ୍, ସଞ୍ଜୁ ସାହୁ ପ୍ରମୁଖ ବହୁ କର୍ମୀ ସାମିଲ ଥିଲେ।

# ଛାତ୍ରଙ୍କୁ ବିପଦପୂର୍ଣ୍ଣ କାମରେ ଲଗାଇଥିବା ଶିକ୍ଷକ ଦଣ୍ଡିତ

ବଡ଼ଗାଁ, ୬।୬ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ କିଞ୍ଜିରକେଲା ଗ୍ରାମ ସ୍ଥିତ ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩ଜଣ ଆଦିବାସୀ ଛାତ୍ର ବିଦ୍ୟାଳୟ ଛାତ ଉପରେ ଚଢ଼ି ରଙ୍ଗ ଲଗାଉଥିବା ଗ୍ରାମର କେତେକ ଯୁବକ ଦେଖି ଫଟୋ ଉଠାଇଥିଲେ। ଛାତ୍ରମାନେ ସେହି ଯୁବକମାନଙ୍କୁ ପ୍ରଧାନଶିକ୍ଷକ ରଙ୍ଗ ଲଗାଇବାକୁ କହିଥିବା ଜଣାଇଥିଲେ। ଛାତ୍ରମାନେ ଛାତ ଉପରେ ଚଢ଼ି ରଙ୍ଗ ଲଗାଉଥିବା ଫଟୋ ଆମ ପ୍ରତିନିଧିଙ୍କ ନିକଟକୁ ପଠାଇଥିଲେ। ଏହା ଉପରେ ଅଭିଭାବକ ଓ ବିଦ୍ୟାଳୟ କମିଟି କର୍ମକର୍ତ୍ତାଙ୍କୁ ଭେଟି ପଚାରିବାରେ ଆମେ ବିଦ୍ୟାଳୟକୁ ଯାଇ ପିଲାଙ୍କୁ କାମରେ ନ ଲଗାଇବାକୁ କହିଥିଲୁ ଜଣାଇବା ସହିତ ପୂର୍ବରୁ ମଧ୍ୟ କାମରେ ଲଗାଯାଉଥିଲା କହିଥିଲେ। ଗ୍ରାମର ବୟସ୍କ ବ୍ୟକ୍ତିମାନେ ବିଦ୍ୟାଳୟକୁ ବହୁତ ଖରାପ କରିଦେଲେଣି କହିଥିଲେ। ଏ ସମ୍ପର୍କିତ ଖବର ଏପ୍ରିଲ ୨ ତାରିଖ ଧରିତ୍ରୀରେ ଆଦିବାସୀ ଛାତ୍ରଙ୍କୁ ବାଳ ଶ୍ରମିକ ସଜାଇଲେ ଶୀର୍ଷକ ପ୍ରକାଶ ପାଇଥିଲା। ଏହି ଖବର ଉପରେ ବିଇଓ ସାରଙ୍ଗଧର ବରିହା ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତେବେ ଘଟଣାର କିଛି ଦିନ ପରେ ଏବିଇଓ ଅଗଷ୍ଟିନ ଲୁଗୁନ ତଦନ୍ତ କଲାବେଳେ ଯେଉଁ ସ୍କୁଲ କମିଟି କର୍ମକର୍ତ୍ତା ଓ ଅଭିଭାବକ ଅଭିଯୋଗ ସତ, ଆମେ ଦେଖିଛୁ ଏବଂ ଘରେ ପିଲାଙ୍କ ଠାରୁ ଶୁଣିଛୁ କହିଥିଲେ ସେମାନେ ଛାତ୍ରଙ୍କୁ କାମରେ ଲଗାଯାଇ ନ ଥିଲା କହି ପ୍ରଧାନଶିକ୍ଷକଙ୍କୁ ଘଣ୍ଟ ଘୋଡାଇଥିଲେ । କିନ୍ତୁ ଛାତ୍ରମାନେ ରଙ୍ଗ ଲଗାଇଲା ବେଳେ ଫଟୋ ଉଠାଇଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ ଯୁବକ ବିଇଓଙ୍କୁ ଘଟଣା ସମ୍ପର୍କରେ ଲିଖିତ ଜଣାଇ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ଘଟଣା ଉପରେ ତଦନ୍ତ କଲାପରେ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାଗଙ୍କ ଇନକ୍ରିମେଣ୍ଟ ବନ୍ଦ କରାଯାଇଥିବା ବିଇଓ ସୂଚନା ଦେବା ସହ ସମ୍ପୃକ୍ତ ପ୍ରଧାନଶିକ୍ଷକ ବଦଳି ପାଇଁ ଆବେଦନ କରିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଘଟଣା ଉପରେ ସେତେବେଳେ ପ୍ରଧାନ ଶିକ୍ଷକ ବାଗଙ୍କୁ ପଚାରିବାରେ ଜଣେ ଶିକ୍ଷୟିତ୍ରୀ ପିଲାଙ୍କୁ କାମରେ ଲଗାଇଥିଲେ । ସେ ପିଲାଙ୍କୁ କାମ କରିବାକୁ କହି ନ ଥିଲେ ବୋଲି ଜଣାଇଥିଲେ। ଏହି ବିଦ୍ୟାଳୟର ଛାତ୍ରଙ୍କୁ ଶ୍ରମିକ ଭଳି କଠିନ ଓ ବିପଦପୂର୍ଣ୍ଣ କାମରେ ଲଗାଇବା ପ୍ରଥମ ଘଟଣା ନୁହେଁ। ଆଗରୁ ମଧ ପିଲାଙ୍କୁ କାମରେ ନିୟୋଜିତ କରାଯାଉଥିଲା ଗ୍ରାମବାସୀ କହିଥିଲେ। ତେବେ ଗ୍ରାମର କେତେକ ବ୍ୟକ୍ତି ଭୋଜିଖାଇ ବୟାନ ପରିବର୍ତ୍ତନ କରିଥିବା ଚର୍ଚ୍ଚା ହେଉଥିଲା ବେଳେ ନିଜ ଗାଁ ବିଦ୍ୟାଳୟକୁ ସଜାଡିବା ବଦଳରେ ଅନିୟମିତତାକୁ ପ୍ରୋତ୍ସାହନ ଦେବା ନିକୃଷ୍ଟ ମାନସିକାର ପରିଚୟ ବୋଲି ଗ୍ରାମରେ ଆଲୋଚନା ହେଉଛି।

# ଆଶ୍ରମ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ

ସୁନ୍ଦରଗଡ଼, ୬।୬ (ଡି.ଏନ୍.ଏ)

ଶଙ୍କରାସ୍ଥିତ କଳ୍ପତରୁ ଅନାଥାଶ୍ରମ ଅନ୍ତେବାସୀଙ୍କ ଗହଣରେ ଏକ ନିଆରା ଜନ୍ମଦିନ ଉତ୍ସବ ପାଳିତ ହୋଇଯାଇଛି। ମହେଶଡିହିର ପ୍ରିୟଦର୍ଶନ ଦାଶ ଓ ତାଙ୍କ ସ୍ତ୍ରୀ ଲୋପାଲିନ୍ ଦାଶ ପୁତ୍ର ପ୍ରିଲିନ୍ ଦାଶଙ୍କ ପ୍ରଥମ ଜନ୍ମଦିନକୁ ଏହି ଅନ୍ତେବାସୀଙ୍କ ଗହଣରେ ପାଳନ କରି ସେମାନଙ୍କୁ ଭୋଜନ ସହ ସତ୍ ସାହିତ୍ୟ ପୁସ୍ତକ, ଟ୍ରଫି ଓ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ନିହାରରଞ୍ଜନ ଦାଶ ଯୋଗବେଦାନ୍ତ ସେବା ସମିତିର ସମ୍ପାଦକ ମୃତ୍ୟୁଞ୍ଜୟ କିଶୋର ମହାନ୍ତି ଯୋଗଦେଇଥିଲେ। ଅନ୍ତେବାସୀମାନଙ୍କୁ ବାଳସଂସ୍କାର କାର୍ଯ୍ୟକ୍ରମରେ ଦିନଚର୍ଯ୍ୟା, ମାତୃପିତୃ ଭକ୍ତି ତଥା ଆୟୁର୍ବେଦ ଚିକିତ୍ସା ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜ୍ଞାନରଞ୍ଜନ ଦାଶ, ପ୍ରିୟରଞ୍ଜନ ଦାଶ ଓ ଚନ୍ଦନ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଅନ୍ତେବାସୀଙ୍କୁ ସତ୍ ସାହିତ୍ୟ ପୁସ୍ତକ, ଟ୍ରଫି ଓ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

# ଛତିଶଗଡ଼ ଏମ୍‌ପିଙ୍କୁ ତୈଳିକ ସମାଜ ପକ୍ଷରୁ ସମ୍ବର୍ଦ୍ଧନା

ବଡ଼ଗାଁ, ୬।୬ (ଡି.ଏନ.ଏ)

ବଡଗାଁର ତୈଳିକ ସମାଜ ବଡଗାଁ ଗ୍ରୁପ ପକ୍ଷରୁ ଗୁରୁବାର ଅପରାହ୍ଣରେ ଛତିଶଗଡ ମହାସମୁନ୍ଦ ସଂସଦୀୟ କ୍ଷେତ୍ରରୁ ନବ ନିର୍ବାଚିତ ଏମପି ଚୁନିଲାଲ ସାହୁ ଏବଂ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ କେନ୍ଦ୍ର ସଭାପତି ମାୟାଧର ବେହେରା, ମହାସମୁନ୍ଦ ଜିଲା ପରିଷଦ ଅଧ୍ୟକ୍ଷ ଛତରପତି ସିଂ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏମ୍‌ପି ସାହୁ ତୈଳିକ ସମାଜର ସଙ୍ଗଠନକୁ ମଜବୁତ କରିବା ସହ ସୁସଙ୍ଗଠିତ କରିବା ପାଇଁ ବିଭିନ୍ନ ସୂତ୍ରରୁ ଯୋଗସୂତ୍ର ସୃଷ୍ଟି କରି ସମାଜର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଓଡିଶାରେ ତୈଳିକ ସମାଜର ଗୋଡଧୁଆ, ପିଠାପଣା ରୀତିନୀତି ଓ ସାମାଜିକ ବ୍ୟବହାର ଦେଖି ପ୍ରଶଂସା କରିବା ସହ ମିଳିମିଶି ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ବନ୍ଧୁତ୍ୱର ହାତ ବଢ଼ାଇଥିଲେ । ୧୫ ଲକ୍ଷ ଟଙ୍କା ବ୍ୟୟରେ ସାମାଜିକ କଲ୍ୟାଣ ମଣ୍ଡପ କରାଯିବ ବୋଲି ଏମପି ସାହୁ ଘୋଷଣା କରିଥିଲେ। ଆୟୋଜିତ ସଭାରେ ତୈଳିକ ସମାଜ କେନ୍ଦ୍ର ସଭାପତି ବେହେରା ଏମପିଙ୍କୁ ଏବଂ ବଡଗାଁ ଗ୍ରୁପ ସଭାପତି ମନୋରଞ୍ଜନ ପୃଷେଟ କେନ୍ଦ୍ର ସଭାପତିଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସମ୍ପାଦକ ରଞ୍ଜନ ପଟେଲ, ଆଇନଜୀବି ଲବିନ୍ଦ୍ର ବେହେରା, ତୈଳିକ ସମାଜ କର୍ମକର୍ତ୍ତା ସଙ୍ଗଠକ ଚକ୍ରଧର ପୃଷେଟଙ୍କ ସହିତ ସାମାଜର ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ ।



ଛତିଶଗଡ ଏମପି ଚୁନିଲାଲ ସାହୁଙ୍କୁ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ କର୍ମକର୍ତ୍ତା।

# ସାହାଜବାହାଲ କ୍ରିକେଟ ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ବଡ଼ଗାଁ, ୬।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ କ୍ରିକେଟ ଲିଗ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସାହାଜବାହାଲ ସରପଞ୍ଚ ବିକ୍ରମ ଟପ୍ପୋ ମୁଖ୍ୟଅତିଥି ଓ ଜିଲା ପରିଷଦ ସଭ୍ୟା ସ୍ନେହଲତା ବେଜି, ପାଲା ପରିଷଦର ମାର୍ଗଦର୍ଶକ ପ୍ରତାପ ବେଜି ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଷ୍ଟାଇଗର, ପି. ପାୱାର, ଏ-୧ ଲାୟନ, ନବୀନ ବ୍ଲାଷ୍ଟର, ଅଧେଶ ଷ୍ଟ୍ରାଇକର ମୋଟ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅଧେଶ ଷ୍ଟ୍ରାଇକର ଓ ନବୀନ ବ୍ଲାଷ୍ଟର ମଧ୍ୟରେ ମ୍ୟାଚ ହୋଇଥିଲା। ଅଧେଶ ଷ୍ଟ୍ରାଇକର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୨୭ ରନ କରିଥିଲେ। ଦଳର ରୋବିନ ୬୧ ଓ ରିଙ୍କୁ ୩୫ ରନ କରିଥିଲେ। ଜବାବରେ ନବୀନ ବ୍ଲାଷ୍ଟର ୧୦ ଓଭରରେ ୯ ଉଇକେଟ ହରାଇ ୧୨୨ ରନ କରିଥିଲେ। ଅଧେଶ ଷ୍ଟ୍ରାଇକର ୫ ରନରେ ବିଜୟୀ ହୋଇଥିଲା । ଅଧେଶ ଷ୍ଟାଇକର ଦଳର ରୋବିନଙ୍କୁ ମେନ ଅଫ୍ ଦି ମ୍ୟାଚ ଘୋଷିତ କରାଯାଇଥିଲା।

ବଣାଇ ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡି ବୈଠକ

# ଆତ୍ମଘାତୀ କାର୍ଯ୍ୟ ହିଁ ପରାଜୟର କାରଣ

ଲହୁଣୀପଡା, ୬।୬ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ଦର୍ଜିଂ ସ୍ଥିତି ଜାତୀୟ ରାଜପଥ ବିଭାଗ ଡାକ ବଙ୍ଗଳାଠାରେ ବଣାଇ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡ଼ି ତରଫରୁ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ତଥା ବିଧାନସଭା ପ୍ରାର୍ଥୀ ରଣଜିତ କିଷାନଙ୍କ ଆହ୍ୱାନ କ୍ରମେ ଏହା ଅନୁଷ୍ଠିତ ହୋଇଥିଲା। ଚଳିତ ସାଧାରଣ ନିର୍ବାଚନରେ ଓଡିଶାରେ ବିଜେଡ଼ି ବିପୁଳ ବିଜୟ ହୋଇଥିବା ଓ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ପଞ୍ଚମ ଥର ପାଇଁ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇବାକୁ ଯାଉଥିବାରୁ ବଣାଇ ବିଜେଡ଼ି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସୁନ୍ଦରଗଡ ଜିଲାର ଦୁଇ ବରିଷ୍ଠ ନେତା ସାରଦା ପ୍ରସାଦ ନାୟକ ଓ ସୁବ୍ରତ ତରାଇ ବିଜୟୀ ହୋଇଥିବାରୁ ତାଙ୍କୁ ମଧ ଦଳ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ବିଜେଡ଼ି ପକ୍ଷରୁ ରଣଜିତ କିଷାନ ଦଳୀୟ ପ୍ରାର୍ଥୀ ହୋଇ ୪୭ ହଜାରରୁ ଊର୍ଦ୍ଧ୍ୱ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବାରୁ ବଣାଇର ସମସ୍ତ ଭୋଟର ଭାଇ ଭଉଣୀମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ବୈଠକରେ ବିଜୁ ଶ୍ରମିକ ସାମୁଖ୍ୟ ଜିଲା ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ମୁଖପାତ୍ର ସୁନ୍ଦରମଣୀ ପ୍ରଧାନ, ବ୍ଲକ ସଭାପତି ରଘୁନାଥ ସାହୁ, ଅପନ୍ଦ୍ରି କିଷାନ, ଉପ ସଭାପତି ପ୍ୟାରା ବାର୍ଲା, ଜିଲାପରିଷଦ ଲକ୍ଷ୍ମୀ କିଷାନ, କେଦାର କୁମାର ମାହାନ୍ତ ଏବଂ ଦୌପଦୀ କିଷାନ, କଳେଶ୍ୱର ସିଂ, ବୀର ବିଚିତ୍ର ସେନ ନାଏକ, ଲହୁଣୀପଡା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଗୁରୁଚରଣ ସ୍ୱାଇଁ, ଲହୁଣୀପଡା ଓ ବଣାଇ ବ୍ଲକ ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ମିଶ୍ର, ଚରଣ ମାହାନ୍ତ ଏବଂ ଚାରୋଟି ବ୍ଲକର ବ୍ଲକସ୍ତରୀୟ ସକ୍ରିୟ କର୍ମକର୍ତ୍ତା ଯୋଗଦେଇଥିଲେ। ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନରେ ଦଳୀୟ ବିପର୍ଯ୍ୟୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଦଳୀୟ ନେତା ବା କର୍ମକର୍ତ୍ତା ଦଳ ପ୍ରତି ଆତ୍ମଘାତି କାର୍ଯ୍ୟ କରିଛନ୍ତି। ଯେଉଁମାନଙ୍କ ପାଇଁ ଦଳ ପରାଜୟ ବରଣ କରିଛି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରାର୍ଥୀ ରଣଜିତ କିଷାନ ରାଜ୍ୟସ୍ତରୀୟ ଓ ବଣାଇ ନିର୍ବାଚନ ମଣ୍ଡଳୀର ଦାୟୀତ୍ୱରେ ଥିବା ଦଳୀୟ ନେତାଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ମତପ୍ରକାଶ ପାଇଥିଲା । ଆଗାମୀ ଦିନରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ସେ ସମସ୍ତଙ୍କର ସାହାର୍ଯ୍ୟ ଓ ସହଯୋଗ କାମନା କରିଥିଲେ।



ବଣାଇ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡ଼ି ବୈଠକରେ ଉପସ୍ଥିତ ନେତା, କର୍ମୀ।